ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୮/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, April 28/2019 (ଛୁଟିଦିନ ସହ) | ★★★★
୪୫ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ଆମ ପ୍ରତିଶ୍ରୁତି ହିଁ ପ୍ରତିବଦ୍ଧତା



## ଉପକୂଳ ଓଡ଼ିଶା ସହିତ ସାରା ଓଡ଼ିଶାର ବିକାଶ ପାଇଁ ବିଜେଡିର ପ୍ରତିବଦ୍ଧତା :

■ ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ ବାକି ଥିବା ୨୫ ଲକ୍ଷ ଚାଷୀ **'କାଳିଆ'** ଯୋଜନାର ଦୁଇ କିସ୍ତି ୧୦ ହଜାର ଟଙ୍କା ଏକା ଥରକେ ପାଇବେ ■ ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର **'କାଳିଆ'** ଟଙ୍କା ■ ଆଗେଇ ଚାଲିବ ଚାଷୀଙ୍କ **'କାଳିଆ'** ■ ବିନା ସୁଧରେ ୧ ଲକ୍ଷ ଟଙ୍କାର କୃଷି ଋଣ ■ ଜଳସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ■ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

■ ଚାଲିବ ୧ ଟଙ୍କିଆ ଚାଉଳ ଯୋଗାଣ ଯୋଜନା ■ ଜଣେ ବି ଲୋକ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବେ ନାହିଁ ■ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ **'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା'**

■ **'ମିଶନ ଶକ୍ତି'**ର ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ବ୍ୟବସାୟ ୫୦୦ କୋଟି ଟଙ୍କାର ଲାଭ ■ ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ■ **'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'**ରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ■ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

■ ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା **'ମେକ୍ ଇନ୍ ଓଡ଼ିଶା'**ରେ ୩୦ ଲକ୍ଷ ନିଯୁକ୍ତି ■ ୧୬.୫ ଲକ୍ଷ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ■ ଯୁବକଯୁବତୀଙ୍କ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ■ ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପାଇଁ ପରୀକ୍ଷା ଫିସ୍ ଛାଡ

■ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ■ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ, ପଛୁଆ ବର୍ଗ ଓ ଅନ୍ୟ ସମସ୍ତ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ■ କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, ୧ଜିବି ମାଗଣା ଡାଟା ■ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ

■ ଗ୍ରାମାଞ୍ଚଳର ସବୁ କଚ୍ଚାଘର ହେବ ପକ୍କାଘର ■ **'ଜାଗା ମିଶନ'**ରେ ମିଳିବ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର

■ **୧୫୦୦ ମହିଳା ମତ୍ସ୍ୟଜୀବୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ■ ମାଛ ଚାଷ ପାଇଁ ହେକ୍ଟର ପିଛା ୯୦,୦୦୦ ଟଙ୍କା ଲେଖାଏଁ ସହାୟତା ■ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ୨ ଲକ୍ଷ ଟଙ୍କା ଲେଖାଏଁ ପୁର୍ନଜୀବନ ସହାୟତା ■ ୫୦୦୦ ମତ୍ସ୍ୟଜୀବୀ ପରିବାରକୁ ମାଛଧରା ବାରଣ ସମୟରେ ୭୫୦୦ ଟଙ୍କା ଲେଖାଏଁ ସହାୟତା ■ ମତ୍ସ୍ୟଜୀବୀ ପରିବାରର ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି**

■ ସମସ୍ତଙ୍କୁ ମିଳିବ ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ■ ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ■ ପୂରଣ ହେବ ସବୁ ପାରାମେଡିକାଲ ପଦବୀ ■ ନୂଆ ନିଯୁକ୍ତି ହେବ ନିୟମିତ

■ ପେନ୍‌ସନ ହେବ ସାର୍ବଜନୀନ ■ ୩୦ ବର୍ଷରୁ ଊର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ସହିତ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

■ ସମସ୍ତ ନିର୍ମାଣ ଶ୍ରମିକମାନଙ୍କ ପଞ୍ଜୀକରଣ ଏବଂ ସହାୟତା ପ୍ରଦାନ ■ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ

■ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ■ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସିଡ୍ ମନି ଏବଂ ସ୍ୱଳ୍ପ ସୁଧରେ ଋଣ ■ ନୀଳଗିରି ପାଇଁ 'ସ୍ୱତନ୍ତ୍ର ବିକାଶ ପରିଷଦ' ■ ବାରିପଦା ଏବଂ ରାଇରଙ୍ଗପୁରରେ ପ୍ରତିଷ୍ଠା କରାଯିବ ଛଉ ପ୍ରଶିକ୍ଷଣ କେନ୍ଦ୍ର

■ **'ବିଜୁ ଏକ୍ସପ୍ରେସ୍ ୱେ'** ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ ■ କଟକ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଟ୍ରେନ୍ ବ୍ୟବସ୍ଥା ■ ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା

**ନବୀନଙ୍କ ସହିତ ରହିବା ।**
**ବିଜେଡିକୁ ଭୋଟ୍ ଦେଇ ଜିତାଇବା ।**
**ଓଡ଼ିଶାର ଦ୍ରୁତ ବିକାଶ ଧାରା ବଜାୟ ରଖିବା ।**

**'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।**
**ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।**

**ବିଜୁ ଜନତା ଦଳ**

Published by Biju Janata Dal, Odisha


RAJ ELECTRONICS
ODISHA's No. 1 Retail Chain Stores
"ଦୀର୍ଘ ୪୧ ବର୍ଷ ଧରି ଇଲେକ୍ଟ୍ରୋନିକ୍ସ ଉପଭୋକ୍ତା ସାମଗ୍ରୀ ବିକ୍ରିରେ ସଫଳତା"
ରାଜଧାନୀ ସବୁଠୁ ଉତ୍ତପ୍ତ ସହର
INVERTER AIR CONDITIONER ଏବେ ମାତ୍ର
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
₹1999*ରେ
କାରଣ ସବୁଠୁ କମ୍ INSTALMENT ର ସୁବିଧା
କେବଳ RAJ ELECTRONICS ରେ ମିଳୁଛି
HOT SUMMER Sale
UPTO ₹17000 DISCOUNT ON ACs
ଜଲ୍‌ଦି ଆସନ୍ତୁ !!
ଅଫର ଷ୍ଟକ୍ ରହିବା ପର୍ଯ୍ୟନ୍ତ
0% INTEREST
DOWN PAYMENT*
PROCESSING FEE*
10 Yrs. Warranty
on Inverter AC ( on compressor )
Shop on Easy EMIs and Get
BAJAJ FINSERV
₹19000* VOUCHERS
Through BFL
LG
OFFER PRICE ₹38,990* EMI ₹1,999*
1.5 TON INVERTER- 3*(2019)
OFFER PRICE ₹43,990* EMI ₹1,999*
1.5 TON 5 STAR INVERTER ( 2019 )
VOLTAS
OFFER PRICE ₹34,590* EMI ₹2,883*
1.5 TON 3 STAR INVERTER
OFFER PRICE ₹30,990* EMI ₹2,583*
1.5 TON 3 STAR
Panasonic
OFFER PRICE ₹34,900* EMI ₹1,940*
1.5 TON 3 STAR INVERTER
OFFER PRICE ₹32,490* EMI ₹1,805*
1.5 TON 3 STAR
DAIKIN
OFFER PRICE ₹33,200* EMI ₹2,766*
1.5 TON 3 STAR
OFFER PRICE ₹37,990* EMI ₹3,166*
1.5 TON 3 STAR INVERTER
BLUE STAR
OFFER PRICE ₹42,490* EMI ₹3,583*
1.5 TON 3 STAR INVERTER
OFFER PRICE ₹35,490* EMI ₹2,958*
1.5TON 3 STAR
Carrier
OFFER PRICE ₹36,000* EMI ₹3,000*
1.5 TON 3 STAR
OFFER PRICE ₹38,000* EMI ₹3,167*
1.5 TON 3 STAR INVERTER
HITACHI
OFFER PRICE ₹35,990* EMI ₹2,999*
1.5 TON 3 STAR
OFFER PRICE ₹39,990* EMI ₹3,333*
1.5 TON 3 STAR INVERTER
Whirlpool
OFFER PRICE ₹31,500* EMI ₹3,150*
1.5 TON 3 STAR
OFFER PRICE ₹34,500* EMI ₹3,450*
1.5 TON 3 STAR INVERTER MAGICOOL
Godrej
OFFER PRICE ₹28,990* EMI ₹2,459*
1.5 TON 3 STAR
OFFER PRICE ₹34,990* EMI ₹2,916*
1.5 TON 3 STAR INVERTER
SAMSUNG
OFFER PRICE ₹41,000* EMI ₹3,416*
1.5 TON 3 STAR INVERTER
LLOYD
OFFER PRICE ₹34,500* EMI ₹1,977*
1.5 TON 3 STAR INVERTER
Haier Inspired Living
OFFER PRICE ₹29,500* EMI ₹2,019*
1.5 TON 3 STAR
OFFER PRICE ₹33,490* EMI ₹2,019*
1.5 TON 3 STAR INVERTER
1.5 TON 3 STAR
EMI STARTS FROM ₹2,008
32" ₹12,990*
40" ₹21,990*
FREE 50" LED TV*
Check Our BEST PRICE & OFFERS on LED, OLED & QLED TVs
43" ₹27,990*
28" ₹11,990*
Smart Phone
Price Starts ₹5,990*
NIKON : 9437756121
CANON : 8249483622
Price Starts ₹4,490
NOW AVAIL EMI ON SMALL APPLIANCES
320L:₹27590 EMI ₹2299
253L:₹19500 EMI ₹1950
190L:₹10990 EMI ₹1099
₹23,700*
₹7,990*
₹11,900*
215L:₹15990 EMI ₹1600
335L:₹33990 EMI ₹2834
FREE 32" LED or Mini BAR Refrigerator
SIDE BY SIDE : ₹87990 EMI ₹2934
ଆଜି ହିଁ ଆସନ୍ତୁ
RAJ ELECTRONICS
BHUBANESWAR
PATIA : Opp. Idea Office, Ph : 0674- 2726216 Mob : 9238365755
NAYAPALLY (CRP Sqr) : Opp. Hotel Presidency, Ph : 0674- 2565717, Mob : 9238365515
BARAMUNDA : Near Bus Stand, Ph : 0674-2355155 Mob : 9238365729
BAPUJI NAGAR : (Old Showroom) 0674- 2597016
BAPUJI NAGAR : ( Premium ) Ph : 0674- 2598852 Mob : 9238365728
ANGUL Near TATA Motors Nalco Square Ph : 9438149243, 8637261775,7978669968
CUTTACK Link Road, Madhupatna, Ph : 0671- 2342999 Mob : 9238365721
ROURKELA Udit Nagar,Infront Of Vishal Mega Mart, Ph : 9238365730 7787967372
TALCHER Sharma Chhak, Near IndusInd Bank Ph : 06760- 241515, Mob : 9937752362
BALASORE Near Hotel Suraj, Sahadev Khunta, Ph : 06782- 241515 Mob : 8118052732
JHARSUGUDA Near Big Bazar, Shanti City Centre, Sarbahal, Ph : 06645- 271450, Mob : 9438355513
JAJPUR ROAD Chorda Traffic Chhak, By-Pass Road Mob : 9937587023
BISWAL SALES
JAJPUR ROAD Bus Stand-By Pass 06726 -220655, 9238365722
JAJPUR TOWN Medical Road 06728 - 222701, 9238365724
BHADRAK Chhapulia 06784 - 250566, 9238365720
RAJ ELECTRONICS PLAZA
JARAKA Near Venkateswar School, Ph : 9853702087,9938581334
BHADRAK Bonth,Near Tahasil & Block Office,Ph :7205321485
CUTTACK Badambadi-Kathajodi Road, Ph : 9437117285,9937593448
JALESWAR Axis Bank Building, Thana Bazar,Ph : 8249023446
SALEPUR Near SBI,Ph : 9438022927, 9937546384,9124858889
GHASIPURA ( Kesdurapal ) Ratha Danda Ph : 9776110273,9937157173
LG | SAMSUNG | SONY | Panasonic | Godrej | VOLTAS beko | Whirlpool | VOLTAS | DAIKIN | HITACHI | Carrier | BLUE STAR | Haier | IFB | INTEX | GENERAL | EUREKA FORBES | HAVELLS | USHA | Symphony | KENSTAR | Canon | TATA Sky | VIDEOCON
*T&C Apply. Discount applicable on MRP only. Offer applicable on selected products only. Pictures are indicative only.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୮/୨୦୧୯ Bhubaneswar, Sunday, April 28/2019



ଆପଣଙ୍କର ଦୁଇଟି
## ମୂଲ୍ୟବାନ ଭୋଟ୍
ବିଜେପିକୁ ଦିଅନ୍ତୁ

କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍
ମୋଦି ସରକାର ଗଢ଼ନ୍ତୁ

ବିଜେପି



"ମୋତେ ୫ ବର୍ଷ ପାଇଁ ଆଶୀର୍ବାଦ କରନ୍ତୁ । ୧୯ ବର୍ଷ ହେଲା କଚ୍ଛପ ଗତିରେ ଓଡ଼ିଶାର ଯେତିକି ବିକାଶ ହୋଇଛି, ୫ ବର୍ଷରେ ତାହାର ୫ ଗୁଣ ବିକାଶ କରି ଦେଖାଇବି ।"

- ନରେନ୍ଦ୍ର ମୋଦି

- ୨୦୨୨ ସୁଦ୍ଧା ପ୍ରତି ପରିବାରକୁ ସ୍ଥାୟୀ ପଟ୍ଟା ସହ ପକ୍କାଘର। ସବୁ ଘରକୁ ୨୪ ଘଣ୍ଟା ପାଇପ ଯୋଗେ ପାଣି, ଗ୍ୟାସ୍ ଓ ବିଜୁଳି ଯୋଗାଣ
- ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ୍ କଲେଜ୍, ବିଏଡ୍ କଲେଜ୍ ଏବଂ ରେଳ ଲାଇନ୍ ସଂଯୋଗ
- ପ୍ରତ୍ୟେକ ପରିବାରର ଅନ୍ୟୁନ ଜଣଙ୍କୁ ନିଯୁକ୍ତି/ଆତ୍ମନିଯୁକ୍ତି
- ଆଗାମୀ ପାଞ୍ଚ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ପାଣ୍ଠିରେ ସବୁ କ୍ଷେତକୁ ଜଳସେଚନ ସୁବିଧା ସହ ଫସଲ ଉତ୍ପାଦନ ମୂଲ୍ୟରେ ୧.୫ ଗୁଣ ଏମ୍‌ଏସ୍‌ପି, ଶୀତଳଭଣ୍ଡାର ଚେନ୍
- ଓଡ଼ିଶାର ପର୍ଯ୍ୟଟନ, ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଦ୍ରୁତ ବିକାଶ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି
- ୪୮୦ କି.ମି. ସୁଦୀର୍ଘ ବେଳାଭୂମି ଓ ସମୁଦ୍ର ଆଧାରିତ ଅର୍ଥନୀତି ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ କରିବାରେ ପ୍ରମୁଖ ଆୟୁଧ ହେବ
- ଅନୁସୂଚିତ ଜାତି ଓ ଜନଜାତିର ବିକାଶ ପାଇଁ ବିଶେଷ ଉଦ୍ୟମ

ଫିର୍ ଏକ୍ ବାର୍
ମୋଦି ସରକାର

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଜଲକ୍ଷ୍ମୀ
ପରିବାରବର୍ଗ


ସ୍ୱୟଂ ସ୍ୱରୁପ
ପରିବାରବର୍ଗ


ମାହି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସରିଲା ନିର୍ବାଚନୀ ପ୍ରଚାର




■ ଶ୍ରୀଲଙ୍କା ଆଇଏସ୍ ଆଡ୍ଡା ଉପରେ ଚଢ଼ାଉ

# ଗୁଳି ବିନିମୟ ବେଳେ ୧୫ ନିହତ

## ମୃତକଙ୍କ ମଧ୍ୟରେ ୬ ଶିଶୁ, ୩ ମହିଳା



**କଲମ୍ବୋ,୨୭।୪(ପି.ଟି.)**

ଶ୍ରୀଲଙ୍କାରେ ଇଷ୍ଟର ପାଳନ ବେଳେ ଆକ୍ରମଣ କରି ୨୫୩ ଜଣଙ୍କ ଜୀବନ ନେଇଥିବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି ସୁରକ୍ଷା ବଳ। ପୂର୍ବାଞ୍ଚଳ ପ୍ରଦେଶରେ ସୈନ୍ୟଙ୍କ ଚଢ଼ାଉ ବେଳେ ଇଷ୍ଟର ବିସ୍ଫୋରଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଛି। ଏଥିରେ ୬ ଶିଶୁ ଓ ୩ ମହିଳାଙ୍କ ସମେତ ୧୫ ଜଣ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବା ସହ ନିଜକୁ ଉଡାଇଦେଇଥିଲେ ବୋଲି ପୋଲିସ କହିଛି।

ଗତ ୨୧ ତାରିଖରେ ଶ୍ରୀଲଙ୍କାର ୩ ଚର୍ଚ୍ଚ ଓ ୩ ହୋଟେଲ ସମେତ ୮ଟି ସ୍ଥାନରେ ବିସ୍ଫୋରଣ ଘଟି ୨୫୩ ଜଣଙ୍କ ମୃତ୍ୟୁ ହେବା ସହ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୯ ଆତ୍ମଘାତୀ ଏହି ବିସ୍ଫୋରଣ ଘଟାଇଥିଲେ। ଆକ୍ରମଣ ପଛରେ ସ୍ଥାନୀୟ ନ୍ୟାଶନାଲ ଥୋହିଦ୍ ଜମାତ୍ (ଏନ୍‌ଟିଜେ)ର ହାତ ଥିବା ଜଣାପଡ଼ିବା ପରେ ଏହାର ସଦସ୍ୟମାନଙ୍କୁ ଧରିବା ଲାଗି ପୋଲିସ ଓ ସୁରକ୍ଷା ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଆଇଏସ୍ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା କ୍ରମେ ସ୍ୱତନ୍ତ୍ର ଟାସ୍କଫୋର୍ସ ଏବଂ ସେନା ଯବାନ ଶୁକ୍ରବାର ରାତିରେ କାଲମୁନାଇ ସହରରେ ଥିବା ଏକ ଘର ଉପରେ ଚଢ଼ାଉ କରିଥିଲେ। ସଶସ୍ତ୍ର ଆତଙ୍କବାଦୀ ସୈନ୍ୟଙ୍କୁ ଦେଖି ଗୁଳି ଚଳାଇବାରୁ ଏହା ମଧ୍ୟକୁ ଆସିଯାଇଥିବା ୬ ଶିଶୁ ଓ ୩ ମହିଳା ନିହତ ହୋଇଥିଲେ। ସୁରକ୍ଷା ବଳ ପାଲଟା ଜବାବ ଦେଇଥିଲା। ଜୋରଦାର ଗୁଳିବିନିମୟ ଜାରି ରହିଥିବାବେଳେ ୩ ଜଣ ଆତଙ୍କବାଦୀ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ଯବାନଙ୍କ ଗୁଳିରେ ୩ ସନ୍ଦିଗ୍ଧ ଆତ୍ମଘାତୀ ନିହତ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏଥିସହିତ ସେଠାରୁ ଡିଟୋନେଟର, ଆତ୍ମହତ୍ୟା ଉପକରଣ, ସେନା ପୋଷାକ ଏବଂ ଆଇଏସ୍ ପତାକା ମିଳିଥିବା ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ମୁସଲମାନ ବହୁଳ କାଲମୁନାଇ, ଚାଭାଲାକାଡେ ଏବଂ ସାମନ୍ଥୁରାଇରେ କର୍ଫ୍ୟୁ ବଳବତ୍ତର ରହିଛି। ଅନ୍ୟ ସ୍ଥାନଗୁଡିକରୁ ଶନିବାର ଅପରାହ୍ଣ ୪ଟାରେ କର୍ଫ୍ୟୁ ଉଠାଇ ଦିଆଯାଇଛି। ସିରିଜ୍ ବିସ୍ଫୋରଣ ଘଟଣାରେ ଏପର୍ଯ୍ୟନ୍ତ ପୋଲିସ ୭୬ ଜଣଙ୍କୁ ଗିରଫ କଲାଣି। ଦକ୍ଷିଣ କଲମ୍ବୋ ସହରତଳି ଅଞ୍ଚଳର ୱେଲାୱାଟ୍ଟା ରେଳଷ୍ଟେଶନ୍ ନିକଟରୁ ବିସ୍ଫୋରକ ଜବତ ହୋଇଛି।

# ୧୨ ବୁଥ୍‌ରେ ପୁଣି ଭୋଟ

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ ତାରିଖ ନିର୍ବାଚନ ବେଳେ ବାତିଲ ହୋଇଥିବା ୧୨ ବୁଥ୍‌ରେ ସାନି ମତଦାନ ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ଶନିବାର ଅବଗତ କରାଯାଇଛି। ଏ ନେଇ ଶୁକ୍ରବାର ଗଣମାଧ୍ୟମକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ପୁନଃ ନିର୍ବାଚନ ପାଇଁ ସୁପାରିସ କରାଯାଇଥିବା ବୁଥ୍‌ଗୁଡିକ ହେଲା ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାଜିଆ ୟୁଜିଏମ୍‌ଇ ସ୍କୁଲ ବୁଥ୍ ନଂ. ୧୯୬, ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ସିଆରିଆ ପ୍ରାଥମିକ ସ୍କୁଲ ବୁଥ୍ ନଂ.୧୮୩, ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର କାମଶାସନ ୨ ବୁଥ୍ ନଂ. ୨୨୨ ଓ ଗାଦିବ୍ରହ୍ମ ପ୍ରାଥମିକ ସ୍କୁଲ ବୁଥ୍ ନଂ. ୬୨ । ସେହିପରି ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ବଳଭଦ୍ରପୁର ନୋଡାଲ ୟୁପି ସ୍କୁଲ ବୁଥ୍ ନଂ. ୭୮ ସମେତ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀର ଜନ୍ଦାବାହାଳ ବୁଥ୍ ନଂ. ୮୫, ଆଠଗଡ଼ ନିର୍ବାଚନମଣ୍ଡଳୀର ଖୁଣ୍ଟକଟା ପ୍ରାଥମିକ ସ୍କୁଲ ବୁଥ୍ ନଂ. ୯୦, ସଠିଲୋ ବାସୁଦେବପୁର ୟୁଜିଏମ୍‌ଇ ସ୍କୁଲ ବୁଥ୍ ନଂ. ୧୦୦, ରାଜନଗର ୟୁଜିଏମ୍‌ଇ ସ୍କୁଲ ବୁଥ୍ ନଂ. ୧୩୭ ଓ ବୁଥ୍ ନଂ. ୧୩୮, ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀର ସହିଦନଗର ହାଇସ୍କୁଲ ବୁଥ୍ ନଂ. ୧୨୭ ଏବଂ ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀର ଭୁଲାନୁଆ ଗାଁ ବୁଥ୍ ନଂ. ୧୭୧ରେ ହେବ ସାନି ମତଦାନ ହେବ। ୬୨ ନମ୍ବର ବୁଥ୍‌ରେ ମାନବକୃତ ତ୍ରୁଟି ହୋଇଥିଲା। ନିର୍ଦ୍ଧାରିତ ସ୍ଥାନରେ ଇଭିଏମ୍ ରଖା ନ ଯାଇ ଅନ୍ୟ ସ୍ଥାନରେ ରଖାଯାଇଥିବାରୁ ଏଭଳି ସମସ୍ୟା ଦେଖାଦେଇଥିଲା। ୧୨ଟି ଷ୍ଟ୍ରଙ୍ଗ ରୁମ ଥିଲା ଏବଂ ପୋଲିଂ ଅଧିକାରୀମାନେ ଭୁଲ କରିଥିଲେ। ରୁମ୍‌ଗୁଡିକୁ ସିଲ୍ କରିବା ବେଳେ ଭୁଲ ହୋଇଥିବା ଜଣାପଡିଥିଲା। ଏ ନେଇ ରିଟର୍ନିଂ ଅଫିସରଙ୍କୁ ତୁରନ୍ତ ରିପୋର୍ଟ କରାଯାଇଥିଲା। ମତଦାନରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଉକ୍ତ ବୁଥ୍‌ଗୁଡ଼ିକରେ ପୁଣି ମତଦାନ ପାଇଁ ସୁପାରିସ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଅନ୍ୟ କେତେକ ବୁଥ୍‌ରେ ଇଭିଏମ୍ ପେୟାରିଂରେ ସମସ୍ୟା ଯୋଗୁ ମତଦାନ ବାତିଲ କରାଯାଇଥିଲା। ନିର୍ବାଚନ କମିଶନଙ୍କୁ ପୁନଃ ମତଦାନ ପାଇଁ ସୁପାରିସ କରାଯାଇଛି। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ସାନି ମତଦାନ ନେଇ ତାରିଖ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି।

### କିଛି ତଥ୍ୟ

ଗତବର୍ଷ ତୁଳନାରେ ଏପ୍ରିଲ ପହିଲା ସୁଦ୍ଧା ଦେଶରେ ପ୍ରାୟ ୩୦% ଅଧିକ ଅର୍ଥାତ୍ ୧୭ ମିଲିୟନ ଟନ ଗହମ ମହଜୁଦ ରହିଛି। **-କୃଷି ମନ୍ତ୍ରଣାଳୟ**

■ କେନ୍ଦ୍ରାପଡ଼ାରେ ନବୀନଙ୍କ ଶେଷ ପ୍ରଚାର

# 'ବିଜୁବାବୁଙ୍କ କର୍ମଭୂମିର ବିକାଶ ଦାୟିତ୍ୱ ମୋର'

**ପଟ୍ଟାମୁଣ୍ଡାଇ(ସ୍ୱ.ପ୍ର.)/ଆଳି/ରାଜକନିକା (ଡି.ଏନ୍.ଏ.),୨୭।୪**

କେନ୍ଦ୍ରାପଡ଼ା ବିଜୁବାବୁଙ୍କ କର୍ମଭୂମି। ଏହାର ବିକାଶ ଦାୟିତ୍ୱ ମୁଁ ନେଇଛି ବୋଲି ନିର୍ବାଚନ ପ୍ରଚାରର ଶେଷଦିନରେ ପଟ୍ଟାମୁଣ୍ଡାଇଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏଥିସହ ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ କାଳିଆ ଯୋଜନାରୁ ବାଦ୍ ପଡ଼ିଥିବା ଚାଷୀଙ୍କୁ ଦୁଇ କିସ୍ତି ବାବଦ ୧୦ହଜାର ଟଙ୍କା ଏକକାଳୀନ ପ୍ରଦାନ କରାଯିବା ପ୍ରତିଶ୍ରୁତିକୁ ଆଳିରେ ନବୀନ ଦୋହରାଇଥିଲେ। ଏହାପରେ ରାଜକନିକା କାଳିପଡ଼ିଆଠାରେ ପ୍ରଚାର ଶେଷ କରିବା ବେଳେ ହଜାର ହଜାର ଲୋକଙ୍କ ଭିଡ଼ ଯୋଗୁ ପ୍ରାୟ ଏକ ଘଣ୍ଟା ଟ୍ରାଫିକ ଜାମ୍ ରହିଥିଲା।


ରୋଡ୍ ଶୋ' ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

କେନ୍ଦ୍ରାପଡ଼ାରେ ଶନିବାର ନବୀନ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବଙ୍କ ପାଇଁ ଭୋଟଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ସହର ନିକଟ ଜଣ୍ଟିଲୋସ୍ଥିତ ଆଇବିରୁ ଶନିବାର ପୂର୍ବାହ୍ଣ ୯ଟା ୪୫ରେ ହାଇଟେକ୍ ବସ୍ ଯୋଗେ ରୋଡ୍ ଶୋ'ରେ ବାହାରି ପଟ୍ଟାମୁଣ୍ଡାଇ, ଆଳି ଓ ରାଜକନିକା ଅଭିମୁଖେ ଯାଇଥିଲେ। ପୂର୍ବାହ୍ଣ ୧୧ଟା ବେଳେ ସେ ପଟ୍ଟାମୁଣ୍ଡାଇ ବ୍ଲକ ଗଗୁଆ ଛକଠାରେ ପହଞ୍ଚିଥିଲେ। ସେଠାରୁ ଦାଣ୍ଡିସାହି, ଚଉଦକୁଳାଟ ଦେଇ ପଟ୍ଟାମୁଣ୍ଡାଇ ବାଇପାସ୍ ଛକରେ ପହଞ୍ଚି ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଉଭୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବା ପରେ ସେ କଟକ-ଚାନ୍ଦବାଲି ରାସ୍ତା ଦେଇ ଆଳି ଅଭିମୁଖେ ବାହାରିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଶତାଧିକ ଲୋକ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ସେତୁ ନିକଟରେ ରାସ୍ତାକଡ଼ରେ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ହୁଳହୁଳି ପକାଇ, ଶଙ୍ଖ ବଜାଇ, ହାତ ହଲାଇ ସମର୍ଥକମାନେ ନବୀନଙ୍କୁ ସ୍ୱାଗତ କରିଥିଲେ। ବିଲିକଣା ଛକ, ସିଙ୍ଗିରି ବଜାର ଓ ଆଳି ନୂଆନଜାରରେ ହାଇଟେକ୍ ବସ୍‌ରୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ମୁଁ ଆପଣମାନଙ୍କ ଗାଁକୁ ଆସିଛି। ଆପଣମାନେ ଖୁସି ତ? ମୁଁ ବି ଖୁସି। ଏଥିସହ ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରାଇବାକୁ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନ ହିଁ କାଳିଆ ଯୋଜନାରେ ସହାୟତା ପାଇ ନ ଥିବା ଚାଷୀଙ୍କୁ ଏକକାଳୀନ ୨ କିସ୍ତି ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହି ରୋଡ୍ ଶୋ' ପତ୍ରପୁରଠାରୁ ଆରମ୍ଭ ହୋଇ ବିଲିକଣା, ସିଙ୍ଗିରି ବଜାର, ମାଳପାଟଣା, ଚଣ୍ଡୀବଜାର, ଶାସନ, ନିଆଳ ହାଟ, ଭୂଇଁପୁର ଛକ ଦେଇ ଡାକବଙ୍ଗଳା ଛକରେ ପହଞ୍ଚିଥିଲା। ଆଳି ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଶ୍ରାମ ନେବା ପରେ ମୁଖ୍ୟମନ୍ତ୍ରୀ ପୁଣି ରାଜକନିକା ଅଭିମୁଖେ ବାହାରିଥିଲେ।

ସେହିପରି ରାଜକନିକା ବ୍ଲକର ଓଳାଭରଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଓଳାଭରଛକ କାଳିପଡ଼ିଆଠାରେ ଶତାଧିକ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଅନୁଭବ ଓ ପ୍ରତାପ ଦେବଙ୍କୁ ଆଶୀର୍ବାଦ କରିବା ସହ ବିପୁଳ ଭୋଟ ଦେଇ ଜିତାଇବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ' ଆଳିରୁ ବାହାରି ବରୁଣାଡିହା, ଭାରିଗଦା, ଅଚ୍ୟୁତପୁର, ଗଞ୍ଜା, ଚନ୍ଦନପୋଖରୀ ଛକ, ଅଶୋକ ବଜାର, ଜାଗୁଳାଇପଡ଼ା ପରେ ଓଳାଭରରେ ପହଞ୍ଚିଥିଲା। ନବୀନଙ୍କ ଭାଷଣ ଶୁଣିବାକୁ ୨୯ ପଞ୍ଚାୟତର ଜନସାଧାରଣ ଏକାଠି ହୋଇଥିବାବେଳେ ପ୍ରଚାର ଶେଷ ବେଳକୁ ପ୍ରାୟ ୧ଘଣ୍ଟା ଧରି ଟ୍ରାଫିକ୍ ଜାମ ରହିଥିଲା। ଏହି ରୋଡ୍ ଶୋ'ରେ ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବଚରଣ ସାହୁ ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପ୍ରମୁଖ ସାମିଲ ହୋଇଥିଲେ।

## କେମିତି ରହିବ ଆଜିର ପାଗ


ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୮ | ୨୫.୩ |
| ଚାନ୍ଦବାଲି | ୪୦.୭ | ୨୭.୬ |
| କଟକ | ୩୯.୮ | ୨୩.୨ |
| ପାରାଦ୍ୱୀପ | ୩୨.୫ | ୨୮.୬ |
| ଭୁବନେଶ୍ୱର | ୩୯.୪ | ୨୮.୨ |
| ଗୋପାଳପୁର | ୩୨.୫ | ୨୭.୦ |
| ପୁରୀ | ୩୩.୮ | ୨୮.୨ |
| ଅନୁଗୋଳ | ୪୨.୭ | ୨୩.୬ |
| ବାରିପଦା | --- | ୨୭.୦ |
| ଝାରସୁଗୁଡ଼ା | ୪୩.୦ | ୨୭.୨ |
| କେନ୍ଦୁଝର | ୪୦.୩ | ୨୩.୮ |
| ସମ୍ବଲପୁର | ୪୨.୭ | ୨୬.୧ |
| ସୁନ୍ଦରଗଡ଼ | ୪୨.୦ | ୨୩.୦ |
| ହୀରାକୁଦ | ୪୨.୦ | ୨୭.୮ |
| ତାଳଚେର | ୪୩.୩ | ୨୫.୩ |
| ଭବାନୀପାଟଣା | ୪୨.୬ | ୨୭.୪ |
| ବଲାଙ୍ଗୀର | ୪୩.୫ | ୨୮.୦ |
| କୋରାପୁଟ | ୩୯.୬ | ୨୨.୦ |
| ଫୁଲବାଣୀ | ୪୧.୬ | ୨୫.୫ |
| ଟିଟିଲାଗଡ଼ | ୪୫.୦ | ୨୪.୫ |
| ମାଲକାନଗିରି | ୪୨.୫ | ୨୨.୨ |
| ସୋନପୁର | ୪୩.୨ | ୨୫.୦ |
| ଦାରିଙ୍ଗିବାଡ଼ି | ୩୮.୫ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍

# ପିଜି ପାଠ୍ୟକ୍ରମ ପାଇଁ ୧୩ରେ ଅନ୍‌ଲାଇନ୍ ପରୀକ୍ଷା

## ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ବିଭିନ୍ନ ପାଠ୍ୟକ୍ରମ ପାଇଁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଆସନ୍ତା ମେ ୧୨ରେ ଅଫ୍‌ଲାଇନ୍‌ରେ ଅନୁଷ୍ଠିତ ହେବ। ମେ ୧୩ରେ ପିଜି ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟରେ ମୋଟ ୮୫ ସେଣ୍ଟର କରାଯାଇଥିବାବେଳେ ସେଥିମଧ୍ୟରୁ ୫୩ ସେଣ୍ଟରରେ ଅଫ୍‌ଲାଇନ୍ ଓ ୩୨ ସେଣ୍ଟରରେ ଅନ୍‌ଲାଇନ୍ ପରୀକ୍ଷା ହେବ। ପିଜି ପାଠ୍ୟକ୍ରମ ପାଇଁ ହେବାକୁ ଥିବା ପରୀକ୍ଷା ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଓ ରାୟଗଡ଼ା ସେଣ୍ଟରଗୁଡ଼ିକରେ କରାଯିବ। ଏମ୍‌ବିଏ, ଏମ୍‌ସିଏ, ଏମ୍‌ଟେକ୍, ଏମ୍‌ଫାର୍ମା, ଏମ୍‌ଆର୍କ, ଏମ୍‌ପ୍ଲାନ୍ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ସକାଳ ୯ଟାରୁ ପୂର୍ବାହ୍ଣ ୧୧ଟା ଥିବାବେଳେ ଦ୍ୱିତୀୟ ସିଟିଂ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ନୂତନ ଶିକ୍ଷାବର୍ଷରେ ରାଜ୍ୟରେ ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ଅନ୍‌ଲାଇନ୍ ପରୀକ୍ଷା କରିବା ନିମନ୍ତେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଓଜେଇଇ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ଏଥର ଓଜେଇଇ ବୋର୍ଡ ପକ୍ଷରୁ ପିଜି ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର କର୍ମସ୍ଥାନରେ ରହି ମଙ୍ଗଳଙ୍କ ନକ୍ଷତ୍ରସ୍ଥ ଯୋଗୁ ମୁଖଭାବସ୍ଥ ମଙ୍ଗଳ ସହକର୍ମୀ, ଅଧସ୍ତନ କର୍ମଚାରୀ କିମ୍ବା ସନ୍ତାନଙ୍କ ସହ ବୈରଭାବ ସୃଷ୍ଟି କରିବେ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା କାରଣରୁ କିମ୍ବା ଭ୍ରମଣ ହେତୁକ କ୍ଳାନ୍ତିଜନିତ ମାନସିକ ଅସ୍ଥିରତା ଲାଗିରହିବ। ସପ୍ତମାଧିପଙ୍କ ଉଚ୍ଚାବସାନ ହେତୁକ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ** କର୍ମାଧିପ ଶନି ଅଷ୍ଟମଭାବରେ ରହିଥିଲେ ହେଁ ରାଶ୍ୟାଧିପଙ୍କ ନକ୍ଷତ୍ରରେ ଏକାଦଶସ୍ଥ ଯୋଗୁ ସମସ୍ୟାକୁ ପ୍ରତିହତ କରି କାର୍ଯ୍ୟସାଧନ କରିବେ । ରବି ଉଚ୍ଚସ୍ଥ ଯୋଗୁ ଗୃହନିର୍ମାଣ ସମ୍ବନ୍ଧୀୟ କିମ୍ବା ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଆର୍ଥିକ ଓ ସାମାଜିକ ସ୍ଥିତି ମଜଭୁତ ରଖିବା ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା କରିବେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳଙ୍କ ଗୃହରେ ସପ୍ତମାଧିପ ଅବସ୍ଥାନ କରିଥିବାରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଝଗଡାର ସମ୍ମୁଖୀନ ହେବାକୁ ପଡିପାରେ। ବିଭିନ୍ନ କ୍ଷେତ୍ରରୁ ଆନୁସଙ୍ଗିକ ସାହାଯ୍ୟ ଲାଭ କରି କାମକୁ ତ୍ୱରାନ୍ୱିତ କରିପାରିବେ। କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ ଅପରାହ୍ଣରେ ପାଇବେ। ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ।

**କର୍କଟ** ରବିଙ୍କ ଚତୁର୍ଥଭାବକୁ ଦୃଷ୍ଟି ଯୋଗୁ ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟତା ଅଭାବରୁ ଅଧିକାଂଶ ସମୟ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗିରହିବ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ସମସ୍ୟା ଭିତର ଦେଇ ଗତି କରିବେ।

**ସିଂହ** ବ୍ୟୟଭାବକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ବ୍ୟୟବହୁଳ ଦୂରଯାତ୍ରା କରାଇପାରେ। ପରିସ୍ଥିତିରେ ପଡ଼ି ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଖୋଜୁଥିବା ଜିନିଷ ହଠାତ୍ ପାଇବା ସାଙ୍ଗକୁ ସନ୍ତାନ ହେତୁକ ଗୌରବ ଲାଭ କରିପାରନ୍ତି।

**କନ୍ୟା** ରାଶିପ୍ରତି ବୁଧଙ୍କ ଦୃଷ୍ଟି ଫଳରେ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ହାସଲ କରିବେ। ଜମିଜମା, କଳ କାରଖାନା, ଶିଳ୍ପ କ୍ଷେତ୍ରରୁ ବିଶେଷ ଲାଭବାନ୍ ହେବେ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ତୁଳା** ଚନ୍ଦ୍ର ଓ ରବିଙ୍କ ଦୃଷ୍ଟି ଆପଣଙ୍କ ଲୋକପ୍ରିୟତା ବୃଦ୍ଧି କରିବା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ।

**ବିଛା** ଚନ୍ଦ୍ରଙ୍କ ଏକାଦଶସ୍ଥ ବୃହସ୍ପତି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଜ୍ୟେଷ୍ଠା ନକ୍ଷତ୍ରର ଆର୍ଥିକ ଅନଟନ କେତେକ କାମକୁ ବିଳମ୍ବିତ କରିବା କାରଣରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପ୍ରକାଶନ ଓ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ବ୍ୟସ୍ତତା ମଧ୍ୟ ଦୂର ହେବ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ବୃହସ୍ପତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଗ୍ରହ ରାହୁ ଓ କେତୁଙ୍କ ମଧ୍ୟବର୍ତ୍ତୀ ହେତୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇପାରେ। ଦୀର୍ଘଦିନରୁ ବାକି ପଡିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ। ମାଲିମକଦ୍ଦମା ଓ ଜମିଜମା ବିବାଦର ଆପୋସ ସମାଧାନ ଘଟିବ।

**ମକର** ଆପଣଙ୍କ ରାଶିପାଇଁ ଗ୍ରହସ୍ଥିତି ଅନୁକୂଳ ସ୍ଥାନରେ ରହି ଆପଣଙ୍କୁ ସାମଗ୍ରିକ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ରାଜନୀତି,ସଭାସମିତି ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସାଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟସିଦ୍ଧି ହେବ। ଆଜି ସକାଳୁ ସକାଳୁ ଦେବ ଦର୍ଶନ ସକାଶେ ମନ ବଳାଇବେ ଓ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦୀର୍ଘଦିନରୁ ଅପେକ୍ଷା କରିଥିବା ଶୁଭଖବର ଆଜି ହଠାତ୍ ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ରାଶିରେ ଶୁକ୍ର ଓ ବୁଧଙ୍କ ସଂଯୋଗ ବନ୍ଧୁମାନଙ୍କ ଦ୍ୱାରା କୌଣସି ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ । କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ, କିନ୍ତୁ ସମସ୍ୟା ମଧ୍ୟରେ ଚଳିବାକୁ ପଡିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

ଆଜି ବୈଶାଖ କୃଷ୍ଣ ନବମୀ ରବିବାର, ଏପ୍ରିଲ ୨୮ ତାରିଖ, ଓକିଲ ଦିବସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ଧନିଷ୍ଠା/ମକର, ମେଷ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୨ମି. ଗତେ ଘ୮।୨୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୪ମି. ଗତେ ଘ୮।୨୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୩୦ମି. ଗତେ ଘ୬।୦୫ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୮/୨୦୧୯ | Bhubaneswar, Sunday, April 28/2019 | ପୃଷ୍ଠା-୧



## ପୋଲୋସାକ୍ ପ୍ରଥମ ମହିଳା ଅମ୍ପାୟର

ଅଷ୍ଟ୍ରେଲିଆର କ୍ଲେୟାର ପୋଲୋସାକ୍ ପ୍ରଥମ ମହିଳା ଅମ୍ପାୟର ଭାବେ ଏକ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପରିଚାଳନା କରିବେ। ୧୫

୧୦

## ଭଲ କଳାକାରଙ୍କ ପାଇଁ ଯଥେଷ୍ଟ ସୁଯୋଗ ଅଛି

ଭଲ କଳାକାରଙ୍କ ପାଇଁ ସିନେମାରେ ଯଥେଷ୍ଟ ସୁଯୋଗ ଅଛି ବୋଲି ବଲିଉଡ ଅଭିନେତ୍ରୀ ରିଚା ଚଡ୍ଢା ପ୍ରକାଶ କରିଛନ୍ତି।








ଗରମରେ ଆରାମ
ବିଶେଷ ପୃଷ୍ଠା ଦେଖନ୍ତୁ






■ ମୋରଡ଼ାରେ ବିଜେଡି ଉପରେ ବର୍ଷିଲେ ଶାହ

# ଭ୍ରଷ୍ଟାଚାରୀ ସରକାରକୁ ଉପାଡ଼ି ଫିଙ୍ଗ

ବାରିପଦା ଅଫିସ,୨୭।୪

- ■ କ୍ଷମତାକୁ ଆସିଲେ ୯୦ ଦିନରେ ଜମାକାରୀଙ୍କୁ ମିଳିବ ଚିଟଫଣ୍ଡ ଟଙ୍କା
- ■ ହୋ, ମୁଣ୍ଡାରି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦିଆଯିବ

ଚତୁର୍ଥ ପ୍ରର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମୟୂରଭଞ୍ଜ ଜିଲାର ମୋରଡା ନିର୍ବାଚନମଣ୍ଡଳୀ ପାଟପୁରଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଓଡ଼ିଶାରେ ଦୀର୍ଘ ବର୍ଷ ଧରି ଭ୍ରଷ୍ଟାଚାରୀ ଶାସନ ଚାଲିଛି। ଗରିବଙ୍କ ପାଖରେ ବିକାଶ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ। ଖଣି ଓ ଚିଟ୍‌ଫଣ୍ଡ ଠକେଇ ଭଳି ନାନା ଦୁର୍ନୀତି ସାଙ୍ଗକୁ ରାଜ୍ୟରେ ହିଂସାକାଣ୍ଡ ବଢ଼ିଚାଲିଛି। କିଛି ଦିନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଭାଜପା ☛ ପୃଷ୍ଠା–୪



ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ସ୍ୱାଗତ କରାଯାଉଛି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ:୬ ଲୋକ ସଭା, ୪୧ ବିଧାନସଭା ଆସନ ପାଇଁ ମତଦାନ

# ପ୍ରଚାରରେ ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସବୁ ଦଳ ପକ୍ଷରୁ ହାଇଭୋଲଟେଜ୍ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ୪୧ ବିଧାନସଭା କ୍ଷେତ୍ର ପାଇଁ ସୋମବାର ଭୋଟ ଗ୍ରହଣ କରାଯିବ। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ☛ ପୃଷ୍ଠା–୪

### ମଇଦାନରେ ବହୁ ହେଭିୱେଟ୍

### ଆଜିର ସମ୍ପାଦକୀୟ

## ଦଳର ବଳ

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

### ଆଜିର ମନ୍ତବ୍ୟ

" ବିରୋଧୀଙ୍କ ସୁବିଧାବାଦୀ ମେଣ୍ଟର ମିଶନ ବିଫଳ ହେବ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




**STORES ONLY AT: BHUBANESWAR:** 621, Saheed Nagar, Janpath | **BHUBANESWAR:** 309, District Centre, Chandrasekharpur, **BERHAMPUR:** Venkatraju Arcade, Sano Bazar | **CUTTACK:** 558/834, Cantonment Road | **ROURKELA:** Kesar Bhawan, Main Road
**Toll Free: 1800 3131 777** | **Open on Sundays**

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା।
–ଶ୍ରୀଅରବିନ୍ଦ



# ଦଳର ବଳ



ଆକାର ପଟେଲ

ଆପଣ www.bjp.orgରେ ଲଗ୍‌ଅନ୍ କଲେ ଗୋଟିଏ ବାର୍ତ୍ତା ଦେଖିବାକୁ ପାଇବେ 'ୱେଲ୍‌କମ୍ ଟୁ ଦ ୱେବ୍‌ସାଇଟ୍ ଅଫ୍ ଦ ୱାର୍ଲଡ୍‌ସ ଲାର୍ଜେଷ୍ଟ ପାର୍ଟି'। ଭାଜପାର ୧୦ କୋଟି ସଦସ୍ୟ ଅଛନ୍ତି। ପ୍ରତି ୧୦ ବୟସ୍କ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ହେଉଛନ୍ତି ଭାଜପାର ସଦସ୍ୟ। ଏହା ଏକ ଚମକାଇ ଦେଲା ଭଳି ପରିସଂଖ୍ୟାନ। ଏନ୍‌ଡିଏ ୨୦୧୪ ନିର୍ବାଚନରେ ପ୍ରାୟ ୧୬ କୋଟି ଭୋଟ ପାଇଥିଲା, ଯେଉଁଥିରୁ ଅଧିକାଂଶ ଭାଜପାର ଅଂଶ।

ଏବେ ଦେଖିବା ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଜନୈତିକ ଦଳ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ୯ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି, କିନ୍ତୁ ଏହାର ସଦସ୍ୟତା ଗ୍ରହଣ କରିବା ଏତେ ସହଜ ନୁହେଁ। ୧୯୨୧ରେ ଏହାର ମାତ୍ର ୫୭ ଜଣ ସଦସ୍ୟ ଥିଲେ। ୨୦୧୪ରେ ୨.୨ କୋଟି ଲୋକ ସିପିସିର ସଦସ୍ୟ ହେବା ପାଇଁ ଆବେଦନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ମାତ୍ର ୨୦ ଲକ୍ଷ ଲୋକଙ୍କୁ ଗ୍ରହଣ କରାଯାଇଥିଲା। ସଦସ୍ୟତା ପାଇଁ ଆବେଦନ କଲେ ନାମ ନଥିଭୁକ୍ତ ହେବା ପାଇଁ ବର୍ଷେ ଲାଗିଯାଏ। ଆବେଦନପତ୍ରରେ ଲେଖିବାକୁ ପଡ଼େ ବ୍ୟକ୍ତି ସିପିସିର ସଦସ୍ୟ ହେବା ପାଇଁ କାହିଁକି ଚାହୁଁଛି ଏବଂ ତା'ପରେ ଆବେଦନକାରୀଙ୍କୁ ଏକ ପରୀକ୍ଷା ଦେବାକୁ ପଡ଼େ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ପୁଣି ଏକ ଯାଞ୍ଚ କରାଯାଏ। ତା'ପରେ ଦଳର ଦୁଇଜଣ ସଦସ୍ୟଙ୍କର ସୁପାରିସ ବି ଦରକାର ପଡ଼େ। ଏତକ ପୂରଣ ହେଲା ପରେ ପ୍ରୋବେଶନରେ ତାଙ୍କୁ ସଦସ୍ୟଭାବେ ଗ୍ରହଣ କରାଯାଏ।

ଭାଜପାରେ ସଦସ୍ୟତା ପାଇଁ ଏତେସବୁ କଟକଣା ଓ ପରୀକ୍ଷା ନିରୀକ୍ଷା ନ ଥିଲେ ମଧ୍ୟ ମାଗଣାରେ ତାହା ମିଳେ ନାହିଁ। ସଦସ୍ୟତା ପାଇଁ ୫ ଟଙ୍କା ଫିସ୍ ଦେବାକୁ ପଡ଼େ ଏବଂ ତା'ପରେ ସର୍ବନିମ୍ନ ୧୦୦ ଟଙ୍କା ସ୍ୱେଚ୍ଛାକୃତ ଦାନ ବ୍ୟବସ୍ଥା ବି ଅଛି। ଯଦି ଭାଜପା ପାଇଁ ସଦସ୍ୟର ସଂଖ୍ୟା ଏଇଆ ତା'ହେଲେ କେବଳ ସାଧାରଣ ଲୋକଙ୍କଠାରୁ ଏହା ୧୦୦୦ କୋଟି ଟଙ୍କା ସଂଗ୍ରହ କରିଛି। ଏହାଛଡ଼ା ଆଜୀବନ ସହଯୋଗ ନିଧି ଭାବରେ ଦଳ ସଦସ୍ୟମାନଙ୍କୁ ସର୍ବନିମ୍ନ ୧୦୦୦ ଟଙ୍କା ଦାନ କରିବାକୁ ନିବେଦନ କରିଥାଏ। ଆହୁରି ଏକ କୌତୂହଳଜନକ କଥା ହେଲା ଭାଜପାର ସମ୍ବିଧାନ ଅନୁସାରେ ପ୍ରତ୍ୟେକ ସଦସ୍ୟଙ୍କୁ ନିମ୍ନପ୍ରକାରେ ଶପଥ ଗ୍ରହଣ କରିବାକୁ ପଡ଼ିଥାଏ: ମୁଁ ଦଳର ଧର୍ମନିରପେକ୍ଷ ରାଷ୍ଟ୍ର ଚିନ୍ତାଧାରାକୁ ଗ୍ରହଣ କରୁଛି ଯାହା କୌଣସି ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା କରେ ନାହିଁ। ଆହୁରି ମଜା କଥା ହେଲା, ଭାଜପାର ସମ୍ବିଧାନର ପ୍ରାରମ୍ଭରେ ଅଛି ଯେ ଏହା ଭାରତର ସମ୍ବିଧାନ ତଥା ଏହାର ସମାଜବାଦ, ଧର୍ମନିରପେକ୍ଷତା ଓ ଗଣତାନ୍ତ୍ରିକ ନୀତି ଓ ଆଦର୍ଶକୁ ସମ୍ମାନ ଦିଏ। ଅମିତ ଶାହଙ୍କ ନେତୃତ୍ୱରେ ଚାଲୁଥିବା ଦଳ ଏକ ନମ୍ବରକୁ ମିସ୍‌ଡ କଲ୍ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଭାଜପା ବିଭିନ୍ନ ସହରରେ ଲଗାଇଥିବା ବଡ଼ ବଡ଼ ହୋର୍ଡିଂରେ ଏହି ନମ୍ବରକୁ ବିଜ୍ଞାପିତ କରିଛି। ଯେଉଁମାନେ ଉକ୍ତ ନମ୍ବରକୁ ମିସ୍‌ଡ କଲ୍ କରନ୍ତି, ଭାଜପା ଏକ ବାର୍ତ୍ତା ମାଧ୍ୟମରେ ସେମାନଙ୍କୁ ଆର୍ଥିକ ଅନୁଦାନ ଦେବା ବା ଏହାର ସ୍ୱେଚ୍ଛାସେବା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରେ। ଯେଉଁମାନେ ନିଜର ସମୟ ବା ଅର୍ଥ ଦିଅନ୍ତି, ସେମାନଙ୍କୁ ବାର୍ତ୍ତା ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି।

ଭାଜପା ଏପରି ନେତୃତ୍ୱ ଦ୍ୱାରା ପରିଚାଳିତ, ଯିଏ ମଧ୍ୟବିତ୍ତ ବର୍ଗଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ତେଣୁ ଏହି ଧାରାରେ ଦଳ ନିଜର ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ବୃଦ୍ଧି କରିପାରୁଛି। ଏହା ସହ ଦଳ ବିଶ୍ୱର ବୃହତ୍ତମ ବେସରକାରୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଉପରେ ମଧ୍ୟ ନିର୍ଭର କରୁଛି। ସାରା ଭାରତରେ ୫୫,୦୦୦ରୁ ଊର୍ଦ୍ଧ୍ୱ ଆର୍‌ଏସ୍‌ଏସ୍ ଶାଖା ରହିଛି। ୬୦୦୦ ପୂର୍ଣ୍ଣକାଳୀନ ପ୍ରଚାରକ ଅଛନ୍ତି, ଯେଉଁମାନଙ୍କୁ ଏବେ ନିର୍ବାଚନ ଦାୟିତ୍ୱରେ ରଖାଯାଇଛି ଏବଂ ଲୋକଙ୍କୁ କିପରି ସଂଗଠିତ କରିବାକୁ ହେବ ତା' ଉପରେ ବର୍ଷ ବର୍ଷ ଧରି ସେମାନଙ୍କୁ ତାଲିମ ଦିଆଯାଇଛି। ମୋଟ ଉପରେ କହିବାକୁ ଗଲେ ଭାଜପା ହେଉଛି ଲୋକ, ନେଟ୍‌ୱର୍କ ଓ ଟଙ୍କା ଦୃଷ୍ଟିରୁ ସାରା ବିଶ୍ୱରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ରାଜନୈତିକ ସଂଯନ୍ତ୍ର।

ଅପରପକ୍ଷେ କଂଗ୍ରେସ ନିଜ ଦଳର ପୁନର୍ଗଠନ କରି ଭାଜପା ପରି ଏକ ଶକ୍ତିଶାଳୀ ସଂଗଠନ ଗଢ଼ିବାକୁ ଲକ୍ଷ୍ୟ ରଖିଆସିଛି। ତେବେ ରାହୁଲ ଗାନ୍ଧୀ ୧୫ ବର୍ଷ ହେଲା ଦଳରେ କାମ କରି ଆସିଥିଲେ ମଧ୍ୟ ଏହା ସମ୍ଭବ ହୋଇପାରି ନାହିଁ। ମହାତ୍ମା ଗାନ୍ଧୀ ଭାରତକୁ ଆସିବାର ପ୍ରଥମ ୧୫ ବର୍ଷ ଭିତରେ ଚମ୍ପାରଣ, ଖେଦା, ଖିଲାଫତ, ଅସହଯୋଗ ଆନ୍ଦୋଳନ ଓ ଦାଣ୍ଡି ଲୁଣମରା ଅଭିଯାନ ପରି ଅନେକ କାର୍ଯ୍ୟ କରିଥିଲେ। କଂଗ୍ରେସଠାରୁ ଅନୁରୂପ ତୃଣମୂଳ କାର୍ଯ୍ୟକ୍ରମ ଆମେ ଦେଖିବାକୁ ପାଉନାହୁଁ। ସମାଜକୁ ଗତିଶୀଳ କରିବା ପାଇଁ କଂଗ୍ରେସର ଏପରି କିଛି ଦୃଷ୍ଟିକୋଣ ଥିବାର ଆମେ ଦେଖୁନାହୁଁ। ତୃଣମୂଳ ସ୍ତରରେ ଏହାର ସେମିତି କିଛି କାର୍ଯ୍ୟକ୍ରମ ନାହିଁ। ସେବା ଦଳ ନାମରେ କଂଗ୍ରେସର ଏକ ସ୍ୱେଚ୍ଛାସେବୀ ବାହିନୀ ଅଛି, ଯାହା ଆର୍‌ଏସ୍‌ଏସ୍ ପ୍ରତିଷ୍ଠାର ବର୍ଷକ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା। ସ୍ୱାଧୀନତା ପୂର୍ବରୁ ଆନ୍ଦୋଳନରେ ଯୋଗ ଦେଉଥିବା ଲୋକଙ୍କୁ ସାହାଯ୍ୟ କରିବା ଏହାର କାର୍ଯ୍ୟ ଥିଲା। କିନ୍ତୁ ସ୍ୱାଧୀନତା ପରେ ଆର୍‌ଏସ୍‌ଏସ୍‌ର ଉନ୍ନତି ଘଟିଥିବା ବେଳେ ଏହା ଏକ ପ୍ରକାର ଅଚଳ ହୋଇଗଲା। ସଦସ୍ୟତା ବିଶେଷ କରି ଅର୍ଥ ପଇଠ କରି ବହୁ ସଂଖ୍ୟାରେ ସଦସ୍ୟ ହେବା ପ୍ରକୃତରେ ଦଳର ଲୋକପ୍ରିୟତାର ସୂଚକ। କଂଗ୍ରେସ ନିଜର କାର୍ଯ୍ୟକଳାପ ଓ ଦେଶ ପ୍ରତି ଦୃଷ୍ଟିକୋଣ ଆଧାରରେ ଯୁବବର୍ଗଙ୍କୁ ଅନୁପ୍ରାଣିତ କରି ବହୁସଂଖ୍ୟାରେ ଦଳର ସଦସ୍ୟ କରିବା ପାଇଁ ଚେଷ୍ଟା କରିବା ଉଚିତ କାରଣ ସଦସ୍ୟମାନେ ହେଉଛନ୍ତି ଦଳର ବଳ।

Email: aakar.patel@gmail.com

# ବିବର୍ତ୍ତନବାଦ ଓ ଦଶାବତାର



ପ୍ରକାଶ ତ୍ରିପାଠୀ

ତ୍ରେତୟା ଯୁଗରେ ଲଙ୍କାର ରାଜା ରାବଣ ପୁଷ୍ପକ ବିମାନରେ ଆକାଶମାର୍ଗରେ ଯାତାୟାତ କରୁଥିଲା। ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧର ଚିକିନିଖି ବିବରଣୀ ଯୁଦ୍ଧସ୍ଥଳଠାରୁ ବହୁ ଦୂରରେ ଅବସ୍ଥିତ ହସ୍ତିନାପୁର ରାଜପ୍ରାସାଦ ଭିତରେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଞ୍ଜୟ ନିଜ ଆଖିରେ ଦେଖି କହୁଥିଲେ। ଦେଢ଼ଶହ ବର୍ଷ ପୂର୍ବେ ଭାରତୀୟମାନେ ପୁରାଣରୁ ଏସବୁ ପଢୁଥିଲା ବେଳେ ଏହା ସେମାନଙ୍କୁ ଅବାସ୍ତବ ତଥା ମନଗଢ଼ା କାହାଣୀ ଭଳି ଲାଗିଥିବ। ସେମାନଙ୍କୁ ଏହା କୌତୂହଳ ଲାଗିଥିବ ଯେ, ଗାନ୍ଧାରୀ କିପରି ଏକଶହ ସନ୍ତାନଙ୍କ ଜନନୀ ହୋଇପାରିଲେ। ଆଜିର ସମୟରେ ଆକାଶମାର୍ଗରେ ଉଡୁଥିବା ବିଭିନ୍ନ କିସମର ବିମାନ, ହଜାର ହଜାର ମାଇଲ ଦୂରରେ ଘଟୁଥିବା ଘଟଣାର ଶବ୍ଦ ଓ ଦୃଶ୍ୟର ସିଧା ପ୍ରସାରଣ, ଷ୍ଟେମ୍ ସେଲ୍ ଦ୍ୱାରା ତଥା ଟେଷ୍ଟଟ୍ୟୁବ୍ ମାଧ୍ୟମରେ ନୂତନ ଜୀବର ସୃଷ୍ଟି ହେବା ପରେ ଆମକୁ ଆଉ କିଛି ଅବାସ୍ତବ ବା କାଳ୍ପନିକ ଲାଗୁନାହିଁ। ମାତ୍ର ମନରେ ପ୍ରଶ୍ନ ଉଠେ, ଅତି ପୁରାତନ ଭାରତରେ ଅର୍ଥାତ୍ ତ୍ରେତୟା ଓ ଦ୍ୱାପର ଯୁଗରେ ଘଟିଥିବା ଘଟଣାଗୁଡ଼ିକ ସତ ଥିଲା ନା ତାହା ଥିଲା କବିଙ୍କ କଳ୍ପନା?

ଏଭଳି ଏକ ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର କାରଣ ହେଲା, ଗତ ଜାନୁୟାରୀ ପ୍ରଥମ ସପ୍ତାହରେ ଜଳନ୍ଧରରେ ଅନୁଷ୍ଠିତ ୧୦୬ତମ ଭାରତୀୟ ବିଜ୍ଞାନ କଂଗ୍ରେସ ଅଧିବେଶନରେ ଏଭଳି କିଛି ପୌରାଣିକ ପ୍ରସଙ୍ଗ ଉତ୍‌ଥାପନ କରାଯାଇଛି। ଏହାକୁ ଉପସ୍ଥାପନ କରିଛନ୍ତି ଆନ୍ଧ୍ର ବିଶ୍ୱବିଦ୍ୟାଳୟ କୁଳପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଜି. ନାଗେଶ୍ୱର ରାଓ। ୧୮୫୯ ମସିହାରେ ପ୍ରଖ୍ୟାତ ଜୀବବିଜ୍ଞାନୀ ଚାର୍ଲସ ଡାର୍‌ୱିନଙ୍କ ଦ୍ୱାରା ପ୍ରକାଶିତ ବିବର୍ତ୍ତନବାଦ ସିଦ୍ଧାନ୍ତଠାରୁ ଭାରତୀୟ ପୁରାଣରେ ବର୍ଣ୍ଣିତ ଭଗବାନ ବିଷ୍ଣୁଙ୍କ ଦଶାବତାର ବୃତ୍ତାନ୍ତ ଅଧିକ ଉନ୍ନତ ଓ ଏହା ବିବର୍ତ୍ତନବାଦର ସର୍ବପ୍ରଥମ ସିଦ୍ଧାନ୍ତ ବୋଲି ବୈଜ୍ଞାନିକ ଡ. ରାଓ ଏହି ଅଧିବେଶନରେ ମତ ରଖିଛନ୍ତି। ଏହା ସହ ଡ. ରାଓ ଆହୁରି ସୂଚନା ଦେଇଥିଲେ ଯେ, ଗାନ୍ଧାରୀଙ୍କ ଶତପୁତ୍ର ଜନ୍ମ ସେତେବେଳେ ଷ୍ଟେମ୍ ସେଲ ଓ ଟେଷ୍ଟଟ୍ୟୁବ୍ ପଦ୍ଧତି ଦ୍ୱାରା ସମ୍ପନ୍ନ ହୋଇଥିଲା ଓ ସୁଦର୍ଶନ ଚକ୍ର ଆଜିର ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର ଭଳି ଶତ୍ରୁକୁ ଆଘାତ କରି ପୁନର୍ବାର ଫେରିଆସୁଥିଲା। ଆଜି ବିଜ୍ଞାନ ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଆଧୁନିକ ମଣିଷ ଯାହା କରିପାରୁଛି, ପୌରାଣିକ ତଥା ଅତି ପ୍ରାଚୀନ ଭାରତରେ ମଧ୍ୟ ଅନୁରୂପ କାର୍ଯ୍ୟ ସମ୍ପାଦନ ହୋଇପାରୁଥିଲା। ତେବେ ଜୀବନର କ୍ରମବିକାଶରେ ସାବ୍ୟସ୍ତ ହୋଇଥିବା ଏକ ସର୍ବୋତ୍କୃଷ୍ଟ ଓ ବିଜ୍ଞାନସମ୍ମତ ଡାର୍‌ୱିନଙ୍କ ବିବର୍ତ୍ତନବାଦ ସିଦ୍ଧାନ୍ତକୁ ଡ. ରାଓ ଯେଉଁଭଳିଭାବେ ପୁରାଣବର୍ଣ୍ଣିତ ଦଶାବତାର ସହ ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ, ତାହା ଅନେକ ଜୀବବିଜ୍ଞାନୀଙ୍କୁ ନିଶ୍ଚିତ ସ୍ତମ୍ଭୀଭୂତ କରିଥିବ।

ଜୀବ ଓ ମାନବର କ୍ରମବିକାଶକୁ କ୍ରମାନ୍ୱୟରେ ଯଦି ଉପସ୍ଥାପନ କରାଯାଏ, ତେବେ ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣିତ ଦଶାବତାର ଓ ଡାର୍‌ୱିନଙ୍କ ବିବର୍ତ୍ତନବାଦ ମଧ୍ୟରେ ବିଶେଷ କିଛି ଫରକ ନାହିଁ। ପ୍ରକାରାନ୍ତରେ ଦଶାବତାରରେ ହିଁ ଉପଲବ୍ଧି କରିହୁଏ ଏହାର ବଳିଷ୍ଠ ତଥା ତାତ୍ତ୍ୱିକ ପ୍ରମାଣ। ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ପ୍ରଥମ ଅବତାର ହେଉଛି ମତ୍ସ୍ୟ। ଏହା ଏକ ଜଳଜୀବ। ବିଜ୍ଞାନ କହିଥାଏ ଯେ ଜଳରୁ ହିଁ ପ୍ରଥମ ଜୀବନ ସୃଷ୍ଟି। ଡାର୍‌ୱିନଙ୍କ ସିଦ୍ଧାନ୍ତ ବି ଏହା କହିଥାଏ। ତେଣୁ ମତ୍ସ୍ୟ ଅବତାରକୁ ଜୀବନ ସୃଷ୍ଟିର ଅର୍ଥାତ୍ ବିବର୍ତ୍ତନବାଦର ପ୍ରଥମ ସୋପାନ କହିଲେ କିଛି ଭୁଲ୍ ହେବନାହିଁ। ଏହାପରେ ବିଷ୍ଣୁଙ୍କ ଦ୍ୱିତୀୟ ଅବତାର ହେଉଛି କଚ୍ଛପ ବା କଇଁଛ। ଏହା ଏକ ଉଭୟଚର ପ୍ରାଣୀ। ଅର୍ଥାତ୍ ଉଭୟ ଜଳ ଓ ସ୍ଥଳରେ ଏହା ବଞ୍ଚିପାରେ। ଏହା ପ୍ରମାଣ କରେ ଯେ, ସମଗ୍ର ବିଶ୍ୱ ପ୍ରଥମେ ଜଳାର୍ଣ୍ଣବ ଥିଲା ଓ ପରେ କିଛି କିଛି ସ୍ଥଳଭାଗ ସୃଷ୍ଟି ହେଲା। ତେଣୁ କଚ୍ଛପ ନିଶ୍ଚିତ ଭାବେ ମତ୍ସ୍ୟଠାରୁ ଏକ ବିକଶିତ ଓ ଉନ୍ନତ ଜୀବ। ତୃତୀୟ ଅବତାର ହେଉଛି ବରାହ। ଏହା ସମ୍ପୂର୍ଣ୍ଣ ସ୍ଥଳଚର। ତେଣୁ ଏହା ଏକ ସମ୍ପୂର୍ଣ୍ଣ ବିକଶିତ ସ୍ଥଳବାସୀ ଜୀବ। ଏହା ପ୍ରମାଣ ଦିଏ ପୃଥିବୀରେ ସ୍ଥଳଭାଗର ଉତ୍ପତ୍ତି ଓ ସ୍ଥଳଚର ପ୍ରାଣୀଙ୍କ ବିକାଶ। ଭଗବାନ ବିଷ୍ଣୁଙ୍କ ଚତୁର୍ଥ ଅବତାର ହେଉଛି ନୃସିଂହ। ଏହା ଉଭୟ ପଶୁ ଓ ମଣିଷର ଏକ ମିଶ୍ରିତ ରୂପ, ଯାହାକି ପଶୁରୁ ମଣିଷକୁ ରୂପାନ୍ତରିତ ହେବାର ଏକ ପ୍ରତୀକ। ଏଥର ଆସନ୍ତୁ ବିଷ୍ଣୁଙ୍କ ପଞ୍ଚମ ଅବତାର ଅର୍ଥାତ୍ ବାମନ ରୂପକୁ। ଏହା ଲଘୁ ରୂପରେ ମାନବ ଜୀବନ ବିକାଶର ପ୍ରଥମ ପ୍ରତୀକ। ମାନବ ଶରୀରର ସମ୍ପୂର୍ଣ୍ଣ ବିକାଶ ଘଟିଛି ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମ ରୂପରେ। ଏଥିରେ ମଣିଷ ଏକ ବ୍ୟବସ୍ଥିତ ଜୀବନକୁ ଉନ୍ନୀତ ହେବାର ସଙ୍କେତ ବହନ କରେ। ସପ୍ତମ ଅବତାର ଶ୍ରୀରାମଙ୍କ ହାତରେ ଧନୁତୀର ଧାରଣ ସଙ୍କେତ ଦିଏ ଯେ ମଣିଷ କ୍ରମେ ନିଜର ତଥା ସମୁଦାୟର ସୁରକ୍ଷା ପାଇଁ ସକ୍ଷମ ହେଲା। ଅଷ୍ଟମ ଅବତାରରେ ବଳରାମଙ୍କୁ ହଳ ଲଙ୍ଗଳ ଧରାଇବାର ତାତ୍ପର୍ଯ୍ୟ ହେଉଛି ମଣିଷ କ୍ରମେ କୃଷି ସହ ନିଜକୁ ସଂପୃକ୍ତ କରାଇଲା। ସମାଜରେ କୃଷି ଆଧାରିତ ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାର ପ୍ରତିଷ୍ଠା ହେଲା। ନବମ ଅବତାର କୃଷ୍ଣ ହିଁ ପରିପୂର୍ଣ୍ଣ, ପ୍ରାଜ୍ଞ ତଥା ସମ୍ପୂର୍ଣ୍ଣ ବିକଶିତ ମଣିଷର ପ୍ରତୀକ। ଏହା ରାଜନୀତି, କୂଟନୀତି, ସମାଜ ଦର୍ଶନ, ଆଧ୍ୟାତ୍ମିକ ଆଦି ପ୍ରତିଟି କ୍ଷେତ୍ରରେ ଏକ ସ୍ୱୟଂସମ୍ପୂର୍ଣ୍ଣ ରୂପ। ଦଶମ ଅବତାର କଳ୍କୀ ଏକ ଭବିଷ୍ୟତର କାଳ୍ପନିକ ଅବତାର, ଯାହାର ଅବତାରଣା ଭବିଷ୍ୟତ ହିଁ ଦର୍ଶାଇବ। ଡ. ନାଗେଶ୍ୱର ରାଓଙ୍କ ଉପରୋକ୍ତ ତାତ୍ତ୍ୱିକ ବିଶ୍ଳେଷଣକୁ ଆଧୁନିକ ଜୀବବିଜ୍ଞାନୀମାନେ କେଉଁ ଦୃଷ୍ଟିରେ ଗ୍ରହଣ କରିବେ ତାହା ଅଲଗା କଥା, ମାତ୍ର ଜୀବର କ୍ରମବିକାଶ ଦୃଷ୍ଟିରୁ ଭଗବାନ ବିଷ୍ଣୁଙ୍କ ଦଶାବତାର ବର୍ଣ୍ଣନା ନିଶ୍ଚିତ ଗ୍ରହଣଯୋଗ୍ୟ ଓ ହିନ୍ଦୁଧର୍ମର ପୁରାଣକାର ଏଥିପାଇଁ ଧନ୍ୟବାଦାର୍ହ। ଏପରି କି ମନୁସ୍ମୃତିରେ ମଧ୍ୟ ଜୀବ ସୃଷ୍ଟି ଓ ଏହାର କ୍ରମବିକାଶ ସମ୍ପର୍କରେ ସୂଚନା ରହିଛି।

ଡ. ନାଗେଶ୍ୱର ରାଓଙ୍କ ପୂର୍ବରୁ ପ୍ରଖ୍ୟାତ ବ୍ରିଟିଶ ବୈଜ୍ଞାନିକ ଜନ୍ ବର୍ଡନ ସାଣ୍ଡରସନ ହାଲଡେନ ମଧ୍ୟ ଦଶାବତାରକୁ ଜୀବର କ୍ରମବିକାଶର ସର୍ବଶ୍ରେଷ୍ଠ ଉଦାହରଣ ବୋଲି ଦର୍ଶାଇଥିଲେ। ବିଶିଷ୍ଟ ଜୀବବିଜ୍ଞାନୀ, ଆନୁବଂଶିକ ତଥା ବିବର୍ତ୍ତନବାଦର ପ୍ରଖ୍ୟାତ ଗବେଷକ ଜେ.ବି.ଏସ୍. ହାଲଡେନ ବ୍ରିଟେନ ପରିତ୍ୟାଗ କରି ଭାରତ ଆସିବା ପରେ ଗତ ଚାଳିଶ ଦଶକରେ ପ୍ରଥମଥର ପାଇଁ ଭଗବାନ ବିଷ୍ଣୁଙ୍କ ଦଶ ଅବତାର ଓ ଡାର୍‌ୱିନ୍‌ଙ୍କ ଇଭଲ୍ୟୁଶନ ଥିଓରି ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେ ପ୍ରଥମ ଚାରି ଅବତାର ମତ୍ସ୍ୟ, କୂର୍ମ, ବରାହ ଓ ନରସିଂହ ଅବତାରକୁ ସତ୍ୟଯୁଗ, ବାମନ, ପର୍ଶୁରାମ ଓ ରାମ ଅବତାରକୁ ତ୍ରେତୟା ଯୁଗ, ବଳରାମ ଓ କୃଷ୍ଣଙ୍କୁ ଦ୍ୱାପର ଯୁଗରେ ରଖି ମଣିଷର କ୍ରମବିକାଶକୁ ତର୍ଜମା କରିଥିଲେ। ସେ ତାଙ୍କ ଗବେଷଣାର ନିର୍ଯ୍ୟାସ ନିଜ ପୁସ୍ତକ 'ଦି କଜେସ୍ ଅଫ୍ ଇଭଲ୍ୟୁଶନ'ରେ ସ୍ଥାନିତ କରିଛନ୍ତି। ଜୀବର ପ୍ରଥମ ଉତ୍ପତ୍ତି ସମୁଦ୍ରରୁ ହୋଇଛି ଓ ପରେ କ୍ରମବିକାଶରେ ମଣିଷ ସୃଷ୍ଟି ହୋଇଛି। ହିନ୍ଦୁଶାସ୍ତ୍ରରେ ପ୍ରଥମ ଅବତାର ଜଳଜୀବ ଓ ପରବର୍ତ୍ତୀ କ୍ରମବିକାଶ ଅନୁଯାୟୀ ଅନ୍ୟ ଅବତାରଗୁଡ଼ିକ ପ୍ରକଟ ହୋଇଛନ୍ତି। ଚାର୍ଲସ ଡାର୍‌ୱିନଙ୍କ ବିବର୍ତ୍ତନ ତତ୍ତ୍ୱକୁ ୟୁରୋପୀୟ ଧର୍ମୀୟ ଅନୁଷ୍ଠାନଗୁଡ଼ିକ ପ୍ରଥମେ ବିରୋଧ କରିଥିଲେ। ମାତ୍ର ଭାରତର ସନାତନ ହିନ୍ଦୁଧର୍ମ ଏହାକୁ ପୁରାଣ ଓ ଶାସ୍ତ୍ର ସହ ଯୋଡ଼ି ସୃଷ୍ଟିର କ୍ରମବିକାଶକୁ ସର୍ବଗ୍ରହଣୀୟ କରାଇ ପାରିଛନ୍ତି। ହାଲଡେନଙ୍କ ଏଭଳି ନିର୍ଯାସକୁ ପରବର୍ତ୍ତୀ ସମୟରେ କୌଣସି ଜୀବବିଜ୍ଞାନୀ ସେତେଟା ଗୁରୁତ୍ୱ ଦେଇନାହାନ୍ତି କି ଏହା ଉପରେ ଅଧିକ ଗବେଷଣା କରାଯାଇନାହିଁ। ଏହା ସ୍ୱୀକାର୍ଯ୍ୟ ଯେ ଏବେ ବି ଭାରତୀୟ ଶାସ୍ତ୍ର, ପୁରାଣକୁ କପୋଳକଳ୍ପିତ ଭାବେ ଗ୍ରହଣପୂର୍ବକ ପୂଜାପାଠର ବସ୍ତୁଭାବେ ଗ୍ରହଣ କରାଯାଇ ଆସୁଅଛି। ଧର୍ମସ୍ଥଳୀ ତଥା ପୂଜାପାର୍ବଣ ଦିନଗୁଡ଼ିକରେ ପୁରାଣ ଶାସ୍ତ୍ରକୁ ନେଇ ପ୍ରବଚନ ଓ ଆଲୋଚନା ବି ହେଉଛି। ମାତ୍ର ଏସବୁ ଆମ ପରମ୍ପରା, ଧର୍ମ, ସଂସ୍କୃତି ଓ ଆଧ୍ୟାତ୍ମିକତାର ଆବରଣ ଭିତରେ ସୀମିତ ହୋଇ ରହିଯାଉଛି। ନାଗେଶ୍ୱର ରାଓଙ୍କୁ ଅଜସ୍ର ଧନ୍ୟବାଦ ଯେ, ସେ ଭାରତୀୟ ପୁରାଣ ଶାସ୍ତ୍ରରୁ ବିଜ୍ଞାନସମ୍ମତ ପ୍ରାମାଣିକତା ଉପରେ ଗୁରୁତ୍ୱାରୋପ କରି ଏକ ନୂତନ ବିତର୍କର ମଞ୍ଚ ସୃଷ୍ଟି କରିଛନ୍ତି।

ଊନବିଂଶ ଶତାବ୍ଦୀରେ ଆଧୁନିକ ମଣିଷ ବିମାନ ନିର୍ମାଣ କରିବାକୁ ସକ୍ଷମ ହେଲା। ମାତ୍ର ହଜାର ବର୍ଷ ତଳେ ମହର୍ଷି ଭରଦ୍ୱାଜ ବିମାନ ନିର୍ମାଣ ଓ ଏହାର କାରିଗରି କୌଶଳ 'ବୈମାନିକ ଶାସ୍ତ୍ରମ୍'ରେ ୩୦୦୦ ଶ୍ଳୋକ ମାଧ୍ୟମରେ ବର୍ଣ୍ଣନା କରିଯାଇଛନ୍ତି। ପ୍ରାଚୀନ ଭାରତ କେବଳ ଧର୍ମ, ଆଧ୍ୟାତ୍ମିକ ଓ ଦର୍ଶନର ଭୂଖଣ୍ଡ ନ ଥିଲା, ବିଜ୍ଞାନ ଓ କାରିଗରି କୌଶଳରେ ବି ଉତ୍କର୍ଷ ଲାଭ କରିଥିଲା। ବହୁ ପ୍ରତିଭାସମ୍ପନ୍ନ ମୁନି, ଋଷି ଅନେକ ଶାସ୍ତ୍ର ରଚନା କରିଯାଇଛନ୍ତି, ଯାହାକି ଏସବୁର ଜୀବନ୍ତ ପ୍ରମାଣ। ଏହା ଉପରେ ଅଧିକ ବିଜ୍ଞାନସମ୍ମତ ଅଧ୍ୟୟନ ଓ ଗବେଷଣା ହୋଇପାରିଲେ ଅନେକ ଲୁକ୍କାୟିତ ଜ୍ଞାନର ପରିପ୍ରକାଶ ହେବା ସହ ସମାଜ ପାଇଁ ଉପଯୋଗୀ ହୋଇପାରନ୍ତା।

ଇ–ମେଲ୍:prakas.tripathy69@gmail.com

# 'ସୋଲୋ'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ରାଣା ଦାସଗୁପ୍ତ

ରବୀନ୍ଦ୍ରନାଥ ଟାଗୋର ଲିଟେରାରି ଆୱାର୍ଡ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ଲାଗି ପ୍ରଦାନ କରାଯାଉଛି। ଏହି ପୁରସ୍କାର ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଲିଗାସି ଭାବେ ଭାରତ ଓ ବିଶ୍ୱସ୍ତରୀୟ ସାହିତ୍ୟ, ଶିକ୍ଷା ଏବଂ ମାନବୀୟ ଚିନ୍ତା ଦିଗରେ ସେ ଜୀବନବ୍ୟାପୀ କରିଥିବା କାର୍ଯ୍ୟର ପ୍ରତିଫଳନ ବୋଲି ବିବେଚନା କରାଯାଉଛି। ମୈତ୍ରେୟ ପବ୍ଲିଶିଂ ଫାଉଣ୍ଡେଶନ ପକ୍ଷରୁ ବାର୍ଷିକ ଏହି ସମ୍ମାନ ପ୍ରଦାନ କରାଯାଉଥିବାରୁ ବିଜେତାଙ୍କ ସୃଜନଶୀଳତା ଚର୍ଚ୍ଚାକୁ ଆସିଥାଏ। ଏହି କ୍ରମରେ ଦେଖିଲେ ଚଳିତ ଥର ରାଣା ଦାସଗୁପ୍ତଙ୍କ ଉପନ୍ୟାସ 'ସୋଲୋ' ରବୀନ୍ଦ୍ରନାଥ ଟାଗୋର ଲିଟେରାରି ଆୱାର୍ଡ ପାଇଥିବାରୁ ଲେଖକଙ୍କ ବିଷୟରେ ଜାଣିବା ଲାଗି ସାହିତ୍ୟପ୍ରେମୀଙ୍କ ଆଗ୍ରହ ରହିବା ସ୍ୱାଭାବିକ। ସ୍ନେହଚ୍ୟୁତି ଓ ବସ୍ତୁବାଦୀ ଅସ୍ତିତ୍ୱର ବିଫଳତା ଉପରେ ଆଧାରିତ 'ସୋଲୋ' ହେଉଛି ରାଣାଙ୍କ ଅନନ୍ୟ ଉପନ୍ୟାସ। ୨୦୧୦ରେ ଏହା ପ୍ରକାଶଲାଭ କରିଥିଲା। ଦୀର୍ଘ ୯ ବର୍ଷ ପରେ ତାଙ୍କୁ ପୁନଶ୍ଚ ସ୍ୱୀକୃତି ମିଳିଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି।

ରାଣା ବ୍ରିଟିଶ ଜନ୍ମିତ ଭାରତୀୟ। ୫ ନଭେମ୍ବର ୧୯୭୧ରେ ସେ ଇଂଲଣ୍ଡର କାଣ୍ଟେବରିଠାରେ ଜନ୍ମଗ୍ରହଣ କରିଥିଲେ। କ୍ୟାମ୍ବ୍ରିଜରେ ବଢ଼ିଥିବା ରାଣା ଅକ୍ସଫୋର୍ଡର ବାଲିଓଲ କଲେଜରେ ଉଚ୍ଚଶିକ୍ଷା କରିଥିଲେ। ୟୁନିଭର୍ସିଟି ଅଫ୍ ୱିସ୍‌କନ୍‌ସିନ୍–ମାଡିସନ୍ ଫୁଲ୍‌ବ୍ରାଇଟ୍ ସ୍କଲାର ଭାବେ ପରିଚିତ ରାଣାଙ୍କ ସାହିତ୍ୟ ପ୍ରତି ପିଲାଟିବେଳୁ ଅନୁରାଗ ଥିବାରୁ ସେ ଲେଖିବାରେ ମନୋନିବେଶ କରିଥିଲେ। ୨୦୧୦ରେ 'ଦି ଡେଲି ଟେଲିଗ୍ରାଫ୍' ତାଙ୍କୁ ବ୍ରିଟେନ୍‌ର ୪୦ ବର୍ଷରୁ କମ୍ ଶ୍ରେଷ୍ଠ ଔପନ୍ୟାସିକ ଆଖ୍ୟା ଦେଇଥିଲା। ଏପରି କି 'ଲ ମନ୍ଦ' ୨୦୧୪ରେ ଆସନ୍ତାକାଲିର ପୃଥିବୀ ପାଇଁ ବିଶିଷ୍ଟ ୭୦ ଜଣ ବ୍ୟକ୍ତିଙ୍କ ତାଲିକାରେ ତାଙ୍କୁ ସ୍ଥାନ ଦେଇଥିଲା। କମନ୍‌ୱେଲ୍‌ଥ ପୁରସ୍କାର, ରିସ୍‌ଜାଡ୍ କାପୁସିନ୍ସ୍କି ସମେତ ବହୁ ପୁରସ୍କାର ଓ ସମ୍ମାନ ପାଇଥିବା ରାଣା ଜେସିବି ପ୍ରାଇଜ୍ ଫର୍ ଲିଟେରେଚରର ଲେଖକ ନିର୍ଦ୍ଦେଶକ ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ସାହିତ୍ୟ ଜୟଯାତ୍ରା ବିଷୟରେ ଦେଖିଲେ ପ୍ରଥମ ଉପନ୍ୟାସ 'ଟୋକିଓ କ୍ୟାନ୍‌ସଲ୍‌ଡ' ସାମ୍ନାକୁ ଆସିଥାଏ। ଏକ ବିମାନବନ୍ଦରରେ ୧୩ ଜଣ ଯାତ୍ରୀ ରାତିସାରା ଅଟକିଯିବା ପରେ ସମସ୍ତେ ଗୋଟିଏ ଲେଖାଏ କାହାଣୀ କହିଚାଲିଥିଲେ। ବିଶ୍ୱର ବିଭିନ୍ନ ସହରର ଏହି ଯାତ୍ରୀ ହୋଇଥିବାରୁ ସେମାନେ ନିଜ ନିଜ ଅଞ୍ଚଳର ପରୀ କଥା, କାଳ୍ପନିକ ଓ ସ୍ୱପ୍ନବିଳାସ ଭର୍ତ୍ତି ଗପ ବଖାଣିଥିଲେ। ଏକବିଂଶ ଶତାବ୍ଦୀର ଜୀବନକୁ ଅନ୍ୱେଷଣ କରିବା ମଧ୍ୟରେ କୋଟିପତି, ଚଳଚ୍ଚିତ୍ର ତାରକା, ଦେଶାନ୍ତରୀ ଶ୍ରମିକ, ବେଆଇନ ଅନୁପ୍ରବେଶକାରୀ ଓ ନାବିକମାନେ ଏହିସବୁ କାହାଣୀରେ ଜୀବନ୍ତ ହୋଇ ଉଠିଛନ୍ତି। ଟୋକିଓ କ୍ୟାନ୍‌ସଲ୍‌ଡରେ ଚରିତ୍ରଗୁଡ଼ିକ ସମୟର ନିଖୁଣଭାବକୁ ଦର୍ଶାଇ ପାରିଥିବାରୁ ୨୦୦୫ରେ ଜନ୍ ଲିୱେଲିନ୍ ରିଜ୍ ପ୍ରାଇଜ୍ ପାଇଁ ଚୂଡ଼ାନ୍ତ ତାଲିକାରେ ଏହି ପୁସ୍ତକ ସ୍ଥାନ ପାଇଥିଲା।

ରାଣାଙ୍କ ଦ୍ୱିତୀୟ ଉପନ୍ୟାସ 'ସୋଲୋ' ଉଭୟ ବିଂଶ ଓ ଏକବିଂଶ ଶତାବ୍ଦୀର କାହାଣୀ ଉପରେ ଆଧାରିତ ଏକ କୃତି। ଏଥିରେ ୧୦୦ ବର୍ଷୀୟ ବୁଲ୍‌ଗେରିଆ ବୃଦ୍ଧ ପାଲଟି ଯାଇଛନ୍ତି କାହାଣୀକାର। ବିଂଶ ଶତାବ୍ଦୀରେ କମ୍ ସଫଳତା ପାଇଥିବା ଏହି ବ୍ୟକ୍ତି ଏକବିଂଶ ଶତାବ୍ଦୀରେ ଐଶ୍ୱରିକ ଶକ୍ତି ହାସଲ ଲାଗି ଦେଖନ୍ତି ଦିବାସ୍ୱପ୍ନ। ପୁରୁଣା ଶତାବ୍ଦୀର ଆଦର୍ଶଗତ ପରୀକ୍ଷଣ ଶେଷ ହୋଇଯିବା ପରେ ଚମକିଲା ଭଳି ଚରିତ୍ର ତାଙ୍କ ଆଖି ଆଗକୁ ଆସିଯାଉଛି। ସେଥିରେ କଳ୍ପନାଲୋକ ବାହାରେ ଉଭୟ ରାକ୍ଷସ ଓ ଦେବଦୂତଙ୍କୁ ଦେଖିବାକୁ ମିଳିଛି। ସମୀକ୍ଷକଙ୍କ ମତରେ ବିଗତ ୧୦୦ ବର୍ଷରେ ଦେଖାଦେଇଥିବା ଭୁଲ ବାଙ୍କ ଖୋଜିବାରେ ଏକବିଂଶ ଶତାବ୍ଦୀ ଏକାକୀ ସଫଳ ହେଉଛି। ତେଣୁ ବିଶ୍ୱ ବିକାଶ ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ବସ୍ତୁକୁ ବାହାର କରିଦେଇ ନୂଆ କିଛି କରିବା ଲାଗି ସମ୍ଭବତଃ ସୋଲୋ ସାହସ କରିଥିବା ଦେଖିବାକୁ ମିଳିଛି। ସୋଲୋ ୨୦ ଭାଷାରେ ଅନୂଦିତ ହୋଇଛି। ରାଣାଙ୍କ ତୃତୀୟ ପୁସ୍ତକ 'କ୍ୟାପିଟାଲ: ଏ ପୋଟ୍ରେଟ୍ ଅଫ୍ ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରୀ ଡେଲି' ହେଉଛି ବାସ୍ତବଧର୍ମୀ କୃତି। ଏବେ ସେ 'ନେସନ୍–ଷ୍ଟେଟ୍' ମଧ୍ୟରେ ଦେଖାଦେଉଥିବା ସଙ୍କଟ ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ଲେଖନୀ ଜାରି ରଖିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କଥାରେ ଅଛି–'ରଖେ ହରି, ମାରେ କିଏ?' ଏହି ଆପ୍ତବାକ୍ୟଟି ସତ୍ୟରେ ପରିଣତ ହୋଇଛି ଜଣେ ୭ବର୍ଷର ବାଳିକା କ୍ଷେତ୍ରରେ। ତେଲେଙ୍ଗାନାର ମକଥଲ୍ ଅଞ୍ଚଳର ଏହି ବାଳିକାଟି ଦୁର୍ଘଟଣାବଶତଃ ତାଙ୍କ ପଡୋଶୀ ଘରର ଏକ ବାଥ୍‌ରୁମ୍‌ରେ ପଡ଼ିଯିବାର ୪ ଦିନ ପରେ ଉଦ୍ଧାର ହୋଇଛି। ଏପ୍ରିଲ ୨୦ରେ ବାଳିକା ଜଣକ ନିଜ ବାସଭବନକୁ ଲାଗିଥିବା ଏବଂ ତାଲା ପଡ଼ିଥିବା ପଡିଶା ଘରର ଟେରାସ୍‌ରେ ଖେଳୁଥିବା ସମୟରେ ଅଚାନକ ତଳକୁ ଖସିପଡିଥିଲା। ବାଳିକାର ମାତାପିତା ଝିଅକୁ ନ ପାଇ ନିଖୋଜ ହୋଇଯାଇଥିବା ନେଇ ପୋଲିସରେ ଅଭିଯୋଗ କରିଥିଲେ। ଏପ୍ରିଲ ୨୪ରେ ପଡୋଶୀ ଘର ଲୋକେ ଫେରିଆସି ତାଲା ଖୋଲିବା କ୍ଷଣି ଗାଧୁଆଘରେ ଝିଅଟି ଚେତାଶୂନ୍ୟ ହୋଇ ପଡିଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପରେ ଝିଅକୁ ମେଡିକାଲ ନିଆଯାଇ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ବାଳିକାଟି ବଞ୍ଚିବା ପାଇଁ ଗାଧୁଆ ଘରର ପାଣି ଉପରେ ନିର୍ଭର କରିଥିଲା ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ସେ ତଳେ ଏକ ରଶିରେ ଝୁଲୁଥିବା ଲୁଗାପଟା ଉପରେ ପଡିଯିବାରୁ ଆଘାତପ୍ରାପ୍ତ ହୋଇ ନ ଥିଲା। ଦୀର୍ଘ ୪ ଦିନ ପରେ ବନ୍ଦଘରୁ ଉଦ୍ଧାର ହୋଇ ପୁନର୍ଜୀବନ ଲାଭ କରିଥିବାରୁ ମାତାପିତା ବେଶ୍ ଖୁସି ପ୍ରକଟ କରିଛନ୍ତି।

## ଚିରନ୍ତନୀ

ଅଳପ ଦିନକୁ ଯେଣୁ ଆସିଥିଲି କହି
ବସିଥିବ ମୋ କଣ୍ଟର ଅପେକ୍ଷାରେ ରହି
ନୁଆଇଁ ମୁଖ ମଳିନ
ଗଣୁଥିବ ନିଶି ଦିନ
କି ବାରତା ଏ ପବନ ବହିନେବ ତହିଁ
ଜୀବନ ଦୋସର ଚିର ମୋର ପ୍ରାଣସହୀ।
ଶିଶୁ କଳକଣ୍ଠେ ଭରା ମୋ ଦୀନ କୁଟୀର
ମୋ ବିଚ୍ଛେଦେ ଭଜିଥିବ ବିଷାଦ ଗଭୀର,
ଦୟା ସ୍ନେହର ଆକର
ଦୁଃଖିନୀ ଜନନୀ ମୋର
ମୋ ଲାଗି କି ହେଉଥିବ କାତର ଅଧୀର,
ତୋଷିବ ତାହାକୁ ଏହି ଶୀତର ସମୀର!
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଅଁଳ କାନ୍ଧରେ ବସ୍ତାନି ବୋଝ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ଖବର ଅନୁସାରେ ଆଡ୍‌ଭୋକେଟ କନ୍ହେଇଲାଲ ଶର୍ମା ଏକ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ ପିଲାମାନଙ୍କର ବୟସ ଓ ଶରୀର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ଥିବାରୁ ପିଲାମାନଙ୍କୁ ବିଭିନ୍ନ ରୋଗ ହେଉଛି। ବାସ୍ତବରେ ଏହା ଠିକ୍ ନୁହେଁ। କାନ୍ଧ ଏବଂ ପିଠିରେ ପଡିଲେ ବରଂ ପିଲାଟି ସୁସ୍ଥ ରହିବ। ଅସୁସ୍ଥ ହେବାର ପ୍ରଶ୍ନ ଉଠୁନାହିଁ। ପିଲାଟି ଅସୁସ୍ଥ ହେବାର ଅନେକ କାରଣରୁ ପ୍ରଥମ ହେଉଛି ତା'ର ଖାଦ୍ୟ। ଏହା ମୋର ବ୍ୟକ୍ତିଗତ ମତ। ପିଲା ଯେତେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ, ଖେଳିବେ, ବୁଲିବେ, ଓଜନ ବୋହିବେ, ମାନସିକ ସହ ଶାରୀରିକ କର୍ମ କରିବେ, ସେତେ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ଘଟିବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ସାମୂହିକ ଚେଷ୍ଟାରେ ଉନ୍ନତି

ବହୁଦଳୀୟ ଶାସନ ବ୍ୟବସ୍ଥାରେ ଅନେକ ଅସୁବିଧା ହେଉଛି। ଯଦି ନିର୍ବାଚନରେ ଶାସକ ଦଳ ହାରିଗଲା ତାହାହେଲେ ନୂଆ ସରକାର/ପ୍ରଶାସନ ପୂର୍ବ ମଞ୍ଜୁର କାର୍ଯ୍ୟକୁ ଅଣଦେଖା କରୁଛନ୍ତି। ଦଳଭେଦ ଭୁଲି ନେତା ଓ ଅଧିକାରୀମାନେ ଯଦି ସାମୂହିକ ଭାବେ ଗୋଟିଏ କାର୍ଯ୍ୟ କରନ୍ତେ, ତାହାହେଲେ ଓଡିଶାର ଉନ୍ନତି ଢେର୍ ହୁଅନ୍ତା।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | D | A | 9 | | | | | 5 | | | |
| | | | 0 | E | | 3 | 8 | | | | | 2 | | |
| | | | 7 | | 6 | | A | C | 2 | 3 | | | | |
| 6 | | 7 | | | 4 | | | E | | 9 | C | | | |
| D | 1 | E | | | | | | | | B | | | | 8 |
| | 7 | 9 | | A | 3 | | 0 | D | | | | | 1 | E |
| | A | | | C | | | | | E | | 4 | | | 3 |
| | D | 3 | | 1 | | | | | | | | | | |
| | | C | 4 | | | | | | | | 8 | | | 2 |
| | | 8 | D | | | | | | 5 | | | B | | 9 |
| 1 | 8 | B | | 7 | | | | 6 | | | 3 | | C | |
| | 0 | 5 | C | | 8 | | | | | | E | | 7 | |
| 4 | | | | | | | 7 | | | | | | 0 | |
| | | A | | 4 | B | | | 1 | | C | D | | | |
| | C | | 6 | | E | | B | | | | | 9 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | C | D | 3 | 5 | 4 | 8 | 7 | E | 0 | 9 | 6 | 2 | A | B |
| E | 0 | B | 6 | 1 | 8 | 3 | C | A | 2 | 5 | D | 4 | 9 | 7 |
| 2 | 8 | 3 | D | 7 | C | 0 | 6 | 9 | 4 | B | A | 5 | E | 1 |
| 9 | 6 | 4 | 0 | E | A | 2 | 5 | B | 1 | 7 | 3 | D | 8 | C |
| 7 | 5 | A | 9 | 2 | B | D | 4 | 1 | 8 | E | C | 0 | 6 | 3 |
| 6 | B | 2 | C | 9 | 0 | A | E | 3 | 5 | D | 4 | 7 | 1 | 8 |
| 5 | 3 | 1 | 2 | 6 | E | 7 | B | 0 | C | 8 | 9 | A | 4 | D |
| 0 | 7 | C | 8 | A | D | 4 | 9 | 2 | E | 1 | B | 6 | 3 | 5 |
| D | E | 8 | 7 | 4 | 3 | 5 | 1 | C | 6 | A | 0 | B | 2 | 9 |
| 4 | A | 9 | 1 | B | 5 | 6 | D | 8 | 3 | 2 | 7 | C | 0 | E |
| B | 2 | 5 | A | C | 6 | 1 | 0 | D | 9 | 3 | E | 8 | 7 | 4 |
| C | 1 | E | 4 | 8 | 9 | B | A | 7 | D | 6 | 2 | 3 | 5 | 0 |
| 8 | 9 | 7 | E | D | 2 | C | 3 | 4 | A | 0 | 5 | 1 | B | 6 |
| A | D | 0 | 5 | 3 | 7 | 9 | 8 | 6 | B | 4 | 1 | E | C | 2 |
| 3 | 4 | 6 | B | 0 | 1 | E | 2 | 5 | 7 | C | 8 | 9 | D | A |

ଗତକାଲିର ଉତ୍ତର

## ୨୫ ବର୍ଷ ତଳର ଧରିତ୍ରୀ

### ୨୮ ଏପ୍ରିଲ ୧୯୯୪

- ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତିଙ୍କୁ ଜେଲଦଣ୍ଡ କିମ୍ବା ଜରିମାନା ଦଣ୍ଡରେ ଦଣ୍ଡିତ କରିବାକୁ ଥିବା ଭାରତୀୟ ପିଙ୍ଗଳ କୋଡ୍‌ର ୩୦୯ ଧାରାକୁ ଆଜି ସୁପ୍ରିମକୋର୍ଟ ବାତିଲ କରିଦେଇଛନ୍ତି।
- ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୀର ଆକବର ଅଲ୍ଲୀ ଖାଁଙ୍କ ପରଲୋକ।
- ଭାରତୀୟ ଶିଳ୍ପ ପୁନରୁଦ୍ଧାର ବୋର୍ଡ (ବି.ଆଇ.ଏଫ.ଆର) ଓଡିଶାରେ ଥିବା ମୁଖ୍ୟ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂସ୍ଥା ୟୁନିଟେଲକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଜାରି କଲେ।







# ଉଗ୍ରରୂପ ନେଉଛି ବାତ୍ୟା 'ଫନୀ'

ଭୁବନେଶ୍ୱର,୨୭।୪(ବ୍ୟୁରୋ)– ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଡିପ୍ରେସନ(ଅବପାତ)ରେ ପରିଣତ ହୋଇଛି। ଆସନ୍ତା ୬ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ରୂପ ଧାରଣ କରିବା ସମ୍ଭାବନା ରହିଛି। ଏହା ଘଣ୍ଟା ପ୍ରତି ୯ କିଲୋମିଟର ବେଗରେ ଗତି କରୁଛି। ଶନିବାର ରାତି ସୁଦ୍ଧା ସାମୁଦ୍ରିକ ଝଡ଼ ୧୧୫୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ଚେନ୍ନାଇ ଏବଂ ୧୩୫୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ମଛିଲିପଟ୍ଟନମ୍‌ଠାରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଶକ୍ତିଶାଳୀ ହୋଇ ବାତ୍ୟା (ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଭୟଙ୍କର ସାମୁଦ୍ରିକ ଝଡ଼(ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହେବ। ଏହାପରେ ଝଡ଼ ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବା ପରେ ପୁଣି ଏହା ଉତ୍ତର ପୂର୍ବ ଦିଗ ଦେଇ ଗତି କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୩୦ ତାରିଖ ସନ୍ଧ୍ୟା ସୁଦ୍ଧା ଉତ୍ତର ତାମିଲନାଡୁ ଉପକୂଳ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ତାମିଲନାଡୁ ଉପକୂଳ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବାତ୍ୟା ଯୋଗୁ ତାମିଲନାଡୁ ଉପକୂଳ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ଦକ୍ଷିଣ ଆନ୍ଧ୍ର ଆଡ଼କୁ ମୁହାଁଇଲେ ମେ' ୩ ତାରିଖ ରାତିରୁ ଦକ୍ଷିଣ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ବାତ୍ୟାର ଗତିପଥ ଓଡ଼ିଶା ଉପରେ ପ୍ରଭାବ ପଡିବା ନିର୍ଭର କରୁଛି। ତେବେ ଆସନ୍ତା ୩୦ ତାରିଖ ଯାଏ ରାଜ୍ୟରେ ପାଗ ଶୁଷ୍କ ରହିବା ସହ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୯ ତାରିଖ ବେଳକୁ ବାତ୍ୟାର ଗତିବିଧି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ମିଳିପାରିବ। ତେବେ ଓଡ଼ିଶା ଉପରେ ଏହାର ସେପରି କିଛି ପ୍ରଭାବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦସଙ୍କେତ ଦିଆଯାଇଛି।

# ଆସୁଛି ନୂଆ ୨୦ ଟଙ୍କିଆ ନୋଟ୍

ମୁମ୍ବାଇ,୨୭।୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବଶୀଘ୍ର ୨୦ ଟଙ୍କିଆ ନୂଆ ନୋଟ୍ ବଜାରକୁ ଛାଡ଼ିବାକୁ ଯାଉଛି। ମହାତ୍ମା ଗାନ୍ଧୀ ସିରିଜର ଏହି ନୂଆ ନୋଟ୍‌ରେ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସ୍ୱାକ୍ଷର ରହିବ। ଆର୍‌ବିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ନୂଆ ନୋଟ୍ ହାଲ୍‌କା ହଳଦିଆ–ସବୁଜ ରଙ୍ଗର ହେବ। ନୋଟ୍‌ର ପଛ ଭାଗରେ ଦେଶର ସାଂସ୍କୃତିକ ଐତିହ୍ୟର ଝଲକ ସ୍ୱରୂପ ଏଲୋରା ଗୁମ୍ଫାର ଚିତ୍ର ରହିବ। ତେବେ ସମସ୍ତ ପୁରୁଣା ୨୦ ଟଙ୍କିଆ ନୋଟ୍ ବୈଧ ରହିବ। ନୋଟ୍‌ର ମଧ୍ୟଭାଗରେ ମହାତ୍ମା ଗାନ୍ଧୀଙ୍କ ଫଟୋ ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା ରହିବ। ଏହାବ୍ୟତୀତ ଆର୍‌ବିଆଇ, ଭାରତ, ଇଣ୍ଡିଆ ଓ ୨୦ ସଂଖ୍ୟା ଲେଖାଯିବ।

# ଦଳି ମାରିଦେଲା ହାତୀ

ଭାପୁର, ୨୬।୩(ଡି.ଏନ.ଏ.)

- ଉତ୍ତେଜନା, ପାଟ୍ରୋଲିଂ ଦାବି
- ୪୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ
- ସୋଲାର ଫ୍ୟାନ୍‌ସିଂ ବ୍ୟବସ୍ଥା ପ୍ରତିଶ୍ରୁତି

ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ପୁଣିଥରେ ହାତୀ ଆତଙ୍କ ଦେଖାଦେଇଛି। କାଜୁ ତୋଳିବାକୁ ଯାଇଥିବାବେଳେ ଶନିବାର ହାତୀ ଆକ୍ରମଣରେ ଜଣଙ୍କର ଜୀବନ ଯାଇଛି। ମୃତକ ହେଲେ ଭାପୁର ଫାଣ୍ଡି ଅଧୀନ ଓସ୍ତପାଳ ଗ୍ରାମର ବେଣୁଧର ନାଏକ (୫୫)। ଏହାକୁ ନେଇ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଲାଗି ଗ୍ରାମବାସୀ ସିଧାସଳଖ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି।

ଘଟିପିରି–କଳାଙ୍ଗ ରାସ୍ତାରେ ୨ବର୍ଷ ହେଲା ହାତୀପଲ ଚଳପ୍ରଚଳ କରୁଛନ୍ତି। ଏ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ବନ ବିଭାଗ ପକ୍ଷରୁ ସତର୍କତାମୂଳକ ସୂଚନା ଫଳକ ଲଗାଯାଉନାହିଁ। ବନ କର୍ମଚାରୀ ପାଟ୍ରୋଲିଂ ମଧ୍ୟ କରୁନାହାନ୍ତି। ହାତୀ ଘଉଡ଼ାଇବା ନେଇ ପଦକ୍ଷେପ ନିଆଯାଉ ନ ଥିବାରୁ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଏବଂ ମୃତକଙ୍କ ସମ୍ପର୍କୀୟ ମୃତଦେହ ରଖି ନାରାବାଜି କରିଥିଲେ।


ଉତ୍ୟକ୍ତ ଲୋକଙ୍କୁ ବନ କର୍ମଚାରୀ ବୁଝାଶୁଝା କରୁଛନ୍ତି।

ସୂଚନାପାଇ ରେଞ୍ଜର ମନମୋହନ ଖାନ, ବନପାଳ ପୁଣ୍ୟପ୍ରକାଶ ଭୋଇ, ଯୁଗଳ ମହାନ୍ତି, ଶରତ ମଲ୍ଲ ପହଞ୍ଚି ୪୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ। ହାତୀ ଚଳପ୍ରଚଳ ରୋକିବାକୁ ରାସ୍ତା ପାର୍ଶ୍ୱରେ ସୋଲାର ଫ୍ୟାନ୍‌ସିଂ ବ୍ୟବସ୍ଥା କରାଯିବ। ଆବଶ୍ୟକ କାଗଜପତ୍ର, ବ୍ୟବଚ୍ଛେଦ ରିପୋର୍ଟ ଦାଖଲ ପରେ ମୃତକଙ୍କ ପରିବାରକୁ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ରେଞ୍ଜର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହ ଉଠିଥିଲା। ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଡ଼ିଆରୀ, ଏଏସ୍‌ଆଇ କାଳିନ୍ଦୀ ରାଉତ ସଦଳବଳ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

■ ନିର୍ବାଚନ ପୂର୍ବରୁ ଅଭାବନୀୟ ପରିସ୍ଥିତି

# ୧୭ ପୋଲିଂ ଅଧିକାରୀ ଅସୁସ୍ଥ, ୨ ଗୁରୁତର

ଜଗତ୍‌ସିଂହପୁର ଅଫିସ,୨୭।୪

ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ବୁଥ୍‌କୁ ଯିବା ପାଇଁ ଅପେକ୍ଷାରତ ପୋଲିଂ ଅଧିକାରୀଙ୍କ ମଧ୍ୟରୁ ୧୭ ଜଣ ଅସୁସ୍ଥ ହୋଇପଡିଥିଲେ। ୨ ଜଣ ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନେକ କର୍ମଚାରୀ ଆଶୁ ଚିକିତ୍ସା ପରେ ବୁଥ୍‌କୁ ଯାଇଛନ୍ତି। ପ୍ରକାଶ ଯେ, ସକାଳ ୭ରୁ ୮ଟା ଭିତରେ ପୋଲିଂ କର୍ମଚାରୀମାନେ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କୁ ବୁଥ୍‌କୁ ପଠାଯିବାରେ ବିଳମ୍ବ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଅନେକ ଅସୁସ୍ଥ ହୋଇପଡିଥିଲେ। ସେମାନେ ହେଲେ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନମଣ୍ଡଳୀର ବ୍ରଜ କିଶୋର ବାରିକ (ବୁଥ୍ ନଂ. ୧୪୭), ଅଶୋକ କୁମାର ମହାନ୍ତି (ବୁଥ୍ ନଂ. ୮୫ ଅନ୍ଧାରୀ), ପ୍ରକାଶ କୁମାର ଚୌଧୁରୀ (ବୁଥ ନଂ. ୧୨୩), ଭୃଗୁମଣୀ ଶର୍ମା (ବୁଥ ନଂ. ୨୭୭), ସନ୍ତୋଷ ପ୍ରଧାନ (ବୁଥ୍ ନଂ. ୧୨୦), ସୁବୋଧ କୁମାର (ବୁଥ ନଂ. ୧୦୮), ଶ୍ରୀକାନ୍ତ ପ୍ରସାଦ ବାରିକ, ନାଉଗାଁର ସୁବାସ ଚନ୍ଦ୍ର ଦଳାଇ (ବୁଥ ନଂ. ୧୯୪), ପାରାଦୀପର ସନାତନ ବେହେରା (ବୁଥ୍ ନଂ. ୧୨), ତିର୍ତ୍ତୋଲର ଶଙ୍କର ନାଥ ରାମ (ବୁଥ ନଂ. ୧୦୧), ଜଗତ୍‌ସିଂହପୁର ନିନିଗାଁର ସମ୍ପଦ କୁମାର ମୁଦୁଲି (ବୁଥ୍ ନଂ. ୧୨), ଚନ୍ଦ୍ରସ୍ୱାମୀ ସୁମନ୍ଥ ରାଜୁ (ବୁଥ୍ ନଂ. ୯୬), ନିରଞ୍ଜନ ଛାଟୋଇ (ବୁଥ୍ ନଂ. ୭୯) ଓ ପ୍ରଶାନ୍ତ କୁମାର ଜେନା। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜଗତ୍‌ସିଂହପୁରର ପ୍ରଶାନ୍ତ କୁମାର ଜେନା (ବୁଥ୍ ନଂ. ୧୨୫) ଗାଡ଼ିରେ ଯାଉଥିବାବେଳେ ଅସୁସ୍ଥ ହୋଇପଡିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପାରାଦୀପ ପୌର ପରିଷଦର ହେମନ୍ତ କୁମାର ମିଶ୍ର ଓ ବାଲିକୁଦା ଥାନା ଅଳାବରର ସୁରେନ୍ଦ୍ରନାଥ ବିଶ୍ୱାଳ ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।



# ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ବାହାରେ ବୁଲୁଥିବା ସନ୍ଦିଗ୍ଧ ଗିରଫ

■ ବୋଲେରୋରେ ଆସିଥିବା ୫ଜଣଙ୍କ ମଧ୍ୟରୁ ୪ ଚମ୍ପଟ
■ ଟାମ୍ପରିଂ ଉଦ୍ୟମ ସନ୍ଦେହ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଭାଜପା କର୍ମୀ


ଗିରଫ ଆଶା ପ୍ରଦୀପ ମହାନ୍ତି

କେନ୍ଦୁଝର (ଡି.ଏନ୍.ଏ./ସ୍ୱ.ପ୍ର.)/ ଭୁବନେଶ୍ୱର (ବ୍ୟୁରୋ), ୨୭।୪

ତୃତୀୟ ପର୍ଯ୍ୟାୟ ଭୋଟ ପରେ କେନ୍ଦୁଝର ସହରସ୍ଥିତ ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ମେସିନ ରଖାଯାଇଛି। ଶୁକ୍ରବାର ମଧ୍ୟରାତିରେ ଏକ ବୋଲେରୋରେ ପ୍ରାୟ ୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ଆସି ଷ୍ଟ୍ରଙ୍ଗରୁମ୍ ବାହାରେ ବୁଲୁଥିଲେ। ଏ ସମ୍ପର୍କରେ ସୂଚନା ପାଇ ଭାଜପା କର୍ମୀମାନେ ଆସି ଜଣଙ୍କୁ କାବୁ କରି ନେଇଥିଲେ। ଅନ୍ୟ ୪ଜଣ ସନ୍ଦିଗ୍ଧ ବ୍ୟକ୍ତି ବୋଲେରୋ ଛାଡ଼ି ଚମ୍ପଟ ମାରିଥିଲେ। ଭାଜପା କର୍ମୀମାନେ କାବୁ କରିନେଇଥିବା ସନ୍ଦିଗ୍ଧ ବ୍ୟକ୍ତି ଜଣେ ସଫ୍ଟୱେୟାର ଇଞ୍ଜିନିୟର ବୋଲି ଜଣାପଡ଼ିବାପରେ ସେମାନେ ଇଭିଏମ୍ ଟାମ୍ପରିଂ କରିବାକୁ ଆସିଥିଲେ ବୋଲି ସନ୍ଦେହ କରାଯାଇଥିଲା। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାଜପା କର୍ମୀ କାବୁ କରିଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ତାଙ୍କୁ ଗିରଫ କରାଯାଇଛି। ଏହି ସନ୍ଦିଗ୍ଧ ଯୁବକମାନେ ଆଣିଥିବା ବୋଲୋରୋ (ଓଆର୍‌୦୯-ଜେ-୮୭୭୭) ଗାଡ଼ିକୁ ଜବତ କରାଯାଇଛି। ଶନିବାର ଭାଜପା କର୍ମୀମାନେ ଇଭିଏମ୍ ରହୁଥିବା ଷ୍ଟ୍ରଙ୍ଗ ରୁମ୍‌ରେ କଡା ସୁରକ୍ଷା ବ୍ୟବସ୍ଥା କରାଯିବା ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଧାରଣାରତ ଭାଜପା ନେତା ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଷ୍ଟ୍ରଙ୍ଗ ରୁମ୍‌ରେ ଅଧିକ ସିସିଟିଭି ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଜିଲାପାଳ ଆଶିଷ ଠାକ୍‌ରେ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ସୋମନାଥ ଜେନାଙ୍କୁ ପଚାରିବାରୁ କହିଛନ୍ତି ଗିରଫ ବ୍ୟକ୍ତିଙ୍କ ନାମ ଆଶା ପ୍ରଦୀପ ମହାନ୍ତି। ଜବତ ହୋଇଥିବା ବୋଲେରୋ ବଡ଼ବିଲ ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ଗିରଫ ବ୍ୟକ୍ତିଙ୍କୁ ଜେରା କରାଯିବା ସାଙ୍ଗକୁ ଅଧିକ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି, ଷ୍ଟ୍ରଙ୍ଗରୁମ ନିକଟରେ ଗୋଟିଏ ପ୍ଲାଟୁନ ସିଏପିଏଫ୍‌ଙ୍କୁ ଭୋଟ ଗଣତି ଶେଷଯାଏ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଭିଏମ୍ ଓ ଭିଭିପିଏଟି ଏବଂ କଣ୍ଟ୍ରୋଲ ୟୁନିଟ୍‌ରେ କୌଣସି ଟ୍ରାନ୍ସମିଟର କିମ୍ବା ରିସିଭର ନାହିଁ ବୋଲି ସିଇଓ ସ୍ପଷ୍ଟ କରିଛନ୍ତି। ସେହି ମେଶିନ ସହିତ କୌଣସି ପ୍ରକାରେ କିଛି ବି ସଂଯୋଗ କରାଯାଇ ପାରିବ ନାହିଁ। ମେଶିନଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ କଣ୍ଟ୍ରୋଲ ରୁମ୍‌ରେ ରହିଛି। ସେଠାରେ ଥିବା ଗେଷ୍ଟ ହାଉସ୍‌ରେ ରହୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧି ଆଇନର ୧୫୦ ଧାରା ଅନୁଯାୟୀ ଲୋକମାନଙ୍କ ମନରେ ଯେପରି ସନ୍ଦେହ ଜାତ ନ ହେବ, ସେଥିପାଇଁ ଷ୍ଟ୍ରଙ୍ଗରୁମ ନିକଟରେ ଯେପରି କେହି ଯାତାୟାତ ନ କରିବେ, ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ୨ ଅଧିକାରୀଙ୍କୁ ନିଲମ୍ବନ ସୁପାରିସ

ଇଭିଏମ୍ ମେଶିନ ଥିବା ଷ୍ଟ୍ରଙ୍ଗ ରୁମ୍ ସାମ୍ନାରୁ ସନ୍ଦିଗ୍ଧ ବ୍ୟକ୍ତି ଧରାପଡ଼ିବା ଘଟଣା ପରେ କେନ୍ଦୁଝର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଶିଷ ଠାକ୍‌ରେ ସୁରକ୍ଷା ବ୍ୟବସ୍ଥା ଠିକ୍ ନଥିବା ଦର୍ଶାଇ ଦାୟିତ୍ୱରେ ଥିବା ୨ ଅଧିକାରୀଙ୍କୁ ନିଲମ୍ବନ କରିବାପାଇଁ ସୁପାରିସ କରିଛନ୍ତି। ପ୍ରିଜାଇଡିଂ ଅଫିସର ସୁରେଶ ଚନ୍ଦ୍ର ନାୟକ ଏବଂ ପୋଲିଂ ଅଫିସର ଯୁଧିଷ୍ଠିର ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସୁପାରିସରେ ଦର୍ଶାଯାଇଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରଚାରରେ....

ପରଲୋକ ହୋଇଥିଲା। ତେଣୁ ସିଇଓଙ୍କ ଦ୍ୱାରା ସେହି ଆସନ ଲାଗି ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ଆସନ୍ତା ମେ'୧୯ରେ ସେଠାରେ ଭୋଟ ଗ୍ରହଣ ନେଇ ନିକଟରେ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଛି। ୮ଟି ଜିଲାରେ ହେଉଥିବା ଏହି ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ରାଜ୍ୟ ଏବଂ ଜିଲା ମୁଖ୍ୟାଳୟରୁ ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ବାହାରିଛନ୍ତି। ୨୦୦୪ରୁ ରାଜ୍ୟରେ ଏକସଙ୍ଗେ ବିଧାୟକ ଓ ଏମ୍‌ପି ଚୟନ ପାଇଁ ନିର୍ବାଚନ ହୋଇଆସୁଛି।

ଚତୁର୍ଥ ପର୍ଯ୍ୟାୟର ୬ଟି ଲୋକ ସଭା କ୍ଷେତ୍ରରେ ବିଜେଡି ଗତଥର ଉତ୍ତମ ବ୍ୟବଧାନରେ ବିଜୟୀ ହୋଇଥିଲା। ହେଲେ ଚଳିତଥର ରାଜନୈତିକସ୍ଥିତିରେ ପରିବର୍ତ୍ତନ ଆସିଛି। ପ୍ରାୟ ସବୁ ସ୍ଥାନରେ ଭାଜପା ପ୍ରାର୍ଥୀ ବିଜେଡିକୁ କଡ଼ା ଟକ୍କର ଦେଉଛନ୍ତି। ଏହି ପର୍ଯ୍ୟାୟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଆସନରେ ଭୋଟ ଗ୍ରହଣ ହେବ। ତନ୍ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ନେଇ ଭୋଟରଙ୍କ ମହଲରେ ଅଧିକ ଉତ୍କଣ୍ଠା ପ୍ରକାଶ ପାଇଛି। ପୂର୍ବରୁ ଦୁଇଥର ଏହି ଆସନରୁ ବିଜେଡି ଟିକେଟରେ ବିଜୟୀ ହୋଇଥିବା ବୈଜୟନ୍ତ ପଣ୍ଡା ଏଥର ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ଶାସକ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ମଇଦାନରେ ୩ ହେଭିୱେଟ୍ ଥିଲେ ବି ମୁଖ୍ୟ ଲଢ଼େଇ ବୈଜୟନ୍ତ ଏବଂ ଅନୁଭବଙ୍କ ମଧ୍ୟରେ ହେବ ବୋଲି କୁହାଯାଉଛି। ମୟୂରଭଞ୍ଜ ଆସନରେ ମଧ୍ୟ ବିଜେଡି-ଭାଜପା-ଜେଏମ୍ଏମ୍ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜିଲାରେ ଭାଜପା ଆଶାତୀତ ସଫଳତା ଲାଭ କରିଥିଲା। ତେଣୁ ଏହି ଆସନ ହାତେଇବାକୁ ଭାଜପା ଓ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଏଠାରେ ଡ. ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ଭାଜପା ବିଶ୍ୱେଶ୍ୱର ଟୁଡୁଙ୍କୁ ଟିକେଟ୍ ଦେଇଛି। ଅପରପକ୍ଷରେ କଂଗ୍ରେସ-ଜେଏମ୍ଏମ୍ ପକ୍ଷରୁ ଅଞ୍ଜଳି ସୋରେନ୍‌ଙ୍କୁ ପ୍ରାର୍ଥୀ କରାଯାଇଛି। ବାଲେଶ୍ୱରରେ ବିଜେଡି ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କ ସହ ଭାଜପାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ ନିର୍ବାଚନ ଲଢୁଛନ୍ତି। ଏହି ଆସନରୁ ପିସିସି ସଭାପତିଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ମଧ୍ୟ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ଭଦ୍ରକ ଲୋକ ସଭା ଆସନରେ ଭାଜପା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷରେ ବିଜେଡି ପକ୍ଷରୁ ନବାଗତା ମଞ୍ଜୁଲତା ମଣ୍ଡଳ ଏବଂ କଂଗ୍ରେସ ପକ୍ଷରୁ ମଧୁସ୍ମିତା ସେଠୀ ପ୍ରାର୍ଥୀ ହୋଇଛନ୍ତି।

ଅନୁରୂପ ଭାବେ ଏହି ପର୍ଯ୍ୟାୟରେ ଶାସକ ବିଜେଡି, ବିରୋଧୀ କଂଗ୍ରେସ ଏବଂ ଭାଜପାର ବହୁ ହେଭିୱେଟ୍ ବିଧାନସଭା ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି, ମନ୍ତ୍ରୀ ତଥା ବିଜେଡି ନେତା ଶଶିଭୂଷଣ ବେହେରା, ଅନନ୍ତ ଦାସ, ପ୍ରଫୁଲ୍ଲ ସାମଲ, ପ୍ରତାପ ଜେନା, ଯୋଜନା କମିଟି ଉପାଧ୍ୟକ୍ଷ ବିଷ୍ଣୁ ଦାସ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଏବଂ ସରୋଜିନୀ ହେମ୍ବ୍ରମ୍ ପ୍ରମୁଖ। ସେହିପରି କଂଗ୍ରେସରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଉପସଭାପତି ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସ ବିଧାୟକ ଦଳ ଉପନେତା ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା ଏବଂ ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକ। ଅପରପକ୍ଷରେ ଭାଜପାରୁ ବିଧାୟକ ପ୍ରକାଶ ବେହେରା, ଗୋବିନ୍ଦ ଦାସ, ସୁକାନ୍ତ ପ୍ରଧାନ, ଦାମୋଦର ରାଉତ, ପ୍ରଭାତୀ ପରିଡ଼ା, ରଘୁନାଥ ମହାନ୍ତି, ଗୌତମ ରାୟ, ଅମର ନାୟକ ଓ ବିଶ୍ୱରଞ୍ଜନ ମଲିକ ରହିଛନ୍ତି।

### ଭ୍ରଷ୍ଟାଚାରୀ...

କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ହେବା ଏହାର ନମୁନା। ଏଭଳି ଭ୍ରଷ୍ଟାଚାରୀ ସରକାରକୁ ନିର୍ବାଚନରେ ଲୋକେ ଉଚିତ ଜବାବ ଦେଇ ଉପାଡ଼ି ଫିଙ୍ଗିଦେବା ଦରକାର। ଓଡ଼ିଆ ନ ଜାଣିଥିବା ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦରକାର ନାହିଁ। ଏକ ମଜବୁତ ହାତ ଦରକାର। ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ୯୦ ଦିନ ମଧ୍ୟରେ ଚିଟଫଣ୍ଡ ଟଙ୍କା ହଡପ କରିଥିବା ନେତା ତଥା ଠକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜମାକାରୀଙ୍କୁ ଅର୍ଥଫେରସ୍ତ ମିଳିବ ବୋଲି ଶାହ କହିଛନ୍ତି। ଏହାସହ ସେ ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ସଭାରେ ବର୍ଷିଛନ୍ତି।

ଭାଜପା ମୁଖ୍ୟ ଶାହ ଶନିବାର ଅପରାହ୍ନ ୧ ଟା ୧୦ ମିନିଟରେ ହେଲିକପ୍ଟର ଯୋଗେ ଆସି ମୋରଡା ପାଟପୁର ସଭାସ୍ଥଳରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ। ସେ ସଭାସ୍ଥଳକୁ ଯାଇ ଭାରତ ମାତାକୀ ଜୟ କହି ଅଭିଭାଷଣ ଆରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଭଳି ଲୋକପ୍ରିୟ ଯୋଜନାକୁ ବିଜେଡି ସରକାର କାର୍ଯ୍ୟକାରୀ କରାଇ ନ ଦେବା ଘଟଣାକୁ ସମାଲୋଚନା କରିଥିଲେ। ଆୟୁଷ୍ମାନ ଯୋଜନାରେ ଦେଶରେ ଅଦ୍ୟାବଧି ୨୩ ଲକ୍ଷ ଗରିବ ଲୋକ ଉପକୃତ ହୋଇଛନ୍ତି। ଭାଜପା କ୍ଷମତାକୁ ଆସିଲେ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସେମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ମିଳିବ। ଜଳସେଚନ ପାଇଁ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆଦିବାସୀଙ୍କୁ ଜମିପଟ୍ଟା ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବ। ଏଥିସହ ହୋ ଏବଂ ମୁଣ୍ଡାରି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଭାଷଣ ପ୍ରସଙ୍ଗରେ ଶାହ କହିଥିଲେ, ଭାରତ ପୁଲୱାମା ଆକ୍ରମଣର ପ୍ରତିଶୋଧ ବାଲାକୋଟରେ ନେଇଛି। ରାହୁଲ ଗାନ୍ଧୀ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଆକ୍ରମଣରେ ମରିଥିବା ଆତଙ୍କବାଦୀମାନେ କ'ଣ ରାହୁଲଙ୍କ ସମ୍ପର୍କୀୟ କି ବୋଲି ସେ ପ୍ରଶ୍ନ କରିଥିଲେ।

ମୟୂରଭଞ୍ଜର ଐତିହ୍ୟ ଓ ସଂସ୍କୃତିକୁ ମହାନ ବୋଲି ଉଲ୍ଲେଖ କରି ଶାହ ତାଙ୍କ ବକ୍ତବ୍ୟରେ ଦଳର ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତିକୁ ଦୋହରାଇଥିଲେ। ହେଲେ ମୟୂରଭଞ୍ଜ ବାସୀଙ୍କ ପାଇଁ ସେଭଳି କିଛି ନୂଆ ପ୍ରତିଶ୍ରୁତି ଦେଇ ନ ଥିଲେ। ମୋରଡା ନିର୍ବାଚନ ମଣ୍ଡଳୀରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପର ପୁନରୁଦ୍ଧାର, ଶୁଳିଆପଦା ଠାରେ କାଗଜ କଳ ଏବଂ ସବାଇ ଘାସ ପ୍ରୋସେସିଂ ୟୁନିଟ ସ୍ଥାପନ ପାଇଁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲେ ମଧ୍ୟ ସେନେଇ ଶାହ ମୁହଁ ଖୋଲି ନ ଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁ, ମୋରଡା ବିଧାୟକ ପ୍ରାର୍ଥୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ସୁଗୁଦା ମୁର୍ମୁ, ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ, ପ୍ରଚାର କମିଟି ଅଧ୍ୟକ୍ଷ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଡ. ଲେଖାଶ୍ରୀ ସାମନ୍ତରାୟ, ଛୋଟେଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶାହଙ୍କ ଗସ୍ତ ପ୍ରଭାବ ପକାଇବ ନାହିଁ- ବିଜେଡି

ବାରିପଦା ଅଫିସ, ୨୭।୪- ମୟୂରଭଞ୍ଜ ଜିଲାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷଦିନରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଆଣି ଭାଜପା ମୋରଡ଼ାରେ ପ୍ରଚାର ସଭା ଆୟୋଜନ କରିବା ଏଠାରେ ଚର୍ଚ୍ଚାକୁ ଆସିଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲାକୁ ଦୁଇଦିନିଆ ଗସ୍ତରେ ଆସି ପ୍ରଚାର କରିବା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଥିଲା। ମୋରଡ଼ା ନିର୍ବାଚନମଣ୍ଡଳୀରେ ଗତ ୨ଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଭାଜପା ଏହାକୁ ଶେଷ ଟାର୍ଗେଟ କରିଥିବା ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଶାହଙ୍କ ଗସ୍ତ ଏଠାରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ। ପୂର୍ବାପେକ୍ଷା ବିଜେଡିର ସ୍ଥିତି ଭଲ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପତର ମଧ୍ୟରେ ସାର**
**କଦଳୀ ପତର ଅତି ଓସାର**
**ପୁଅ କଥାଟି ହୃଦରେ ଗାର ।**

କଦଳୀ ପତ୍ର ଅଧିକ ଓସାରିଆ। ସବୁ ପତ୍ର ମଧ୍ୟରେ ଏହା ଶ୍ରେଷ୍ଠ। ସେହିପରି ପୁତ୍ରକୁ ସମସ୍ତେ ଅଧିକ ସ୍ନେହ ଆଦର କରିଥାନ୍ତି। ଆପଣାର କରିବା ସହ ଆଦର ଯତ୍ନରେ ବଢ଼ାଇଥାନ୍ତି, ମୁଣ୍ଡରେ ବସାଇଥାନ୍ତି। ପୁତ୍ର ପ୍ରତି ଅଧିକ ସ୍ନେହ ମମତା ଭରି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପଞ୍ଚୁ ଗୋବରୀ ଯେତେ ପିଇବ**
**ଭିତରେ ପାପ ପାହୁଁ ଛାଡ଼ିବ ?**

ପାପ କଲେ ଫଳ ଭୋଗିବା ଅବଶ୍ୟମ୍ଭାବୀ। ଯେତେ ଗୋବର ପାଣି ପିଇ ପ୍ରାୟଶ୍ଚିତ୍ତ କଲେ ମଧ୍ୟ ଦେହରୁ ପାପ କେବେ ଧୋଇ ହୋଇ ନ ଥାଏ ବା ଛାଡ଼ି ନ ଥାଏ। ମଣିଷ ନିଜ କୃତକର୍ମର ଫଳ ଭୋଗିବାକୁ ବାଧ୍ୟ। ଯିଏ ଯେମିତି କର୍ମ କରିଥାଏ ସେ ସେମିତି ଫଳ ଭୋଗିଥାଏ। ଖରାପ ବା ପାପକର୍ମ କଲେ ତା'ର ଫଳ ଭୋଗିବାକୁ ପଡ଼ିଥାଏ। ଯେତେ ଚେଷ୍ଟା କଲେ ଏହାକୁ କାଟିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## ପ୍ରଦୀପ ମହାରଥୀଙ୍କୁ ସର୍ତ୍ତମୂଳକ ଜାମିନ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ନିର୍ବାଚନ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ଓ ତାଙ୍କ ଟିମ୍‌କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ବିଧାୟକ ତଥା ପିପିଲି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କୁ ମିଳିଲା ଜାମିନ। ଶନିବାର ଶୁଣାଣିବେଳେ ସ୍ୱତନ୍ତ୍ର ପ୍ରାଧିକୃତ କୋର୍ଟର ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ମହାରଥୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୫୦ ହଜାର ଟଙ୍କାର ଦୁଇ ଜାମିନଦାର ଓ କେତେକ ସର୍ତ୍ତ ବଦଳରେ ତାଙ୍କୁ ଏହି ଜାମିନ ମିଳିଛି। ସେ ପୋଲିସକୁ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ଧମକାଇବା ବା ପ୍ରଭାବିତ କରିବେ ନାହିଁ ବୋଲି ମୁଖ୍ୟ ସର୍ତ୍ତ ରହିଛି। ତେବେ ମାଜିଷ୍ଟ୍ରେଟ୍‌ଙ୍କୁ ମାଡ଼ ମାରିବା ଭଳି ସଙ୍ଗିନ ମାମଲାରେ ଜାମିନ ମିଳିବା ସହଜ ନୁହେଁ। ମାତ୍ର ଅଭିଯୋଗକାରୀ ବୟାନ ବଦଳାଇବାରୁ ଶୀଘ୍ର ଜାମିନ ମିଳିଗଲା ବୋଲି ସରକାରୀ ଓକିଲ କହିଛନ୍ତି। ସୂଚନା ମୁତାବକ, ମହାରଥୀଙ୍କ ଘର ନିକଟ ଫାର୍ମ ହାଉସ୍‌ରେ ମଦ ଓ ଟଙ୍କା ବଣ୍ଟାଯିବା ନେଇ ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍ଏସ୍‌ଟି) ଅଧିକାରୀମାନେ ୨୧ ତାରିଖ ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ମହାରଥୀ ଓ ତାଙ୍କ ସମର୍ଥକମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଏଏସ୍ଆଇ ବିନୟ କୁମାର ଦାସ ଓ ଡ୍ରାଇଭର ଦୀପକ ଆହତ ହୋଇଥିଲେ। ମାଜିଷ୍ଟ୍ରେଟ୍ ପାତ୍ରଙ୍କ ଅଭିଯୋଗକ୍ରମେ ପିପିଲି ଥାନା ପୋଲିସ ମାମଲା ରୁଜୁ କରିବା ସହ ପରଦିନ ଅର୍ଥାତ୍ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପିପିଲି ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ମହାରଥୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। କୋର୍ଟଙ୍କ ଅନୁମତିକ୍ରମେ ତାଙ୍କୁ ଭୁବନେଶ୍ୱର ସ୍ପେଶାଲ କୋର୍ଟକୁ ଚାଲାଣ କରାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ଜାମିନ ଆବେଦନକୁ ଖାରଜ କରି ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦେଇଥିଲେ। ମାତ୍ର ଅସୁସ୍ଥତା କାରଣରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି।


**ପୂର୍ବ ତଟ ରେଳପଥ**
**ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-04, ତା.22.04.2019ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ରେଙ୍ଗାଲି, ବଡ଼ମାଳ ଏବଂ ଥେରୁବାଲି ଷ୍ଟେସନଗୁଡ଼ିକ ଠାରେ ସିମେନ୍ସ (SIEMENS) ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 61,40,763/-, **EMD (ଟଙ୍କାରେ) :** 1,22,800/-, **ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) :** 5,900/-।
**ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା.16.05.2019 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାଯାଇ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର)
PR-49/K/19-20 ସମ୍ବଲପୁର

**CLASSIFIED DISPLAY**
**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**ଋଣ**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
**ଗଣପତି ଫାଇନାନ୍ସ**
ମାର୍କସିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

**!!ଋଣ ଋଣ ଋଣ!!**
**ଗୁରୁ କୃପା ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କସିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

**INDUS FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କସିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ। ଠକଙ୍କ ପ୍ରତି ସାବଧାନ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ASTROLOGY

**ଋଣ**
**ମହାଲକ୍ଷ୍ମୀ ଫାଇନାନ୍ସ**
ଏଜୁକେଶନ୍, ମାର୍କସିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାରଃ ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
**CAPITAL FINANCE PVT. LTD.**
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ମହୁମାଛି ଚାଷ**
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗଃ
8763499150
OMM HONEY

**SMS JOB**
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନାଃ**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଘରକୁ ଥଣ୍ଡା ରଖିବାର କିଛି ଉପାୟ

**ଖରାଦିନେ ଘରକୁ ଥଣ୍ଡା ରଖିବା ନିହାତି ଜରୁରୀ। ସେଥିପାଇଁ କେତୋଟି ଟିପ୍ସ...**

- ଘରର ପରଦା ପରିବର୍ତ୍ତନ କରନ୍ତୁ। ଧଳା ରଙ୍ଗର ପରଦା, ଫର୍ଣ୍ଣିଚରରେ ଧଳା କପଡା ବ୍ୟବହାର କରନ୍ତୁ।
- ଗରମ ଦାଉରୁ ରକ୍ଷା ପାଇବା ଲାଗି ଘରେ ଏସି ଲଗାଇ ପାରିବେ। ଏସି କ୍ରୟ ବେଳେ ଭଲ ରେଟିଂ ତଥା ଶକ୍ତିସଞ୍ଚୟକାରୀ, ସଦ୍ୟତମ ଟେକ୍ନୋଲୋଜି ମଡେଲ ଚୟନ କରନ୍ତୁ।



- ଘର ଛାତକୁ ପେଣ୍ଟ କରିପାରିବେ। ଛାତର ରଙ୍ଗ ଧଳା ହେଲେ ଭଲ।
- ଘର ଭିତରକୁ ହାଲକା ରଙ୍ଗର ପେଣ୍ଟିଂ କରିପାରିବେ। ସବୁଜ ରଙ୍ଗ ହେଲେ ଭଲ।
- ୱିଣ୍ଡୋ ଫ୍ୟାନ ଲଗାନ୍ତୁ। ଗରମ ପବନ ଯିବାଲାଗି ଘରର ବୀପରିତ ପଟ ଝରକା ଖୋଲା ରଖନ୍ତୁ।
- ଗରମ ଦାଉରୁ ରକ୍ଷା ପାଇବା ଲାଗି ଗଛ ଲଗାନ୍ତୁ।
- ଘର ଭିତରକୁ ସିଧାସଳଖ ସୂର୍ଯ୍ୟ କିରଣ ପଡୁଥିଲେ ଏହା ଉତ୍ତାପ ସୃଷ୍ଟି କରିଥାଏ। ଏହା ଯେଭଳି ନ ଆସିବ ତାକୁ ଦେଖନ୍ତୁ।
- ବ୍ୟବହାର ହେଉ ନ ଥିଲେ ଲାଇଟ ବନ୍ଦ କରି ଦିଅନ୍ତୁ। ଘର ଭିତରକୁ ବାହାରର ଉତ୍ତାପ ଯେଭଳି ନ ଆସି ପାରିବ ସେଥିଲାଗି ଘର କବାଟ ବନ୍ଦ ରଖନ୍ତୁ।

## ଷ୍ଟାର ରେଟିଂ ଦେଖିବା ଜରୁରୀ....

ଇଲେକଟ୍ରିକାଲ ଆପ୍ଲାଏନ୍ସ କ୍ରୟ ବେଳେ ପ୍ରଡକ୍ଟ ଉପରେ କେତେ ଷ୍ଟାର ରେଟିଂ ରହିଛି ତାକୁ ଚେକ୍ କରନ୍ତୁ। ଏହା ହେଉଛି ସେହି ରେଟିଂ ଯାହା ବିଦ୍ୟୁତ ବିଲ୍‌କୁ ହ୍ରାସ କରିଥାଏ। ଷ୍ଟାର ରେଟିଂ ଗୋଟିଏ ଆପ୍ଲାଏନ୍ସର ଶକ୍ତି ସଞ୍ଚୟକାରୀ କ୍ଷମତାକୁ ନିର୍ଦ୍ଧାରଣ କରିଥାଏ। ଏହାକୁ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି(ବିଇଇ) ପକ୍ଷରୁ ଆରମ୍ଭ କରାଯାଇଛି। ୨୦୧୦ ପରଠାରୁ ଷ୍ଟାର ରେଟିଂକୁ ରେଫ୍ରିଜରେଟର, ଏସି, ଟ୍ୟୁବ ଲାଇଟ, ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫରମର ଏବଂ ଟ୍ୟୁବ୍‌ଲାଇଟ କ୍ଷେତ୍ରରେ ସରକାର




ବାଧ୍ୟତାମୂଳକ କରିଛନ୍ତି। ଗୋଟିଏ ଏସିର ଶକ୍ତି ସଞ୍ଚୟକାରୀ କ୍ଷମତା ମୁଖ୍ୟତ ଦୁଇ ଉପାଦାନ ଉପରେ ନିର୍ଭର କରିଥାଏ । ସେଗୁଡିକ ହେଲା–

★ଶୀତଳିକରଣ କ୍ଷମତା (କୁଲିଂ କାପାସିଟି ୱାଟରେ)
★ଶକ୍ତି ଉପଯୋଗ କ୍ଷମତା (ୱାଟରେ)


ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ନନ୍ଦନକାନନରେ ଏକ ହାତୀ ପାଣିରେ ଗାଧୋଉଛି।

**ଗରମ ଦିନ ଆସିଲେ ମନୁଷ୍ୟଙ୍କ ସମେତ ପଶୁପକ୍ଷୀ ଅସ୍ତବ୍ୟସ୍ତ ହୋଇ ପଡନ୍ତି। ଏଥିରୁ ଆଶ୍ୱସ୍ତି ପାଇବା ପାଇଁ ଥଣ୍ଡା ପରିବେଶ ଆବଶ୍ୟକତା ପଡିଥାଏ। ଏଥି ପାଇଁ ପଶୁପକ୍ଷୀ ଥଣ୍ଡା ପରିବେଶ ଉପରେ ନିର୍ଭର କରିଥାନ୍ତି। ଗୋଟିଏ ସମୟରେ ଲୋକମାନେ ପ୍ରାକୃତିକ ପବନ ଏବଂ ହାତପଙ୍ଖା ପରେ ନିର୍ଭର କରୁଥିଲେ। ଏବେ ସେ ସବୁର ସ୍ଥାନ ବୈଦ୍ୟୁତିକ ସରଞ୍ଜାମ ନେଇଥିବା ଦେଖିବାକୁ ମିଳୁଛି। ନୂଆ ନୂଆ ଟେକ୍ନୋଲୋଜି ସଂକ୍ରାନ୍ତ ସାମଗ୍ରୀ ପ୍ରଥମେ କେବଳ ବିକଶିତ ଦେଶର ଧନୀମାନଙ୍କ ନିକଟରେ ରହୁଥିଲା। ଲୋକଙ୍କ ଆୟରେ ବୃଦ୍ଧି ଘଟିବା ତଥା ଏବଂ ବ୍ୟବହାରବାଦ ଯୋଗୁ ଏସବୁ ସାମଗ୍ରୀ ଏବେ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ଲୋକଙ୍କ ନିକଟରେ ସୀମିତ ହୋଇ ରହି ନାହିଁ। ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ଦେଶରେ ଲୋକମାନେ ଏବେ ଘରଠାରୁ ଆରମ୍ଭ କରି ସ୍କୁଲ, କଲେଜ, ଅଫିସ, ଦୋକାନ ବଜାର ଏବଂ ଗାଡି ଆଦିରେ ବିଭିନ୍ନ କୁଲିଂ ପ୍ରଡକ୍ଟ ଯଥା ଏୟାର କଣ୍ଡିସନର(ଏସି), ରେଫ୍ରିଜରେଟର, ୱାଟର କୁଲର ଇତ୍ୟାଦି ବ୍ୟବହାର କରୁଛନ୍ତି। ଏସବୁ ସାମଗ୍ରୀ ଏବେ ସହରରୁ ଗାଁ ମୁହାଁ ହେବାରେ ଲାଗିଛି। ଧରିତ୍ରୀ ପକ୍ଷରୁ ଏ ନେଇ ସ୍ୱତନ୍ତ୍ର ଫର୍ଦ୍ଦ 'ଗରମରୁ ଆରାମ'...**

# ଏସି କିଣୁଥିଲେ...

★ଏସି ଯୋଗୁ ସାଧାରଣତଃ ମାସରେ ଅଧିକ ଇଲେକ୍ଟ୍ରିସିଟି ବିଲ୍ ଆସିଥାଏ। କମ୍ ବିଦ୍ୟୁତ ଶକ୍ତିରେ ଏସି ଚାଲୁଥିଲେ ଲାଭ ପ୍ରଦାନ କରିଥାଏ। ଉଚ୍ଚ ଷ୍ଟାର ଯୁକ୍ତ ଏସି କ୍ରୟ କରି ପାରିବେ। ଏସି ସାଧାରଣତଃ ୧ରୁ ୫ ଷ୍ଟାର ମଧ୍ୟରେ ଆସୁଛି। ୫ ଷ୍ଟାର ଏସି ୩ ଷ୍ଟାରଠାରୁ ଅଧିକ ଶକ୍ତି ସଞ୍ଚୟକାରୀ।

★ରୁମ୍‌କୁ ଥଣ୍ଡା କରିବା ଲାଗି ଏସିର କ୍ଷମତା ପର୍ଯ୍ୟାପ୍ତ କି ନା ଦେଖନ୍ତୁ। ୧୦୦ରୁ ୧୨୦ ବର୍ଗଫୁଟ ରୁମ୍ ପାଇଁ ୧ ଟନ୍ ବିଶିଷ୍ଟ ଏସି ସାଧାରଣତଃ ଫିଟ୍ ହୋଇଥାଏ। ୧୭୫ ବର୍ଗଫୁଟ ଲାଗି ୧.୫ ଟନ୍‌ର ଏସି ଉପଯୁକ୍ତ ରହିବ। ଠିକ୍ ସାଇଜର ଏସି କିଣିଲେ ଶକ୍ତି ସଞ୍ଚୟରେ ଏହା ସହାୟକ ହୁଏ।

★ଏସି କ୍ରୟ ବେଳେ ଗୁଣବତ୍ତାକୁ ଦେଖିବା ଆବଶ୍ୟକ। ସବୁ ବେଳେ ବିଜ୍ଞାପନକୁ ଦେଖି ପ୍ରଡକ୍ଟ କିଣିବା ପରିବର୍ତ୍ତେ ସେଥିରେ କେଉଁ ଉପାଦାନ ରହିଛି ସେ ବିଷୟରେ ଅବଗତ ହୁଅନ୍ତୁ। ଏସିରେ କେଉଁ କଏଲ ବ୍ୟବହାର ହୋଇଛି ତାହା ଜାଣି ରଖନ୍ତୁ। ସାଧାରଣତଃ ତମ୍ବାର କଏଲ ଆଲୁମିନିୟମ କଏଲଠାରୁ ଭଲ। ସେହିଭଳି ଅଧିକ ଗରମ ବେଳେ ଏସି କିଭଳି ଭାବେ ପରଫରମାନ୍ସ କରିବ ତାକୁ ଦେଖନ୍ତୁ।

★କମ୍ ଶବ୍ଦ କରୁଥିବା ଏସି ଚୟନ କରନ୍ତୁ। ଏସିର ପ୍ରକୃତ ଶବ୍ଦ କ'ଣ ରହିବ ଡିଲରଶିପଠାରୁ ବୁଝି ନିଅନ୍ତୁ।

★ଏସିର ସର୍ଭିସ ଯେଭଳି ଠିକ୍ ଭାବେ ପାଇ ପାରିବେ ତାକୁ ବିଚାର କରନ୍ତୁ। ଯଦି କମ୍ପାନୀର ସର୍ଭିସ ରେକର୍ଡ ସମ୍ପର୍କରେ ଅବଗତ ନାହାନ୍ତି ତେବେ ଡିଲରଙ୍କୁ ପଚାରି ନିଅନ୍ତୁ। ଅଧିକ ଜାଣିବା ଲାଗି କୌଣସି ବ୍ରାଣ୍ଡର କଷ୍ଟମର କେୟାର ନମ୍ବରକୁ ସମ୍ପର୍କ କରି ପାରିବେ। ବ୍ରିକି ପରବର୍ତ୍ତି ସେବା ପାଇବାକୁ ଅସୁବିଧା ଥିଲେ ସେହି ବ୍ରାଣ୍ଡକୁ ଚୟନ କରନ୍ତୁ ନାହିଁ।

## ଇନଭର୍ଟର ଏସି

ଇନଭର୍ଟର ଏସି ହେଉଛି ବର୍ତ୍ତମାନ ସମୟର ଅନ୍ୟତମ ଅତ୍ୟାଧୁନିକ ଭର୍ସନର ଏୟାର କଣ୍ଡିସନର। ଏସିରେ ଥିବା କମ୍ପ୍ରେସର ମୋଟରର ସ୍ପିଡକୁ ନିୟନ୍ତ୍ରଣ କରିବାକୁ ଏଥିରେ ଇନଭର୍ଟର ବ୍ୟବହାର ହୋଇଥାଏ। ଫଳରେ ନିୟମିତ ଭାବେ ଉତ୍ତାପକୁ ଏହା ନିୟନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ। ଇନଭର୍ଟର ଏସିର ଶକ୍ତି ସଞ୍ଚୟକାରୀ କ୍ଷମତା ରହିଛି। ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଇନଭର୍ଟର ଏସିକୁ ଅଲଗା ରେଟିଂ ପ୍ରଦାନ କରିଥାଏ।



ସାଧାରଣତଃ ଏକ ୩ ଷ୍ଟାର ଇନଭର୍ଟର ଏସି ୫ ଷ୍ଟାର କନଭେନସନାଲ ଏସିଠାରୁ କମ୍ ଶକ୍ତି ବ୍ୟବହାର କରିଥାଏ। ମାତ୍ର ଇନଭର୍ଟର ଏସିର ଦାମ ସାଧାରଣ ଏସି ଠାରୁ କିଛି ଅଧିକ ରହିଥାଏ। ଏହା ଡିସି କରେଣ୍ଟ ଦ୍ୱାରା ପରିଚାଳିତ ହୋଇଥାଏ। ଲଗାତର ଭାବେ ଦୀର୍ଘ ସମୟ ବ୍ୟବହାର ଲାଗି ଏହି ଏସି ସର୍ବୋତ୍ତମ।



Web.: www.amstrad.ovot.in | /amstrad-by-ovot-pvt.ltd | Toll free no - 1800 1214 88888
SUPER STOCKIST FOR ODISHA MAX INTERNATIONAL: MOB-8908581194, 9937223812, 9668805141 | DEALER NAME: BHUBANESWAR- HINDUSTAN ELECTRONICS-9437072244, GAYATRI ENTERPRISES- 7751036722, KUMAR INFO SOLUTIONS - 9439009736, MAHARATHI ELECTRONICS- 9583665577, MOHAPATRA COOLING SYSTEMS- 9437001699, PRILIN ENTERPRISES- 9437508064, S.K REFRIGERATION - 9438181216, SALILA SALES ENTERPRISE- 7788881313, SIVAM ENTERPRISES- 9861788365, SURUCHI- 9338233510, UTKAL SALES - 9437353892, OMTRON-8249661162, BERHAMPUR- TRAX TIMES ELECTRONICS PVT. LTD.- 9178471288, CUTTACK- COOL & COOL- 9437031787, DURGASHREE ELECTRONICS - 9338100078, SALIPUR- MAA MANGALA CONTROLS- 9439439619, NEW VICKY ELECTRONICS - 9437227897, ZINC ELECTRO BAZAR PVT. LTD. - 9437313262, BASUDEV ELECTRONICS - 9438173610, BHADRAK- AMARNATH ENTERPRISES - 9040791234, ATHAGARH- S.P AGENCY- 9439629933, DHENKANAL- BEAUTY PALACE NX- 9437147283, PRINCE ELECTRONICS- 9777419296, JAGATSINGHPUR- ELECTRO COOLING CENTRE- 9937581903, PATTANAIK TRADERS- 8908990121, JAJPUR TOWN- CHITTARANJAN ELECTRONICS- 9337683752, DEBRAJ ELECTRONICS- 9040626315, CHANDIKHOL - OMM TRADERS: 9937970713, BHAPUR - DEVEE ENTERPRISERS: 9776748815, BANAPUR- HOME CARE- 9938947576, KHORDHA -JANKIA- M/S SAI SANTOSHI FURNITURE- 9937489038, NACHUNI: TARINI COMMUNICATION- 9938273864, JATNI - RAY ELECTRONICS- 9439735972, SUNAKHALA - RAJ ELECTRONICS: 9237051364, CHANDPUR - SHREE DURGA ENTERPRISERS: 8280288880, BOLAGARH - SWEET COMMUNICATION: 8763498757, KONARK - BHAKTI ENTERPRISES: 8093172605, PURI- DAS ENTERPRISER: 9861350629, SAHOO DISTRIBUTORS: 9238591616, KAKATPUR - MAA JHADESWARI ELECTRONICS: 9938269129, S.M. ELECTRONICS & MOBILES: 9937229400, PURI- BRAHMAGIRI- MAHABIR DISTRIBUTORS: 9937272167, NAYAK ELECTRONICS - 9583398591, PIPILI - MAMA ELECTRONICS: 9777327100, SAKHIGOPAL - SHREE DURGA ELECTRONICS: 9777902129, ANGUL - SUBHASHREE: 9861143488, BALESORE- OMM AGENCY: 9040448226, BARIPADA - BASUDEV ENTERPRISES: 9861076396. For any institutional enquiry and bulk requirement please contact GOUTAM NAYAK- 9337130047

## ସମର ଟିପ୍ସ

ଖରାଦିନେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ଏହି ସମୟରେ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ପ୍ରଚୁର ପାଣି ପିଇବା ଆବଶ୍ୟକ। ଲେମ୍ବୁପାଣି ଖରାଦିନେ ବହୁ ଉପକାରୀ। ଏହା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ। ତେଣୁ ଖରାଦିନେ ଏହାକୁ ପାନୀୟ ତାଲିକାରେ ସାମିଲ କରନ୍ତୁ। ଭିଟାମିନ 'ସି'ର ପ୍ରମୁଖ ଉତ୍ସ ହେଲା ଲେମ୍ବୁପାଣି। ସକାଳୁ ଖାଲି ପେଟରେ ଉଷୁମ ଲେମ୍ବୁପାଣି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଖରାଦିନେ ପାଚନ କ୍ରିୟା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ଥାଏ। ତେଣୁ ଏହି ଦିନରେ ଲେମ୍ବୁପାଣି ପିଇଲେ ପାଚନ କ୍ରିୟା ଆହୁରି ସକ୍ରିୟ ରହିଥାଏ। କେବଳ ଲେମ୍ବୁପାଣି ନୁହେଁ, ଏହି ଦିନରେ ତରଭୁଜ, ତଟକା ଫଳ ଜୁସ୍ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ। ଏହାବ୍ୟତୀତ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ।






# ଫ୍ରିଜ୍ କିଣିବା ପୂର୍ବରୁ...

ନୂଆ ରେଫ୍ରିଜରେଟର କିଣିବା ଆଗରୁ କେତେକ ବିଷୟକୁ ବିଚାର କରିବାକୁ ପଡିଥାଏ। ରୋଷେଇଘର କେତେ ବଡ, କେତେ ଜାଗା ରହିଛି, କେଉଁଠାରେ ଏହାକୁ ସ୍ଥାନିତ କରିବେ, କେଉଁ ଭଳି ରେଫ୍ରିଜରେଟର କିଣିବେ, କି ପ୍ରକାରର ଫିଚର ରହିବା ଆବଶ୍ୟକ ଭଳି ପ୍ରସଙ୍ଗ ସ୍ଥାନିତ ରହିଛି। ଏହା ସହ କେତେ ବଜେଟ୍ ରଖିଛନ୍ତି ତାକୁ ବି ବିଚାର କରିବାକୁ ହେବ।

### ଆକାର ପ୍ରକାର

ଆପଣ ଯେହେତୁ ଏକ ବୃହତ୍ ଆପ୍ଲାଏନ୍ସ କ୍ରୟ କରୁଛନ୍ତି ତେଣୁ ସବୁ ଦିଗକୁ ବିଚାର କରି ନିଷ୍ପତ୍ତି ନିଅନ୍ତୁ। ଟପ୍ ଫ୍ରିଜର, ବଟମ ଫ୍ରିଜର, ସାଇଡ-ବାଏ-ସାଇଡ ଆଦି ବିଭିନ୍ନ କନ୍‌ଫିଗୁରେଶନକୁ ନେଇ ରେଫ୍ରିଜରେଟରର ପ୍ରକାର ଭେଦ ରହିଛି। ଏହା ସହ ଆପଣଙ୍କ ରୋଷେଇ ଘରକୁ ଖାପ ଖୁଆଇଲା ଭଳି ରଙ୍ଗ ଦେଖି ଫ୍ରିଜ କିଣିଲେ ଭଲ ଲାଗିବ। ସେହିଭଳି ଷ୍ଟେନଲେସ ଷ୍ଟିଲ ରେଫ୍ରିଜରେଟର ଅଧିକ ଲୋକପ୍ରିୟ ହୋଇଥିବା ବେଳେ ଏହା ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ। ଦାମୀ ରେଫ୍ରିଜରେଟରରେ ସାଧାରଣତଃ ଅଧିକ ଫିଚର ରହିଥାଏ। ତେଣୁ କେଉଁ ଫିଚର ଗୁରୁତ୍ୱପୂର୍ଣ୍ଣ ଆଉ କେଉଁଟି ନୁହେଁ ଏବଂ ଆପଣ ଓ ଆପଣଙ୍କ ପରିବାରର ଜୀବନଶୈଳୀକୁ କି ପ୍ରକାର ଫିଚର ସୁହାଇବ ସେ ସମ୍ପର୍କରେ ଜାଣି ରଖିବା ଭଲ।

### ଶକ୍ତି ସଞ୍ଚୟ କ୍ଷମତା

ସାରା ଦେଶରେ ବର୍ତ୍ତମାନ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ କମ୍ ବିଦ୍ୟୁତ ଖର୍ଚ୍ଚ କରୁଥିବା ରେଫ୍ରିଜରେଟର କିଣିବା ଶ୍ରେୟସ୍କର। ଆପଣ ଯଦି ମୂଲ୍ୟକୁ ଆଖିରେ ରଖି ଶସ୍ତା ରେଫ୍ରିଜରେଟର କିଣନ୍ତି, ତାହାହେଲେ ବର୍ଷସାରା ଏଥିପାଇଁ ଅଧିକ ବିଦ୍ୟୁତ୍ ଦେୟ ଗଣିବାକୁ ପଡିଥାଏ। ତେଣୁ ଏନର୍ଜି ଷ୍ଟାର ଦେଖି କ୍ରୟ କରନ୍ତୁ। ଶକ୍ତି ସଞ୍ଚୟ କ୍ଷମତା ଫିଚର ଥିବା ରେଫ୍ରିଜରେଟର କ୍ରୟ ଲାଗି ଆପଣ ହୁଏତ କିଛି ଅଧିକ ଅର୍ଥ ଦେବେ କିନ୍ତୁ ଦୀର୍ଘ ଦିନ ଲାଗି ଅତ୍ୟଧିକ ବିଦ୍ୟୁତ ଦେୟରୁ ମୁକ୍ତ ରହିବେ। ସ୍ୱାଭାବିକ ଭାବେ ବଡ ସାଇଜ ଫ୍ରିଜ ପରିଚାଳନା କରିବା ଲାଗି ଅଧିକ ଖର୍ଚ୍ଚ ସହିବାକୁ ପଡିଥାଏ।



### ୱାରେଣ୍ଟି

ସାଧାରଣତଃ ଅଧିକାଂଶ ରେଫ୍ରିଜରେଟରର ଯନ୍ତ୍ରାଂଶ ଉପରେ ୧ ବର୍ଷର ୱାରେଣ୍ଟି ଏବଂ ଆଉ କେତେକ ରେଫ୍ରିଜରେଟର ସିଷ୍ଟମ ଉପରେ ୫ ବର୍ଷର ୱାରେଣ୍ଟି ରହିଥାଏ। ତେଣୁ ଏକ ସମ୍ପ୍ରସାରିତ ୱାରେଣ୍ଟି ପ୍ଲାନ ଦେଖି ଆପଣ କ୍ରୟ କରିପାରିବେ। ଏହାଦ୍ୱାରା ଆପଣଙ୍କ ରେଫ୍ରିଜରେଟର ଅଧିକ ଦିନ ପର୍ଯ୍ୟନ୍ତ ଲାଷ୍ଟିଂ କରିଥାଏ।



# କୁଲିଂ ଆପ୍ଲାଏନ୍ସର ଯତ୍ନ ନେବେ କିପରି...

କଥାରେ ଅଛି ଯତ୍ନ କଲେ ରତ୍ନ ମିଳେ। ତେଣୁ ଆପଣ ବ୍ୟବହାର କରୁଥିବା ଗୃହୋପକରଣ ସାମଗ୍ରୀର ଯେତେ ଯତ୍ନ ନେବେ ତାହା ସେତେ ସୁରକ୍ଷିତ ଏବଂ ଦୀର୍ଘସ୍ଥାୟୀ ହୋଇପାରିବ। ଏହି କ୍ରମରେ ଏସି ଓ ରେଫ୍ରିଜରେଟରର କିଭଳି ଯତ୍ନ ନିଆଯାଇପାରିବ ସେ ନେଇ କିଛି ଟିପ୍ସ...

### ଏସି

- ଏସିକୁ ଦୀର୍ଘସ୍ଥାୟୀ କରିବା ପାଇଁ ଏହାର ଉପଯୁକ୍ତ ବ୍ୟବହାର କରାଯିବା ଆବଶ୍ୟକ। ପ୍ରଥମ ଉଦାହରଣ ସ୍ୱରୂପ ଏହାର ଫିଲ୍‌ଟରକୁ ଉପଯୁକ୍ତ ବ୍ୟବଧାନରେ ପରିବର୍ତ୍ତନ କରିବା। ମଇଳା ହୋଇଗଲେ ଏହାକୁ ପ୍ରତି ୩-୪ ମାସରେ ଠିକ୍ ଭାବେ ସଫା କରିବା ଆବଶ୍ୟକ।
- ଏସିରେ ଥିବା ଏଭାପୋରେଟର କଏଲକୁ ବର୍ଷକୁ ଥରେ ଯାଞ୍ଚ କରନ୍ତୁ।
- ପାଗ ଯେତେବେଳେ ଥଣ୍ଡା ହେବା ଆରମ୍ଭ କରେ, ଆପଣ ଏୟାର କଣ୍ଡିଶନିଂର ବାହ୍ୟ ପାର୍ଶ୍ୱକୁ ଯାଞ୍ଚ କରିବା ଉଚିତ। ବାୟୁ ପ୍ରବାହ ଯେପରି ବନ୍ଦ ନ ହୁଏ, ସେଥିପାଇଁ କଣ୍ଡେନସରର ଯେମିତି କୌଣସି ଆବର୍ତ୍ତନ ନ ରହେ, ତାହାକୁ ଦୃଷ୍ଟି ଦେବା ଆବଶ୍ୟକ।
- ଏୟାର ହ୍ୟାଣ୍ଡେଲର୍‌ରେ ଥିବା ବେଲ୍‌ଟକୁ ଯାଞ୍ଚ କରିବା ଭଲ। ଏହାକୁ ବି ଆପଣ ପରିବର୍ତ୍ତନ କରିପାରିବେ। ନଚେତ୍ ବର୍ଷକୁ ଥରେ ମୋଟର ବିୟରିଂକୁ ଅଏଲିଂ କରିବା ଉଚିତ।
- ଏୟାର କଣ୍ଡିସନିଂ କଣ୍ଟାକ୍ଟରକୁ ଅନ୍ୟ ଇଲେକଟ୍ରିକାଲକୁ ଯାଞ୍ଚ କରିବା ମଧ୍ୟ ବହୁତ ଭଲ। ଏଥି ମଧ୍ୟରୁ ଅଧିକାଂଶ କଣ୍ଡେନ୍‌ସିଂ ୟୁନିଟରେ ରହିଥାଏ।

### ରେଫ୍ରିଜରେଟର

- ଖାଦ୍ୟର ସୁରକ୍ଷା ପାଇଁ ରେଫ୍ରିଜରେଟର ତାପମାତ୍ରା ୩୬ରୁ ୪୦ ଡିଗ୍ରୀ ଫାରେନହିଟ/ ୨-୫ ଡିଗ୍ରୀ ସେଣ୍ଟିଗ୍ରେଡ ଏବଂ ଆପଣଙ୍କ ଫ୍ରିଜରକୁ ୦ ଏବଂ ୫ ଡିଗ୍ରୀ ଫାରେନହିଟ୍/ ମାଇନସ ୧୮ ଓ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ରଖନ୍ତୁ। ଏହାଠାରୁ କମ୍ ଥଣ୍ଡା ରଖିଲେ ଖାଦ୍ୟ ନଷ୍ଟ ହେବା ସହିତ ୨୫% ଅଧିକ ଶକ୍ତି ଅପଚୟ ହୋଇଥାଏ।
- ଏଥିରେ ଜମା ହୋଇଥିବା ଧୂଳିକୁ ବ୍ରଶ କିମ୍ବା ଭାକ୍ୟୁମ କ୍ଲିନରରେ ସଫା କରନ୍ତୁ। ନଚେତ ରେଫ୍ରିଜରେଟର ପଛରେ ଥିବା କଣ୍ଡେନସର କଏଲରେ ଧୂଳି ଜମିଯିବ।
- ଡୋର ସିଲ୍‌କୁ ସଫା ଓ ଯାଞ୍ଚ କରନ୍ତୁ।
- କାନ୍ଥ ଏବଂ ରେଫ୍ରିଜରେଟର ମଧ୍ୟରେ ଯଥେଷ୍ଟ ବ୍ୟବଧାନ ରଖନ୍ତୁ। ଏହା ଦ୍ୱାରା ରେଫ୍ରିଜରେଟରର କଣ୍ଡେନସର କଏଲକୁ ବାୟୁ ପହଞ୍ଚିଥାଏ। ଏପରି ନ କଲେ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେବ।
- ରେଫ୍ରିଜରେଟରକୁ ପୂର୍ଣ୍ଣ ରଖନ୍ତୁ (କିନ୍ତୁ ପୂରା ପ୍ୟାକ୍ କରନ୍ତୁ ନାହିଁ)। ଏହାଦ୍ୱାରା ତାପମାତ୍ରା ଶୀଘ୍ର ଦୂରେଇଯାଇ ଥଣ୍ଡା ହୋଇଥାଏ।







# କୁଲିଂ ଆପ୍ଲାଏନ୍ସର ସଦ୍ୟତମ ଟ୍ରେଣ୍ଡ

ଏସି,ଫ୍ରିଜ, କୁଲରର ଉପଲବ୍ଧତା ଏବେ ବଢ଼ିଛି। ଦିନକୁ ଦିନ ଏହି କ୍ଷେତ୍ରରେ ନୂଆ ନୂଆ କମ୍ପାନୀ ପ୍ରବେଶ କରିବା ସହ ପ୍ରଡକ୍ଟ ଶୃଙ୍ଖଳାରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ନୂଆ ନୂଆ ଟେକ୍ନୋଲୋଜିର ପ୍ରଡକ୍ଟ ଗ୍ରାହକ ଏବେ ଲାଭ କରିଛନ୍ତି। ଏସି ଏବଂ ଫ୍ରିଜର ସଦ୍ୟତମ ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଭାରତୀୟ ଏସି ବଜାର ବର୍ତ୍ତମାନ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଛି। ଏହି ଧାରା ଲାଗି ରହିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ମଧ୍ୟବିତ୍ତ ହେଉ କିମ୍ବା ନିମ୍ନ ଆୟକାରୀବର୍ଗ ପରିବାର ହେଉ ଏସିକୁ ଏକ ଦରକାରୀ ଆପ୍ଲାଏନ୍ସ ଭାବେ ଗ୍ରହଣ କରାଯାଉଛି। ଦେଶରେ ସାଧାରଣତଃ ଗରମ ଅଧିକ ହେଉଥିବାରୁ ଏସି ବିକ୍ରି ବୃଦ୍ଧି ହେଉଛି। ଏସି ବର୍ଗରେ ଇନଭର୍ଟର ଏକ ନୂଆ ଟେକ୍ନୋଲୋଜି ହୋଇଥିବା ବେଳେ କେତେକ କମ୍ପାନୀ ଏସି ସହ ଏୟାର ପ୍ୟୁରିଫାୟର ସଂଯୁକ୍ତ କରି ଦେଉଛନ୍ତି। ସେହିଭଳି ଫ୍ରିଜ କ୍ଷେତ୍ରରେ ଇନ୍‌ଭର୍ଟର ଟେକ୍ନୋଲୋଜି ବ୍ୟବହାର ହେଉଛି। ବର୍ତ୍ତମାନ ଏଭଳି ମଧ୍ୟ ଫ୍ରିଜ ବଜାରରେ ଉପଲବ୍ଧ ହେଉଛି ଯାହା ମାତ୍ର ୩୦ ୱାଟ୍‌ରେ ଚାଲିପାରିବ। ଏକ ସହଜ ଇନ୍‌ଭର୍ଟରରେ ଏହା ପରିଚାଳିତ ହୋଇପାରିବ। ସେହିଭଳି ବଜାରରେ ନୂଆ ଟେକ୍ନୋଲୋଜିର ଫ୍ୟାନ ଉପଲବ୍ଧ ହେଉଛି। ଏହା କେବଳ ପବନ ପ୍ରଦାନ କ୍ଷମତାକୁ ଦେଖି ଲୋକମାନେ କ୍ରୟ କରୁନାହାନ୍ତି। ଏହାର ଲୁକ୍ସ, ଆଡଭାନ୍ସ ଫିଚର, ରୁମକୁ ସୁହାଇଲା ଭଳି ରଙ୍ଗ, ଆଇଓଟି, ରିମୋଟ୍ କଣ୍ଟ୍ରୋଲ ଭଳି ଫିଚର ସହ ଏହା ଏବେ ଉପଲବ୍ଧ ହେଉଛି।



# ଅନ୍‌ଲାଇନରୁ କ୍ରୟବେଳେ ଧ୍ୟାନ ରଖନ୍ତୁ

ବର୍ତ୍ତମାନ ଇ-କମର୍ସ ବା ଅନ୍‌ଲାଇନ ମାର୍କେଟ ପ୍ଲେସରୁ ସାମଗ୍ରୀ କିଣିବା ଏକ ସାଧାରଣ କଥା ହୋଇଗଲାଣି। ଏହି ଧାରାରେ ମଧ୍ୟ ପରିବର୍ତ୍ତନ ଆସିଛି। ଫ୍ରିଜ, ଏସି ମଧ୍ୟ ଅନ୍‌ଲାଇନରେ ବିକ୍ରି ହେଉଛି। ମାତ୍ର ଏଭଳି ଇଲେକଟ୍ରୋନିକ୍ସ ସାମଗ୍ରୀ ଅନ୍‌ଲାଇନରୁ କିଣୁଥିଲେ ଧ୍ୟାନ ରଖନ୍ତୁ। ଲୋକମାନେ ଅନ୍‌ଲାଇନରେ ସାମଗ୍ରୀ ଶସ୍ତା ଦେଖି କିଣିଥାନ୍ତି। ମାତ୍ର ଶୋ'ରୁମ୍ ଭଳି ଟଚ୍ ଆଣ୍ଡ ଫିଲ୍ ସହ ତୁଳନାକରି ପ୍ରଡକ୍ଟ କିଣିବା ଅନ୍‌ଲାଇନରେ ଏତେଟା ସହଜ ହୋଇ ନ ଥାଏ। ସଦ୍ୟତମ ମଡେଲ କି ନାହିଁ ତାହା ନିର୍ଦ୍ଦିଷ୍ଟ ବ୍ରାଣ୍ଡର ୱେବସାଇଟକୁ ଯାଇ ପରୀକ୍ଷା କରିନେବା ଭଲ ହେବ। ସରକାର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଷ୍ଟାର ରେଟିଂର ମାଇଗ୍ରେସନ କରିଥାନ୍ତି। ନିକଟରେ ଏହା ୨୦୧୭ରେ ହୋଇଛି। ଅର୍ଥାତ୍ ୨୦୧୭ର ୫ ଷ୍ଟାର ମଡେଲଗୁଡ଼ିକ ଏବେର ୩ ଷ୍ଟାର। ଏଣୁ ଅନ୍‌ଲାଇନରେ ପୁରୁଣା ଷ୍ଟାର ମାର୍କ ପ୍ରଡକ୍ଟକୁ ସଦ୍ୟତମ ଭାବେ ମଧ୍ୟ ଦର୍ଶାଯିବାର ନଜିର ସାମ୍ନାକୁ ଆସିଛି। ଏଣୁ ପ୍ରଡକ୍ଟ କ୍ରୟ ବେଳେ ଲାଟେଷ୍ଟ ମଡେଲ ନେଇ ଯତ୍ନବାନ ରହିବା ବୁଦ୍ଧିମାନର କାର୍ଯ୍ୟ ହେବ। ପ୍ରଡକ୍ଟର ବିସ୍ତୃତ ସ୍ପେଶିଫିକେଶନକୁ ମଧ୍ୟ ଦେଖିବା ଜରୁରୀ। ଅଫ୍‌ଲାଇନ କ୍ରୟରେ ସର୍ଭିସ ବ୍ୟାକଅପ୍‌ର କ୍ଲେମ ସମାଧାନ ମାତ୍ରା ଅଧିକ। ମାତ୍ର ଅନ୍‌ଲାଇନରେ ବିକ୍ରି ପରବର୍ତ୍ତୀ ସେବା ନେଇ ଗ୍ରାହକମାନେ ସଚେତନ ରହିବା ଆବଶ୍ୟକ।

## ଗ୍ରୀନ୍ ବିଲ୍‌ଡିଂ

ପରିବେଶକୁ ସୁହାଇବା ଭଳି ଢାଞ୍ଚାରେ ନିର୍ମିତ ହୋଇଥିବା ବିଲ୍ଡିଂକୁ ଗ୍ରୀନ୍ ବିଲ୍ଡିଂ କୁହାଯାଏ। ଏହା ଏପରି ଏକ ଢାଞ୍ଚା ଯାହାର ଡିଜାଇନ୍‌ଠାରୁ ଆରମ୍ଭ କରି ନିର୍ମାଣ, ପରିଚାଳନା, ରକ୍ଷଣାବେକ୍ଷଣ, ପୁନରୁଦ୍ଧାର ଏବଂ ଧ୍ୱଂସ ପର୍ଯ୍ୟନ୍ତ ତା'ର ସମ୍ପୂର୍ଣ୍ଣ ଜୀବନ କାଳ ପରିବେଶ ଅନୁକୂଳ ହୋଇଥିବ।




## ସମର ଫ୍ୟାଶନ

ଫ୍ୟାଶନର ଟ୍ରେଣ୍ଡ୍ ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ହାଲ୍‌କା ରଙ୍ଗ ସହ ହାଲ୍‌କା ଫ୍ୟାବ୍ରିକ୍ ଉଭୟ ଡିଜାଇନର୍ ଓ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ବିଶେଷକରି ଖରାଦିନେ ଏଭଳି ଟ୍ରେଣ୍ଡ୍ ଅଧିକ ଦେଖିବାକୁ ମିଳୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଖରାରୁ ମୁକ୍ତି ପାଇବା ପାଇଁ ଲୋକେ ପୋଷାକ ପରିଧାନ ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ହିଟ୍ ୱେଭ୍‌ରୁ ମୁକ୍ତି ପାଇବାକୁ ଓ ଶରୀରକୁ ଢାଙ୍କି ରଖିବାକୁ କୁହାଯାଉଛି। ତେଣୁ ଖରାରେ ହାଲ୍‌କା ଲାଗିବା ସହ ଫ୍ୟାଶନେବୁଲ ଲୁକ୍ ଦେଉଥିବା ପୋଷାକ ପିନ୍ଧିବାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ସମରରେ ଖଦୀର ମଧ୍ୟଅଧିକ ଡିମାଣ୍ଡ ରହିଛି। ଏପଟେ ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟର ଜଣାଶୁଣା ଫ୍ୟାଶନ ଡିଜାଇନର୍‌ମାନେ ନିଜର ନୂଆ ନୂଆ ସମର କଲେକ୍ସନ ଏବେ ବଜାରକୁ ଛାଡ଼ିଛନ୍ତି। ତେବେ ଆଗରୁ କେବଳ ଖରାରେ ହ୍ୱାଇଟ୍ ଫ୍ୟାଶନ ବା ଧଳାରଙ୍ଗ ପୋଷାକର ଡିମାଣ୍ଡ ଥିବାବେଳେ ଏବେ କମଳା ରଙ୍ଗ ବା ଅରେଞ୍ଜ୍ କଲର୍ ଏଥର ସମର ଫ୍ୟାଶନରେ ନୂଆ ଟ୍ରେଣ୍ଡ୍ ହୋଇଛି। 'କଲର୍ ଅଫ୍ ଫାୟାର୍' କୁହାଯାଉଥିବା କମଳା ରଙ୍ଗକୁ ଏଥର ସିଜିନ ସ୍ପେଶାଲ ଭାବେ ଦେଖିବାକୁ ମିଳିଛି।

# ଖରାଦିନେ ବଦଳାନ୍ତୁ ଏସବୁ ଖାଦ୍ୟାଭ୍ୟାସ



ଖରାଦିନେ ତାପମାତ୍ରା ବଢ଼ି ଚାଲିବା ସହିତ ଶରୀରରେ ଜଳୀୟ ଅଂଶ କମି ଯାଇଥାଏ। ତେଣୁ ଏହି ସମୟରେ ଖାଦ୍ୟ ପାନୀୟ ପ୍ରତି ସତର୍କତା ଜରୁରୀ ହୋଇପଡ଼ିଥାଏ। ବାହାରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟରେ ଧୂଳି ମଇଳା ଜମି ରହିଥାଏ। ଏହାକୁ ଖାଇଲେ ଜଣ୍ଡିସ୍, ଡିହାଇଡ୍ରେସନ୍, ଆନ୍ତ୍ରିକ ଜ୍ୱର ଆଦି ହେବା ଆଶଙ୍କା ରହିଥାଏ। ତେଣୁ ଏସବୁ ଖାଦ୍ୟପଦାର୍ଥଠାରୁ ଦୂରେଇ ରହିବା ଆବଶ୍ୟକ। ସେହିପରି ଖରାଦିନେ ଗୁପ୍‌ଚୁପ୍, ପାଉଁ ଭାଜି, ଫାଷ୍ଟ ଫୁଡ୍ ଆଦି ଖାଦ୍ୟ ନ ଖାଇଲେ ଭଲ। ଏସବୁ ପେଟ ଉପରେ ଖରାପ ପ୍ରଭାବ ପକାଇଥାଏ। ଗରମରୁ ରକ୍ଷା ପାଇଁ କେତେକେ ଖରାଦିନେ ଆଇସକ୍ରିମ୍, ଲସି ଏବଂ କୋଲ୍ଡ ଡ୍ରିଙ୍କସ୍ ପିଇବାକୁ ପସନ୍ଦ କରନ୍ତି। ତେବେ କୋଲ୍ଡ ଡ୍ରିଙ୍କସ୍ ସାମୟିକ ଶୋଷ ମେଣ୍ଟାଉଥିଲେ ମଧ୍ୟ ଏସିଡିଟି ସମସ୍ୟା ବଢ଼ାଇଥାଏ। ସେହିପରି ଆଇସ୍‌କ୍ରିମ୍ ମଧ୍ୟ ଖରାପ ପ୍ରଭାବ ପକାଏ। ଏହାଦ୍ୱାରା ଡିସେଣ୍ଟ୍ରି ହେବା ଆଶଙ୍କା ଥାଏ। ଅପରପକ୍ଷରେ ଲସିରେ ପକାଯାଉଥିବା ବିଭିନ୍ନ ପଦାର୍ଥ ବିଭିନ୍ନ ରୋଗକୁ ଡାକିଆଣିଥାଏ। ତେଣୁ ଖରାଦିନେ ଘର ତିଆରି ପଖାଳ ତୋରାଣି, ପରିଷ୍କାର ଘୋଳଦହି, ଲେମ୍ବୁପାଣି ଓ ପରିଷ୍କାର ଆଖୁରସ ପିଇଲେ ଶରୀର ପାଇଁ ଭଲ। ତରଭୁଜ ଜୁସ୍ ସହିତ ଅନ୍ୟ ଫଳ ଜୁସ୍ ମଧ୍ୟ ଘରେ ପ୍ରସ୍ତୁତ କରି ପିଇଲେ ଶରୀର ପାଇଁ ହିତକର ହୋଇଥାଏ।






# ହିଂସା କମାଉଛି ମତଦାନ ହାର

## ଆଇନ ନିର୍ମାତା ହେବା ପୂର୍ବରୁ ଭାଙ୍ଗୁଛନ୍ତି ଆଇନ

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର,୨୭।୪ (ବ୍ୟୁରୋ)**

ରାଜ୍ୟରେ ତିନୋଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖରେ ୬ ଲୋକ ସଭା ଏବଂ ୪୧ ବିଧାନସଭା ଆସନରେ ହେବ। ବିଧାନସଭାରେ ବିଧାୟକ ଓ ସଂସଦରେ ସାଂସଦମାନେ ଆଇନ ପ୍ରଣୟନ କରନ୍ତି। ସେମାନଙ୍କୁ ଆଇନ ନିର୍ମାତା ବୋଲି କୁହାଯାଏ। ହେଲେ ସେମାନଙ୍କ ମଧ୍ୟରୁ ଅନେକେ ନିର୍ବାଚନ ସମୟରେ ଆଇନ ହାତକୁ ନେଉଛନ୍ତି। ହିଂସା ସୃଷ୍ଟି କରି ବିଜୟୀ ହେବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଦ୍ୱାରା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିବାରୁ ମତଦାନ ହାର ହ୍ରାସ ଘଟୁଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଯେଉଁଥିରେ ଅନେକ ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିଛି। ୨ୟ ପର୍ଯ୍ୟାୟରେ ଗଞ୍ଜାମ ଜିଲା ସୋରଡା ବ୍ଲକ ବୋରସିଙ୍ଗି ପଞ୍ଚାୟତର ରେଣ୍ଟି ବୁଥ୍‌ରେ ମତଦାନ ଚାଲିଥିବାବେଳେ ଭାଜପା ପ୍ରାର୍ଥୀ ନୀଳମଣି ବିଶୋୟୀ ୧୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କ ସହ ଜବରଦସ୍ତ ବୁଥରେ ପଶି ପୋଲିଂ କର୍ମଚାରୀଙ୍କୁ ମାଡ଼ ଓ ଇଭିଏମ୍ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା(ନଂ.୫୭/୨୦୧୯) ରୁଜୁ କରାଯାଇ ନୀଳମଣିଙ୍କୁ ଗିରଫ କରାଯାଇଥିଲା। ୩ୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ୨୧ତାରିଖ ରାତିରେ ପିପିଲିର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଫାର୍ମ ହାଉସରେ ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରିବା ସମୟରେ ସେମାନଙ୍କ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେଥିରେ ମହାରଥୀ ନିଜେ ଏବଂ ତାଙ୍କ କେତେଜଣ ସହଯୋଗୀ ସମ୍ପୃକ୍ତ ଥିବାନେଇ ଅଭିଯୋଗରେ ୯୨/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ମହାରଥୀଙ୍କୁ ୨୨ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତୃତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅଧୀନ ବୀରକେଶରପୁର ଗ୍ରାମସ୍ଥିତ ବଳଭଦ୍ର ନୋଡାଲ ବିଦ୍ୟାଳୟର ୭୮ନଂ. ବୁଥ୍‌ରେ ମଧ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଓ ତାଙ୍କ ସହଯୋଗୀ ଉକ୍ତ ବୁଥ ଭିତରେ ପଶି ପୋଲିଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା, ଇଭିଏମ୍ ଭାଙ୍ଗିବା ଅଭିଯୋଗ ହୋଇଛି। ଏନେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକ୍ରମେ ଥାନାରେ ୩୭/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଓମ୍‌ପ୍ରକାଶ ଫେରାର ଥିବାରୁ ତାଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର ଜାରି ହୋଇଛି। ନିର୍ବାଚନରେ ନେତାମାନଙ୍କ ଆପରାଧିକ କାର୍ଯ୍ୟକଳାପ ଭାରତ ପରି ଏକ ବିଶାଳ ଗଣତନ୍ତ୍ର ଦେଶ ପାଇଁ ବିପଦ ସୃଷ୍ଟି କରୁଛି। ନେତାଙ୍କ ଏଭଳି ଆଚରଣ ସମ୍ପର୍କରେ ଜନସାଧାରଣ, ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

### ହିଂସା ଯୋଗୁ ମତଦାନ ପ୍ରଭାବିତ



ତିନି ପର୍ଯ୍ୟାୟ ନିର୍ବାଚନ ସମୟରେ ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଲା। କେତେଜଣ ନେତା ଓ ସେମାନଙ୍କ ସହଯୋଗୀ ହିଂସା ପରାୟଣ ହୋଇଉଠିଲେ। ତାହା ସାଧାରଣରେ ଆତଙ୍କ ସୃଷ୍ଟି କରିଥିବାରୁ ମତଦାନ ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଶେଷ କରି ନିର୍ବାଚନ ପୂର୍ବରୁ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ଦୁଇ ପ୍ରାର୍ଥୀଙ୍କ ଉପରକୁ ବୋମାମାଡ଼ ଓ ପରସ୍ପରକୁ ଦୋଷାରୋପ ଦେଖିବାକୁ ମିଳିଥିଲା। ତାହାର ପ୍ରଭାବ ସ୍ୱରୂପ ମତଦାନ ଆଶାଜନକ ହୋଇପାରିଲା ନାହିଁ। ରାଜଧାନୀର ୩ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଭୁବନେଶ୍ୱର-ମଧ୍ୟ ଆସନରେ ସବୁଠୁ କମ୍ ମତଦାନ ହୋଇଥିଲା। ଏଣୁ ହିଂସା ଓ ଭୟ ରୋକା ନ ଯିବା ପର୍ଯ୍ୟନ୍ତ ମତଦାନ ହାର ବୃଦ୍ଧି ଆଶା ବୃଥା। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ହିଁ ଆଇନ ହାତକୁ ନେଉଥିବା ନେତାଙ୍କୁ ନିୟନ୍ତ୍ରଣ କରିହେବ।

**– ଆକାଶ ଗଡନାୟକ, ସାମାଜିକ କର୍ମୀ**

### ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଅଭିଯୁକ୍ତଙ୍କୁ ସୁହାଉଛି



ରାଜନୈତିକ ଦଳଗୁଡ଼ିକର କେତେଜଣ ପ୍ରାର୍ଥୀ ବ୍ୟକ୍ତିଗତ ଫାଇଦା ପାଇଁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେଉଛନ୍ତି। ହେଲେ ସେହି ନେତାମାନଙ୍କ ବିରୋଧରେ ହେଉଥିବା ଗୁରୁତର ଅଭିଯୋଗ ସମ୍ପର୍କିତ ମାମଲା ବହୁ ବର୍ଷ ଧରି ନ୍ୟାୟାଳୟରେ ପଡ଼ି ରହୁଛି। ଫଳରେ ପ୍ରାୟତଃ ସାକ୍ଷୀମାନେ ପ୍ରଭାବିତ ହୋଇଯାଉଛନ୍ତି। ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଅଭିଯୁକ୍ତ ନେତାମାନଙ୍କୁ ସୁହାଉଛି ଏବଂ ସେମାନେ ଖସିଯାଉଛନ୍ତି। ତେଣୁ ନ୍ୟାୟ ମିଳିବାରେ ଯେଉଠି ବିଳମ୍ବ ହେଉଛି ସେଠାରେ ଅନ୍ୟାୟ ହେଉଛି ବୋଲି କହିପାରିବା। ଆଇନ ହାତକୁ ନେବାକୁ ଚେଷ୍ଟା କରୁଥିବା ନେତାମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଗଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ। ହେଲେ ଏଥିପାଇଁ ଏଭଳି ମାମଲାଗୁଡ଼ିକର ଦ୍ରୁତ୍ ବିଚାର ଆବଶ୍ୟକ।

**–ବିସ୍ମୟ ଷ୍ଟାଲିନ, ହାଇକୋର୍ଟ ଆଇନଜୀବୀ**

### ଜନବଳ, ଧନବଳ ଏବେ ଆବଶ୍ୟକତା ହୋଇଛି



ବର୍ତ୍ତମାନ ସମୟରେ ନିର୍ବାଚନ ଲଢ଼ିବା ପାଇଁ ଜନବଳ ଏବଂ ଧନବଳ ଆବଶ୍ୟକତା ହୋଇଛି। ତେଣୁ ଭଦ୍ର ଲୋକଟିଏ ଅଥବା ଦକ୍ଷତା ଏବଂ କାର୍ଯ୍ୟ କରିବାର ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତି ରାଜନୀତିକୁ ଆସିପାରୁନାହାନ୍ତି। ଏଡିଆର ରିପୋର୍ଟ ଅନୁସାରେ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ବିଭିନ୍ନ ଦଳ ତରଫରୁ ଟିକେଟ ଦିଆଯାଉଛି। ଫଳରେ ନିର୍ବାଚନ ବେଳେ ଅପରାଧ ଘଟାଉଥିବା ନେତା ଓ ତାଙ୍କ ସମର୍ଥକଙ୍କୁ ଅଟକାଇବା ପାଇଁ ପ୍ରୟାସ କରୁଥିବା ବ୍ୟକ୍ତି, ସରକାରୀ ଅଧିକାରୀ ଆକ୍ରୋଶର ଶିକାର ହେଉଛନ୍ତି। ସଭ୍ୟ ସମାଜରେ ହିଂସାର କୌଣସି ସ୍ଥାନ ନାହିଁ। ଯେଉଁମାନେ ଏହାକୁ ଭଙ୍ଗ କରୁଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**–କମଳାକାନ୍ତ ଦାସ, ପ୍ରଫେସର, ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ**

### ଗତିବିଧି ଉପରେ ନଜର ରଖିଛି ପୋଲିସ



ନିର୍ବାଚନ ସମୟରେ ଯେଉଁମାନେ ଆଇନକୁ ହାତକୁ ନେଇଛନ୍ତି ସେମାନଙ୍କୁ ଗିରଫ କରାଯାଇଛି। ଏଥିରେ କୌଣସି ପକ୍ଷପାତିତା କରାଯାଇନାହିଁ। ହିଂସାରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ନେଇ ଉଦ୍ୟମ ଚାଲିଛି। ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ଏହାଛଡ଼ା ଶେଷ ପର୍ଯ୍ୟାୟ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ ସରିବ ସେ ନେଇ ସମସ୍ତ ବୁଥ୍‌ରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୪ର୍ଥ ପର୍ଯ୍ୟାୟ ନିର୍ବାଚନବେଳେ ଜନସାଧାରଣ କୌଣସି ପ୍ରକାର ଚାପରେ ନ ରହି ଭୋଟ ଦାନ କରନ୍ତୁ। ଯଦି କୌଣସି ପ୍ରକାର ଚାପ ରହୁଛି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ।

**–ରାଜେନ୍ଦ୍ର ପ୍ରସାଦ ଶର୍ମା, ଡିଜିପି**

## ବିଜୟ ସଂକଳ୍ପ ସମାବେଶରେ ବର୍ଷିଲେ ଅମିତ ଶାହ

# ‘କେନ୍ଦ୍ରୀୟ ଅନୁଦାନକୁ ହରିଲୁଟ କରିଛନ୍ତି ରାଜ୍ୟ ସରକାର’



ସୁକିନ୍ଦାଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଅନ୍ୟ ଦଳୀୟ ନେତୃବୃନ୍ଦ।

**ଡୁବୁରୀ/କାଳିଆପାଣି, ୨୭।୪(ଡି.ଏନ.ଏ)**

ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ୫ବର୍ଷ ମଧ୍ୟରେ ୫ଲକ୍ଷ ୫୬ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ହେଲେ ଏହି ଅର୍ଥକୁ ବିଭିନ୍ନ ଉପାୟରେ ରାଜ୍ୟ ସରକାର ହରିଲୁଟ କରିଛନ୍ତି ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି।

ଶନିବାର ସୁକିନ୍ଦା ନିର୍ବାଚନମଣ୍ଡଳୀ ଡୁବୁରୀ ଇନ୍ଦିରା ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶାହ କହିଥିଲେ ଯେ, ଦେଶରେ ମୋଦି ସରକାର ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଦେଇଥିବାବେଳେ ତାହା ଲୋକଙ୍କ କାମରେ ଆସିନାହିଁ। ଫଳରେ ଆଜି ବି ଲୋକଙ୍କ ନିକଟରେ ସର୍ବନିମ୍ନ ସୁବିଧା ସୁଯୋଗ ପହଞ୍ଚିପାରି ନାହିଁ। ଏବେ ବି ପିଇବା ପାଣି, ରାସ୍ତା, ବିଜୁଳି ଭଳି ମୌଳିକ ସମସ୍ୟା ଲାଗି ରହିଥିବାବେଳେ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। କେନ୍ଦ୍ରରୁ ଆସୁଥିବା ଅନୁଦାନ ଅର୍ଥମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ମିଳିମିଶି ହରିଲୁଟ କରୁଛନ୍ତି। ରାଜ୍ୟରେ ଭାଜପା ସରକାର ଆସିଲେ ଏହାର ଖୁଲାସା ହେବ ବୋଲି ଶାହ କହିଥିଲେ। ଚିଟ୍‌ଫଣ୍ଡରେ ସମ୍ପୃକ୍ତ ଥିବା ଲୁଟେରାଙ୍କୁ ସରକାର ଆସିବାର ୯୦ଦିନ ମଧ୍ୟରେ ଜେଲ ପଠାଇ ଦିଆଯିବ ବୋଲି ଶାହ କହିଛନ୍ତି।

ଏହା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଯେଉଁ ବ୍ୟକ୍ତି ୨୦ ବର୍ଷ ହେଲା ଓଡ଼ିଆ ଶିଖିପାରିଲେ ନାହିଁ; ସେ କ’ଣ ଓଡ଼ିଆଙ୍କ ସମସ୍ୟା ବୁଝିବେ ବୋଲି ଶାହ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ପାଇଁ ଦିନକୁ ୧୮ଘଣ୍ଟା କାମ କରୁଛନ୍ତି। ଦେଶର ବିକାଶ ତଥା ସାର୍ବଭୌମତ୍ୱ ରକ୍ଷା କରିବା କ୍ଷେତ୍ରରେ କାହା ସହ ମୋଦି ସରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ମଧ୍ୟ କହିଥିଲେ। ଏଥିସହ ଶାହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୁକିନ୍ଦା ବିଧାୟକଙ୍କୁ ସମାଲୋଚନା କରିବା ସହ ତାଙ୍କ ବାପା ପ୍ରଫୁଲ୍ଲ ଘଡ଼େଇ ରାଜ୍ୟ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ଥିଲେ ମଧ୍ୟ ସୁକିନ୍ଦାବାସୀଙ୍କ ପାଇଁ କୌଣସି କାମ କରି ନ ଥିବା କହିଥିଲେ। ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ପୂର୍ବତନ ମନ୍ତ୍ରୀ ସମୀର ଦେ ପ୍ରମୁଖ ରାଜ୍ୟ ସରକାରଙ୍କ ସମୟ ସରିଗଲାଣି ଓ ପଦ୍ମ ଫୁଲ ଫୁଟିବା ଆରମ୍ଭ କଲାଣି ବୋଲି ମନ୍ତବ୍ୟ ଦେଇଥିଲେ। ଏହି ସଭାରେ ଯାଜପୁର ଲୋକସଭା ପ୍ରାର୍ଥୀ ଅମିୟ ମଲ୍ଲିକ, ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ, ଧର୍ମଶାଳା ବିଧାୟକ ପ୍ରାର୍ଥୀ ତୁଷାର ପରିଡା, କୋରେଇ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶାହ ଅପରାହ୍ଣ ୨ଟା ୪୫ରେ ସଭାସ୍ଥଳରେ ପହଞ୍ଚିଥିଲେ। ୩ଟା ୩୦ରେ ସଭା କାର୍ଯ୍ୟ ଶେଷ ହୋଇଥିଲା। ଏହି ସଭାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଉମେଶଙ୍କ ପାଇଁ ପ୍ରଚାର କଲେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ

**ରତ୍ନଗିରି,୨୭।୪(ଡି.ଏନ.ଏ.)**

ନିର୍ବାଚନୀ ପ୍ରଚାରର ଶେଷଦିନ ଶନିବାର ବରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଉମେଶ ଜେନାଙ୍କ ନିମନ୍ତେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓ ଭୋଟ ପାଇଁ ନିବେଦନ କରିଛନ୍ତି। ଉମେଶ ଓ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ଗସ୍ତ କରି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ କହିଥିଲେ। ମେଗା ରୋଡ୍ ଶୋ ରତ୍ନଗିରି ପଞ୍ଚାୟତର ଅଲିଆବାଦ୍ ଖେଳପଡିଆଠାରୁ ବାହାରି ଚନ୍ଦନପୁର, ରାମଚନ୍ଦ୍ରପୁର, ଦରଘା, ବରୀ-ମାଉଣ୍ଡ, ବାଲିଆପାଳ, ମାଳଦା, ଶଙ୍ଖାରିଗଡା, ସାହାସପୁର, ଶିବାଛକ, ଏରବାଙ୍ଗ ଦେଇ ସୁଜନପୁରଠାରେ ପହଞ୍ଚିଥିଲା। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ରୁଦ୍ର ରାଜୁ, ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ଚରଣ ମହାନ୍ତି, ରତ୍ନଗିରି ସରପଞ୍ଚ ଅଶୋକ କୁମାର ଜେନା, ଇନ୍ଦ୍ରମଣି ପରିଡା, ଶୈଳେନ୍ଦ୍ର ବେଉରିଆ, ବାଦଲ ମହାପାତ୍ର, ରାଜକିଶୋର ସାମଲ, ନିହାର ସାମଲ, ନନ୍ଦକିଶୋର ସେନାପତି, ଦେବ ପ୍ରଧାନ, ଚିତ୍ତରଞ୍ଜନ ଜେନା, ମାନସ ଜେନାଙ୍କ ସମେତ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ହଜାର ହଜାର ଯୁବ କର୍ମୀ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଶାସକ ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭାଜପା ତରଫରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରକୁ ଜୋର୍‌ଦାର କରିଥିବାବେଳେ ଶନିବାର କଂଗ୍ରେସ ତରଫରୁ ଛତିଶଗଡ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ପ୍ରଚାରରେ ସାମିଲ ହେବା କଂଗ୍ରେସ କର୍ମୀଙ୍କୁ ବେଶ୍ ଉତ୍ସାହିତ କରିଛି।

# ପ୍ରଚାର ସରିଲା, ସବୁଠି କଡ଼ା ମୁକାବିଲା

**ଯାଜପୁର ଅଫିସ,୨୭।୪:** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରୁ ଖୋଲାଖୋଲି ଭୋଟ ପ୍ରଚାର ସରିଛି। ଏବେ ବିଭିନ୍ନ ଦଳ ଓ ପ୍ରାର୍ଥୀ ଭୋଟରଙ୍କ ନିକଟରେ ଭିତିରିଆ ପହଞ୍ଚିବାକୁ ଲାଗି ପଡ଼ିଲେଣି। ଅପରପକ୍ଷେ ଜିଲାର ୧ଟି ଲୋକ ସଭା ଓ ୭ ବିଧାନସଭା ଆସନଗୁଡିକର ରାଜନୈତିକ ସମୀକରଣ ଓଲଟପାଲଟ ହେବାର ଆଶଙ୍କା କରାଯାଉଛି। ଯାଜପୁର ଲୋକସଭା ଆସନ ସମେତ ବିଞ୍ଝାରପୁର(ସଂରକ୍ଷିତ), ଯାଜପୁର, ବରୀ, ଧର୍ମଶାଳା ଓ ବଡଚଣା ବିଧାନସଭା ଆସନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ କୋରେଇ ଓ ସୁକିନ୍ଦା ଆସନରେ ତ୍ରିମୁଖୀ ଲଢେଇ ହେଉଥିବା ପରିଲକ୍ଷିତ ହୋଇଛି। ବିଶେଷକରି ବିଏସ୍‌ପି, କଳିଙ୍ଗସେନା, ହିନ୍ଦୁସ୍ଥାନ ନିର୍ମାଣ, କୃପା ପାର୍ଟି ଓ ଅଖିଳ ଭାରତୀୟ ହିନ୍ଦୁ ମହାସଭା ଭଳି ରାଜନୈତିକ ଦଳ ତ କେଉଁଠି ବିଦ୍ରୋହୀ ଓ ସ୍ୱାଧୀନଙ୍କ ପ୍ରଭାବଶାଳୀ ଉପସ୍ଥିତି ପ୍ରତିଦ୍ୱନ୍ଦ୍ୱିତାର ଚିତ୍ରକୁ ପ୍ରଭାବିତ କରୁଛି। ମୋଟାମୋଟି ଭାବରେ ସବୁଠି କଡ଼ା ମୁକାବିଲା ହେଉଛି।

**ଯାଜପୁର ଜିଲାରେ ୭ମ ସାଧାରଣ ନିର୍ବାଚନ**

### ଯାଜପୁର ଲୋକ ସଭା

ଯାଜପୁର ଲୋକ ସଭା ଆସନରେ ୮ ଜଣ ପ୍ରାର୍ଥୀ ରହିଛନ୍ତି। ହେଲେ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡିର ଶର୍ମିଷ୍ଠା ସେଠୀ, ଭାଜପାର ଅମିୟକାନ୍ତ ମଲିକ ଓ କଂଗ୍ରେସର ମାନସ ଜେନା ରହିଛନ୍ତି। ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାବେ ପ୍ରଥମ ଥର ଭୋଟ ରାଜନୀତିକୁ ଓହ୍ଲାଇଥିବା ଶର୍ମିଷ୍ଠା ବେଶ୍ ସଫଳତାର ସହ ଲୋକଙ୍କ ପାଖରେ ନିଜକୁ ଓ ବିଜେଡିର ଶଙ୍ଖ ଚିହ୍ନକୁ ପହଞ୍ଚାଇବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଭାଜପାର ଅମିୟକାନ୍ତ ଦ୍ୱିତୀୟ ଥର ଲୋକ ସଭା ପାଇଁ ଲଢୁଛନ୍ତି। ମୋଦି ହାୱା ଜୋରସୋର ଚାଲିଥିବାରୁ ସମସ୍ତ ୭ଟି ବିଧାନସଭା ଆସନର ଭୋଟର ଭାଜପା ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ଆଲୋଚନା ହେଉଛି। ପ୍ରଚାର ଅଭିଯାନରେ ଜିଲାରେ କଂଗ୍ରେସ ପ୍ରାର୍ଥୀ ମାନସ ନିଜର ଉପସ୍ଥିତି ସେତେଟା ଜାହିର କରିପାରି ନ ଥିବା ଦେଖିବାକୁ ମିଳୁଛି। କଂଗ୍ରେସର ପାରମ୍ପରିକ ଭୋଟରଙ୍କ ଉପରେ ସେ ଭରସା ରଖିଛନ୍ତି।

### ବିଞ୍ଝାରପୁର ବିଧାନସଭା

ଜିଲାର ଏକମାତ୍ର ସଂରକ୍ଷିତ ବିଞ୍ଝାରପୁର ଆସନରେ ମାତ୍ର ୫ଜଣ ପ୍ରାର୍ଥୀ ରହିଛନ୍ତି। ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ବିଜେଡିର ପ୍ରମିଳା ମଲିକ, ଭାଜପାର ବବିତା ମଲିକ ଓ କଂଗ୍ରେସର ମନୋରଞ୍ଜନ ଦାସ ଭୋଟରଙ୍କ ପାଖରେ ପହଞ୍ଚି ପାରିଛନ୍ତି। ଏହି ଆସନରୁ ୫ ଥର ବିଧାୟିକା ହୋଇ ପ୍ରମିଳା ଭୋଟରଙ୍କ ପାଇଁ ନୂଆ ନୁହନ୍ତି। ବିଧାୟକ ଓ ମନ୍ତ୍ରୀ ଭାବରେ ଜନସମ୍ପର୍କକୁ ପାଥେୟ କରି ସେ ଭୋଟରଙ୍କ ପାଖକୁ ଯାଉଛନ୍ତି। ତେବେ ଚଳିତ ଥର କିଛିଟା ଆଣ୍ଟି ଇନକ୍ୟୁବେନ୍ସି ଫ୍ୟାକ୍ଟର କାର୍ଯ୍ୟ କରୁଥିବା ଭଳି ମନେ ହେଉଛି। ବିଶେଷକରି ୫ ଥର ନିର୍ବାଚିତ ହେବା ପରେ ଏବେ ଭୋଟର ବିଭିନ୍ନ ପ୍ରଶ୍ନ କରି ପ୍ରମିଳାଙ୍କୁ ବିରୋଧ କରୁଥିବା କେତେକାଂଶରେ ଦେଖା ଦେଇଛି। ଅନ୍ୟ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଏହାର ଫାଇଦା ନେବା ପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି। କଂଗ୍ରେସର ମନୋରଞ୍ଜନ ଦଳୀୟ ପାରମ୍ପରିକ ଭୋଟ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ବୃଦ୍ଧି ପାଇଥିବା ଦଳୀୟ ନେଟୱର୍କ ଭାଜପା ପ୍ରାର୍ଥୀ ବବିତାଙ୍କୁ ସହାୟକ ହେଉଥିବାରୁ ମତଦାନ କାହା ସମପକ୍ଷରେ ଯିବ ତାହା ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି।

### ଯାଜପୁର ବିଧାନସଭା

ଯାଜପୁର ବିଧାନସଭା ଆସନରେ ଏଥର ବିଜେଡିର ହେଭିୱେଟ ନେତା ପ୍ରଣବପ୍ରକାଶ ଦାସ, ଭାଜପାର ଗୌତମ ରାୟ ଓ କଂଗ୍ରେସର ସନ୍ତୋଷ ନନ୍ଦଙ୍କ ସମେତ ୬ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କିନ୍ତୁ ଏଥର ବିଜେଡିର ପ୍ରଣବଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଛି। ବିକାଶ ନାମରେ ହୋଇଥିବା ବ୍ୟାପକ ଦୁର୍ନୀତି ତାଙ୍କୁ ଲଢେଇର ସମ୍ମୁଖୀନ ହେବାକୁ ପଡିଛି। ଭାଜପା ପ୍ରାର୍ଥୀ ଗୌତମ ଲୋକଙ୍କ ପାଖରେ ପହଞ୍ଚି ବିଜେଡିର ଦୁର୍ନୀତିଖୋର ଶାସନ ସମ୍ପର୍କରେ ପ୍ରଚାର କରି ଭୋଟରଙ୍କ ଆସ୍ଥାଭାଜନ ହୋଇ ପାରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥିବାରୁ ଏଠାରେ ଦ୍ୱିମୁଖୀ ଲଢେଇ ହେବା ନିଶ୍ଚିତ ହୋଇଛି।

### ବରୀ ବିଧାନସଭା

ବରୀ ବିଧାନସଭା ଆସନରେ ୭ ଜଣ ପ୍ରାର୍ଥୀ ରହିଥିଲେ ହେଁ ବିଜେଡିର ସୁନନ୍ଦା ଦାସ ଓ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୋଇଥିବା ସୁନନ୍ଦାଙ୍କୁ ଏଥର ବିଜେଡି ଟିକେଟ ମିଳିଛି। କ୍ଷମତା ଲୋଭରେ ଭାଜପାକୁ ଛାଡି ଗୋଟିଏ ଦିନ ମଧ୍ୟରେ ବିଜେଡିରେ ମିଶିଥିବାରୁ ସଚେତନ ଭୋଟରଙ୍କ ମଧ୍ୟରେ ସୁନନ୍ଦାଙ୍କ ପ୍ରତି କିଛି ନକରାତ୍ମକ ଭାବନା ସୃଷ୍ଟି ହୋଇଛି। ତଥାପି ନବୀନଙ୍କ ହାୱାରେ ସେ ନିର୍ବାଚନୀ ବୈତରଣୀ ପାର ହେବାକୁ ଜୋରସୋର ଉଦ୍ୟମ ଜାରି ରଖିଛନ୍ତି। ଭାଜପାର ବିଶ୍ୱରଞ୍ଜନ ଗତ ଥର ସ୍ୱାଧୀନ ଭାବେ ଲଢି ପ୍ରାୟ ୭ ହଜାର ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଏଥର ସେହି ପୁଞ୍ଜିକୁ ପାଥେୟ କରି ମୋଦିଙ୍କ ହାୱାରେ ସେ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି। କଂଗ୍ରେସ ପ୍ରାର୍ଥୀ ଉମେଶ ଜେନାଙ୍କୁ ଦଳୀୟ କର୍ମୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବାବେଳେ କେତେକ ସ୍ଥାନରେ ଆଣ୍ଟି ଇନକ୍ୟୁବେନ୍ସିର ଲାଭ ପାଇବେ ବୋଲି ଚର୍ଚ୍ଚା ହେଉଛି।

### ବଡ଼ଚଣା ବିଧାନସଭା

ବଡଚଣା ଆସନରେ ୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଚୂଡ଼ାନ୍ତ ଲଢେଇରେ ବିଜେଡିର ଅମରପ୍ରସାଦ ଶତପଥି, ଭାଜପାର ଅମର ନାୟକ ଓ କଂଗ୍ରେସର ଅଜୟ ସାମଲ ରହିଛନ୍ତି। ଏଠାରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ଲଢେଇ ହେଉଛି। ଶେଷ ମୁହୂର୍ତ୍ତରେ ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର କଂଗ୍ରେସ ଦଳ ଟିକେଟ ଫେରାଇ ଦେବା ପରେ କଂଗ୍ରେସ ଏକ ପ୍ରକାର ଦୁର୍ବଳ ହୋଇଯାଇଛି। ଏଣୁ ଭାଜପା ଓ ବିଜେଡି ମଧ୍ୟରେ ଏଠାରେ କଡା ଟକ୍କର ହେଉଛି। ବିଜେଡିର ବିଧାୟକ ଅମର ପ୍ରସାଦ ଶତପଥି ଦୀର୍ଘଦିନ ଧରି କ୍ଷମତାରେ ରହି ଆସିଥିବାରୁ ସେ ଆଣ୍ଟି ଇନକ୍ୟୁବେନ୍ସିର ସମ୍ମୁଖୀନ ହେଉଥିବାବେଳେ ଭାଜପା ପ୍ରାର୍ଥୀ ଅମର ନାୟକ ଏହାର ଫାଇଦା ନେବା ଲକ୍ଷ୍ୟରେ ରହିଛନ୍ତି।

### ଧର୍ମଶାଳା ବିଧାନସଭା

ଧର୍ମଶାଳାରେ ଏକତରଫା ଲଢେଇ ଚାଲିଥିବା ପରିଲକ୍ଷିତ ହୋଇଛି। ଧର୍ମଶାଳା ବିଧାୟକଙ୍କ ଘମାଘୋଟ ପ୍ରଚାର ଆଗରେ ବିରୋଧୀ ନଇଁ ପଡିଲା ଭଳି ଲାଗୁଛି। ତଥାପି ଆଣ୍ଟି ଇନକ୍ୟୁବେନ୍ସିର ଭୟ ବିଧାୟକଙ୍କୁ ଘାରିଛି। ଏହାର ଫାଇଦା ନେବାକୁ ଭାଜପାର ରମେଶ ପରିଡା ଓ କଂଗ୍ରେସର ସ୍ମୃତିରେଖା ପହି ସେତେଟା ସଫଳ ହୋଇ ପାରୁନାହାନ୍ତି। ଫଳରେ ଧର୍ମଶାଳା ବିଜେଡିରେ ଗତ ପ୍ରାୟ ୧ ମାସ ହେବ ଭାଜପା ଓ କଂଗ୍ରେସର ଶତାଧିକ କର୍ମୀ ମିଶୁଥିବାର ଦେଖାଯାଉଛି।

### କୋରେଇ ବିଧାନସଭା

କୋରେଇ ବିଧାନସଭା ଆସନର ଫଳାଫଳ ଜିଲାରେ ବ୍ୟତିକ୍ରମ ହେବାର ସମ୍ଭାବନା ରହିଛି। ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ନିଜ ଦଳୀୟ କର୍ମୀ ଅଡୁଆରେ ପକାଇଛନ୍ତି। ବିଧାୟକ ଆକାଶ ଦାସନାୟକଙ୍କୁ ଟିକେଟ ନ ମିଳିବା ପରେ ଏଠାରେ ବିଜେଡି ୩ ଫାଳ ହୋଇଛି। ବିଜେଡି ପ୍ରାର୍ଥୀ ଅଶୋକଙ୍କୁ ବିଭିନ୍ନ ସ୍ଥାନରେ ବିରୋଧର ସମ୍ମୁଖୀନ ହେଉଥିବାବେଳେ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ଏହାର ଉପଯୁକ୍ତ ଫାଇଦା ନେଉଛନ୍ତି। ପୂର୍ବରୁ କଂଗ୍ରେସର ସାଂଗଠନିକ ସ୍ଥିତି ଦୁର୍ବଳ ରହିଥିଲେ ହେଁ ବନ୍ଦିତାଙ୍କ ନେତୃତ୍ୱରେ ଏବେ କଂଗ୍ରେସର ସ୍ଥିତି ସୁଧାର ହୋଇଛି। ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକ ମଧ୍ୟ ଜୋରସୋର ପ୍ରଚାର କରି ଲୋକଙ୍କ ପାଖକୁ ପହଞ୍ଚିବାରେ ସକ୍ଷମ ହୋଇ ପାରିଛନ୍ତି। ଏଠାରେ ତିନି ପ୍ରମୁଖ ଦଳ ମଧ୍ୟରେ କାଟେଁ କା ଟକ୍କର ହେଉଥିବା ଦେଖିବାକୁ ମିଳୁଛି।

### ସୁକିନ୍ଦା ବିଧାନସଭା

ଶିଳ୍ପ ଓ ଖଣି ସମୃଦ୍ଧ ସୁକିନ୍ଦା ଆସନରେ ତ୍ରିମୁଖୀ ଲଢେଇ ହେଉଛି। ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡେଇ, ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ଓ କଂଗ୍ରେସର ଶରତ ରାଉତ କେହି କାହାରିକୁ କମ୍ ନୁହନ୍ତି। ଗତ ନିର୍ବାଚନରେ କଂଗ୍ରେସର ଶରତ ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ବିଜେଡିର ପ୍ରୀତିରଞ୍ଜନଙ୍କ ଠାରୁ ପରାସ୍ତ ହୋଇଥିଲେ। ତେବେ ଗତଥର ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ ଏଥର ଭାଜପାର ପ୍ରାର୍ଥୀ ହୋଇ ନିଜର ଦମ ଦେଖାଇବାରେ ସଫଳ ହୋଇ ପାରିଛନ୍ତି। ତଥାପି ବିଜେଡିର ଗୋଟିଚାଳନାରେ ଉଭୟ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ ନାକେଦମ ହେବାକୁ ପଡୁଛି। ନିର୍ବାଚନୀ ପ୍ରଚାର ସରିଥିଲେ ହେଁ ଏଠାରେ ଚିତ୍ର ଅସ୍ପଷ୍ଟ ରହିଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ରାଜକନିକା,୨୭।୪(ଡି.ଏନ୍.ଏ.):** ରାଜକନିକା ଥାନା ଅନ୍ତର୍ଗତ ମଦରଙ୍ଗାପାଟ ଗାଁରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଏଥିରେ ଗାଁର ରାଜକିଶୋର ବେହେରା ଓ ରବି ନାରାୟଣ ବେହେରାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ସମସ୍ତ ଆସବାବ ପତ୍ର, ଟଙ୍କା, ଧାନ, ଚାଉଳ ଆଦି ପୋଡିଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯାଇ ରାଜକିଶୋର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସକାଳ ୧୦ଟା ୪୫ ମିନିଟ୍‌ରେ ଏହି ନିଆଁ ଲାଗିଥିଲା। ଗାଁ ଲୋକେ ଏହା ଦେଖି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନେ ବିଫଳ ହୋଇଥିଲେ। ଖବରପାଇ ରାଜକନିକା ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ କାଟଣାବଣିଆଁ ସରପଞ୍ଚ ନିରାକାର ସେଠୀ ୨ ବିପନ୍ନ ପରିବାରରକୁ ଭେଟି ସମବେଦନା ଜଣାଇଛନ୍ତି। ତୁରନ୍ତ ଏହି ବିପନ୍ନ ପରିବାରଗୁଡିକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାର ୧୪୩୮ ବୁଥ୍‌ରେ ହେବ ଭୋଟଗ୍ରହଣ

## ■ ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ

**କେନ୍ଦ୍ରାପଡା ଅଫିସ, ୨୭।୪**

ଆସନ୍ତା ୨୯ରେ କେନ୍ଦ୍ରାପଡା ଲୋକସଭା ଆସନ ସମେତ ଜିଲାର ରାଜନଗର, ଆଳି, କେନ୍ଦ୍ରାପଡା ଓ ମହାକାଳପଡା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଏନେଇ ପୋଲିଂ କର୍ମଚାରୀମାନେ ଶନିବାର କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ମତଦାନ ନିମନ୍ତେ ଆବଶ୍ୟକ ସାମଗ୍ରୀ ଧରି ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲାର ମୋଟ ୧୪୩୮ଟି ବୁଥରେ ଭୋଟ ଗ୍ରହଣ ହେବ । ପାଟକୁରା ନିର୍ବାଚନ ମଣ୍ଡଳୀରେ ଲୋକସଭା ଆସନ ପାଇଁ ୩୦୯ଟି ବୁଥରେ ନିର୍ବାଚନ ହେବ। ତେବେ ଏହି ବିଧାନସଭା ଆସନ ପାଇଁ ମେ ୧୯ରେ ମତଦାନ ହେବ। ସେହିପରି ଲୋକସଭା ଓ ବିଧାନସଭା ଆସନ ପାଇଁ କେନ୍ଦ୍ରାପଡା ନିର୍ବାଚନ କ୍ଷେତ୍ରରେ ୨୪୫, ଆଳିରେ ୩୧୮, ରାଜନଗରରେ ୨୮୪ ଓ ମହାକାଳପଡା ବିଧାନସଭାରେ ୨୮୨ ବୁଥ ଗଠନ କରାଯାଇଛି । ପ୍ରତି ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଫିସର, ୨ ଜଣ ପୋଲିଂ ଅଫିସରଙ୍କ ସହ ମୋଟ ୬ ଜଣଙ୍କୁ ନିୟୋଜିତ କରାଯାଇଛି । ଏଥିସହ ୧୦ ପ୍ରତିଶତ ପୋଲିଂ ଅଫିସର, ପିଜାଇଡିଂ ଅଫସରଙ୍କୁ ହେଡକ୍ୱାଟରରେ ରିଜର୍ଭ ରଖାଯାଇଛି । ପ୍ରାଥମିକ ଆକଳନରେ ୧୪୩ଟି ବୁଥ ସମ୍ବେଦନ ଶୀଳ ଥିବା ବେଳେ ପରବର୍ତ୍ତି ସମୟରେ ଏହାର ସଂଖ୍ୟା ୨୦୦ରୁ ଅଧିକ ହୋଇଛି । ଉକ୍ତ ବୁଥଗୁଡିକରେ ଶୃଙ୍ଖଳିତ ଉପାୟରେ ଭୋଟ ଗ୍ରହଣ ନିମନ୍ତେ ମାଇକ୍ରୋ ଅବଜରଭର, ସିସି କ୍ୟାମେରା, ଭିଡିଓଗ୍ରାଫି, ଷ୍ଟିଲ କ୍ୟାମେରା, ସ୍ୱତନ୍ତ୍ର ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି । ୧୪୩ ସେକ୍ଟର ଅଫିସର, ୧୪୦ ସୁପରଭାଇଜର ଓ ପୋଲିସ ଟିମ୍ ମଧ୍ୟ ଏହାକୁ ନଜର କରିବେ । ନିର୍ବାଚନରେ ଜିଲାର ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୧,୫୨୬ ଭିନ୍ନକ୍ଷମ ବ୍ୟକ୍ତି ଭୋଟ ପ୍ରଦାନ କରିବେ । ଚଳିତ ନିର୍ବାଚନରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ଭୋଟରଙ୍କୁ ନେବା ଆଣିବା ପାଇଁ ଗାଡି ସହ ସ୍ୱେଚ୍ଛାସେବୀଙ୍କ ବ୍ୟବସ୍ଥା କରାଯାଇଛି । ଜିଲାର ୧୧ ସ୍ଥାନରେ ମଡେଲ ବୁଥ ହେଉଛି । ଜିଲାର କେତେକ ବୁଥ ପାଇଁ ଡ଼ଙ୍ଗାର ସାହାର୍ଯ୍ୟ ନିଆଯାଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି ।



ପୋଲିଂ କର୍ମଚାରୀମାନେ ମତଦାନ ସାମଗ୍ରୀ ନେଇ ବୁଥ୍‌କୁ ଯାଉଛନ୍ତି।

## ପାଟକୁରାରେ ପହଞ୍ଚିଲେ ପୋଲିଂ ପାର୍ଟି

**ଡେରାବିଶ, ୨୭।୪ (ସ୍ୱ.ପ୍ର)**

ଆସନ୍ତା ୨୯ରେ ପାଟକୁରାରେ କେବଳ ଲୋକସଭା ନିର୍ବାଚନ ହେବ । ଏଥିପାଇଁ ୩୦୯ ପୋଲିଂ ପାର୍ଟି ବୁଥରେ ପହଞ୍ଚିଛନ୍ତି। ଏଠାକାର ବିଧାନ ଆସନ ପାଇଁ ମେ ୧୯ରେ ନିର୍ବାଚନ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆସନରୁ ନିର୍ବାଚନ ଲଢୁଥିବା ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ପରେ ନିର୍ବାଚନ ତାରିଖ ପରିବର୍ତ୍ତନ କରାଯାଇଛି। ସୂଚନାଯୋଗ୍ୟ, ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ୨୬ ପଞ୍ଚାୟତ, ଗରପୁରର ୧୮ ଓ ମାର୍ଶାଘାଇର ୭ ପଞ୍ଚାୟତ ରହିଛି । ଏଥିଲାଗି ୨୮ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ନିର୍ବାଚନ ସୁପରିଚାଳନା ପାଇଁ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ବୁଥରେ ଭିନ୍ନକ୍ଷମଙ୍କ ପାଇଁ ର୍‍ୟାମ୍ପ, ସହାୟତା ବ୍ୟବସ୍ଥା ସହ ଭୋଟରଙ୍କ ପାଇଁ ପାନୀୟ ଜଳ, ଅପେକ୍ଷା ଗୃହ ଆଦିର ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ଏହି ନିର୍ବାଚନର ୭ ଲୋକସଭା ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟ ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। । ଶେଷ ଦିନରେ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ଜୋରଦାର ପ୍ରଚାର କରିଛନ୍ତି । ବିଜେଡିର ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକରେ ଶୁକ୍ରବାର ରୋଡ ଶୋ କରିଥିଲେ । ଶନିବାର ସମର୍ଥକମାନେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଗ୍ରାମାଞ୍ଚଳରେ ରୋଡ ଶୋ କରିଥିଲେ । ସେହିପରି ଭାଜପା ପକ୍ଷରୁ ମଧ ରୋଡ ଶୋ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଓ ଦଳ

| | | |
|---|---|---|
| **କେନ୍ଦ୍ରାପଡା ଲୋକ ସଭା ଆସନ** | | |
| ୧. | ଅନୁଭବ ମହାନ୍ତି | ବିଜୁ ଜନତା ଦଳ |
| ୨. | ଧରମୀଧର ନାୟକ | ଭାରତୀୟ ଜାତୀୟ କଂଗ୍ରେସ |
| ୩. | ବୈଜୟନ୍ତ ପଣ୍ଡା | ଭାରତୀୟ ଜନତା ପାର୍ଟି |
| ୪. | ରବୀନ୍ଦ୍ର ନାଥ ବେହେରା | ସମାଜବାଦୀ ପାର୍ଟି |
| ୫. | ଶ୍ରୀକାନ୍ତ ସାମଲ | କୃପା ପାର୍ଟି |
| ୬. | ସନ୍ତୋଷ କୁମାର ଦାସ | ସ୍ୱାଧୀନ |
| ୭. | ସନ୍ତୋଷ କୁମାର ପାତ୍ର | ସ୍ୱାଧୀନ |
| **ମହାକାଳପଡ଼ା ନିର୍ବାଚନମଣ୍ଡଳୀ** | | |
| ୧. | ଅତନୁ ସବ୍ୟସାଚୀ ନାୟକ | ବିଜେଡି |
| ୨. | ଅଧୀର ନାଥ ଶର୍ମା | ବହୁଜନ ସମାଜ ପାର୍ଟି |
| ୩. | ବିଜୟ ପ୍ରଧାନ | ଭାଜପା |
| ୪. | ବିଭ୍ରାଂଶୁ ଶେଖର ଲେଙ୍କା | କଂଗ୍ରେସ |
| ୫. | ଆଶୁତୋଷ ମହାରଣା | ଆମ୍ବେଦକର ନ୍ୟାସନାଲ କଂଗ୍ରେସ |
| ୬. | ରଞ୍ଜିତା କାନୁନ୍‌ଗୋ | ସମାଜବାଦୀ ପାର୍ଟି |
| ୭. | ଦେବେନ୍ଦ୍ର ରାଉତ | ସ୍ୱାଧୀନ |
| ୮. | ପଦ୍ମନାଭ ଚୌଧୁରୀ | ସ୍ୱାଧୀନ |
| ୯. | ଭୀମସେନ ସେଠୀ | ସ୍ୱାଧୀନ |
| ୧୦. | ମମତା ସାମନ୍ତରାୟ | ସ୍ୱାଧୀନ |
| **ରାଜନଗର ନିର୍ବାଚନମଣ୍ଡଳୀ** | | |
| ୧. | ଧ୍ରୁବଚରଣ ସାହୁ | ବିଜେଡି |
| ୨. | ଅଂଶୁମାନ ମହାନ୍ତି | କଂଗ୍ରେସ |
| ୩. | ଅଲେଖ କୁମାର ଜେନା | ଭାଜପା |
| ୪. | ସୁନୀତା ପ୍ରଧାନ | ସ୍ୱାଧୀନ |
| ୫. | ଅଜୟ କୁମାର ବେହେରା | ସ୍ୱାଧୀନ |
| ୬. | ଅନିରୁଦ୍ଧ ସେଠୀ | ବହୁଜନ ସମାଜ ପାର୍ଟି |
| ୭. | ସୁଦର୍ଶନ ପ୍ରଧାନ | ସମାଜବାଦୀ ପାର୍ଟି |
| **ଆଳି ବିଧାନସଭା** | | |
| ୧. | ଦେବେନ୍ଦ୍ର ଶର୍ମା | କଂଗ୍ରେସର |
| ୨. | ଦୋଳଗୋବିନ୍ଦ ନାୟକ | ଭାଜପା |
| ୩. | ପ୍ରତାପ କେଶରୀ ଦେବ | ବିଜେଡି |
| ୪. | ସୁଧାକର ମଲ୍ଲିକ | ବିଏସ୍‌ପି |
| ୫. | ଜୟନ୍ତ କୁମାର ମଲ୍ଲିକ | ମଜଦୁର ବିକାଶ ଦଳର |
| ୬. | ବିଧାନଚନ୍ଦ୍ର ଦାସ | ସିପିଆଇ (ଏମଏଲ) |
| ୭. | ପ୍ରଭାତ କୁମାର ମଲ୍ଲିକ, ରାଧାନାଥ ରାୟ, ସତ୍ୟଜିତ ସ୍ୱାଇଁ ଓ ସୁଜାତା ବାରିକ | ସ୍ୱାଧୀନ ପ୍ରାର୍ଥୀ |
| **କେନ୍ଦ୍ରାପଡା ବିଧାନସଭା** | | |
| ୧ | ଗଣେଶ୍ୱର ବେହେରା | କଂଗ୍ରେସ |
| ୨ | ରଞ୍ଜନ କୁମାର ମଲ୍ଲିକ | ବିଏସ୍‌ପି |
| ୩ | ସୁନାକର ବେହେରା | ଭାଜପା |
| ୪ | ଗଣେଶ୍ୱର ବେହେରା | କଂଗ୍ରେସ |
| ୫ | ରଞ୍ଜନ କୁମାର ମଲ୍ଲିକ | ବିଏସ୍‌ପି |
| ୬ | ସୁନାକର ବେହେରା | ଭାଜପା |
| ୭ | ନରେନ୍ଦ୍ର କୁମାର ମଲ୍ଲିକ | ଇଣ୍ଡିଆନ ସିଟିଜେନ ପ୍ରାର୍ଥୀ |
| ୮ | ଶଶିଭୂଷଣ ବେହେରା | ବିଜେଡି |
| ୯ | ପଦ୍ମଚରଣ ମଲ୍ଲିକ, ପ୍ରତାପ କୁମାର ମଲ୍ଲିକ, ରବୀନ୍ଦ୍ର ମୁଦୁଲି, ଉର୍ମିଳା ସେଠୀ ଓ ଆଲୋକ କୁମାର ଜେନା | ସ୍ୱାଧୀନ ପ୍ରାର୍ଥୀ |

## କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ରଙ୍କ ବାଇକ୍ ରାଲି

**ରାଜକନିକା,୨୭।୪(ଡି.ଏନ୍.ଏ)**

ଆଳି ନିର୍ବାଚନ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ଶନିବାର ରାଜକନିକା ବ୍ଲକ ଅନ୍ତର୍ଗତ ଜୟନଗର ପଞ୍ଚାୟତରେ ପହଞ୍ଚି ବାଇକ ରାଲି କରିଛନ୍ତି। ଏହି ରାଲିରେ ପୂର୍ବକନିକା ଜୋନ ସଭାପତି ମଙ୍ଗୁଳି ଚରଣ ବେହେରା, ଜୟନଗର ପଞ୍ଚାୟତ ସଭାପତି ଅଜୟ ରାଉତ, ସରପଞ୍ଚ କୈଳାସ ତରାଇ, କୋଇଲିପୁର ସଭାପତି କୃତ୍ତିବାସ ଦାସ, ଚିତ୍ତରଞ୍ଜନ ପାଳ, ଗୋକୁଳାନନ୍ଦ ପାଣି ଓ ଲୁଲୁ ମଲିକ ପ୍ରମୁଖ ଯୋଗଦେଇଥିଲେ। ଜୟନଗର ବଜାରରୁ ଏହି ବାଇକ୍ ରାଲି ବାହାରି ପଞ୍ଚାୟତ ପରିକ୍ରମା କରିଥିଲା। ଏହି ଅବସରରେ କଂଗ୍ରେସ ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା।

## ବିଜେଡିର ଷ୍ଟାର ପ୍ରଚାରକଙ୍କ ଭିଡ଼



ରୋଡ୍ ଶୋରେ ଷ୍ଟାର ପ୍ରଚାରକଙ୍କ ସହ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ।

**ରାଜକନିକା,୨୭।୪ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ପୂର୍ବକନିକାରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବଙ୍କ ହାଇ ଭୋଲଟେଜ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ସିନେ ତାରକା ତଥା ଷ୍ଟାର ପ୍ରଚାରକ ବର୍ଷା ପ୍ରିୟଦର୍ଶିନୀ, ରିୟା, ଆକାଶ ଦାସ ନାୟକଙ୍କ ସହ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଖୋଲା ଜିପ୍‌ରେ ବସି ପ୍ରଚାର କରିଥିଲେ। ରାଜକନିକା ମେଳଣ ପଡ଼ିଆଠାରୁ ବାହାରି ଥିବା ଏହି ରୋଡ୍ ଶୋ କାଳିକାପୁର ଦେଇ କଣ୍ଟପଡ଼ା, କୋରନ୍ଦ, ସିକୋ, ତ୍ରୈଲୋକ୍ୟପୁର, କାଟଣା, କୋଇଲିପୁର, ଜୟନଗର, ବରାଡ଼ିଆ, ଆଖୁଳିପଡ଼ା, ତରାସ, ବାଘବୁଡା, ଜାଗୁଳାଇପଡ଼ା, ଭାରିଗଦା ପଞ୍ଚାୟତରେ ପହଞ୍ଚିଥିଲା। ପ୍ରଚାରରେ ରାଜକନିକା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ବରିଷ୍ଠ ବିଜେଡି ନେତା ବିକାଶ ଦାସ, ହରିଶ୍ଚନ୍ଦ୍ର ମହାପାତ୍ର, ଆର୍ତ୍ତତ୍ରାଣ ରାଉତ, ବାସୁଦେବ ବିଶ୍ୱାଳ, ଶ୍ରୀନିବାସ ପ୍ରଧାନ, ପ୍ରମିଳା ସାମଲ, କିରଣ ରାଉତ, ଜଗନ୍ନାଥ ରାଉତରାୟ, ବିଦ୍ୟାଧର ବେହେରା, ଭରତ ମହାମାତ୍ର, କୁମର ନାୟକ, ବସନ୍ତ ନାୟକ, ଶରତ ମଲ୍ଲିକ, ପ୍ରଭାସ ସେନାପତି, କପିଳ ରାଉତ, ମାନସ ବିଶ୍ୱାଳ, ପ୍ରକାଶ ସେନାପତି, ଜଗନ୍ନାଥ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ■ରାଜନଗର ନିର୍ବାଚନମଣ୍ଡଳୀ

## ୨୮୪ ବୁଥ୍‌ରେ ମତଦାନ କରିବେ ୨,୩୯,୮୭୧ ଭୋଟର

**ରାଜନଗର, ୨୭।୪ (ଡି.ଏନ୍.ଏ.)**

ଆସନ୍ତା ୨୯ରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏଥିପାଇଁ ୨୭ ତାରିଖ ସନ୍ଧ୍ୟା ସୁଦ୍ଧା ପ୍ରଚାର ଶେଷ ହୋଇଛି। ଚଳିତ ନିର୍ବାଚନରେ ରାଜନଗର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ମୋଟ ୨୮୪ଟି ଭୋଟ ଦାନ କେନ୍ଦ୍ର ଖୋଲାଯାଇଛି। ରାଜନଗର ବ୍ଲକରେ ୧୫୩ଟି ବୁଥ୍ ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟିରେ ୧୩୧ଟି ବୁଥ୍ ରହିଛି। ସବୁଦାୟ ୨୮୪ ବୁଥ୍‌ରେ ୨,୩୯,୮୭୧ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୨୬, ୪୧୪ ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧,୧୩,୪୩୮ ଓ ୧୯ ଜଣ ଅନ୍ୟାନ୍ୟ ଭୋଟ ଅଛନ୍ତି। ରାଜନଗର ବ୍ଲକରେ ୧,୨୫,୩୮୭ ଭୋଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟିରେ ୧,୧୪,୪୮୪ ଭୋଟର ରହିଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀରେ ୨୦୦୪ ସାଧାରଣ ନିର୍ବାଚନରେ ୭୫.୯୯ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ୨୦୦୯ରେ ୬୮.୭୬ ପ୍ରତିଶତ ଓ ୨୦୧୪ ସାଧାରଣ ନିର୍ବାଚନରେ ୭୧.୦୧ ପ୍ରତିଶତ ଭୋଟର ମତଦାନ ସାବ୍ୟସ୍ତ କରିଥିଲେ। ତେବେ ଚଳିତଥର ଅପେକ୍ଷାକୃତ ଅଧିକ ଭୋଟର ମତଦାନ ସାବ୍ୟସ୍ତ କରିବେ ବୋଲି ଆଶା କରାଯାଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ରାଜନଗର ବିଧାନସଭା ଆସନ ପାଇଁ ବିଜେଡିରୁ ଧ୍ରୁବଚରଣ ସାହୁ, କଂଗ୍ରେସରୁ ଅଂଶୁମାନ ମହାନ୍ତି, ଭାଜପାରୁ ଅଲେଖ କୁମାର ଜେନା ପ୍ରାର୍ଥୀ ହୋଇଛନ୍ତି। ସେହିପରି ସ୍ୱାଧୀନରୁ ଅଜୟ କୁମାର ବେହେରା, ସୁନୀତା ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ଅନିରୁଦ୍ଧ ସେଠୀ, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ ନିର୍ବାଚନ ଲଢୁଛନ୍ତି।


क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR**
एन सी ई आर टी NCERT (National Council of Educational Research and Training)
Sachivalaya Marg, Bhubaneswar-751022

**Admission Notice 2019-2020**

**Advt. No.357** **Date :26.04.2019**

The Regional Institute of Education (NCERT), Bhubaneswar will offer the following courses for the academic session 2019-2020.

**(1) Four-year B.Sc.B.Ed.**
**(2) Four-year B.A.B.Ed.**
**(3) Two-year B.Ed.**
**(4) Two-year M.Ed.**
**(5) M.Phil. in Education**

For admission to above courses online applications are invited from eligible applicants and RIE, Bhopal is the Nodal Centre for this admission. For details please visit the website **www.cee.ncert.gov.in**. For queries, if any, please contact 0755-2661467 or 0755-2661468 and email ID at **cee2019help@gmail.com**.

For admission to course (5) i.e. M.Phil. in Education, a separate notice will be issued soon by RIE, Bhubaneswar. The details will be available on our websites **www.riebbs.ac.in** & **www.riebbs.ori.nic.in**.

**PRINCIPAL**



**DHFL** Changing Rules Changing Lives
**ଦିୱାନ ହାଉସିଂ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍**
ଜାତୀୟ କାର୍ଯ୍ୟାଳୟ: ଡିଏଚ୍‌ଏଫ୍‌ଏଲ୍ ହାଉସ୍, ୧୯, ସହର ରୋଡ୍, ଅଫ୍ ୱେଷ୍ଟର୍ନ ଏକ୍ସପ୍ରେସ୍ ରାଜପଥ, ଭିଲେ ପାର୍ଲେ (ପୂର୍ବ), ମୁମ୍ବାଇ - ୪୦୦୦୯୯
**ଦଖଲ ନୋଟିସ**

**ଜୋନାଲ୍ କାର୍ଯ୍ୟାଳୟ: ୪୧, ସେକ୍ସପିୟର ସରଣୀ, ୧ମ ମହଲା, ଡକ୍‌ବ୍ୟାକ୍ ହାଉସ୍, କୋଲକାତା - ୭୦୦୦୧୭।**

**ପରିଶିଷ୍ଟ - IV, ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଦିୱାନ ହାଉସିଂ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍ (ଡିଏଚ୍‌ଏଫ୍‌ଏଲ)ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ ୨୦୦୨ ଅଧୀନରେ ଏବଂ ଧାରା ୧୩ (୧୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ ୨୦୦୨ର ନିୟମ ୩ରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ନିମ୍ନବର୍ଣ୍ଣିତ ଋଣଗ୍ରହୀତା(ମାନ)/ଜାମିନଦାର(ମାନ)ଙ୍କୁ କମ୍ପାନୀର ପ୍ରାଧିକୃତ ଅଧିକାରୀ ଭାବେ ନୋଟିସରେ ଦର୍ଶିତ ପରିମାଣକୁ କଥିତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପୈଠ କରିବା ପାଇଁ ଡିମାଣ୍ଡ ନୋଟିସ(ଗୁଡ଼ିକ) ଜାରି କରିଥିଲେ। ଋଣଗ୍ରହୀତା ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ଏତଦ୍ୱାରା ଋଣଗ୍ରହୀତା(ମାନ)/ଜାମିନଦାର(ମାନ)ଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ, କଥିତ ଅଧିନିୟମର ଧାରା ୧୩ର ଉପ-ଧାରା (୪) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି। ବନ୍ଧକ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନଗୁଡ଼ିକ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି। ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ କଥିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ ଡିଏଚ୍‌ଏଫ୍‌ଏଲ ଦ୍ୱାରା ଏଠାରେ ଦର୍ଶିତ ପରିମାଣ ଏବଂ ତାହା ଉପରେ ଲାଗୁ ସୁଧ ଆଦାୟ କରାଯିବ।

| ଋଣଗ୍ରହୀତା(ମାନ) ଏବଂ ସହ ଋଣଗ୍ରହୀତା(ମାନ)ଙ୍କ ନାମ | ବନ୍ଧକ ପରିସମ୍ପତ୍ତିର ବର୍ଣ୍ଣନା (ସ୍ଥାବର ସମ୍ପତ୍ତି) | ଡିମାଣ୍ଡ ନୋଟିସ ତାରିଖ ଓ ପରିମାଣ | ଦଖଲ ତାରିଖ |
|---|---|---|---|
| ଏଲ୍ ସି ନଂ.: ୦୦୦୦୦୮୬୬ ଶାଖା: ଭୁବନେଶ୍ୱର ଋଣଗ୍ରହୀତା: ବିଦ୍ୟାଧର ମହାନ୍ତି ସହ-ଋଣଗ୍ରହୀତା: ସତ୍ୟଭାମା ମହାନ୍ତି | ଫ୍ଲାଟ୍ ନଂ. ୧୦୧ "ସି", ତଳ ମହଲା, ବିଶାଳ ରେସିଡେନ୍ସି, ମୌଜା: ୟୁନିଟ: ନଂ.୨୭, ଭୁବନେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା–୭୫୧୦୦୨ ସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। | ୧୯।୦୫।୨୦୧୮ ଓ ଟ.୨୨,୦୫,୪୩୫/- | ୨୪।୦୪।୨୦୧୯ |
| ଏଲ୍ ସି ନଂ.: ୦୦୦୦୧୩୦୨ ଶାଖା: ଭୁବନେଶ୍ୱର ଋଣଗ୍ରହୀତା: ସୋମନାଥ ଦାଶ ସହ-ଋଣଗ୍ରହୀତା: ବିଶ୍ୱନାଥ ଦାଶ | ରାଜସ୍ୱ ପ୍ଲଟ୍ ନଂ.୧୭୨୧ ଓ ୧୭୨୨ ଖାତା ନଂ.୭୫୨/୩୫୬ ଓ ୭୫୨/୩୫୭ ମୌଜା– ସିରିଆପୁର, ତହସିଲ– ପିପିଲି, ପୁରୀ–୭୫୨୧୦୪ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। | ୨୯।୦୧।୨୦୧୯ ଓ ଟ.୨୨,୯୦,୮୮୩/- | ୨୪।୦୪।୨୦୧୯ |
| ଏଲ୍ ସି ନଂ.: ୦୦୦୦୧୩୦୯ ଶାଖା: ଭୁବନେଶ୍ୱର ଋଣଗ୍ରହୀତା: ସୋମନାଥ ଦାଶ ସହ-ଋଣଗ୍ରହୀତା: ବିଶ୍ୱନାଥ ଦାଶ | ରାଜସ୍ୱ ପ୍ଲଟ୍ ନଂ.୧୭୨୧ ଓ ୧୭୨୨ ଖାତା ନଂ.୭୫୨/୩୫୬ ଓ ୭୫୨/୩୫୭ ମୌଜା– ସିରିଆପୁର, ତହସିଲ– ପିପିଲି, ପୁରୀ–୭୫୨୧୦୪ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। | ୨୫।୦୧।୨୦୧୯ ଓ ଟ.୯,୧୦,୦୨୭/- | ୨୪।୦୪।୨୦୧୯ |

ତାରିଖ: ୨୮।୦୪।୨୦୧୯, ସ୍ଥାନ: କୋଲକାତା ଶ୍ରୀଯୁକ୍ତ ଶୁଭମ କୁମାର ଜୟସ୍ୱାଲ, ପ୍ରାଧିକୃତ ଅଧିକାରୀ/ଦିୱାନ ହାଉସିଂ ଫାଇନାନ୍ସ କର୍ପୋରେଶନ ଲିମିଟେଡ୍।



**TENDER NOTICE**

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की आपूर्ति के लिए बोलीयां आमंत्रित की जा रही है, जिनके विवरण निम्नानुसार हैं:-

Regional Passport Office, Bhubaneswar is inviting the tender for hiring of Car, details of which are as follows:-

| क्रमांक S. N. | विवरण / Details | बोली की शुरूआत दिनांक Bid submission start date | बोली की अंतिम दिनांक Bid submission end date | Tender ID |
|---|---|---|---|---|
| 1 | किराये पर कार (निविदा दस्तावेज में विवरण) Hiring of Car (details in tender document) | 29.04.2019 | 04.06.2019 | 2019_ MEA_465637_1 |

उपरोक्त वर्णित निविदा आईडी का उपयोग करके, निविदा दस्तावेज www.eprocure.gov.in से डाउनलोड किया जा सकता है।
Tender document may be downloaded from website: www.eprocure.gov.in, using tender id mentioned above.

Sd./- G.C. DAS / जी.सी. दास
सहायक पासपोर्ट अधिकारी, Asst. Passport Officer
पासपोर्ट कार्यालय, भुवनेश्वर / Passport Office, Bhubaneswar







କେନ୍ଦ୍ରରେ ପୁଣି ଥରେ କ୍ଷମତାକୁ ଫେରିଲେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବୁ।

-ଅମିତ ଶାହ,
ଭାଜପା ରାଷ୍ଟ୍ରୀୟ ଅଧକ୍ଷ

## ସଂକ୍ଷେପରେ

### ଜିନ୍ନାଙ୍କୁ ପ୍ରଶଂସା କରି ବିବାଦରେ ଶତ୍ରୁଘ୍ନ



**ଛିନ୍ଦୱାଡ଼ା(ମଧ୍ୟପ୍ରଦେଶ),୨୭।୪:** ଭାଜପାରୁ ମୁହଁମୋଡ଼ି କଂଗ୍ରେସରେ ଯୋଗଦେଇଥିବା ଶତ୍ରୁଘ୍ନ ସିହ୍ନା ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କ ପ୍ରଶଂସା କରି ବିବାଦରେ ଫସିଛନ୍ତି। କଂଗ୍ରେସକୁ ପ୍ରଶଂସା କରି ସେ ଦେଶର ସ୍ୱାଧୀନତାରେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ଜବାହର ଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷଙ୍କ ସହ ଜିନ୍ନାଙ୍କ ଅବଦାନ ଅନେକ ବୋଲି କହିଥିଲେ। ସେଥିପାଇଁ ସେ କଂଗ୍ରେସକୁ ଆସିଥିବା କହିଥିଲେ। ଶତ୍ରୁଘ୍ନଙ୍କ ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଥିଲା ବେଳେ 'ପାଟିରୁ ଭୁଲରେ ଖସିଯାଇଛି' ବୋଲି ସେ ସଫେଇ ଦେଇଛନ୍ତି। ପ୍ରକାଶଥାଉ କି, ମଧ୍ୟପ୍ରଦେଶରେ ଶତ୍ରୁଘ୍ନ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁଅ ନକୁଳନାଥଙ୍କ ଲାଗି ପ୍ରଚାର କରୁଥିଲା ବେଳେ ଏଭଳି ମନ୍ତବ୍ୟ ଦେଇଥିଲେ।

### ପାକିସ୍ତାନରେ ବିସ୍ଫୋରଣ ୩ ସୁରକ୍ଷା କର୍ମୀ ମୃତ

**ପେଶାୱର,୨୭।୪(ପି.ଟି.):** ଉତ୍ତର-ପଶ୍ଚିମ ପାକିସ୍ତାନରେ ଆଇଇଡି ବିସ୍ଫୋରଣ ହେବା ଫଳରେ ୩ ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଛନ୍ତି। ଆଫଗାନିସ୍ତାନକୁ ଲାଗିଥିବା ଉତ୍ତର ୱାଜିରିସ୍ତାନ ଜିଲାର ସେୱା ତହସିଲ ଅନ୍ତର୍ଗତ ଚେକ୍‌ପୋଷ୍ଟରେ ଶନିବାର ଆଇଇଡି ଖଞ୍ଜା ଯାଇଥିଲା। ଖାଇବର ଫାଖତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ କେ.ପି.କେ ମେହମୁଦ ଖାନ୍ ଏଭଳି ବିସ୍ଫୋରଣକୁ ତୀବ୍ର ନିନ୍ଦା କରିଛନ୍ତି। ସରକାରଙ୍କ ଆତଙ୍କବାଦ ବିରୋଧୀ ଅଭିଯାନରେ ଏହା କୌଣସି ଫରକ ପକାଇବ ନାହିଁ ବୋଲି ସେ କହିଛନ୍ତି।

### ଭାରତ-ପାକ୍ ସମ୍ପର୍କ ଆଞ୍ଚଳିକ ଶାନ୍ତି ଲାଗି ସମସ୍ୟା: ଇମ୍ରାନ

**ବେଜିଂ,୨୭।୪(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ରକ୍ଷା କ୍ଷେତ୍ରରେ ଏକ ସମସ୍ୟା ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ କହିଛନ୍ତି। ତେବେ ଲୋକ ସଭା ନିର୍ବାଚନ ପରେ ଦୁଇଦେଶ ମଧ୍ୟରେ ସଭ୍ୟ ସମ୍ପର୍କ ରଖିବାକୁ ଆଶା କରୁଛୁ ବୋଲି ସେ ପ୍ରକାଶ କରିଛନ୍ତି। ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବିନା ଅର୍ଥନୈତିକ ପ୍ରଗତି କଥା ଚିନ୍ତା କରାଯାଇ ନ ପାରେ। ଏବେ ଏହା ଉପରେ ପାକିସ୍ତାନ କାମକରୁଛି ବୋଲି ଚାଇନା ଅନ୍ତର୍ଜାତୀୟ ସାଂସ୍କୃତିକ ଯୋଗାଯୋଗ କେନ୍ଦ୍ରରେ ଦ୍ୱିତୀୟ ବିଆର୍‌ଏଫ ବୈଠକରେ ଯୋଗଦେବା ଅବସରରେ ସେ କହିଛନ୍ତି। ଆଫଗାନିସ୍ତାନରେ ରାଜନୈତିକ ସ୍ଥିରତା ଓ ଶାନ୍ତି ପାକିସ୍ତାନ ଉପରେ ପ୍ରଭାବ ପକାଇବ। ଇରାନ ସହ ଆମର ସୁସମ୍ପର୍କ ରହିଆସିଛି। ତେଣୁ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାକିସ୍ତାନ ଲାଗି ଜରୁରୀ ବୋଲି ଇମ୍ରାନ କହିଛନ୍ତି। ଭାରତରେ ନିର୍ବାଚନ ଶେଷ ହେବା ପରେ ସଭ୍ୟ ସମ୍ପର୍କ ଲାଗି ପ୍ରୟାସ କରାଯିବ ବୋଲି ସେ ମତ ଦେଇଛନ୍ତି। ପ୍ରକାଶଥାଉ କି, ଫେବୃୟାରୀ ୧୪ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ ଯବାନ ପ୍ରାଣହରାଇବା ପରେ ଭାରତ-ପାକିସ୍ତାନ ସମ୍ପର୍କ ଅଧିକ ତିକ୍ତ ହୋଇପଡ଼ିଥିଲା।

## ଏନ୍‌ଆର୍‌ଏରେ ଟ୍ରମ୍ପଙ୍କ ଘୋଷଣା

# ଅସ୍ତ୍ର ବାଣିଜ୍ୟ ଚୁକ୍ତିରୁ ଓହରିବ ଆମେରିକା

ଇଣ୍ଡିଆନାପୋଲିସ୍,୨୭।୪



ଅନ୍ତର୍ଜାତୀୟ ଅସ୍ତ୍ର ବ୍ୟବସାୟ ରାଜିନାମା (ଏଟିଟି)ରୁ ଆମେରିକା ଓହରିଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି। ୨୦୧୩ରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଏହି ରାଜିନାମା ସ୍ୱାକ୍ଷର କରିଥିଲେ। ବିଭିନ୍ନ ଦେଶ ମଧ୍ୟରେ ଅସ୍ତ୍ର ବ୍ୟବସାୟକୁ ନିୟନ୍ତ୍ରଣ କରିବା ଥିଲା ଏହି ଚୁକ୍ତିନାମାର ଉଦ୍ଦେଶ୍ୟ। ତେବେ ଏହାକୁ ଭୁଲ୍ ଢଙ୍ଗରେ ପରିଚାଳନା କରାଯାଉଥିବା ଟ୍ରମ୍ପ ନ୍ୟାଶନାଲ୍ ରାଇଫଲ ଆସୋସିଏଶନ୍ (ଏନ୍‌ଆର୍‌ଏ)ର ବାର୍ଷିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି। ସେ ବନ୍ଧୁକ ଅଧିକାର ଲାଗି ସଂଘର୍ଷ କରିବେ ବୋଲି ପ୍ରତିଜ୍ଞା କରିବା ସହ ତାଙ୍କର ପୁନଃ ନିର୍ବାଚନ ଦୌଡ଼ରେ ସହଯୋଗ ଲାଗି ଦେଶର ବନ୍ଧୁକ ସପକ୍ଷବାଦୀ ଗୋଷ୍ଠୀର ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ।

ଚୁକ୍ତିନାମା ଅନ୍ତର୍ଜାତୀୟ ବନ୍ଧୁକ ନିୟନ୍ତ୍ରଣ ଲାଗି ଉଦ୍ଦିଷ୍ଟ ଥିବାବେଳେ ଅସ୍ତ୍ର ଧାରଣ ଅଧିକାର ସମ୍ପର୍କିତ ଦ୍ୱିତୀୟ ସଂଶୋଧନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଏନ୍‌ଆର୍‌ଏ ପକ୍ଷରୁ କୁହାଯାଇଛି। ଏହି ରାଜିନାମାକୁ ମଞ୍ଜୁର ନ କରିବା ଲାଗି ଆମେରିକା ସିନେଟକୁ କହିବେ ବୋଲି ଟ୍ରମ୍ପ ଏନ୍‌ଆରଏକୁ ପ୍ରତିଶ୍ରୁତି ଦେଇଛନ୍ତି। ଆମେରିକା ବିଶ୍ୱର ସର୍ବବୃହତ ଅସ୍ତ୍ର ରପ୍ତାନିକାରୀ ହୋଇଥିବାବେଳେ ଏହା ପଛକୁ ରହିଛି ରୁଷିଆ। ତେବେ ରୁଷିଆଠାରୁ ଆମେରିକାର ଅସ୍ତ୍ର ବିକ୍ରି ୫୮ ପ୍ରତିଶତ ଅଧିକ। ତାଙ୍କ ପ୍ରଶାସନରେ ଆମେରିକାର ସାର୍ବଭୌମତ୍ୱକୁ କାହା ନିକଟରେ ନଇଁବାକୁ କଦାପି ଦେବେନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଉକ୍ତ ଚୁକ୍ତିନାମା ଦାୟିତ୍ୱହୀନ ଅସ୍ତ୍ର ହସ୍ତାନ୍ତର ସମସ୍ୟାର ସମାଧାନ କରିବାରେ ବାସ୍ତବରେ ବିଫଳ ହୋଇଥିବା ହ୍ୱାଇଟ୍‌ହାଉସ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କାରଣ ରୁଷିଆ, ଚାଇନା ଭଳି ବଡ଼ ଅସ୍ତ୍ର ବ୍ୟବସାୟୀମାନେ ଏହି ରାଜିନାମାରେ ସ୍ୱାକ୍ଷର କରିନାହାନ୍ତି। ଟ୍ରମ୍ପ୍‌ଙ୍କ ଏଭଳି ଘୋଷଣାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ମାନବାଧିକାର ସଂଗଠନ ଏହାକୁ ନିନ୍ଦା କରିଛି। ଟ୍ରମ୍ପ୍ ମୁକ୍ତ ବିଶ୍ୱର ନେତା ନୁହନ୍ତି, ଏହା ତାଙ୍କ ବିବୃତିରୁ ସ୍ପଷ୍ଟ ହୋଇଯାଇଛି ବୋଲି ବ୍ରିଟେନର ଛାୟା ବୈଦେଶିକ ସଚିବ ଏମିଲି ଥର୍ନବେରୀ କହିଛନ୍ତି।

### ଏଟିଟି କ'ଣ

୨୦୧୩ରେ ୧୩୦ଟି ଦେଶକୁ ନେଇ ଅସ୍ତ୍ର ବାଣିଜ୍ୟ ରାଜିନାମା (ଏଟିଟି) ସ୍ୱାକ୍ଷର ହୋଇଥିଲା। ୨୦୧୪ ଡିସେମ୍ବର ୨୪ରେ ଏହା ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ ହୋଇଥିଲା। ଅସ୍ତ୍ର ରପ୍ତାନିକୁ ତଦାରଖ କରିବା ଏବଂ ଏହା ଯେପରି ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ନିୟମର ଉଲ୍ଲଂଘନ ନ କରେ ତାହା ଦେଖିବା ରାଜିନାମାର ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରଗୁଡିକ ଅନ୍ୟ ଦେଶକୁ ବିକ୍ରି କରୁଥିବା ଅସ୍ତ୍ର ଯେପରି ମାନବିକତା ବିରୋଧରେ ଅପରାଧ, ଯୁଦ୍ଧ ଅପରାଧ ଏବଂ ଆତଙ୍କବାଦୀ କାର୍ଯ୍ୟରେ ନ ଲାଗେ ତାହା ସୁନିଶ୍ଚିତ କରିବା ଏବଂ ସେପରି ହେଉଥିବା ଜଣାପଡିଲେ ହସ୍ତାନ୍ତର ବନ୍ଦ କରିବା ବ୍ୟବସ୍ଥା ଚୁକ୍ତିନାମାରେ ରହିଛି। ମୋଟାମୋଟି ଭାବେ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସ୍ତରରେ ଶାନ୍ତି ସ୍ଥାପନ, ସାଧାରଣ ଜନତା ସମ୍ମୁଖୀନ ହେଉଥିବା ନିର୍ଯାତନା ହ୍ରାସ କରିବା, ସହଯୋଗ ଏବଂ ସ୍ୱଚ୍ଛତା ବଢ଼ାଇବା ତଥା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନେବା ଚୁକ୍ତିନାମାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ପ୍ରଚାର ଥମିଲା

ନୂଆଦିଲ୍ଲୀ,୨୭।୪



ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଆସନ୍ତା ୨୯ ତାରିଖରେ ହେବାକୁ ଯାଉଥିବାବେଳେ ଶନିବାର ଅପରାହ୍ଣରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୯ଟି ରାଜ୍ୟର ୭୨ ଆସନରେ ମତଦାନ ହେବ। ଏଥିରେ ରହିଛି ବିହାରର ୫ ଆସନ, ଝାଡଖଣ୍ଡର ୩, ମଧ୍ୟପ୍ରଦେଶର ୬, ମହାରାଷ୍ଟ୍ରର ୧୭, ଓଡିଶାର ୬, ରାଜସ୍ଥାନର ୧୩, ଉତ୍ତରପ୍ରଦେଶର ୧୩, ଜମ୍ମୁ-କଶ୍ମୀରର ଗୋଟିଏ ଏବଂ ପଶ୍ଚିମବଙ୍ଗର ୮ ଆସନ। ମତଦାନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୋଲିଂ କର୍ମଚାରୀ ଇଭିଏମ୍ ଏବଂ ଭିଭିପିଏଟି ସହ ବିଭିନ୍ନ ବୁଥ୍‌ରେ ପହଞ୍ଚିବାରେ ଲାଗିଛନ୍ତି।

ଚତୁର୍ଥ ପର୍ଯ୍ୟାୟରେ ମୋଟ ୯୪୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ୨୧୦ ଜଣଙ୍କ ବିରୋଧରେ ଅପରାଧ ମାମଲା ରହିଛି। ଶନିବାର ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର କନୌଜ, ହର୍ଦୋଇ ଏବଂ ସୀତାପୁରଠାରେ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଆତଙ୍କବାଦ ବିରୋଧରେ ଲଢ଼େଇ ଲାଗି କଂଗ୍ରେସ, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବିଏସ୍‌ପିର କୌଣସି ଯୋଜନା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଝାଡଖଣ୍ଡର ପାଲାମୁ ଏବଂ ଓଡ଼ିଶାର ମୟୂରଭଞ୍ଜ ଓ ଯାଜପୁରରେ ନିର୍ବାଚନୀ ସଭା କରିଥିଲେ। ରାଜସ୍ଥାନରେ ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେଉଥିଲାବେଳେ ବିହାରର ଦର୍‌ଭଙ୍ଗା, ଉଜିଆରପୁର, ସମସ୍ତିପୁର, ବେଗୁସରାଇ ଏବଂ ମୁଙ୍ଗେରରେ ଶେଷ ଦିନରେ ଜୋରଦାର ପ୍ରଚାର ହୋଇଥିଲା।

### ଚତୁର୍ଥ ପର୍ଯ୍ୟାୟରେ ୯୪୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

ଚତୁର୍ଥ ପର୍ଯ୍ୟାୟ ମହାରାଷ୍ଟ୍ର ପାଇଁ ଶେଷ ପର୍ଯ୍ୟାୟ ହୋଇଥିବାବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ପ୍ରଥମ ଥର ମତଦାନ ହେବ। ସେହିପରି ଓଡିଶାରେ ଏହା ଶେଷ ପର୍ଯ୍ୟାୟ ଲୋକ ସଭା ଓ ବିଧାନସଭା ନିର୍ବାଚନ। ଏହି ପର୍ଯ୍ୟାୟରେ ଚର୍ଚ୍ଚିତ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ବେଗୁସରାଇରୁ ସିପିଆଇ ପ୍ରାର୍ଥୀ କହ୍ନେୟା କୁମାର ଏବଂ ଭାଜପା ପ୍ରାର୍ଥୀ ଗିରିରାଜ ସିଂ, ଛିନ୍ଦୱାଡା ଲୋକ ସଭା ଆସନରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁଅ ନକୁଳ ଲଢୁଥିବାବେଳେ ଛିନ୍ଦୱାଡା ବିଧାନସଭା ଆସନ ଉପନିର୍ବାଚନ ପାଇଁ କମଳନାଥ ପ୍ରାର୍ଥୀ ହୋଇଛନ୍ତି। ସିଧି ଆସନରୁ କଂଗ୍ରେସ ଅର୍ଜୁନ ସିଂଙ୍କ ପୁଅ ଅଜୟ ସିଂଙ୍କୁ ପ୍ରାର୍ଥୀ କରିଛି। ଜବଲପୁରରୁ ମଧ୍ୟପ୍ରଦେଶ ଭାଜପା ସଭାପତି ରାକେଶ ସିଂ ଲଢୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ପୁନମ ମହାଜନ, ପ୍ରିୟା ଦତ୍ତ, ମିଲିନ୍ଦ୍ ଦେଓରା, ଉର୍ମିଳା ମାତୋଣ୍ଡକର ପ୍ରମୁଖ।



ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ସୁପ୍ରିମୋ ଶିବୁ ସୋରେନ ଏବଂ କାର୍ଯ୍ୟନିର୍ବାହୀ ଅଧକ୍ଷ ହେମନ୍ତ ସୋରେନ୍ ଶନିବାର ରାଞ୍ଚିରେ ଦଳର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି।

## ଶଶୀ ଥରୁର୍‌ଙ୍କୁ କୋର୍ଟ ନୋଟିସ

ନୂଆଦିଲ୍ଲୀ,୨୭।୪

ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ବିଛା ମନ୍ତବ୍ୟ ଦେଇ କଂଗ୍ରେସ ସାଂସଦ ଶଶୀ ଥରୁର୍ ଫସିଯାଇଛନ୍ତି। ଏହି ମନ୍ତବ୍ୟ ଧାର୍ମିକ ଭାବନାକୁ ଆଘାତ ଦେଇଛି ବୋଲି ଭାଜପା ନେତା ରାଜୀବ ବାବର ଅଭିଯୋଗ କରିବା ପରେ ଦିଲ୍ଲୀ କୋର୍ଟ ପକ୍ଷରୁ ଶନିବାର ଥରୁର୍‌ଙ୍କୁ ସମନ୍ ଜାରି କରାଯିବା ସହ ଜୁନ ୭ ପୂର୍ବରୁ ହାଜର ହେବା ଲାଗି କୁହାଯାଇଛି। ମୋଦିଙ୍କୁ ତୁଳନା କରି ଶିବଲିଙ୍ଗ ଉପରେ ଏକ ବିଛା ବସିଛି ବୋଲି ଜଣେ ଆର୍‌ଏସ୍‌ଏସ୍ ନେତା ଗତବର୍ଷ ଅକ୍ଟୋବରରେ କହିଥିବା ଶଶୀ ଥରୁର୍ କହିଥିଲେ। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ସମର ବିଶାଲ ଥରୁରଙ୍କ ବିରୋଧରେ ଏହି ମାମଲାର ଶୁଣାଣି କରୁଛନ୍ତି।



## ଦିଲ୍ଲୀ ହାଇକୋର୍ଟରେ ଆବେଦନ

# ସିଜେଆଇଙ୍କ ବିରୋଧରେ ଖବର ପ୍ରକାଶନ ନେଇ କଟକଣା ରହୁ

ନୂଆଦିଲ୍ଲୀ,୨୭।୪(ପି.ଟି.)

ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗ ମାମଲାର ଖବର ପ୍ରସାରଣ ନେଇ ମିଡିଆ ଉପରେ କଟକଣା ଲଗାଯାଉ ବୋଲି ଦିଲ୍ଲୀ ହାଇକୋର୍ଟରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆବେଦନ କରାଯାଇଛି। ଏହି ପିଟିଶନ୍‌ର ଶୁଣାଣି ଏପ୍ରିଲ ୨୯ ତାରିଖରେ କରାଯିବ ବୋଲି ଜଣାପଡିଛି। ତିନିଜଣିଆ ବିଚାରପତି ପ୍ୟାନେଲ ତଦନ୍ତ ଶେଷ କରିବା ପର୍ଯ୍ୟନ୍ତ ଏ ସମ୍ପର୍କିତ ଖବର ପ୍ରସାରଣ ଓ ପ୍ରକାଶନ ଉପରେ କଟକଣା ଲଗାଇବା ଲାଗି ଏଥିରେ ଦର୍ଶାଯାଇଛି।

ଆଣ୍ଟି କରପ୍‌ଶନ କାଉନସିଲ ଅଫ ଇଣ୍ଡିଆ ନାମକ ଏକ ଏନଜିଓ ଆବେଦନରେ ଦର୍ଶାଇଛି ଯେ, ସିଜେଆଇଙ୍କ ବିରୋଧରେ ଅଭିଯୋଗମାନ ପ୍ରକାଶ ପାଇବା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ତା'ର ବହୁଳ ପ୍ରଭାବ ପଡୁଛି। କେବଳ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆ ନୁହେଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ କଟକଣା ଲାଗୁ ହେବା ଜରୁରୀ। ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ସିଜେଆଇ ଜଷ୍ଟିସ୍ ଗୋଗୋଇଙ୍କ ବିରୋଧରେ ଆଣିଥିବା ଯୌନଶୋଷଣ ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ତିନିଜଣିଆ ବିଚାରପତି ପ୍ୟାନେଲ କରୁଛନ୍ତି। ଆବେଦନରେ ଦର୍ଶାଯାଇଛି ଯେ, ଦେଶବିରୋଧୀ ତତ୍ତ୍ୱ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଯଦି ମିଡିଆରେ ଏହାର ପ୍ରକାଶନ ଓ ପ୍ରସାରଣ ବନ୍ଦ କରା ନ ଯାଏ, ତେବେ ଲୋକମାନେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଇବା ସ୍ୱାଭାବିକ। ଏହା ଦେଶ ଓ ଦେଶବାସୀଙ୍କ ଲାଗି ଅପୂରଣୀୟ କ୍ଷତି ଆଣିଦେବ।

# ରାହୁଲ ଗାନ୍ଧୀଙ୍କୁ ସମନ୍

ପାଟ୍‌ନା,୨୭।୪



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ପାଟ୍‌ନା ହାଇକୋର୍ଟ ସମନ୍ ଜାରି କରି ମେ ୨୦ରେ ହାଜର ହେବାକୁ କହିଛନ୍ତି। ବିହାରର ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ସୁଶୀଲ ମୋଦି ଶୁକ୍ରବାର ତାଙ୍କ ବିରୋଧରେ ମାନହାନି ମକଦ୍ଦମା କରିଥିଲେ। ରାହୁଲ 'ସବୁ ମୋଦି ନାମଧାରୀ ଚୋର' ବୋଲି କହି ସୁଶୀଲଙ୍କୁ ଆକ୍ଷେପ କରିବା ପରେ ମାମଲା କୋର୍ଟକୁ ଯାଇଥିଲା। ମୋଦି ସାଙ୍ଗିଆ ଥିବା ବ୍ୟକ୍ତିଙ୍କ ଲାଗି ଏହା ଉପହାସ ସଦୃଶ ବୋଲି ସୁଶୀଲ ଦର୍ଶାଇ ରାହୁଲଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ଏପ୍ରିଲ ୧୮ରେ ସୁଶୀଲ ମାନହାନୀ ମକଦ୍ଦମା କରିଥିଲେ। ବିହାରର ସମସ୍ତିପୁର ଜିଲାରେ ଏକ ନିର୍ବାଚନ ରାଲିରେ ରାହୁଲ 'ଚୌକିଦାର ଚୋର୍ ହୈ' ବୋଲି ଲୋକଙ୍କୁ ଏକ ସ୍ୱରରେ ଉଚ୍ଚାରଣ କରିବାକୁ କହିବା ପରେ ବିବାଦ ଦେଖାଦେଇଛି। ସ୍ଥାନୀୟ ଏକ ଲୋକାଲ କୋର୍ଟରେ ରାହୁଲଙ୍କ ବିରୋଧରେ ଏନେଇ ଶନିବାର ଅଭିଯୋଗ ଦାୟର କରାଯାଇଛି। ରାହୁଲଙ୍କ ସହ ଷ୍ଟେଜ୍‌ରେ ଥିବା ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ମଧ୍ୟ ଅଭିଯୁକ୍ତଭାବେ ଦର୍ଶାଇଛନ୍ତି।

## ଭାଜପାରେ ୭ ପୂର୍ବତନ ସେନା ଅଧିକାରୀ

ନୂଆଦିଲ୍ଲୀ,୨୭।୪(ପି.ଟି.)

ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଉପସ୍ଥିତିରେ ଶନିବାର ୭ ଅବସରପ୍ରାପ୍ତ ସେନା ଅଧିକାରୀ ଭାଜପାରେ ଯୋଗଦେଇଛନ୍ତି। ସେମାନେ ହେଲେ ଲେଫ୍ଟନାଣ୍ଟ ଜେନେରାଲ ଜେ.ବି.ଏସ୍. ଯାଦବ, ଲେଫ୍ଟନାଣ୍ଟ ଜେନେରାଲ ଏସ୍.କେ. ପାଟ୍ୟାଲ, ସାମରିକ ଗୋଇନ୍ଦା ପୂର୍ବତନ ବିଭାଗର ପୂର୍ବତନ ଡିଜି ଲେଫ୍ଟନାଣ୍ଟ ଜେନେରାଲ ଆର୍.ଏନ. ସିଂ, ସେନା ସୂଚନା ସେବା ଓ ଆଇଟିର ପୂର୍ବତନ ଡିଜି ଲେଫ୍ଟନାଣ୍ଟ ଜେନେରାଲ ସୁନୀତ କୁମାର, ଲେଫ୍ଟନାଣ୍ଟ ଜେନେରାଲ ନୀତୀନ କୋହଲି, କଲୋନେଲ ଆର୍.କେ. ତ୍ରିପାଠୀ ଏବଂ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ନବନୀତ ମାଗୋନ୍।

# ଗମ୍ଭୀରଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ,୨୭।୪

 କ୍ରିକେଟର୍‌ରୁ ରାଜନେତା ବନିଥିବା ଭାଜପା ପ୍ରାର୍ଥୀ ଗୌତମ୍ ଗମ୍ଭୀର ବିନା ଅନୁମତିରେ ନିର୍ବାଚନ ର୍ୟାଲି କରିଥିବାରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କ ବିରୋଧରେ ଶନିବାର ମାମଲା ରୁଜୁ କରିଛି। ଗତ ୨୫ ତାରିଖରେ ଦିଲ୍ଲୀର ଜଙ୍ଗପୁରାଠାରେ ସେ ବିନା ଅନୁମତିରେ ର୍ୟାଲି କରିଥିଲେ, ଯାହାକି ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରୁଛି ବୋଲି ନିର୍ବାଚନ କମିଶନ କହିଛନ୍ତି।

### ବିନା ଅନୁମତିରେ ନିର୍ବାଚନ ର୍ୟାଲି

ଭାଜପା ସରକାରର ନୀତିକୁ ସମର୍ଥନ କରିଆସୁଥିବା ଗମ୍ଭୀରଙ୍କୁ ଗତମାସରେ ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀ ସ୍ୱାଗତ କରିଥିଲେ। ପୂର୍ବଦିଲ୍ଲୀ ଆସନରୁ ମହେଶୀ ଗିରିଙ୍କ ପରିବର୍ତ୍ତେ ଗମ୍ଭୀରଙ୍କୁ ଭାଜପା ପ୍ରାର୍ଥୀ କରିଥିଲା।

# ଚାଇନାର ବିଶାଳ ବୁଦ୍ଧମୂର୍ତ୍ତି



**ବେଜିଂ:** ଦକ୍ଷିଣ-ପଶ୍ଚିମ ଚାଇନାର ସିଚୁଆନ ପ୍ରଦେଶରେ ବୌଦ୍ଧଧର୍ମର ପ୍ରବର୍ତ୍ତକ ବୁଦ୍ଧଦେବଙ୍କ ବିଶାଳ ପ୍ରତିମୂର୍ତ୍ତି ପର୍ଯ୍ୟଟକଙ୍କ ନିମନ୍ତେ ପୁଣି ଉନ୍ମୁକ୍ତ କରାଯାଇଛି। ୭୧ ମିଟର ଉଚ୍ଚ ଏହି ପ୍ରତିମୂର୍ତ୍ତି ବିଶ୍ୱରେ ସର୍ବବୃହତ୍। ୬ମାସ ଧରି ଏହାର ମରାମତି ଚାଲିଥିଲା। ତାଙ୍ଗ୍ ରାଜବଂଶର ଶାସନ କାଳ (୬୧୮-୯୦୭) ମଧ୍ୟରେ ୭୧୩ ଖ୍ରୀଷ୍ଟାବ୍ଦରେ ଲେଶାନ ପର୍ବତକୁ ଖୋଦନ କରି ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଭାରତରୁ ବୌଦ୍ଧଧର୍ମର ଉଦ୍‌ଭବ ହୋଇଥିଲେ ହେଁ ଚାଇନାରେ ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ହୋଇଥିଲା। ଏହି ପ୍ରତିମୂର୍ତ୍ତିରେ ଦାଗ ସୃଷ୍ଟିହେବା ସହିତ ଛାତି ଓ ତଳିପେଟ କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୮ ଅକ୍ଟୋବରରେ ମରାମତି କାର୍ଯ୍ୟ ଆରମ୍ଭ ହୋଇ ଚଳିତବର୍ଷ ମାର୍ଚ୍ଚରେ ଶେଷ ହୋଇଛି। ପର୍ଯ୍ୟଟକଙ୍କ ନିମନ୍ତେ ଏହାକୁ ଶୁକ୍ରବାର ପୁନର୍ବାର ଖୋଲାଯାଇଛି। ଏଥିପାଇଁ ଉଚ୍ଚ ମାନର ପ୍ରତିରୋଧୀ ପଦ୍ଧତି, ୩ଡି ଲେଜର ସ୍କାନିଂ ଏବଂ ଡ୍ରୋନ ଏରିୟଲ ସର୍ଭେ ଭଳି ଟେକ୍ନୋଲୋଜି ବ୍ୟବହାର କରାଯାଇଥିଲା। ୟୁନେସ୍କୋ ତାଲିକାରେ ଥିବା ଏହି ସାଂସ୍କୃତିକ ଐତିହାସିକ ପ୍ରତିମୂର୍ତ୍ତିରେ ଏକାଧିକ ଥର ମରାମତି କରାଯାଇଛି। ୨୦୦୧ରେ ଉକ୍ତ ପ୍ରତିମୂର୍ତ୍ତିକୁ ପରିଷ୍କାର କରାଯିବା ସହିତ ଫାଟ ମରାମତି ଏବଂ ଡ୍ରେନେଜ ପାଇପ ସ୍ଥାପନ କରିବାରେ ୨୫୦ ନିୟୁତ ୟୁଆନ୍ ଖର୍ଚ୍ଚ ହୋଇଥିଲା। ୨୦୦୭ରେ ମଧ୍ୟ ପ୍ରତିମୂର୍ତ୍ତି ଉପରେ ଅମ୍ଳବର୍ଷାଜନିତ କ୍ଷୟକ୍ଷତି ମରାମତି କରାଯାଇଥିଲା।

### ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଲା

## ଇତିହାସର ଆଇନାରେ

### ଏପ୍ରିଲ ୨୮ର ପ୍ରମୁଖ ଘଟଣା

୧୯୭୮ ଏପ୍ରିଲ ୨୮ରେ ଆଫଗାନିସ୍ତାନ ରାଷ୍ଟ୍ରପତି ମହମ୍ମଦ ଦାଉଦ ଖାନ୍‌ଙ୍କୁ କମ୍ୟୁନିଷ୍ଟ ସପକ୍ଷବାଦୀ ବିଦ୍ରୋହୀମାନେ ହତ୍ୟା କରିଥିଲେ। ମହମ୍ମଦ ଦାଉଦ ଖାନ୍ ଥିଲେ ଆଫଗାନିସ୍ତାନର ପଞ୍ଚମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ୧୯୭୩ରୁ ୧୯୭୮ ପର୍ଯ୍ୟନ୍ତ ଆଫଗାନିସ୍ତାନର ରାଷ୍ଟ୍ରପତି ଥିଲେ। ସେ ୧୯୦୯ ଜୁଲାଇ ୧୮ରେ ଏକ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ।

୧୯୮୬ ଏପ୍ରିଲ ୨୮ରେ ୟୁକ୍ରେନ୍‌ର ଚେର୍ନୋବିଲ୍ ଆଣବିକ ବିସ୍ଫୋରଣ ଯୋଗୁ ଉଚ୍ଚମାତ୍ରା ବିକିରଣ ସୃଷ୍ଟି ହୋଇଥିବା ଚିହ୍ନଟ କରାଯାଇଥିଲା। ଏଥିପାଇଁ ସୋଭିଏଟ୍ କର୍ତ୍ତୃପକ୍ଷ ଉକ୍ତ ଦୁର୍ଘଟଣା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଚେର୍ନୋବିଲ ବିପର୍ଯ୍ୟୟ ହେଉଛି ସବୁଠୁ କ୍ଷତିକାରକ ଆଣବିକ ଦୁର୍ଘଟଣା। ଏହା ୧୯୮୬ ଏପ୍ରିଲ ୨୫-୨୬ରେ ଘଟିଥିଲା। ଏହା ଉତ୍ତର ସୋଭିଏଟ୍ ୟୁକ୍ରେନ୍‌ର ପ୍ରିପ୍ୟାଟ ସହର ନିକଟରେ ଅବସ୍ଥିତ।

# ଭଲ କଳାକାରଙ୍କ ପାଇଁ ଯଥେଷ୍ଟ ସୁଯୋଗ ଅଛି

**ମୁମ୍ବାଇ:** ଭଲ କଳାକାରଙ୍କ ପାଇଁ ସିନେମାରେ ଯଥେଷ୍ଟ ସୁଯୋଗ ଅଛି ବୋଲି ବଲିଉଡ ଅଭିନେତ୍ରୀ ରିଚା ଚଢ଼ା ପ୍ରକାଶ କରିଛନ୍ତି। ଉକ୍ତ ଅଭିନେତ୍ରୀ ୨୦୦୮ରେ ପ୍ରଥମ କରି ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'ଓଇ ଲକି, ଲକି ଓଇ'। 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁର' ସିରିଜ୍‌ରେ ତାଙ୍କର ଭଲ ପ୍ରଦର୍ଶନ ପାଇଁ ଉଭୟ ଦର୍ଶକ ଏବଂ ସମାଲୋଚକ ମହଲରେ ସେ ବେଶ୍ ପ୍ରଶଂସିତ। ତାଙ୍କ କହିବାନୁଯାୟୀ, ଅଭିନୟ କ୍ଷେତ୍ରରେ ଦକ୍ଷତା ଥିଲେ ଫିଲ୍ମ ଶିଳ୍ପରେ ନିଶ୍ଚୟ କାମ ମିଳିବ। ଭଲ କଳାକାରଙ୍କ ପାଇଁ ସବୁବେଳେ ସୁଯୋଗ ରହିଛି। ତାଙ୍କୁ କେବେ କାମ ଅଭାବ ହୁଏନାହିଁ। ପ୍ରତିବର୍ଷ ତାଙ୍କର ଗୋଟିଏ ଫିଲ୍ମ ରିଲିଜ ହେବା ନିଶ୍ଚିତ। ଫିଲ୍ମ ଦୁନିଆରେ ପାଦଦେବା ଦିନଠାରୁ ଅଭିନୟ ଜାରି ରହିଛି। ଭଲ କାର୍ଯ୍ୟ ସବୁବେଳେ ଆହୁରି ଭଲ କାମ ପାଇଁ ସୁଯୋଗ ସୃଷ୍ଟି କରେ ବୋଲି ରିଚା କହିଛନ୍ତି।



ରିଚା ଚଢ଼ା

**ସଂକ୍ଷେପରେ**

## ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ତିର୍ତ୍ତୋଲ, ୨୭।୪ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତରେ ବିଜେଡି ତରଫରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ଛାତ୍ର ବିଜେଡି ପୂର୍ବତନ ସମ୍ପାଦକ ଶାନ୍ତି ସ୍ୱରୂପ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ ଜେନା, ଗତିକୃଷ୍ଣ ଶତପଥୀ, ଧିରେନ ସ୍ୱାଇଁ, ସରୋଜ ସାହୁ, ପାରାଦୀପ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅମର ଜ୍ୟୋତି ସେନାପତି, ରାଜ୍ୟ ବିଜେଡି ସମ୍ପାଦକ ରଶ୍ମିରଞ୍ଜନ ଦାସ, ଜିତେନ ଚୌଧୁରୀ, ରଞ୍ଜିତ ବିଶ୍ୱାଳ, ସୁଧାଂଶୁ ବେହେରା, ବିଭୂତି ବାରିକ, ଦେବାଶିଷ ମହାପାତ୍ର, ଅଭିଷେକ ପରିଜା, ଜ୍ୟୋତି ସ୍ୱାଇଁ, ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ମନୋଭାବ ସମ୍ପର୍କରେ ସଚେତନ କରାଇଥିଲେ। ଏଥିରେ କୋଲର, ପୋରଗଦେଇ, ଆମ୍ବେରୀ ଓ ସାମନ୍ତରାପୁର ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ତିର୍ତ୍ତୋଲରେ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ



**ତିର୍ତ୍ତୋଲ,୨୭।୪(ଡି.ଏନ.ଏ.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନେ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ଏହି ନିର୍ବାଚନମଣ୍ଡଳୀ ଅଧୀନ କଟକ-ପାରାଦୀପ ରାସ୍ତାର ଜଇପୁର ଛକଠାରୁ ବାଇକ ଶୋଭାଯାତ୍ରାରେ ବାହାରି କର୍ମୀମାନଙ୍କ ସହ ବିଦ୍ୟାଧରପୁର, ତରଜଙ୍ଗା, ତେନ୍ତୁଳିପଦା, ତିର୍ତ୍ତୋଲ ପଞ୍ଚାୟତରେ ପ୍ରଚାର କରିଥିଲେ। ତାଙ୍କ ସହ ଅକ୍ଷୟ ଦାସ, ଜିଲା ଉପସଭାପତି ନାରାୟଣ ପ୍ରସାଦ ରାଉଳ, ଡାକ୍ତର କ୍ଷୀରୋଦ ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ମାନସ ନନ୍ଦ, ସୁଶାନ୍ତ ପଣ୍ଡା, ପ୍ରଦୀପ୍ତ ପରିଜା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଜେଡି ରାଜ୍ୟ ମହିଳା ଉପସଭାପତି ତଥା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ମନ୍ଦାକିନୀ କର ଶନିବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଧୋୟା ଅଞ୍ଚଳର କନିମୂଳ, ଗୋପାଳପୁର(ଶ) ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ସେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ମହିଳାମାନଙ୍କୁ ଏକତ୍ରିତ କରି ପଥପ୍ରାନ୍ତ ସଭା କରିଥିଲେ। ତାଙ୍କ ସହ ବିଜେଡି ନେତା ତଥା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପର୍ଯ୍ୟବେକ୍ଷକ ଯଶୋବନ୍ତ ରାଉତ, ବିଜେଡି ଛାତ୍ର ଜନତା କଟକ ଜୋନ ଉପସଭାପତି ପ୍ରଭୁତି ମହାପାତ୍ର, ଯୁବ ବିଜୁ ଜନତା ଦଳ ଜିଲା ସମ୍ପାଦକ ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେଡି ଓ କଂଗ୍ରେସର କର୍ମୀ ସମ୍ମିଳନୀ

**ଏରସମା,୨୭।୪(ସ୍ୱ.ପ୍ର.):** କଂଗ୍ରେସର ବିଧାୟକ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ର ସିହା ଗ୍ରାମରେ କର୍ମୀ ସମ୍ମିଳନୀ କରିଛନ୍ତି। ବିକ୍ରମ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ପଲିକଣ୍ଟା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ ଯୋଗଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଯୁଗଳ କିଶୋର ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ଏରସମା ବ୍ଲକ କଂଗ୍ରେସ ସେବା ଦଳ ସଭାପତି ରବୀନ୍ଦ୍ର କୁମାର ମୁଦୁଲି, ଅରୂପାନନ୍ଦ ଦାସ, ତପନ କୁମାର ସ୍ୱାଇଁ, ଅଜୟ ସ୍ୱାଇଁ, ସୁଧାକର ଖଟୁଆ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିପରି ପୋଖରିଆପଡ଼ା ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ କହିଲେ ଯେ, ଦଳ ଉପରେ ଆଜି ମଧ ସାଧାରଣ ଭୋଟରଙ୍କ ଆସ୍ଥା ଅତୁଟ ରହିଛି। ତେଣୁ ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ବ୍ଲକ ବିଜେଡି ଉପସଭାପତି ବିଜୟ ପାଲ, ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ସ୍ୱର୍ଣ୍ଣଲତା ସେନାପତି, ନଗେନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପରିଚାଳନାରେ ଅବ୍ୟବସ୍ଥା, ପୋଲିଂ କର୍ମଚାରୀ ହଟହଟା

**ଜଗତ୍‌ସିଂହପୁର ଅଫିସ,୨୭।୪**

ଆସନ୍ତା ୨୯ ତାରିଖ ୪ର୍ଥ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଜିଲାରେ ନିର୍ବାଚନ ହେବ। ଏଥିପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିବାବେଳେ ବ୍ୟାପକ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳିଛି। ଶନିବାର ପୋଲିଂ କର୍ମଚାରୀମାନେ ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟ ପରିସରରେ ପହଞ୍ଚି ଏଠାରୁ ଇଭିଏମ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବହୁ କଷ୍ଟରେ ଗାଡ଼ି ଯୋଗେ ଜିଲାର ବିଭିନ୍ନ ବୁଥ୍‌କୁ ଯାଇଛନ୍ତି। ଏଥିପାଇଁ ସେମାନଙ୍କୁ ଏଠାରେ ଦିନଭରି ବହୁ ସମସ୍ୟାର ସମ୍ମୁଖୀନ ହେବାକୁପଡିଛି। ପ୍ରକାଶ ଯେ, ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିଂ କର୍ମଚାରୀମାନେ ସକାଳ ୭ରୁ ୮ଟା ମଧ୍ୟରେ ମହାବିଦ୍ୟାଳୟ ପରିସର ବିଜ୍ଞାନ ବ୍ଲକରେ ପହଞ୍ଚିଯାଇଥିଲେ। କିନ୍ତୁ ସେମାନଙ୍କ ପୂର୍ବରୁ କାଉଣ୍ଟର କର୍ମଚାରୀମାନେ ଆସିବାକୁ ଥିଲେ ମଧ୍ୟ ଆସି ନ ଥିଲେ। ଫଳରେ ପ୍ରାୟ ୨ଘଣ୍ଟା



ଅସୁସ୍ଥ ପୋଲିଂ ଅଧିକାରୀଙ୍କ ଚିକିତ୍ସା କରାଯାଉଛି।




ପୋଲିଂ ଅଧିକାରୀମାନେ ହେଲ୍ପ ଡେସ୍କ ପାଖରେ ଅପେକ୍ଷା କରିଛନ୍ତି।

- ଜିଲା ନିର୍ବାଚନ ଅଧିକାରୀଙ୍କ ପ୍ରତି ଉଠିଲା ପ୍ରଶ୍ନ
- ୨ ଘଣ୍ଟା ବିଳମ୍ବରେ ଆସିଲେ କାଉଣ୍ଟର କର୍ମଚାରୀ
- ପାନୀୟଜଳ ମିଳିଲାନି, ଅସ୍ଥାୟୀ ପାଇଖାନା ନ ଥିବାରୁ ସମସ୍ୟା

ବିଳମ୍ବ ହୋଇଥିଲା। ଏହାକୁ ନେଇ ପୋଲିଂ କର୍ମଚାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ପାଟିତୁଣ୍ଡ ହୋଇଥିଲା। ପରେ ସେମାନେ ଧାଡ଼ିରେ ରହି ନାମ ଦରଜ କରିଥିଲେ। ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାଡ଼ି ଲାଗିଥିଲା। ଏହା ପରେ ସେମାନେ ଇଭିଏମ୍, ଭିଭିପିଏଟି ଆଦି ନେଇ ବୁଥ୍‌କୁ ଯିବା କଥା। କିନ୍ତୁ ଏସବୁ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପ୍ରବଳ ଖରା ହେଉଥିବାବେଳେ ଟେଣ୍ଟଗୁଡିକରେ ଫ୍ୟାନ୍ ବୁଲି ନ ଥିଲା। ସକାଳୁ ଭୋକ ଉପାସରେ ଥିବା କର୍ମଚାରୀମାନେ ପାନୀୟଜଳ ମଧ ପାଇବାରେ ଅସୁବିଧା ହୋଇଥିଲା। ତେଣୁ ଅନେକ କର୍ମଚାରୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବିଶେଷକରି ମହିଳାମାନଙ୍କ ପାଇଁ ଅସ୍ଥାୟୀ ପରିଶ୍ରାଗାର ଓ ପାଇଖାନା ସୁବ୍ୟବସ୍ଥିତ ହୋଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବହୁ ସଂଖ୍ୟାରେ ଇଭିଏମ୍ ଓ ଭିଭିପିଏଟି ଖରାପ ଥିବାରୁ ସେଗୁଡିକ ଫେରାଇ ପୁଣି ଥରେ ନେବାରେ ସମୟ ଲାଗିଥିଲା। ଫଳରେ ଜିଲା ନିର୍ବାଚନ ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତାକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ। ଏ ସମ୍ପର୍କରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୁହା ପୁନମ ତାପସ କୁମାରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବାକୁ ଚାହିଁ ନ ଥିଲେ। ଏପରିକି ଗଣମାଧ୍ୟମଠାରୁ ଦୂରେଇବାକୁ ଚେଷ୍ଟା କରି ମହାବିଦ୍ୟାଳୟ ପରିସର ସୂଚନା କେନ୍ଦ୍ରରୁ ଉଠି ଅନ୍ୟତ୍ର ଚାଲିଯାଇଥିଲେ।

# ୭୬ ବୁଥ୍‌ରେ ଭୋଟ୍ ଦେବେ ୬୮,୫୪୭ ଭୋଟର

**ନାଉଗାଁ,୨୭।୪(ସ୍ୱ.ପ୍ର.)**

ଆସନ୍ତା ୨୯ରେ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ମତଦାନ ନିମନ୍ତେ ନାଉଗାଁ ବ୍ଲକରେ ୭୬ଟି ବୁଥ୍ ହୋଇଛି। ଏହି ବୁଥରେ ମୋଟ୍ ୬୮,୫୪୭ ଭୋଟର ନିଜ ମତ ସାବ୍ୟସ୍ତ କରିବେ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ୧୫ ଉତ୍ତେଜନା ପ୍ରବଣ ବୁଥ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀମାନେ ବୁଥରେ ପହଞ୍ଚିଛନ୍ତି। ବିଭିନ୍ନ ବୁଥରେ ୪୫୬ କର୍ମଚାରୀ ନିଯୁକ୍ତ ହୋଇଥିବା ଜିପିଓ ଦିନେଶ ରାୟ ପ୍ରକାଶ କରିଛନ୍ତି। ଏସପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କ ନେତୃତ୍ୱରେ ମୁଣ୍ଡାଳ ବଜାରଠାରୁ ଗାରୋଇ ପର୍ଯ୍ୟନ୍ତ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଗୋଟିଏ ଦିନ ପରେ ନିର୍ବାଚନ ହେବାକୁ ଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ପ୍ରାର୍ଥୀମାନେ ପ୍ରଚାର ଶେଷ କରିଛନ୍ତି। ଉତ୍ତେଜନା ପ୍ରବଣ ବୁଥ ଉପରେ ତିକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ଥାନା ଅଧିକାରୀ କର ପ୍ରକାଶ କରିଛନ୍ତି।

# ୧୦୪୭ ବୁଥ୍‌କୁ ଗଲେ ୭,୩୨୯ କର୍ମଚାରୀ

**ଜଗତ୍‌ସିଂହପୁର ଅଫିସ,୨୭।୪**

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରିଚାଳନା ନିମନ୍ତେ ୧,୦୪୭ ବୁଥକୁ ଶନିବାର ୭,୩୨୯ ପୋଲିଂ କର୍ମଚାରୀ ଯାଇଛନ୍ତି। ପ୍ରତି ବୁଥ୍‌କୁ ୭ ଜଣିଆ ପୋଲିଂ ପାର୍ଟି ଯିବା ବ୍ୟବସ୍ଥା ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ପ୍ରିଜାଇଡିଂ ଅଫିସର, ୫ ପୋଲିଂ ଅଫିସର ଓ ଜଣେ ପୋଲିସ କର୍ମଚାରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୧,୪୦୦ ମହିଳା ରହିଛନ୍ତି। କୌଣସି ପୋଲିଂ କର୍ମଚାରୀ ଅସୁସ୍ଥ ହେଲେ କିମ୍ବା ଅନ୍ୟ କିଛି ସମସ୍ୟା ସୃଷ୍ଟି ହେଲେ ଏହା ଦୂର ପାଇଁ ୬୩୦ ପୋଲିଂ କର୍ମଚାରୀଙ୍କୁ ରିଜର୍ଭ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୭୮ ଜଣ କନଷ୍ଟେବଲ, ୮ ସେକ୍ସନ୍ ସିଆର୍‌ପିଏଫ୍, ୧୦୪ ଗୃହରକ୍ଷୀ ଓ ୯୪ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତିର୍ତ୍ତୋଲ ପାଇଁ ୧୩୯ କନଷ୍ଟେବଲ, ୭ ସେକ୍ସନ୍ ସିଆର୍‌ପିଏଫ୍, ୧୭୪ ଗୃହରକ୍ଷୀ ଓ ୨୫ ଗ୍ରାମରକ୍ଷୀ ନିଯୁକ୍ତ ହୋଇଛନ୍ତି। ବାଲିକୁଦା-ଏରସମାରେ ୨୪୩ କନ୍‌ଷ୍ଟେବଲ, ୧୨ ସେକ୍ସନ୍ ସିଆର୍‌ପିଏଫ୍, ୭୦ ଗୃହରକ୍ଷୀ ଓ ୨୨ ଗ୍ରାମରକ୍ଷୀଙ୍କୁ ନିର୍ବାଚନ କାମରେ ଲଗାଯାଇଛି। ଜଗତ୍‌ସିଂହପୁରରେ ୧୨୬ କନ୍‌ଷ୍ଟେବଲ, ୬.୫ ସେକ୍ସନ୍ ସିଆର୍‌ପିଏଫ୍, ୧୧୧ ଗୃହରକ୍ଷୀ ଓ ୩୭ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ଏହାବାଦ୍ ଜିଲାରେ ୧୦୨ ମୋବାଇଲ ପାଟ୍ରୋଲିଂ ଟିମ୍ କାମ କରୁଛି। ପ୍ରତି ଟିମରେ ଜଣେ ଅଫିସରଙ୍କ ସମେତ ୩ କର୍ମଚାରୀ ଅଛନ୍ତି। ଫ୍ଲାଇଂ ସ୍କ୍ୱାର୍ଡ ୧୨ ଓ ସର୍ଭେଲାନ୍ସ ଟିମ୍ ୧୨ଟି କରାଯାଇଛି। ପୋଲିଂ ସାମଗ୍ରୀ ନେବା ଆଣିବା ଓ ଅନ୍ୟାନ୍ୟ କାମ ପାଇଁ ୧୩୬ ସେକ୍ଟର ଅଫିସର ନିଯୁକ୍ତ ହୋଇଥିଲେ। ପ୍ରତି ଥାନା ଆଇଆଇସିଙ୍କୁ ସେକ୍ଟର ଅଫିସର ଦାୟିତ୍ୱ ଦିଆଯାଇଥିଲା।



ବିଭିନ୍ନ ବୁଥ୍‌କୁ ଯିବା ପୂର୍ବରୁ ଏସ୍‌ଭିଏମ୍ କଲେଜ ପରିସରରେ ଉପସ୍ଥିତ ପୋଲିଂ ଅଧିକାରୀ।

# ବିଷ୍ଣୁଙ୍କ ପାଇଁ ପ୍ରଚାରରେ ପାଟଶାଣୀ



ବିଷ୍ଣୁ ଦାସଙ୍କ ପାଇଁ ପ୍ରଚାର କରୁଛନ୍ତି ବିଜେଡି ନେତା ପ୍ରସନ୍ନ ପାଟଶାଣୀ।

**ବିରିଡ଼ି/ବାଲିଆ,୨୭।୪(ଡି.ଏନ.ଏ)**

ପ୍ରଚାର ଶେଷ ଦିନରେ ଶନିବାର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିରିଡ଼ି ବ୍ଲକ ଅଞ୍ଚଳରେ ବିଜେଡିର ରୋଡ ଶୋ ହୋଇଛି। ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କ ପାଇଁ ଏଠାରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ପାଟଶାଣୀ ଶୋଭାଯାତ୍ରା କରିଥିଲେ। ବିଷ୍ଣୁଙ୍କ ସହ ସେ ୨୨ ମୌଜା ଅଞ୍ଚଳ ପରିକ୍ରମା କରିଥିଲେ। ବାଲିଆଷ୍ଟୋରଠାରୁ ଶୋଭାଯାତ୍ରା ବାହାରି ବାଲିଆ, ବାଗଲପୁର, ବାରଡିଆ, ପୁରଣ ପଞ୍ଚାୟତର ପ୍ରତ୍ୟେକ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବିଜେଡି ରାଜ୍ୟ ମହିଳା ସମ୍ପାଦିକା ମିନତୀ ଦାସ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷିକା ମନ୍ଦାକିନୀ କର, ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ନୃସିହ ଦାଶ, ନେତ୍ରାନନ୍ଦ ପାତ୍ର, ଜିଲା ପରିଷଦ ସଭ୍ୟା ଲତା ଦାସ ଓ ସଭ୍ୟ ପ୍ରତାପ ବେହେରା, ଜିଲା ସମ୍ପାଦକ ପବିତ୍ର ପଶାୟତ, ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, କାଳନ୍ଦୀ ଚରଣ ବସ୍ତିଆ, ଲୋରା ମହାପାତ୍ର, ଦାମୋଦର ପାତ୍ର, ଭାସ୍କର ଓଝା, ସରପଞ୍ଚ ନିବେଦିତା ମାଣିଆ, ବିଜେଡି ସଂଖ୍ୟାଲଘୁ ସେଲର ଜିଲ୍ଲା ସଭାପତି ମୀର ଆଜମୀର ଅଲ୍ଲୀ, ପୂର୍ବତନ ବ୍ଲକ ଉପାଧକ୍ଷା ସବିତା ଭୋଇ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରାଯାଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଦାସ ଓ ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖଚିହ୍ନରେ ଭୋଟ୍ ଦେଇ ଜିତାଇବାକୁ ଆହ୍ୱାନ ଦିଆଯାଇଥିଲା।

## ବାଲିକୁଦାରେ ରଘୁନନ୍ଦନଙ୍କ ରୋଡ୍ ଶୋ

**ବାଲିକୁଦା,୨୭।୪(ସ୍ୱ.ପ୍ର.)**

ବାଲିକୁଦାରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ରୋଡ୍‌ଶୋ କରିଛନ୍ତି। ଏଥିରେ ଦାସଙ୍କ ସମେତ ବ୍ଲକ ସଭାପତି ରତ୍ନାକର ନାୟକ, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମହାପାତ୍ର, ଅନନ୍ତପୁର ସରପଞ୍ଚ ରମେଶ ପାଇଟାଳ, ବ୍ଲକ ଛାତ୍ର ବିଜେଡି ସଭାପତି କମଳ କିରଣ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପଞ୍ଚାୟତ ବୁଲି ପ୍ରଚାର କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ସଭା କରି ବିଧାୟକ ପ୍ରାର୍ଥୀ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଭୋଟ୍ ଦେଇ ବିଜୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା

**ବିରିଡ଼ି,୨୭।୪(ଡି.ଏନ.ଏ)**

ଚଳିତ ନିର୍ବାଚନ ପାଇଁ ବିରିଡ଼ି ବ୍ଲକରେ ୭୭ ଟି ବୁଥ୍ କରାଯାଇଛି। ଏହି ବୁଥ୍ ମଧ୍ୟରୁ ଭିନ୍ନକ୍ଷମ ମଡେଲ ବୁଥ୍ ଭାବେ ଗୌସୁନଗରର ୧ଟି ଓ ଜନତା ବିଦ୍ୟାପୀଠରେ ୨ଟି ବୁଥ୍ ରହିଛି। ଏଥିରେ ବ୍ଲାଇଣ୍ଡ ଷ୍ଟିକ, ହୁଇଲଚେୟାର, ଯବକାଚ ଓ ବେଲଷ୍ଟକ ରହିଛି। ମଡେଲ ବୁଥଭାବେ ବ୍ଲକରେ ମଧଶାସନ ୧, ରାଜକୃଷ୍ଣ ଉ.ପ୍ରା. ବିଦ୍ୟାଳୟରେ ୧, ହାଜିପୁର ପ୍ରାଇମେରୀରେ ୧, ଗୌସୁନଗରରେ ୧, ଜନତା ବିଦ୍ୟାପୀଠରେ ୨ଟି ମୋଟ ୬ ଗୋଟି ବୁଥ୍ ରହିଛି। ବୁଥଗୁଡ଼ିକରେ ଖରାରୁ ରକ୍ଷା ପାଇବା ପାଇଁ ଟେଣ୍ଟ, ଭୋଟରଙ୍କ ଧାଡ଼ି ନିକଟରେ ବେଞ୍ଚ ଓ ଚେୟାର ଆଦି ପକାଇବା ବ୍ୟବସ୍ଥା ହୋଇଛି। ଧାଡ଼ି କରାଇବା ପାଇଁ ସ୍ୱେଚ୍ଛାସେବୀ, ପ୍ରତିବୁଥ୍‌ରେ ହୁଇଲ ଚେୟାର, ପିଇବା ପାଣିର ସ୍ୱତନ୍ତ୍ର ବ୍ୟବସ୍ଥା, ଘରୁ ଚାଲି ଆସି ପାରୁ ନ ଥିବା ଭୋଟରଙ୍କ ପାଇଁ ସୁଗମ୍ୟ ଗାଡ଼ି, ଚାଲିକି ଆସି ପାରୁ ନ ଥିବା ଲୋକଙ୍କୁ ଆଣିବା ଓ ଛାଡିବାର ବ୍ୟବସ୍ଥା କରାଯିବ। ମହିଳା ଭୋଟରଙ୍କ ଛୋଟ ପିଲା ଥିଲେ ତାଙ୍କୁ ଧରିବା ପାଇଁ ଅଙ୍ଗନୱାଡି କର୍ମୀ ଓ ହେଲପରମାନଙ୍କୁ ନିୟୋଜିତ କରାଯିବ। ଆଶାକର୍ମୀମାନେ ଓଆରଏସ ଧରି ଉପସ୍ଥିତ ରହିବେ। ସେହିପରି ପ୍ରତି ବୁଥ୍‌କୁ ଯୋଗାଯୋଗ ରଖିବା ପାଇଁ ସେକ୍ଟର ଅଫିସର ନିୟୋଜିତ କରାଯାଇଛି ବୋଲି ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ କହିଛନ୍ତି।

# ଛପଡ଼ାରେ ବ୍ଲକ ଅଧକ୍ଷାଙ୍କ ଭୋଟ ଭିକ୍ଷା

**ରଘୁନାଥପୁର, ୨୭।୪ (ଡି.ଏନ.ଏ.)**

ଶନିବାର ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଗାଁକୁ ଗାଁ ବୁଲି କର୍ମୀମାନେ ନିଜର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଭିକ୍ଷା କରିଛନ୍ତି। ଏହିକ୍ରମରେ ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କ ପାଇଁ ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ ଛପଡା ପଞ୍ଚାୟତରେ ପ୍ରଚାର କରିଛନ୍ତି। ପୂର୍ବାହ୍ନରେ ଯୁବ ସଙ୍ଗଠକ ତପନ ସାମଲଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ଜଇପୁର ଜଗନ୍ନାଥ ମନ୍ଦିର ପାଖରୁ ବାହାରି ୨୧ଟି ୱାର୍ଡ ବୁଲିଥିଲା। ସେହିପରି ରଘୁନାଥପୁର ସରପଞ୍ଚ ପ୍ରମୋଦ କୁମାର ଜେନା ଓ ପୂର୍ବତନ ବ୍ଲକ ସଭାପତି ସରୋଜକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବାଇକ ରାଲି କରାଯାଇଥିଲା। ବ୍ଲକ ଅଧକ୍ଷା ବଳ ମଧ ବରାଗଳ ଓ ଅନ୍ୟ ପଞ୍ଚାୟତକୁ ଯାଇ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ନିତ୍ୟାନନ୍ଦ ପାତ୍ର, ଅକ୍ଷୟ ମିଶ୍ର, ମନରଞ୍ଜନ ପରିଡା, ବାଦଲ ଯୋଗାଣିଆ, ନିତ୍ୟାନନ୍ଦ ରାଉତ, ବସନ୍ତ ମହାନ୍ତି, ଅନ୍ତର୍ଯ୍ୟାମୀ ପାତ୍ର, କୁଳମଣି ସ୍ୱାଇଁ ପ୍ରମୁଖ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

# ପ୍ରଚାରରେ ପ୍ରକମ୍ପିତ ହେଲା ପାରାଦୀପ

**ପାରାଦୀପ,୨୭।୪(ସ୍ୱ.ପ୍ର.)**

୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ପ୍ରଚାର ଶେଷ ହୋଇଥିବାବେଳେ ପାରାଦୀପ ନିର୍ବାଚନମଣ୍ଡଳୀ ବିଭିନ୍ନ ପ୍ରାର୍ଥୀଙ୍କ ପ୍ରଚାରରେ ପ୍ରକମ୍ପିତ ହୋଇପଡିଛି। ପାରାଦୀପ ପୌର ପରିଷଦ ସମେତ ବିଭିନ୍ନ ପଞ୍ଚାୟତରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ଜୋର୍‌ଦାର ପ୍ରଚାର କରି ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେଡି ପ୍ରାର୍ଥୀ ସମ୍ପିତ ରାଉତରାୟଙ୍କ ପାଇଁ ରାଜ୍ୟସ୍ତରୀୟ ନେତାମାନେ ଆସି ପ୍ରଚାର କରିଛନ୍ତି। ପୌରାଞ୍ଚଳର ବିଜୟଚନ୍ଦ୍ର ବସ୍ତିରୁ ପ୍ରଚାର ଆରମ୍ଭ ହୋଇଥିଲା। ଦିନରେ ଘର ଘର ବୁଲି ପ୍ରଚର କରିବା ପରେ ଅପରାହ୍ନରେ ତିର୍ତ୍ତୋଲ, ରାହାମା, କୁଜଙ୍ଗ ଓ ପାରାଦୀପରେ ଶୋଭାଯାତ୍ରା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ପାଇଁ ଯଦିଓ ସେଭଳି କୌଣସି ଆଗଧାଡ଼ିର ନେତା ପ୍ରଚାରକୁ ଆସି ନ ଥିଲେ, ତେବେ ନିଜ ସମର୍ଥକଙ୍କୁ ଧରି ସେ ଶୋଭାଯାତ୍ରା କରିଥିଲେ। ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ମଧ ବଡ଼ ଧରଣର ଶୋଭାଯାତ୍ରା କରିଛନ୍ତି। ବିଳମ୍ବ ହୋଇଯିବାରୁ ତାଙ୍କ ଶୋଭାଯାତ୍ରା ଅଧାବାଟରୁ ବନ୍ଦ ହୋଇଥିଲା।



ବିଜେଡି ପ୍ରାର୍ଥୀ ସମ୍ପିତ ରାଉତରାୟ ଦଳୀୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।





କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ଓ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।



# SUNDAY classifieds




## BRIDE WANTED

Wanted Brahmin bride for boy 38, 5'6", software engineer, CTS, Kolkata. 9439493709, 9348327142. D-12376

Bank ଚାକିରିଆ, 40 ବୟସ୍କ, ଛାଡପତ୍ର ବଣିଆ ପୁଅଙ୍କ ପାଇଁ ଯେକୌଣସି ଜାତିର ବିବାହିତା/ ଅବିବାହିତା ଝିଅ ଦରକାର: 7008080967. D-60830

ଧୋବା ଜାତିର କମ୍ପାନି ଚାକିରି କରିଥିବା ପୁଅ ପାଇଁ ପାତ୍ରି ଦରକାର। 9337065883, 7609836849. D-64960

ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 34 ବୟସରୁ ଉର୍ଦ୍ଧ୍ୱ ହୋଇଥିବ। Mob No: 8598834841. D-12281

Urgent bride requirement for Gudia groom. Qualification- IT, Age-34, Rasi- 5/2, Height- 5'.7". Contact: 9778124128. D-12184

For Khandayat groom 31/163cm. senior software engineer, required engineer/MCA bride 25-30 years, fair, slim. Contact: 8249254037, 9776320025. D-64964

Wanted beautiful educated bride for Karana boy, 35, SR. MGR (Yes Bank), Bhubaneswar. 8847846105, 6371555584. D-65642

## GROOM WANTED

Divorcee bride Manager 43, Teacher 35, Business 40 (caste-no-bar). 7873374269. D-66445

Beautiful Brahmin girl 1993, 5'5" B.Tech, Engineer, Bangalore. "Sunasansar" 9937512659. D-12373

33, MBA ପଢିଥିବା ଭୁବନେଶ୍ୱରସ୍ଥିତ ଅବିବାହିତା ହଲୁଆ ବ୍ରାହ୍ମଣ ପାଇଁ ଖଣ୍ଡାୟତ/ କରଣ/ ବ୍ରାହ୍ମଣ ପୁଅ ଦରକାର। 7008080967. D-60832

Wanted groom for Brahmin bride 1974, 5'5", MA. Only candidates working and living at Bhubaneswar in a non-transferable service please respond on 9937286668 between 4.00 pm to 7.00 pm. Horoscope match must, registered marriage preferred, caste no bar. D-12381

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Scrap vehicle Scorpio, Bolero, Winger, Indica, Lancer, Sumo. 6370803032, 9861056470. D-64963

2016 swift DZire Rs. 3,80,000/- for sale. Refinance available. Contact: 8249627855. D-12383

## HIRE

ଡେଲିଭରି ନିମନ୍ତେ ଅଟୋ ଏବଂ ମ୍ୟାଜିକ୍ (ଡ୍ରାଇଭର ସହ) ଭଡ଼ାରେ ଆବଶ୍ୟକ। Contact: 8018172594, 9078000108. D-66507

Required good condition Hy-va (10/12 wheelers) on monthly basis. (Contact: 9861657726, 9439815746). D-65890




## SALE

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Looking to purchase Land/ Building at Medical area, Behrampur: 7978426155. D-66441

3BHK premium flats available for booking at BJB Nagar extension, facing 60 feet road (1k.m. from Kalpana square) price- 67.50 to 72.50 lakhs (including parking) Contact: 9439543532, 9861052040, 9861157958. D-12310

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ତମାଣ୍ଡୋ ବଜାର ପଛପଟେ 30' ଥାଇ ଘରବାରି Boundary plot ବିକ୍ରିହେବ। 9778556265. D-66361

ପାହାଳ ନିକଟବର୍ତ୍ତୀ ଗୋହଳରେ Bank Finance ଥାଇ plot କିଣନ୍ତୁ। Sqft. 770/- 8280032048. D-66364

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12352

50 gunth land sale with 25 nos. Mango trees (electrification) near Khordha Collectorate office. Per gunth Rs. 1,60,000/-. Contact: 9439101373. D-12322

2BHK simplex 15,00,000/- finishing Hanspal, Gharabari plot- Atala, Ranga bazar: 9668194157. D-66443

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

କଟକ-ଭୁବନେଶ୍ୱର **Twincity** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Sanjaya- 8339826767.** D-66354

**BDAର Southcity IIT Arguloରେ Railway stationରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧା ଥାଇ ଘରବାରି plot କିଣନ୍ତୁ। Akshya- 8327748629.** D-66352

2000 sqft. (10nos) main road side plot at Sankarpur, Ghatikia, Bhubaneswar infront Tata Ariana (Electric, Govt. supply water, 30ft. road available)- 7381564227, 8114744495. D-66444

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

Bhubaneswar Infocity-II boundaryକୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

1260 gharabari boundary plot 30ft. road Ranga Bazar- 8,82,000/- 8144998588. D-66356

5000 sft. GA plot sale at BJB Nagar, Bhubaneswar. Directly contact Deepak: 9937329999 (Brokers Excuse). D-66224

3BHK apartment ready for sale near Pratap Nagari, Cuttack-Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker Excuse). D-66501

Booking 2BHK simplex 1200 sqft. land Tankapani Road, Sai Temple 20,50,000/-, BJEM-II 12,80,000/- Badagada Canal Road. 7735738102. D-12332

Ready apartment flats for sale near Sai Temple Tankapani Road, Bhubaneswar. 1R, 1BR, 2BR verities to suit your pocket. 9348947458, 9437493502. D-58079

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

Sthitiban 5300 sqft. plot for sale near Kateni chhak BBSR. 9938019331. D-64958

ତମାଣ୍ଡୋ ମାର୍କେଟ ପାଖରେ Janla NH-5 ଠାରେ ଘରବାରି, electricity plot ନିଅନ୍ତୁ। 9438859527. D-66365

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12354

1460 sqft. newly constructed house tripple storied, foundation with total area 2800 sqft. for sale at Jagannath Nagar, Jharpada, Bhubaneswar. Mob: 9437960960, 8249910180. D-12359

Booking open for 3BHK duplex immediate sale at Garage Square, Bhubaneswar, Gated Community and BDA approved. Contact Deepak- 9937329999. D-66225

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66099

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାଙ୍କୁଲେଇପାଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66359

3 Bedroom flat=35 lakhs at Bhubaneswar, Gated Community, genuine buyers directly contact Deepak: 9937329999. D-66227

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D- 66125

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

2600 sft. corner plot sale at Sum Hospital (CET College) Bhubaneswar. Directly contact Deepak: 9937329999. D-66226

25,000 sft. gharabari with boundary 6.5 km. from Phulnakhara. 9778822122. D-66228

3BHK ready to move flat 1667 sqft., 3rd floor, Satyamvilla apartment at Ranasingpur mouza, infront of AIIMS Hospital, Sizua, Bhubaneswar. For sale contact: 9438677341, 7978180463. D-58080

Ready 1R flats @ Rs.10.00 lakhs near Sea beach Light House Chhaka, Puri. 9348947458, 9437493502. D-63946

**Single stori residential building 30'x60' Gundicha Bihar, Puri for sale 70 lakhs, Contact: 9337118484, 7008563110 (No brokerage).** D-12378

ଭୁବନେଶ୍ୱର new Railway Stationକୁ ଲାଗି ଘରବାରୀ ପ୍ଲଟ sqft. 450/-ରେ ମିଳୁଛି। 9439690111. D-66132

Gharabari plot NH road side at Khordha, just one k.m from Khordha Hospital. 9439778849. D-64962

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12353

## GENERAL

## SALE

One Cooler, Freeze, Television, Computer as is where is basis. 8763449127. D-65640

Running parlour top location near Kalpana Bhubaneswar for sale. 9861061565. D-52895




3BR duplex flat at Tankapani Road with parking 9439833387, 9861393570. D-65641

3BHK semi furnished modern flat at main-road Unit-8, Soubhagya Nagar. 9000004523. D-64959

Ice plant and cold store near Rasulgarh, Bhubaneswar. Contact: 7377774777. D-12312

160,000 sqft. vacant land with compound wall to let for godown stock yard and ware housing purpose at Totapada, Adjacent to NH.16 near Khurdha. Contact: 9937033933, 8328835823. D-12335

House at Nayapalli near DAV/ Stewart School for family. 9438490107. D-65889

Rent for office/ guest house near Radha Krishna mandir, Bayababa lane. Contact: 9437504102. D-35842

50'x21' shop (1050 sqft.) rent 65,000/-, security deposit 8 lakh, Main road, Sahid Nagar, Bhubaneswar. 9438344444. D-66223

25'x21' shop (525 sqft.) rent 35,000/-, security deposit 5 lakh, Mainroad, Sahid Nagar, Bhubaneswar: 9438344444. D-66222

17'x10' shop (170 sqft.) fully furnished rent 15,000/-, interiors 2 lakhs, security deposit 4 lakh, Mainroad, Sahid Nagar, Bhubaneswar: 9438344444. D-66221

2000 sqft. office/ commercial space available at Patia near Damana SBI, Bank Contact: 9439776090. D-64961




Shivam logistic packers movers. Household/ car relocation countrywide. 9777044177, 9338461133. D-12311




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Ayurvedic full body massage ladies/ gents smart experts therapist. 9114697517. D-65888

Herbal full body massage by smart/expert therapist. Contact: 8338067247. D-66504

Newly opening ayurvedic body massage smart therapist Shree herbal. 7750020754. D-66505

Herbal full body massage with refreshment by well trained therapist. 7381239385, 0674-2540855. D-66502

Experience full body massage with us by experts. Enquiry- 0674-2597822, 7377048581. D-66503

Summer special mesmerizing offer expert therapeutic refreshing massage appointment. 9668374480. D-66506

Physiotherapy, full body massage by trained ladies/ gents therapist: 7008773793. D-66446




କାଳୀ ଓ ବଙ୍ଗାଳୀ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380

## AFFIDAVIT

By virtue of affidavit (24.4.2019) sworn before Notary Public, Bhubaneswar, I have changed my name from Ranjita Rath to Ranjeeta Mishra (D/ o- Rajakishore Rath, W/o- Prashanta Kumar Mishra, Bomikhal, Bhubaneswar). Henceforth I shall be known as above for all purposes. D-65904

I, Pradyumn Garg changed my name to Pradumn Garg vide affidavit dt.07.09.2015 sworn before Notary, Bhubaneswar. D-12363

I, Gourav Garg changed my name to Gaurav Garg vide affidavit dt.30.12.2016 sworn before Notary, Bhubaneswar. D-12364

## ନୋଟିସ୍

ଏତଦ୍ୱାରା ଆମ୍ଭେ ଶ୍ରୀମତି ଦିପ୍ତିରାଣୀ ସାହୁ ଓ ଶ୍ରୀମତି ରତ୍ନମଣି ସାହୁ, ପିତା-ରାମଶଙ୍କର ସାହୁ, ଗ୍ରା-ଗିଲାଯୋଡି, ପୋ-ଗିଲାଯୋଡି, ଥାନା-ସିଂଲା, ଜିଲ୍ଲା-ବାଲେଶ୍ୱର ଜଣାଇଦେବାକୁ ଚାହୁଁଅଛୁ କି ଯେ- ଆମ୍ଭର ପିତା ଶ୍ରୀରାମଶଙ୍କର ସାହୁ, ବୟସ- ପ୍ରାୟ ୭୮ବର୍ଷ ମାନସିକ ଓ ଶାରିରିକ ସ୍ତରରେ ଦୁର୍ବଳ ହୋଇଯାଇଥିବା ଯୋଗୁଁ କେତେକ ଖଳ ପ୍ରକୃତିର ଲୋକ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନିଜନାମରେ କରାଇ ନେବାକୁ ଚାହୁଁଅଛନ୍ତି। ଆମ୍ଭର ବିନା ସମ୍ମତିରେ କୌଣସି ବ୍ୟକ୍ତି ଉକ୍ତ ସମ୍ପତ୍ତି କ୍ରୟ କଲେ କିମ୍ବା ଦାନ ଆକାରରେ ଗ୍ରହଣ କଲେ ଭବିଷ୍ୟତରେ ସେ ଦାୟୀ ରହିବେ। ଧ-୧୨୩୭୯

## Marriage Wish



Satyaprakash (Rocky) weds Diptimayee (Lali)

Wishes From

**Jitu, Raja, Jeebanendu, Kunu bhaina, Shitam & family members.** D-12321

## ଜନ୍ମଦିନ ଶୁଭେଚ୍ଛା



(ସୋନା)

**ବିଶ୍ୱମିତା ପ୍ରଧାନ**

**କୂଳ ବ୍ରାହ୍ମଣ ସାଇଲୋ, କଟକ**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ସଦାସର୍ବଦା ତୁମକୁ ପ୍ରାପ୍ତ ହେଉ। ତୁମେ ଦୀର୍ଘାୟୁ ହୁଅ, ଯଶସ୍ୱୀନୀ ହୁଅ।

**ଶୁଭେଚ୍ଛା ସହ**

ଅଜା, ଆଈ, ଜେଜେମା, ବାପା, ବୋଉ, ବଡ଼ବାପା, ବଡ଼ବୋଉ, କକା, ଖୁଡୀ, ବାପୁ ଭାଇ, ଦିପୁ ଭାଇ, ମୁନା, ଚିକୁ, ନିତୁ, ସୀମା, ପାପୁଲୁ ଓ ପରିବାରବର୍ଗ। ଧ-୬୩୨୧୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ତୃତୀୟ ଶ୍ରାଦ୍ଧ ବାର୍ଷିକୀ**



**✓ ଅରୁଣ କୁମାର ମହାନ୍ତି**

ଆବିର୍ଭାବ - ୧୯.୦୧.୧୯୫୯
ତିରୋଧାନ - ୨୮.୦୪.୨୦୧୬

ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଚାଲିଗଲ। ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

ତୁମର ଶୋକ ସନ୍ତପ୍ତ :
ପୁତ୍ର - ଅଭିଷେକ, ଝିଅ- ଇପ୍ସିତା
ଏବଂ ମହାନ୍ତି ପରିବାର ବର୍ଗ। D-12366

“ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୭%ରୁ ଅଧିକ ରହିବ ବୋଲି ଅନୁମାନ କରାଯାଉଛି।

– କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ଭାରତର ମୁଖ୍ୟ ଆର୍ଥିକ ପରାମର୍ଶଦାତା



“ଭାରତରେ ହ୍ୱାଟ୍ସଆପ୍ ପେ ଲଞ୍ଚ ପାଇଁ କମ୍ପାନୀ ପ୍ରସ୍ତୁତି ଚଳାଇଛି। ଏହାର ଏବେ ପରୀକ୍ଷାମୂଳକ ବ୍ୟବହାର କରାଯାଉଛି।

–ମାର୍କ ଜୁକରବର୍ଗ, ଅଧ୍ୟକ୍ଷ ତଥା ସିଇଓ,ଫେସ୍‌ବୁକ



## ସଂକ୍ଷେପରେ

### ଦରମା ନ ପାଇ ଜେଟ୍ କର୍ମଚାରୀଙ୍କ ଆତ୍ମହତ୍ୟା




ନୂଆଦିଲ୍ଲୀ,୨୭-୪: ଜେଟ୍ ଏୟାରୱେଜର ଜଣେ ସିନିୟର ଟେକ୍ନିସିଆନ ଦରମା ନ ପାଇବା କାରଣରୁ ଆତ୍ମହତ୍ୟା କରିଛନ୍ତି। ମହାରାଷ୍ଟ୍ରର ପାଲଘର ଜିଲାର ୪୫ ବର୍ଷୀୟ ଶୈଳେଶ ସିଂହଙ୍କୁ କ୍ୟାନ୍‌ସର ହୋଇଥିଲା। ସେ ନାଲାସୋପାଡା ପୂର୍ବରେ ସ୍ଥିତ ନିଜର ୪ ମହଲା ବାସଭବନରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଜେଟ୍ ଏୟାରୱେଜ ଷ୍ଟାଫ୍ ଆଣ୍ଡ ଏମ୍ପ୍ଲୟିଜ ଆସୋସିଏଶନର କହିବାନୁଯାୟୀ, ଗତ କିଛି ଦିନ ହେଲା ବେତନ ନ ମିଳିବା କାରଣରୁ ଶୈଳେଶଙ୍କୁ ଦୟନୀୟ ଅବସ୍ଥାର ସାମ୍ନା କରିବାକୁ ପଡ଼ିଥିଲା। ତାଙ୍କର କେମୋଥେରାପି ଚାଲିଥିବା ବେଳେ ଅର୍ଥ ଅଭାବରୁ ସେ ଚିନ୍ତାଗ୍ରସ୍ତ ଥିଲେ। ଜେଟ୍ ଏୟାରୱେଜ ସାମୟିକ ବନ୍ଦ ହୋଇଯିବା ପରେ ଆତ୍ମହତ୍ୟାର ଏହା ପ୍ରଥମ ଘଟଣା। ମୃତ ଶୈଳେଶଙ୍କ ପୁଅ ଏୟାରଲାଇନ୍ସର ଅପରେଶନ୍ସ ଡିପାର୍ଟମେଣ୍ଟରେ କାର୍ଯ୍ୟ କରୁଛନ୍ତି। ପୋଲିସ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି।

■ସ୍ୱତନ୍ତ୍ର କିସମର ଆଳୁଚାଷ

### ଚାଷୀଙ୍କ ସହ ସାଲିସ ଲାଗି ପେପ୍ସିକୋର ପ୍ରସ୍ତାବ

ଅହମ୍ମଦାବାଦ,୨୭-୪: ପେପ୍ସିକୋ ସ୍ୱତନ୍ତ୍ର କିସମର ଆଳୁ ଚାଷ ମାମଲାରେ ଗୁଜରାଟର ୪ ଚାଷୀଙ୍କ ସମ୍ମୁଖରେ ସାଲିସର ପ୍ରସ୍ତାବ ଦେଇଛି। ଅଭିଯୁକ୍ତ ଚାଷୀମାନେ କମ୍ପାନୀ ଦ୍ୱାରା ପଞ୍ଜୀକୃତ ସ୍ୱତନ୍ତ୍ର କିସମ ଆଳୁ ଚାଷ କରିବା ପରେ ଏହାକୁ କମ୍ପାନୀକୁ ବିକ୍ରି କରିବାକୁ ପେପ୍ସିକୋ ପ୍ରସ୍ତାବ ଦେଇଛି। ଉକ୍ତ ୪ ଚାଷୀଙ୍କ ପକ୍ଷରୁ ଚାଷ କରାଯାଉଥିବା ସ୍ୱତନ୍ତ୍ର କିସମ ଆଳୁ ଉପରେ ପେପ୍ସିକୋ ସୁରକ୍ଷା ଅଧିକାର ପାଇଥିବା ଦାବି କରିଛି। ଏହି ମାମଲାରେ କମ୍ପାନୀ ସାବରକାଣ୍ଠା ଏବଂ ଅରାବଳୀ ଜିଲାର ୯ ଚାଷୀଙ୍କ ବିରୋଧରେ ମାମଲା ଦାଏର କରିଛି। କମର୍ସିଆଲ କୋର୍ଟରେ ଶୁକ୍ରବାର ଶୁଣାଣି ବେଳେ ପେପ୍ସିକୋ କହିଛି ଯେ, ଯଦି ସମ୍ପୃକ୍ତ ଚାଷୀମାନେ କମ୍ପାନୀଠାରୁ ସ୍ୱତନ୍ତ୍ର କିସମର ଆଳୁ ମଞ୍ଜି କିଣି ଚାଷ କଲା ପରେ ଏହାକୁ କମ୍ପାନୀକୁ ବିକିବାକୁ ପ୍ରସ୍ତୁତ ଥିବା ଲିଖିତ ଆକାରରେ ମାନିବେ ତେବେ ଏହା ସାଲିସ କରିବାକୁ ପ୍ରସ୍ତୁତ। ଚାଷୀଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି କରୁଥିବା ଓକିଲ ଆନନ୍ଦ ଯ୍ୟାଗନିକ କହିଛନ୍ତି ଯେ, ସେ ଚାଷୀଙ୍କ ସହ କମ୍ପାନୀର ପ୍ରସ୍ତାବ ନେଇ ଆଲୋଚନା କରିବେ ଏବଂ ଆସନ୍ତା ଶୁଣାଣି ବେଳେ ଅଦାଲତକୁ ଏ ସମ୍ପର୍କରେ ଜଣାଇବେ। ଜୁନ ୧୨ରେ ପରବର୍ତ୍ତୀ ଦିନ ଧାର୍ଯ୍ୟ ହୋଇଛି। ଭାରତରେ ଏଫ୍‌ସି-୫ କିସମର ଆଳୁ ଚାଷ ପାଇଁ କମ୍ପାନୀକୁ ୨୦୧୬ରୁ ଏକାଧିକାର ମିଳିଛି ବୋଲି ପେପ୍ସିକୋ ଦାବି କରୁଛି।

# ଚାଇନାରୁ ଭାରତ ଆସିବେ ୨୦୦ ଆମେରିକୀୟ କମ୍ପାନୀ

ନୂଆଦିଲ୍ଲୀ,୨୭-୪

■ନୂଆ ସରକାରକୁ ଆର୍ଥିକ ସଂସ୍କାର ଦ୍ରୁତ କରିବାକୁ ହେବ

■ଘରୋଇ ଦୃଷ୍ଟିକୋଣ ଭିତ୍ତିରେ ସରକାର ନେଇଛନ୍ତି ଇ-କମର୍ସ ନିଷ୍ପତ୍ତି

■ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ଉପରେ ଜୋର୍



ସାଧାରଣ ନିର୍ବାଚନ ପରେ ଆମେରିକାର ପ୍ରାୟ ୨୦୦ କମ୍ପାନୀ ନିଜର ମାନୁଫାକଚରିଂ ସେଣ୍ଟରକୁ ଭାରତକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଆମେରିକା ଓ ଭାରତର ସମ୍ପର୍କ ସୁଦୃଢ଼ୀକରଣ ଲାଗି କାର୍ଯ୍ୟରତ ଆଡଭୋକେସୀ ଗ୍ରୁପ୍ ୟୁଏସ୍-ଇଣ୍ଡିଆ ଷ୍ଟ୍ରାଟେଜିକ ଆଣ୍ଡ ପାର୍ଟନରଶିପ୍ ଫୋରମ(ୟୁଏସ୍‌ଆଇଏସ୍‌ପିଏଫ୍) ଏହା ପ୍ରକାଶ କରିଛି। ଫୋରମ ପକ୍ଷରୁ କୁହାଯାଇଛି ଯେ, ଚାଇନା ବଦଳରେ ଅନ୍ୟ କୌଣସି ବିକଳ୍ପ ଖୋଜୁଥିବା ଏହି କମ୍ପାନୀଗୁଡ଼ିକ ପାଇଁ ଭାରତ ଆଦର୍ଶ ସ୍ଥାନ ହେବ। ଭାରତରେ ନିବେଶ କରି କିଭଳି ଚାଇନାର ବିକଳ୍ପ ପ୍ରସ୍ତୁତ କରିପାରିବେ ସେନେଇ ଆମେରିକୀୟ କମ୍ପାନୀଗୁଡ଼ିକ ତାଙ୍କ ସହ ଆଲୋଚନା କରୁଛନ୍ତି ଓ ପଚାରି ବୁଝୁଛନ୍ତି ବୋଲି ଫୋରମ୍ ଅଧ୍ୟକ୍ଷ ମୁକେଶ ଅଘି କହିଛନ୍ତି।

ଭାରତରେ ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ ଆସିବାକୁ ଥିବା ନୂଆ ସରକାରକୁ ଆର୍ଥିକ ସଂସ୍କାର ଦ୍ରୁତ କରିବା ତଥା ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି କୁହାଯିବ ବୋଲି ଅଘି ଉଲ୍ଲେଖ କରିଛନ୍ତି। ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଦ୍ୱାରା ଗତ ୧୨ରୁ ୧୮ ମାସ ମଧ୍ୟରେ ଇ-କମର୍ସ ଓ ଡାଟା ଲୋକାଲାଇଜେଶନ ଭଳି ମାମଲାରେ ନିଆଯାଇଥିବା ନିଷ୍ପତ୍ତିକୁ ଆମେରିକୀୟ କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ବଦଳରେ ଘରୋଇ ଦୃଷ୍ଟିକୋଣ ବୋଲି ମନେ କରୁଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକୁ କିଭଳି ଆକର୍ଷିତ କରିବାକୁ ହେବ ସେଦିଗରେ ସରକାରଙ୍କୁ ବୁଝିବାକୁ ହେବ। ଏଥିପାଇଁ ଜମିରୁ ଆରମ୍ଭ କରି ସୀମାଶୁଳ୍କ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ଧ୍ୟାନ ଦେବାକୁ ହେବ। ଆଗାମୀ ଦିନରେ ଅର୍ଥନୀତିରେ ଅନେକ ସଂସ୍କାର ଆଣିବାକୁ ହେବ। ଏହାଦ୍ୱାରା ଭାରି ମାତ୍ରାରେ ନୂଆ ନିଯୁକ୍ତି ସୃଷ୍ଟି ହେବ। ଏହାଛଡ଼ା ଭାରତ-ଆମେରିକା ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି(ଏଫ୍‌ଟିଏ) ହେବା ଉପରେ ଅଘି ଜୋର୍ ଦେଇଛନ୍ତି। ଏହାଦ୍ୱାରା ଭାରତକୁ ଫାଇଦା ମିଳିବ। କାରଣ ଚାଇନାରୁ ଆସୁଥିବା ଶସ୍ତା ସାମଗ୍ରୀକୁ ନେଇ ଚିନ୍ତିତ ଥିବା ଭାରତର ଆବଶ୍ୟକତା ଏହାଦ୍ୱାରା ଦୂର ହୋଇଯିବ। ଫୋରମର ସଦସ୍ୟ କମ୍ପାନୀଙ୍କ ଏକ ଉଚ୍ଚସ୍ତରୀୟ ମାନୁଫାକଚରିଂ କାଉନସିଲ ଗଠନ କରାଯାଇଛି ବୋଲି ଅଘି ସୂଚନା ଦେଇଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ମାନୁଫାକଚରିଂ ଆରମ୍ଭ କରିବା ଲାଗି ବ୍ୟାକ୍‌ଅପ୍ ଷ୍ଟ୍ରାଟେଜିର ଆବଶ୍ୟକତା ରହିଛି। କିନ୍ତୁ ଛୋଟ ଛୋଟ ପ୍ରସଙ୍ଗ ଏହାକୁ ପଛକୁ ଟାଣି ପାରେ ବୋଲି ଅଘି ଆଶଙ୍କା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଆମେରିକାର କମ୍ପାନୀଗୁଡ଼ିକ ଭାରତକୁ ଆସିଲେ ବହୁ ପରିମାଣରେ ନିବେଶ ମଧ୍ୟ ଦେଶକୁ ଆସିବ। ଗତ ୪ ବର୍ଷ ମଧ୍ୟରେ ଫୋରମର ସଦସ୍ୟ କମ୍ପାନୀଗୁଡ଼ିକ ଭାରତରେ ୫୦ ବିଲିୟନ ଡଲାର ନିବେଶ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

■ରାଜ୍ୟଗୁଡିକୁ ଚିଠି ଲେଖିଲା ଶିଶୁ ଅଧିକାର ସଂସ୍ଥା

## ଜନସନ ଆଣ୍ଡ ଜନସନର ବେବି ଶାମ୍ପୁ ବିକ୍ରି ବନ୍ଦ କର

ନୂଆଦିଲ୍ଲୀ,୨୭-୪



ଶିଶୁ ଉତ୍ପାଦ ତିଆରିରେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା କମ୍ପାନୀ ଜନସନ ଆଣ୍ଡ ଜନସନର ଭାରତରେ ଅଡୁଆ ବଢ଼ିବାରେ ଲାଗିଛି। କମ୍ପାନୀ ଦ୍ୱାରା ପ୍ରସ୍ତୁତ ବେବି ଶାମ୍ପୁରେ କ୍ୟାନଶର ସୃଷ୍ଟିକାରୀ ପଦାର୍ଥ ରହିଥିବା ରିପୋର୍ଟ ମିଳିବା ପରେ ଶିଶୁ ଅଧିକାର ଲାଗି କାର୍ଯ୍ୟ କରୁଥିବା ସଂସ୍ଥା ଏହାର ବିକ୍ରି ଉପରେ କଟକଣା ଜାରି କରିବାକୁ ରାଜ୍ୟଗୁଡ଼ିକୁ ପତ୍ର ଲେଖିଛି। ନ୍ୟାଶନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ(ଏନ୍‌ସିପିସିଆର୍) ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ସଚିବଙ୍କ ନିକଟକୁ ପତ୍ର ଲେଖି ବେବି ଶାମ୍ପୁ ବିକ୍ରି ବନ୍ଦ ଲାଗି ପଦକ୍ଷେପ ନେବାକୁ କହିଛି। ଏନ୍‌ସିପିସିଆର୍ ଅଧ୍ୟକ୍ଷ ପ୍ରିୟଙ୍କ କାନୁନଗୋ କହିଛନ୍ତି ଯେ, ରାଜସ୍ଥାନ ଡ୍ରଗ କଣ୍ଟ୍ରୋଲରଙ୍କ ରିପୋର୍ଟକୁ ସଂସ୍ଥା ଗୁରୁତ୍ୱର ସହ ନେଇ ଉକ୍ତ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶ ଜାରି ହେବା ପରେ ଏବେ ଦେଶରେ ଜନସନ ଆଣ୍ଡ ଜନସନର ବେବି ଶାମ୍ପୁ ବିକ୍ରି ହୋଇପାରିବ ନାହିଁ। ରାଜସ୍ଥାନ ଡ୍ରଗ କଣ୍ଟ୍ରୋଲର ରିପୋର୍ଟରେ ଏହି ।ାମ୍ପୁରେ କ୍ୟାନସରକାରକ ତତ୍ତ୍ୱ ଫର୍ମାଲ୍‌ଡିହାଇଡ ମିଳିଛି। ଏଥିସହ ଶିଶୁ ଅଧିକାର ସଂସ୍ଥା ୫ ରାଜ୍ୟ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଆସାମରୁ ଜନସନ କମ୍ପାନୀର ବେବି ଶାମ୍ପୁ ଏବଂ ଟାଲକମ ପାଉଡରର ନମୁନା ସଂଗ୍ରହ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। ଏନ୍‌ସିପିସିଆର କହିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜନସନର ବେବି ଶାମ୍ପୁ ବିକ୍ରି ବନ୍ଦ କରାଯାଉ। ଏଥିସହ ସମସ୍ତ ଦୋକାନରୁ ଷ୍ଟକ୍ ହଟାଇଦେବାକୁ କୁହାଯାଇଛି। ରାଜସ୍ଥାନ ଡ୍ରଗ କଣ୍ଟ୍ରୋଲରଙ୍କୁ ଜନସନର ଟାଲକମ୍ ପାଉଡର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, ଅଜଣା ସୂତ୍ରରୁ ସଂଗୃହୀତ ଏବଂ ପୂର୍ବରୁ ସ୍ଥିରୀକୃତ ହୋଇ ନ ଥିବା ପଦ୍ଧତିରେ ସରକାରୀ ଯାଞ୍ଚ ରିପୋର୍ଟକୁ କମ୍ପାନୀ ଗ୍ରହଣ କରିବ ନାହିଁ। ସେଣ୍ଟ୍ରାଲ ଡ୍ରଗ୍ସ ଲାବରେଟୋରିର ରିପୋର୍ଟକୁ କମ୍ପାନୀ ଅପେକ୍ଷା କରୁଛି। ତେବେ ଜନସନ ଆଣ୍ଡ ଜନସନର ବେବି ଶାମ୍ପୁ ବ୍ୟବହାର ପାଇଁ ସୁରକ୍ଷିତ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ସରକାରୀ ମାନଦଣ୍ଡ ଅନୁଯାୟୀ ଏହାର ଉତ୍ପାଦନ କରାଯାଉଛି ବୋଲି କମ୍ପାନୀ କହିଛି।

## ରାଜନୀତିକୁ ଆସିଲେ ସ୍ତ୍ରୀ ମୋତେ ଛାଡ଼ି ଦେବେ: ରାଜନ

ଚେନ୍ନାଇ,୨୭-୪



ରାଜନୀତିରେ ପ୍ରବେଶ କରିବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ। ସେ ଜଣେ ଶିକ୍ଷାବିତ ଭାବେ ନିଜର ଦାୟିତ୍ୱ ତୁଲାଇବାକୁ ପସନ୍ଦ କରିବେ। ରାଜନୀତି ପ୍ରତି ତାଙ୍କର କୌଣସି ଆଗ୍ରହ ନାହିଁ ବୋଲି ଉଲ୍ଲେଖ କରି ରାଜନ କହିଛନ୍ତି ଯେ, ରାଜନୀତିକୁ ଆସିଲେ ତାଙ୍କୁ ଛାଡ଼ି ଦେବେ ବୋଲି ସ୍ତ୍ରୀ ଚେତାବନୀ ଶୁଣାଇ ସାରିଛନ୍ତି। ସିକାଗୋ ୟୁନିଭର୍ସିଟିର ବୁଥ ସ୍କୁଲ୍ ଅଫ୍ ବିଜନେସରେ ପ୍ରଫେସର ଥିବା ପୂର୍ବତନ ଗଭର୍ନର କହିଥିଲେ ଯେ, ଭାରତରେ ଭଲ ଅବସର ମିଳିଲେ ସେ କାମ କରିବାକୁ ଆଗ୍ରହୀ। ଭଲ୍ ଅବସର କହିଲେ କ'ଣ ବୁଝାଇବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ ଯେ, ଭାରତରେ ତାଙ୍କର କେଉଁଠି ଆବଶ୍ୟକତା ରହିଥିବା ଅନୁଭବ ହେଲେ ସେ ସହାୟତା କରିବାକୁ ପ୍ରସ୍ତୁତ ଅଛନ୍ତି। କେହି ତାଙ୍କର ପରାମର୍ଶ ଲୋଡିଲେ ସେ ଖୁସି ହେବେ ବୋଲି ରାଜନ କହିଛନ୍ତି। ସୂଚନାଥାଉ କି, ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ରାଜନଙ୍କୁ ଅର୍ଥ ମନ୍ତ୍ରୀ କରାଯିବା ନେଇ କଳ୍ପନାଜଳ୍ପନା ହେଉଛି। ସେ କହିଛନ୍ତି ଯେ, ନିର୍ବାଚନ ପରେ କେନ୍ଦ୍ରରେ ବର୍ତ୍ତମାନର ସରକାର ହେଉ ଅଥବା ନୂଆ ସରକାର ଆସୁ ତାଙ୍କ ପାଇଁ ଅର୍ଥନୀତିରେ ବହୁ ଆହ୍ୱାନର ସାମ୍ନା କରିବାକୁ ପଡିବ।

## ପଲିକ୍ୟାବ୍ ଆଣିଲା ନୂଆ ଫ୍ୟାନ

ଭୁବନେଶ୍ୱର,୨୭-୪

POLYCAB
Connection Zindagi Ka

ପ୍ରମୁଖ ୱେର୍ ଆଣ୍ଡ କେବଲ୍ ନିର୍ମାତା ପଲିକ୍ୟାବ ପକ୍ଷରୁ ନୂଆ ଫ୍ୟାନ ବଜାରକୁ ଆସିଛି। ଏହା ଏକ ଭିନ୍ନ ପ୍ରସ୍ତୁତିର ପଙ୍ଖା ବୋଲି ପଲିକ୍ୟାବ ଇଣ୍ଡିଆ ଲିମିଟେଡର ପୂର୍ବାଞ୍ଚଳ ବରିଷ୍ଠ ପ୍ରବନ୍ଧକ ପୁଲକ ପତି ସୂଚନା ଦେଇଛନ୍ତି। ଏହା ସର୍ବୋତ୍ତମ ଫିଚର ଏବଂ ଗୁଣବତ୍ତା ସହ ବଜାରକୁ ଆସିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ କମ୍ପାନୀ ପୂର୍ବ ଭାରତରେ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର କରିଛି। ଓଡ଼ିଶାରେ ଏହା ୧.୫ ଲକ୍ଷ ୟୁନିଟରୁ ଅଧିକ ଫ୍ୟାନ ବିକିବାକୁ ସକ୍ଷମ ହୋଇଛି। କମ୍ପାନୀ ଏହାର ପ୍ରଡକ୍ଟଗୁଡିକୁ ରୁଡ଼କୀସ୍ଥିତ ୟୁନିଟ୍‌ରେ ପ୍ରସ୍ତୁତ କରୁଛି। ଏଥିରେ ବ୍ୟବହାର ହେଉଥିବା ମଟେରିଆଲ ବିଶୁଦ୍ଧ ହୋଇଥିବା ବେଳେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଥିବା ଏହା ପ୍ରକାଶ କରିଛି। ଚଳିତ ବର୍ଷ ରାଜ୍ୟରେ ୨ ଲକ୍ଷରୁ ଅଧିକ ୟୁନିଟ ପଙ୍ଖା ବିକ୍ରି କରିବା ଲାଗି କମ୍ପାନୀ ଯୋଜନା ରଖିଛି। କମ୍ପାନୀ ଆଣିଥିବା ହାଇସ୍ପିଡ ପେଡେଷ୍ଟାଲ ତୋଫାନ୍ ମଡେଲ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା କରିଛି। ସେହିଭଳି କମ୍ପାନୀର ପ୍ରିମିୟମ୍ ରେଞ୍ଜ ସିଙ୍ଗଲ ଫ୍ୟାନର ଏକ ନୂତନ ବର୍ଗ ମାଳା ବଜାରରେ ଉପଲବ୍ଧ ଥିବା ଏହା ପ୍ରକାଶ କରିଛି।

## ସ୍ପେକ୍ଟ୍ରମ ଫି ଦେବାରେ ଆର୍‌କମ୍ ପୁଣି ବିଫଳ

ନୂଆଦିଲ୍ଲୀ,୨୭-୪

ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍) ପୁଣି ଥରେ ଟେଲିକମ୍ ବିଭାଗ(ଡିଓଟି)କୁ ବକେୟା ୪୯୨ କୋଟି ଟଙ୍କା ଫି ଦେବାରେ ବିଫଳ ହୋଇଛି। ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅନିଲ ଅମ୍ବାନୀଙ୍କ କମ୍ପାନୀ କ୍ରମାଗତ ତୃତୀୟଥର ବକେୟା ଦେବାରେ ଅସମର୍ଥ ହୋଇଛି। ଋଣରେ ବୁଡ଼ିଯିବା ପରେ ଦେବାଳିଆ ଅଦାଲତରେ ଆବେଦନ ଦେଇଥିବା ଆର୍‌କମ୍ ପକ୍ଷରୁ କୁହାଯାଇଛି ଯେ, ଏନ୍‌ସିଏଲ୍‌ଏଟିଙ୍କ ଏକ ନିର୍ଦ୍ଦେଶ କାରଣରୁ ଏହା ବକେୟା ଦେବ ନାହିଁ। ଡିଓଟି ଅଧିକାରୀ କହିଛନ୍ତି ଯେ, ଆର୍‌କମ୍‌କୁ କାରଣ ଦର୍ଶାଅ ନୋଟିସ ଜାରି ଅଥବା ଅପରେଟରଠାରୁ ସ୍ପେକ୍ଟ୍ରମ ପ୍ରତ୍ୟାହାର କରିବା ପୂର୍ବରୁ ଟ୍ରିବ୍ୟୁନାଲଙ୍କ ଆଦେଶକୁ ଅପେକ୍ଷା କରାଯାଉଛି। ନ୍ୟାଶନାଲ କମ୍ପାନୀ ଲ' ଆପେଲାଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ଆସନ୍ତା ୩୦ରେ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରିବେ। ସେହି ଦିନ ଟ୍ରିବ୍ୟୁନାଲ ଆର୍‌କମ୍ ଦ୍ୱାରା ଆଗତ ଦେବାଳିଆ ଆବେଦନର ମଧ୍ୟ ଶୁଣାଣି କରିବେ। ସୂଚନାଥାଉ କି, ୪୯୨ କୋଟି ଟଙ୍କାର ବକେୟା ସ୍ପେକ୍ଟ୍ରମ ଫି ଦେବାକୁ ଆର୍‌କମ୍‌କୁ ଚଳିତ ମାସ ୧୯ତାରିଖ ଶେଷ ଦିନ ଥିଲା, ଯେଉଁଥିରେ ୧୦ ଦିନର ଗ୍ରେସ୍ ପିରିୟଡ ସାମିଲ କରାଯାଇଥିଲା।

## ଅରୁନ୍ଧତୀର ଫେଷ୍ଟିଭ ଧମାଲ୍ ବିଜେତା ଘୋଷଣା




ଭୁବନେଶ୍ୱର,୨୭-୪

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ପାଳନ ହେଉଥିବା ଏହାର 'ଫେଷ୍ଟିଭ ଧମାଲ ଅଫର' ୨୦୧୮ ସିଜିନ୍-୨ର ବିଜେତା ଘୋଷଣା କରାଯାଇଛି। ଏହି ପର୍ଯ୍ୟାୟ ଅକ୍ଟୋବର ୮ରୁ ମାର୍ଚ୍ଚ ୩୧ ଯାଏ ରହିଥିଲା। ୫ ହଜାର ଟଙ୍କାର କିଣାକିଣି ଉପରେ ଲକି ଡ୍ରରେ ଲକ୍ଷପତି ହେବାର ସୁଯୋଗ ଅରୁନ୍ଧତୀ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ସିଜିନରେ ୨୬ ଜଣ ଲକ୍ଷପତି ହେବାର ସୁଯୋଗ ଲାଭ କରିଥିବା ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି। ବିଜେତାଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ୧୦ ଜଣ, ସମ୍ବଲପୁରର ୬, ବଲାଙ୍ଗୀର ୬ ଏବଂ ଭବାନୀ ପାଟଣା ଶାଖାର ୬ ଭାଗ୍ୟଶାଳୀ ଗ୍ରାହକ ରହିଛନ୍ତି। ଏହି ଅବସରରେ ୨୦୧୯ ଲାଗି ସିଜିନ-୧ ଅଫରକୁ ଏମ୍‌ଡି ମେହେର ଶୁଭାରମ୍ଭ କରିଛନ୍ତି। ଏଥିରେ ଗ୍ରାହକ କ୍ୟାଶ୍‌ବ୍ୟାକ ସୁବିଧା ଏବଂ ଲକ୍ଷପତି କୁପନ ପାଇପାରିବେ। ଅକ୍ଷୟ ତୃତୀୟା ଲାଗି ହଲ୍‌ମାର୍କ ସୁନା ଗହଣା ଉପରେ ସୁନା ଏବଂ ରୂପା କଏନ ଜିତିବାର ସୁଯୋଗ ରହିଛି। ଏଠାକାର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ବ୍ରାଣ୍ଡ ଆମ୍ବାସାଡର ଓଡିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ଶୋ'ରୁମର ଅଧିକାରୀମାନେ ଯୋଗଦେଇଥିଲେ। ବରଗଡଠାରେ ନୂଆ ଶାଖା ଖୋଲିବା ନେଇ ଅରୁନ୍ଧତୀ ପକ୍ଷରୁ ଯୋଜନା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

## ୬ଘଣ୍ଟା ଅଚଳ ରହିଲା ଏୟାର ଇଣ୍ଡିଆ ସର୍ଭର

ନୂଆଦିଲ୍ଲୀ,୨୭-୪




ଏୟାର ଇଣ୍ଡିଆ ଫ୍ଲାଇଟ୍ସ ସର୍ଭର ଶନିବାର ୬ ଘଣ୍ଟା ଅଚଳ ହୋଇଯିବା ପରେ ୧୫୫ଟି ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣ ପ୍ରଭାବିତ ହୋଇଥିଲା। ଫଳରେ ଏଥିରେ ଯାତ୍ରୀଙ୍କୁ ଅଯଥା ହଇରାଣ ହେବାକୁ ପଡ଼ିଥିଲା। ସର୍ଭରକୁ ପ୍ରାୟ ୯ଟାରେ ଠିକ୍ କରାଯାଇଛି ବୋଲି ସିଏମ୍‌ଡି ଅଶ୍ୱିନୀ ଲୋହାନୀ ପ୍ରକାଶ କରିଛନ୍ତି। ତେବେ ଏହି କାରଣରୁ ଦିନର ଅବଶିଷ୍ଟ ଫ୍ଲାଇଟ ଚାଲିବାରେ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଛି। ଯାହାର ନୂଆ ସିଡ୍ୟୁଲ୍ ଜାରି କରାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଶନିବାର ରାତି ସାଢ଼େ ୮ ଟା ଯାଏ ଉଡ଼ାଣ ପ୍ରଭାବିତ ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏୟାର ଇଣ୍ଡିଆର ପାସେଞ୍ଜର ସର୍ଭିସେସ ସିଷ୍ଟମ ଶନିବାର ପ୍ରତ୍ୟୁଷ ସାଢ଼େ ୩ଟାରେ ଖରାପ ହୋଇଯାଇଥିଲା। ସର୍ଭର ଅଚଳ କାରଣରୁ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ଜାରି କରାଯାଇପାରି ନ ଥିଲା। ଫଳରେ ଉଡ଼ାଣ ପ୍ରଭାବିତ ହୋଇଥିଲା। ଲୋହାନୀ କହିଛନ୍ତି ଯେ, ସୋସିଆଲ ମିଡିଆ ଏବଂ କଲ୍ ସେଣ୍ଟର ଜରିଆରେ ପ୍ରଭାବିତ ଯାତ୍ରୀଙ୍କୁ ସୂଚନା ଦିଆଯାଇଛି। ତେବେ ଯାତ୍ରୀଙ୍କ ସଂଖ୍ୟା ଅତ୍ୟଧିକ ହେବା କାରଣରୁ କଲ୍ ସେଣ୍ଟର ସମସ୍ତ ଯାତ୍ରୀଙ୍କୁ ସୂଚନା ଦେବାରେ ବିଫଳ ହୋଇଛି। ବିମାନରେ ଯାଇ ପାରୁ ନ ଥିବା ଯାତ୍ରୀଙ୍କୁ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ସେମାନଙ୍କୁ ଅନ୍ୟ ଏୟାରଲାଇନ ଜରିଆରେ ସିଫ୍ଟ କରାଯାଇଛି। ତେବେ ସର୍ଭର ସାମୟିକ ଅଚଳ ହେବାର କାରଣ ଯାଞ୍ଚ କରାଯାଉଛି ବୋଲି ଲୋହାନୀ କହିଛନ୍ତି। ସୂଚନାଥାଉ କି, ଏୟାର ଇଣ୍ଡିଆ ଏସ୍‌ଆଇଟିଏ କମ୍ପାନୀର ପାସେଞ୍ଜର ସର୍ଭିସେସ୍ ସିଷ୍ଟମ ବ୍ୟବହାର କରିଥାଏ। ଦେଶରେ କାର୍ଯ୍ୟରତ ଅନ୍ୟ କୌଣସି ଏୟାରଲାଇନ୍ସ ଏହି ସିଷ୍ଟମ ବ୍ୟବହାର କରନ୍ତି ନାହିଁ। ଗତବର୍ଷ ଜୁନ୍ ୨୩ରେ ଏୟାର ଇଣ୍ଡିଆର ଚେକ୍ ଇନ୍ ସଫ୍ଟୱେରରେ ଏଭଳି ପ୍ରଯୁକ୍ତିଗତ ତ୍ରୁଟି ଦେଖାଯାଇଥିଲା। ଏହାଦ୍ୱାରା ୨୫ ଘରୋଇ ଉଡ଼ାଣ ପ୍ରଭାବିତ ହୋଇଥିଲା।



## ସଂକ୍ଷେପରେ

### ପୋଷ୍ଟାଲ ବାଲଟ ପାଇଁ ଆନ୍ଦୋଳନ

**କେନ୍ଦ୍ରାପଡା ଅଫିସ, ୨୭।୪:** ଚଳିତ ସାଧାରଣ ନିର୍ବାଚନରେ ୮ହଜାରରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି କର୍ମଚାରୀମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ସାବ୍ୟସ୍ତ କରି ପାରିବେ। ତେବେ ପୋଷ୍ଟାଲ ବାଲଟ ବ୍ୟବସ୍ଥାରେ ତ୍ରୁଟି ଯୋଗୁ କର୍ମଚାରୀମାନେ ଶନିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦିର୍ଘ ୨ ଘଣ୍ଟା ବିଳମ୍ବରେ ସେମାନେ ବୁଥ ପାଇଁ ସାମଗ୍ରୀ ସଂଗ୍ରହ କରିଛନ୍ତି। ଏସମ୍ପର୍କରେ ଜଣେ ପୋଲିଂ ଅଫସର କୁହନ୍ତିଯେ, ନିର୍ବାଚନ ଟ୍ରେନିଂ ସମୟରେ ବୁଥକୁ ଯିବା ପୂର୍ବରୁ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିବାକୁ କୁହାଯାଇଥିଲା। ତେବେ ପୂର୍ବାହ୍ନରେ ସାମଗ୍ରୀ ସଂଗ୍ରହ ସ୍ଥଳ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏନେଇ କୌଣସି ବ୍ୟବସ୍ଥା ହୋଇନାହିଁ। କେବଳ ପୋଷ୍ଟାଲ ବାଲାଟ ପ୍ରଦାନ ପାଇଁ ପୋଲିସ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରାଯାଇଛି। ଏସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କୁହନ୍ତି ଯେ, ନିର୍ବାଚନ ପାଇଁ ତାଲିମ ପ୍ରଦାନ ସମୟରେ ଏହି କର୍ମଚାରୀମାନଙ୍କୁ ପୋଷ୍ଟାଲ ବାଲାଟ ପେପର ପ୍ରଦାନ କରାଯାଇଛି। ଯେଉଁମାନେ ନେଇ ନାହାନ୍ତି ଆସନ୍ତା ମେ ୨୨ ମଧ୍ୟରେ ମତଦାନ କରିପାରିବେ। ପୋଷ୍ଟାଲ ବାଲାଟ ପେପର ପ୍ରଦାନ ଶୁକ୍ରବାର ସନ୍ଧ୍ୟାରୁ ବନ୍ଦ ରହିଥିବା ଏଡିଏମ୍ ରାଉତ ସୂଚନା ଦେଇଛନ୍ତି।

### ମାର୍ଶାଘାଇରେ ବର୍ଷାଙ୍କ ପ୍ରଚାର

**ମାର୍ଶାଘାଇ,୨୭।୪(ଡିଏନଏ):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ଶନିବାର ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୭ଟି ପଞ୍ଚାୟତରେ କେନ୍ଦ୍ରାପଡା ଲୋକସଭା ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ପାଇଁ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରଚାର କରିଛନ୍ତି। କଳପଡା ଲୁଣାବ୍ରିଜ ନିକଟରୁ ପୂର୍ବାହ୍ନରେ ରୋଡ ଶୋ ଆରମ୍ଭ ହୋଇଥିଲା। ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ବର୍ଷା ପ୍ରଥମେ ବଛରାଇ ,ବନ୍ଧକଟା,ମେହେନ୍ଦିନଗର,ଜମପଡା,କର ଲୋପାଟଣା,ଜଳପୋକ ଓ ଆୟତପୁର ପଞ୍ଚାୟତକୁ ରୋଡ୍ ଶୋରେ ଯାଇ ପ୍ରଚାର କରିଥିଲେ। ପାଟକୁରା ଆସନରେ ବିଧାୟକ ପଦ ପାଇଁ ନିର୍ବାଚନ ସ୍ଥଗିତ ରହିଛି। ଜିଲା ବିଜେଡି ଉପସଭାପତି ପ୍ରମୋଦ କୁମାର ରଥ,ଯୁବ ନେତା ଜୟଦେବ ପରିଡା,ସରପଞ୍ଚ ଗୌରୀରାଣୀ ପ୍ରଧାନ,ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ,ସରପଞ୍ଚ ରବିନ୍ଦ୍ରନାଥ ପଣ୍ଡାଙ୍କ ସମେତ ଦଳୀୟକର୍ମୀ ବାଇକ ରାଲି କରି ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ।

■ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ

# ଶଶିଭୂଷଣ ଓ ଗଣେଶଙ୍କ ପାଇଁ ସମ୍ମାନର ପ୍ରଶ୍ନ

**କେନ୍ଦ୍ରାପଡା ଅଫିସ, ୨୭।୪**

ସାଧାରଣ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ବିଧାନସଭା ଆସନକୁ ହାତେଇବା ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଇତିମଧ୍ୟରେ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରା ଓ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ପାଇଁ ଏହି ନିର୍ବାଚନ ଜିତିବା ଏବେ ସମ୍ମାନର ପ୍ରଶ୍ନ ହୋଇଛି। ଶଶିଭୂଷଣ ଏବେ ରାଜ୍ୟ ସରକାରଙ୍କ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ହୋଇଥିବାରୁ ଟକ୍କର ଜୋରଦାର ହେବ ବୋଲି ଆଲୋଚନା ହେଉଛି। ତେବେ ସେ ଏହି ଜିଲାର ଭୋଟର ହୋଇ ନ ଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏହି ଆସନ ପାଇଁ ବିଜେଡି ସଭାପତି ଶେଷରେ ତାଙ୍କ ନାମ ମନୋନୀତ କରିଥିଲେ। ପୂର୍ବରୁ ଏହି ଆସନ ପାଇଁ ବିଧାୟକ କିଶୋର ଚନ୍ଦ୍ର ତରାଇ ଓ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଦାବିଦାର ଥିଲେ। ମାତ୍ର ଶଶିଭୂଷଣଙ୍କୁ ଭୁବନେଶ୍ୱରର ଆଣି ବିଜେଡି ପକ୍ଷରୁ ପ୍ରାର୍ଥୀଭାବେ ଘୋଷଣା କରାଯିବା ପରେ ମାଟି ପୁଅ ବନାମ ବିଦେଶୀ ସ୍ଲୋଗାନ ତେଜିଛି। ସାଧାରଣ ନିର୍ବାଚନକୁ ମାତ୍ର ଅଳ୍ପ କେତେ ଘଣ୍ଟା ବାକିଥିବା ବେଳେ ଏହି ଦଳୀୟ କନ୍ଦଳ ତାଙ୍କ ପାଇଁ ବାଧା ସୃଷ୍ଟି କରପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅପରପକ୍ଷେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ୭୦ରୁ ଉର୍ଦ୍ଧ୍ୱ ବିଧାୟକ ଏଠାରେ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଏହି ଜିଲା ଗସ୍ତ କରି ନିର୍ବାଚନୀ ରୋଡ ସୋ ଓ ସଭାରେ ସାମିଲ ହେଉଛନ୍ତି । ସେହିପରି କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା ଗତ ୨ଟି ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଏଠାରେ କଡ଼ା ଚାଲେଞ୍ଜ ଦେଇଥଲେ । ୨୦୦୯ରେ ପୂର୍ବତନ ବିଜେଡି ବିଧାୟିକା ସିପ୍ରା ୫୨.୧୬ ପ୍ରତିଶତ (୬୨,୪୩୬)ଭୋଟ ଓ ଗଣେଶ୍ୱର ୩୯.୧୯ ପ୍ରତିଶତ (୪୬,୫୦୫) ଭୋଟ ପାଇଥିଲେ। ତେବେ ୨୦୧୪ରେ ବିଜେଡି ବିଧାୟକ କିଶୋର ବିଜୟୀ ହୋଇଥିଲେ ମଧ୍ୟ ତାଙ୍କ ଭୋଟ ହାର ଯଥେଷ୍ଟ କମିଯାଇଥିଲା। ଏହି ନିର୍ବାଚନରେ ବିଧାୟକ କିଶୋରଙ୍କୁ ୪୬.୯୩ ପ୍ରତିଶତ (୬୫,୦୩୭) ଭୋଟ ମିଳିଥିବା ବେଳେ ଗଣେଶ୍ୱର ୪୩.୦୧ ପ୍ରତିଶତ (୫୯,୬୦୬) ଭୋଟ ପାଇଥିଲେ । ଗଣେଶ୍ୱର ମଧ୍ୟ କଂଗ୍ରେସ ସରକାରଥିବା ସମୟରେ ମନ୍ତ୍ରୀ ପଦ ପାଇଥିଲେ । ଏଥିସହ ଦିର୍ଘ ଦୁଇ ଦଶନ୍ଧି ଧରି ଜିଲାର ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେଇ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରିଛନ୍ତି । ସେହିପରି ଭାଜପା ପକ୍ଷୀରୁ ସୁନାକର ବେହେରା ଏହି ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି । ଗତ ଥର ନିର୍ବାଚନରେ ତାଙ୍କୁ ମାତ୍ର ୭.୨ ପ୍ରତିଶତ (୯,୯୮୧) ଭୋଟ ମିଳିଥିବା ବେଳେ ଏହି ନିର୍ବାଚନରେ ମୋଦିଙ୍କ ଲହରକୁ ନେଇ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୋଟ ୭ ଜୋନ ମଧ୍ୟରୁ ୩ଟିରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ବିଜୟୀ ହେବା ପରେ ଦଳର ମନୋବଳ ସୁଦୃଢ଼ ହୋଇଛି। ଏସବୁକୁ ଦୃଷ୍ଟିରେ ଦେଖିଲେ ଏହି ବିଧାନସଭା ଆସନରେ ୩ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି।

## କଣ୍ଡିରା ପଞ୍ଚାୟତରେ କଂଗ୍ରେସରେ ମିଶିଲେ ୧୪ ବିଜେଡି ପରିବାର



କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

**ରାଜନଗର, ୨୭(ଡି.ଏନ୍.ଏ.)**

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ କଂଗ୍ରେସ ବଡ଼ଧରଣର ମିଶ୍ରଣ ପର୍ବ ସରପଞ୍ଚ ଦିପ୍ତୀମୟୀ ବେହେରାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଈଶ୍ୱରପୁର ଗ୍ରାମର ଗୋଲେଖ ରାଉତ, ଅଶୋକ ରାଉତ, ଆଲୋକ ରାଉତ, ଅନିରୁଦ୍ଧ ରାଉତ, ନୂଆଗାଁର ବଳରାମ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ଦୁଃଶାସନ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ ଓ ବଡ଼ପାଳର ଅମୀୟ ମଣ୍ଡଳ, ସପନ ମଣ୍ଡଳ, ଅମୂଲ୍ୟ ମଣ୍ଡଳ, ବିମଳ ମଣ୍ଡଳ ପ୍ରମୁଖ ୧୪ ବିଜେଡି ପରିବାର କଂଗ୍ରେସରେ ସାମିଲ୍ ହୋଇଥିଲେ। ବିଧାୟକ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱ ଉପରେ ଭରସା ଓ ସନ୍ତୋଷବ୍ୟକ୍ତ କରି କଂଗ୍ରେସରେ ସାମିଲ୍ ହୋଇଥିବା ସେମାନେ କହିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତ କଂଗ୍ରେସ ସଭାପତି କଳାକର ସାହୁ, ବରିଷ୍ଠ ନେତା ନିରଞ୍ଜନ ପରିଡ଼ା, ଅକ୍ଷୟ ସାମଲ, ପୁରସ୍ତମ ରାଉତ, ପିତାମ୍ବର ପ୍ରଧାନ, ବାବୁରାମ ଦାସ, ଧନେଶ୍ୱର ସ୍ୱାଇଁ, ଗୌରାଙ୍ଗ ଲେଙ୍କା, ହେମନ୍ତ ସ୍ୱାଇଁ ଓ ମୁକ୍ତିକାନ୍ତ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ ଅଭିଯାନର ମଦ ମୁକ୍ତି ଆନ୍ଦୋଳନ

**କେନ୍ଦ୍ରାପଡା ଅଫିସ, ୨୭।୪**

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମଦ ମୁକ୍ତି ଦାବିରେ ଶନିବାର ଆନ୍ଦୋଳନ ହୋଇଛି । ଅଭିଯାନର ରାଜ୍ୟ ଆବାହକ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ସହରର ତିନିମୁହାଣୀଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ମଦ ପ୍ରୋତ୍ସାହନ ନୀତିକୁ ସମାଲୋଚନା କରିବା ସହିତ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରାଯାଇଥିଲା । ଏ ସମ୍ପର୍କରେ ମହିଳା ନେତ୍ରୀ ଅଞ୍ଜନା ନାୟକ କହିଛନ୍ତିଯେ, ମଦର ପ୍ରସାର ଯୋଗୁ ଜନଜୀବନ ନଷ୍ଟ ହେଉଛି । ଏଥିସହ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି । ଏଥିରୁ ଆଦାୟ ହେଉଥିବା ରାଜସ୍ୱ ଅପେକ୍ଷା ରାଜ୍ୟର ସମ୍ପତ୍ତି ଅଧିକ ନଷ୍ଟ ହେଉଛି। ନିର୍ବାଚନ ସମୟରେ ଏଥିପାଇଁ ବହୁ ଦୁର୍ଘଟଣା ହେଉଥିବା ଲକ୍ଷ୍ୟ କରାଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ଅବକାରୀ ମନ୍ତ୍ରୀ ଶଶିଭୂଷଣ ଏହାକୁ ବନ୍ଦ କରିବା ନିମନ୍ତେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ ।



ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାମାନେ।

## ପଟ୍ଟାମୁଣ୍ଡାଇ ବ୍ଲକରେ କଂଗ୍ରେସର ଜୋର୍‌ଦାର ପ୍ରଚାର

**ପଟ୍ଟାମୁଣ୍ଡାଇ, ୨୭।୪ (ସ୍ୱ.ପ୍ର)**

ଶନିବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି । ବିଭିନ୍ନ ଦଳ ପକ୍ଷରୁ ପଟ୍ଟାମୁଣ୍ଡାଇରେ ପ୍ରଚାର କରାଯାଇଥିବା ବେଳେ କଂଗ୍ରେସ ଏ କ୍ଷେତ୍ରରେ ଆଗରେ ରହିଛି । କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଥିଲା । ବ୍ଲକର ନରସିଂହପୁର, ବଡମୂଳବସନ୍ତ, ଡିହାପଡା, ନୀଳକଣ୍ଠପୁର, ବାଲିପାଟଣା ଏବଂ ଧୋୟାଞ୍ଚଳର ଅଳପୁଆ, ତରଡିପାଳ,ପେଣ୍ଟପାଳ ସମେତ ୭ଟି ପଞ୍ଚାୟତରେ ୩ ଦିନ ଧରି କଂଗ୍ରେସ ପ୍ରଚାର ଚଳାଇଥିଲା ।
କେନ୍ଦ୍ରାପଡା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଭାବେ ଶଶୀଭୂଷଣ ବେହେରା, କଂଗ୍ରେସ ପ୍ରାର୍ଥୀ ଭାବେ ଗଣେଶ୍ୱର ବେହେରା ଓ ଭାଜପା ପ୍ରାର୍ଥୀ ଭାବେ ସୁନାକର ବେହେରାଙ୍କ ମଧ୍ୟରେ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ବିଜେଡି ପ୍ରାର୍ଥୀ ଶଶୀଭୂଷଣ ନୂଆ ମୁହଁ ଭାବେ ନିର୍ବାଚନ ଲଢୁଥିବାରୁ ତାଙ୍କ ପାଇଁ କିଛିଟା ସମସ୍ୟା ଦେଖାଦେଇଛି । ଏହାସତ୍ତ୍ୱେ ଦଳୀୟ ପ୍ରାର୍ଥୀ ଭାବେ ଦଳର ନେତା ଓ ସମର୍ଥକଙ୍କ ଗହଣରେ ଭୋଟ ପ୍ରଚାର କରି ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି । ଅପରପକ୍ଷରେ ଏହି ଆସନରୁ ୨ ଥର ନିର୍ବାଚନ ଲଢି ପରାଜିତ ହୋଇଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଜଣେ ସୁବକ୍ତା ଭାବେ ସେ ପରିଚିତ । ଚଳିତ ନିର୍ବାଚନରେ ୩ୟ ଥର ପାଇଁ ଗଣେଶ୍ୱର କଂଗ୍ରେସର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତରେ ଦଳର କର୍ମୀ ସମ୍ମିଳନୀ, ରୋଡ୍ ଶୋ କରି ନିଜ ପ୍ରଚାରକୁ ତ୍ୱରାନ୍ୱିତ କରିବା ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ଦେଖିବାକୁ ମିଳିଛି । ତାଙ୍କ ସହିତ କଂଗ୍ରେସ ନେତା ଓ କର୍ମୀମାନେ କେନ୍ଦ୍ରାପଡା ବ୍ଲକର ୫ଟି ପଞ୍ଚାୟତରେ ପ୍ରଚାର କରି ଭୋଟରମାନଙ୍କ ମନ ଜିଣିବାକୁ ପ୍ରୟାସ ଚଳାଇଛନ୍ତି । ଭାଜପା ପ୍ରାର୍ଥୀ ସୁନାକର କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମକୁ ଯାଇ ଦଳୀୟ କର୍ମୀ ଓ ନେତାମାନଙ୍କ ସହିତ ପ୍ରଚାର କରିଥିଲେ । କେନ୍ଦ୍ରାପଡା ମ୍ୟୁନିସିପାଲିଟି ଓ ବ୍ଲକର ଭୋଟରମାନଙ୍କ ମନ ଜିଣିବାକୁ ଦଳୀୟ ପ୍ରାର୍ଥୀମାନେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ଆସନ୍ତା ୨୯ ତାରିଖରେ ଏହି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ସଚେତନ ଭୋଟରମାନଙ୍କ ମନ ଜିଣିବାରେ କିଏ ସକ୍ଷମ ହେବ ତାହା ମେ ୨୩ ତାରିଖ ଭୋଟ ଗଣତି ପରେ ଜଣା ପଡିବ । ସୂଚନାଯୋଗ୍ୟ ଯେ, ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଞ୍ଚାୟତ ଓ ତତ୍‌ସଂଲଗ୍ନ କେନ୍ଦ୍ରାପଡା ବ୍ଲକର ୫ ପଞ୍ଚାୟତର ଭୋଟର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି ।



ସମର୍ଥକଙ୍କ ଗହଣରେ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା ପ୍ରଚାର କରୁଛନ୍ତି।

## ପଟ୍ଟାମୁଣ୍ଡାଇରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

**ପଟ୍ଟାମୁଣ୍ଡାଇ,୨୭।୪(ସ୍ୱ.ପ୍ର)**

କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଓ ରାଜନଗର ନିର୍ବାଚନ ମଣ୍ଡଳୀରେ ଯାଉଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାରାଥନ୍ ପ୍ରଚାର କରିଛନ୍ତି । ନିର୍ବାଚନ ପ୍ରଚାରର ଶେଷ ଦିନରେ ସେ କେନ୍ଦ୍ରାପଡାରୁ ବାହାରି ପଟ୍ଟାମୁଣ୍ଡାଇ ଗୋଗୁଆ ଛକ ନିକଟରେ ପହଞ୍ଚି ଥିଲେ । ସେଠାରୁ ଚଉଦକୁଲାଟ ଦେଇ ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ଛକକୁ ଯାଇଥିଲେ । ଏଠାରେ ପ୍ରଚଣ୍ଡ ଖରା ସତ୍ତ୍ୱେ ଦଳର ନେତା , କର୍ମୀ ଓ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ଫେରି ପଟ୍ଟାମୁଣ୍ଡାଇ ବାଇପାସ ଛକ ନିକଟରେ ମଧ୍ୟାହ୍ନ ୧୨ଟା ୪୫ରେ ପହଞ୍ଚିଥିଲେ । ବାଇପାସ ଛକଠାରେ ଦଳର ନେତା, କର୍ମୀ, ସମର୍ଥକ ଓ ଜନସାଧାରଣ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ । ହାଇଟେକ୍ ବସ୍‌ରେ ଯାଇ ପ୍ରଚାର କରୁଥିବା ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପଟ୍ଟାମୁଣ୍ଡାଇରେ ୧୦ ମିନିଟ ରହି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜନସାଧାରଣଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି କହି ଭୋଟରଙ୍କ ମନ ଜିଣିବା ପାଇଁ ଉଦ୍ୟମ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଶଶୀଭୂଷଣ ବେହେରାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କିନ୍ତୁ ରାଜନଗର ବିଜେଡି ପ୍ରାର୍ଥୀଙ୍କ ନାଁ କହି ନ ଥିଲେ । ଏଥିନେଇ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଗଭୀର ଆଲୋଡନ ସୃଷ୍ଟି ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଅନୁଭବ , ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଏହି ରୋଡ ଶୋରେ ସାମିଲ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ବସ ଆଗେ ଆଗେ ଅନ୍ୟ ଏକ ହାଇଟେକ ବସରେ ଅନୁଭବ, ବର୍ଷା ଓ ଅନ୍ୟମାନେ ଥିବା ବେଳେ ପଛରେ ଅନ୍ୟ ଏକ ବସରେ ନେତାମାନେ ଥିଲେ । ରୋଡ ଶୋରେ ବହୁ ଚାରିଚକିଆ ଗାଡି ଓ ବାଇକରେ ନେତା ଓ କର୍ମୀମାନେ ଯିବାର ଦେଖିବାକୁ ମିଳିଥିଲା । ଏଠାରେ ପ୍ରଚାର ସାରି ମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବଜାର ରାସ୍ତା ଦେଇ ଆଳି ଅଭିମୁଖେ ଯାଇଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ବେଳେ ଅନୁଭବ ମହାନ୍ତି ଓ ବର୍ଷାଙ୍କ ପ୍ରଚାର।

■ ନିର୍ବାଚନ ବନ୍ଦ କରିବାକୁ ଉଦ୍ୟମ

## ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ

**କେନ୍ଦ୍ରାପଡା ଅଫିସ, ୨୭।୪**

ଚଳିତ ନିର୍ବାଚନର ମତଦାନ ସଂଗ୍ରହ ପାଇଁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଥ ସାମଗ୍ରୀ ଶନିବାର ପ୍ରଦାନ କରାଯାଇଛି । ତେବେ ନିର୍ବାଚନ ରୋକିବାକୁ ନବ ନିର୍ମାଣ କୃଷକ ସଂଗଠନର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ମହାବିଦ୍ୟାଳୟ ଗେଟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନ ଯୋଗୁ ପ୍ରାୟ ୪ ଘଣ୍ଟା ଧରି ସମ୍ମୁଖ ଗେଟ ବନ୍ଦ ରହିଥିଲା। ପରେ ପୋଲିସ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ଏଠାରୁ ହଟାଇ ଦିଆଯାଇଥିଲା । ଏ ସମ୍ପର୍କରେ ଆନ୍ଦୋଳନକାରୀ ତଥା ଜିଲା ସଂଯୋଜକ ଅକ୍ରୁର ପଲାଇ,ରାଜ୍ୟ କମିଟି ସଦସ୍ୟ ସଂଗ୍ରାମ କିଶୋର କୁହନ୍ତିଯେ, ରାଜ୍ୟରେ ୬୦ ଭାଗ ଚାଷୀ ରାଜ୍ୟବାସୀଙ୍କୁ ଖାଇବାକୁ ଦେବା ସହ ରାଜ୍ୟ ସରକାର ଗଠନ ପାଇଁ ଭୋଟ ଦିଅନ୍ତି । ତେବେ ଏହି ଚାଷୀଙ୍କୁ କୌଣସି ସରକାର ଗୁରୁତ୍ୱ ଦେଉନାହାନ୍ତି । ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବି କରି ଚାଷୀମାନେ ଦିର୍ଘ ୯ ବର୍ଷ ଧରି ସଂଗ୍ରାମ ଚଳାଇ ଥିବା ବେଳେ ସେମାନଙ୍କ ଦାବିକୁ ଅଣ ଦେଖାକରାଯାଉଛି । ୬୦ ଭାଗ ଲୋକଙ୍କ ଦୁଃଖ ଶୁଣୁ ନ ଥିବା ଏହି ସରକାରଙ୍କ ନିର୍ବାଚନ ପ୍ରକ୍ରିୟାରେ ସାମିଲ ନ ହେବା ଦାବିରେ ଆନ୍ଦୋଳନ କରାଯାଇଛି।



କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଗେଟ୍ ସମ୍ମୁଖରେ ଚାଷୀ ଆନ୍ଦୋଳନ କରୁଛନ୍ତି।

## ବଧୂହତ୍ୟା ଉଦ୍ୟମ: ଶ୍ୱଶୁର ଗିରଫ

**ଡେରାବିଶ, ୨୭।୪ (ସ୍ୱ.ପ୍ର.)**

ବାହାଘର ୬ବର୍ଷ ପରେ ଅଧିକ ଯୌତୁକ ଦାବି କରି ବୋହୂକୁ ହତ୍ୟା ଉଦ୍ୟମ କରିଛନ୍ତି ଶାଶୁଘର ଲୋକେ। ତାଙ୍କ ଶରୀରର ୯୦ ପ୍ରତିଶତ ଜଳିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ମୁତାବକ, ଡେରାବିଶ ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ବରାହିଲୋ ଗ୍ରାମର ଶୁକଦେବ ମଲ୍ଲିକଙ୍କ ଝିଅ ଭାନୁପ୍ରିୟା ୬ ବର୍ଷ ତଳେ ନିକିରାଇ ଥାନା ଅଧୀନ ଶୁକଦେବ ମଲ୍ଲିକଙ୍କ ପୁଅ କୈଳାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘରର ୧୫ ଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଭାନୁପ୍ରିୟାଙ୍କୁ ନିର୍ଯାତନା ଦେଉଥିଲେ। ଏ ନେଇ ୩ ମାସ ପୂର୍ବେ ଗାଁରେ ମୁରବିମାନଙ୍କୁ ଡକାଯାଇ ଘଟଣାର ସମାଧାନ କରାଯାଇଥିଲା। ତେବେ ଗତ ଗୁରୁବାର ଶାଶୁ, ଶ୍ୱଶୁର, ସ୍ୱାମୀ ଓ ନଣନ୍ଦ ମିଶି ଭାନୁପ୍ରିୟାଙ୍କୁ ମାଡ଼ ମାରି ହାତ ଓ ମୁଣ୍ଡକୁ ହାଣି ଦେଇଥିଲେ। ଏ ନେଇ ସେ ବାପଘର ଲୋକଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାପରେ ଶାଶୁଘର ଲୋକେ ତାଙ୍କୁ ଏକ ଘରେ ବନ୍ଦ କରି ଗ୍ୟାସ୍ ସିଲିଣ୍ଡର ଖୋଲିଦେବା ସହ ନିଆଁ ଲଗାଇ ଦେଇଥିଲେ। ଭାନୁପ୍ରିୟା ଜଳୁଥିବା ଦେଖି ଗ୍ରାମବାସୀ ତାଙ୍କ ବାପଘର ଲୋକଙ୍କୁ ଜଣାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଭାନୁପ୍ରିୟାଙ୍କ ସମ୍ପର୍କୀୟ ଭାଇ ରଞ୍ଜନ ମଲ୍ଲିକ ଥାନାରେ ଏତଲା ଦେଇଥିଲେ। ପୋଲିସ ୫୪/୧୯ନଂ.ରେ ମାମଲା ରୁଜୁ କରିବା ସହ ଭାନୁପ୍ରିୟାଙ୍କ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେବ କଡ଼ା ଟକ୍କର

**ରାଜନଗର, ୨୭।୪(ଡିଏନଏ)**

**ରାଜନଗର ବିଧାନସଭା ଆସନ**

କେନ୍ଦ୍ରାପଡା ଜିଲାର ସମ୍ବେଦନଶୀଳ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୭ଜଣ ପ୍ରାର୍ଥୀ ଶନିବାର ସେମାନଙ୍କ ପ୍ରଚାର ଶେଷ କରିଛନ୍ତି । ଶେଷ ମୁହୂର୍ତ୍ତରେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରାଜନଗର ,ମହିଁଶାସୁର ୨ଟି ପଞ୍ଚାୟତରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଥିଲେ। କଂଗ୍ରେସ କର୍ମୀମାନେ ବାଣ ଫୁଟାଇ ପ୍ରଚାର କରିବା ବେଳେ ରାଜନଗର ଦଧିବାମନଜୀଉ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଚାଳଘରେ ବାଣନିଆଁରୁ ଅଗ୍ନିକାଣ୍ଡ ଘଟିଥିଲା। କିଛି ସମୟ ପାଇଁ କର୍ମୀଙ୍କ ମହଲରେ ଏହାକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇଥିଲା। ଖବରପାଇ ରାଜନଗରରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସେଭଳି କୌଣସି କ୍ଷୟକ୍ଷତି ହୋଇନାହିଁ। ନିର୍ବାଚନ ପ୍ରଚାର ସରି ଯାଇଥିଲେ ମଧ୍ୟ ପ୍ରତ୍ୟେକ ରାଜନୈତିକ ଦଳ ପକ୍ଷରୁ କର୍ମୀ ଏବଂ ଭୋଟରମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ବିଭିନ୍ନ ଖସଡା ପ୍ରସ୍ତୁତ ହୋଇଛି । ନିର୍ବାଚନ ଆଉ କିଛି ଘଣ୍ଟା ବାକି ଥିବା ବେଳେ ଗାଁ ଗାଁରେ ଏବେ ଅସ୍ଥାୟୀ ଭାବେ ଗଢି ଉଠିଥିବା ପାର୍ଟି ଶିବିରରେ ଏସି, ଖାସିର ବାସ୍ନା ଏବେଠୁଁ ବାରି ହୋଇ ପଡିଲାଣି। ତେବେ ଏହି ନିର୍ବାଚନରେ ବିଜେଡି ପ୍ରଚାରରେ ଆଗରେ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ନିଜ ବ୍ୟକ୍ତିତ୍ୱକୁ ନେଇ ପ୍ରଚାରକୁ ଜୋରଦାର କରିବା ସହିତ ଭୋଟରଙ୍କ ନିକଟତର ହୋଇପାରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନା ନିଜ ରଣକୌଶଳ ପ୍ରସ୍ତୁତ କରି ସାରିଛନ୍ତି। ଏଥର ରାଜନଗର ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲେ ହେଁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡା ଟକ୍କର ହେଉଛି। କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡାରେ ଦୁଇଦିନ ଡେରା ପକାଇବା ସହିତ ତାଙ୍କ ମନ୍ତ୍ରୀ ପରିଷଦ ଓ ବହୁ ସିନେଷ୍ଟାରଙ୍କୁ ନେଇ ରୋଡଶୋ କରି ଶନିବାର ଅପରାହ୍ନରେ ଫେରିଯାଇଛନ୍ତି । ଏବେ ବିଦେଶରେ ରହୁଥିବା ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଭୋଟ ଦେବା ପାଇଁ ଗାଁ ମୁହାଁ ହୋଇଛନ୍ତି। ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ ନେଇ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନମଣ୍ଡଳୀର ୨୮୪ ବୁଥରେ ଆସନ୍ତା ୨୯ ତାରିଖରେ ୨ଲକ୍ଷ ୩୯ ହଜାର ୮୭୧ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧,୨୬,୪୧୪ ପୁରୁଷ, ୧,୧୩,୪୩୮ ମହିଳା ଓ ଅନ୍ୟାନ୍ୟ ୧୯ଜଣ ଭୋଟର ମତଦାନ କରିବେ। ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ଧ୍ରୁବ ଚରଣ ସାହୁ, କଂଗ୍ରେସ ପକ୍ଷରୁ ଅଂଶୁମାନ ମହାନ୍ତି, ଭାଜପାରୁ ଅଲେଖ କୁମାର ଜେନା, ସ୍ୱାଧୀନରୁ ଅଜୟ କୁମାର ବେହେରା, ସୁନୀତା ପ୍ରଧାନ, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ଅନିରୁଦ୍ଧ ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ନାମାଙ୍କନ ପତ୍ର ଦାଖଲ ପରଠାରୁ ପ୍ରଚାରରେ ବିଜେଡି ଅନ୍ୟମାନଙ୍କ ଠାରୁ ଆଗରେ ରହିଛି। ଓଡିଆ ସିନେଜଗତର ସୁପରଷ୍ଟାର ତଥା କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମିଳିତ ଭାବେ ରୋଡଶୋ କରି ଭୋଟଭିକ୍ଷା କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ରାଜନଗରରେ ସାଧାରଣ ସଭା କରି ଭୋଟ ଭିକ୍ଷା କରିବା ସହ ନିଜେ କେନ୍ଦ୍ରାପଡା ଦାୟିତ୍ୱ ବୁଝିବେ ବୋଲି କହିଛନ୍ତି। ଏଥିସହିତ ଅଭିନେତ୍ରୀ ଅର୍ଚ୍ଚିତା, ଲିପ୍ସା, ଆଶା ଓ ଅଭିନେତା ସବ୍ୟସାଚୀ, ଚନ୍ଦନ ବିଭିନ୍ନ ପଞ୍ଚାୟତ ବୁଲି ରୋଡଶୋ ମାଧ୍ୟମରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ବିଭିନ୍ନ ପଞ୍ଚାୟତର ଗାଁ କୁ ଗାଁ ବୁଲି ପ୍ରଚାର ଜୋରଦାର କରିଛନ୍ତି। କଂଗ୍ରେସ କୌଣସି ଷ୍ଟାର ପ୍ରଚାରକ ନ ଆଣି ପ୍ରଚାର କରିଛି । ଭାଜପା ପକ୍ଷରୁ ଦୁଇଟି ରୋଡଶୋ କରାଯାଇଥିଲେ ମଧ୍ୟ ପ୍ରଚାରରେ ବିଜେଡି ଓ କଂଗ୍ରେସ ତୁଳନାରେ ପଛରେ ପଡିଛି।

# ବିଜୟ ସହ ଦ୍ୱିତୀୟରେ ମୁମ୍ବାଇ

**ଆଜିର ମ୍ୟାଚ**



ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ସ୍ଥାନ : ଦିଲ୍ଲୀ
ସମୟ : ଅପରାହ୍ନ ୪ଟା

କୋଲକାତା ନାଇଟ୍ ରାଇଡର୍ସ **ବନାମ** ମୁମ୍ବାଇ ଇଣ୍ଡିଆନ୍ସ

ସ୍ଥାନ : କୋଲକାତା
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଚେନ୍ନାଇ, ୨୭।୪(ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲର ୪୪ତମ ମ୍ୟାଚ୍‌ରେ ଶୁକ୍ରବାର ଚେନ୍ନାଇ ସୁପରକିଙ୍ଗ୍ସକୁ ୪୬ ରନରେ ପରାସ୍ତ କରିଛି। ଏଥିସହିତ ମୁମ୍ବାଇ ୧୧ଟି ମ୍ୟାଚ୍ ଖେଳି ୭ ବିଜୟ ଓ ୪ ପରାଜୟ ସହ ୧୪ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ମୁମ୍ବାଇ ୪ ଉଇକେଟରେ ୧୫୫ ରନ କରିଥିଲା। ଜବାବରେ ଚେନ୍ନାଇ ୧୭.୪ ଓଭରରେ ୧୦୯ ରନ କରି ଅଲଆଉଟ ହୋଇଥିଲା। ଜ୍ୱର ଯୋଗୁ ଖେଳି ନ ଥିବା ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ମ୍ୟାଚରେ ଅନୁଭୂତ ହୋଇଥିଲା। ପରାଜୟ ସତ୍ତ୍ୱେ ଚେନ୍ନାଇ ୧୨ ମ୍ୟାଚରୁ ୮ ବିଜୟ ଓ ୪ ପରାଜୟ ସହ ୧୬ ପଏଣ୍ଟରେ ରହି ଶୀର୍ଷ ସ୍ଥାନ ବଜାୟ ରଖିଛି। ୬୭ ରନର ଦ୍ରୁତ ଇନିଂସ ଖେଳିଥିବା ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୫୬ ରନ ଟାର୍ଗେଟର ପିଛା କରି ଚେନ୍ନାଇ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅଭିଜ୍ଞ ଓପନର ମୁରଲୀ ବିଜୟ ୩୫ ବଲରୁ ୩ ଚୌକା ଓ ୧ ଛକା ସହ ୩୮ ରନ କରି ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ମୁରଲୀଙ୍କୁ ବାଦ ଦେଲେ ଟପ୍ ଅର୍ଡର ୫ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଏହି କ୍ରମରେ କାମଚଳା ଅଧିନାୟକ ଶେନ୍ ୱାଟସନ ୮, ସୁରେଶ ରାଇନା ୨ ରନ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଖାତା ଖୋଲିପାରି ନ ଥିଲେ। ଏହାପରେ କେଦାର ଯାଦବ ୬, ଧ୍ରୁବ ସୋରେ ୫ ରନ କରିଥିଲେ। ଫଳରେ ଚେନ୍ନାଇ ୬୬ ରନରେ ୬ ଉଇକେଟ ହରାଇଥିଲା। ସପ୍ତମ ଉଇକେଟ ଯୋଡିରେ ଡ୍ୱେନ ବ୍ରାଭୋ ଓ ମିଚେଲ ସାଣ୍ଟନର ୨୭ ବଲରୁ ୩୩ ରନ ସଂଗ୍ରହକରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ବ୍ରାଭୋ ୧୭ ବଲରୁ ୨ ଚୌକା ସହ ୨୦ ରନ କରି ଅଭିଜ୍ଞ ଲସିଥ୍ ମାଲିଙ୍ଗାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଦୀପକ ଚହର ମଧ୍ୟ ଖାତା ଖୋଲିବାରେ ବିଫଳ ହୋଇଥିଲେ। ହରଭଜନ ସିଂ ୧ ରନ କରି ଆଉଟ ହେବା ପରେ ଶେଷ ଉଇକେଟ ହିସାବରେ ସାଣ୍ଟନର ୨୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଚେନ୍ନାଇ ବିଜୟଠାରୁ ୪୭ ରନ ଦୂରରେ ରହିଯାଇଥିଲା। ମୁମ୍ବାଇ ତରଫରୁ ମାଲିଙ୍ଗା ସର୍ବାଧିକ ୪, ଯଶପ୍ରୀତ ବୁମ୍‌ରା ଓ କ୍ରୁନାଲ ପାଣ୍ଡ୍ୟା ୨ଟି ଲେଖାଏ, ହାର୍ଦ୍ଦିକ ଓ ଅନୁକୁଲ ରଏ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପୂର୍ବରୁ ମୁମ୍ବାଇ ଇନିଂସ ଆରମ୍ଭ କରି ପ୍ରଥମେ ଓପନର କ୍ୱିଣ୍ଟନ ଡିକକ୍ (୧୫ ରନ୍)ଙ୍କୁ ହରାଇଥିଲା। ଏହାପରେ ଇଭିନ୍ ଲୁଇସ୍ ୩୦ ବଲରୁ ୩୨ ରନ କରି ଡ୍ୱେନ ବ୍ରାଭୋଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ ରୋହିତ ଶର୍ମା ଓ ଲୁଇସ୍ ୫୭ ବଲରୁ ୭୫ ରନ ସଂଗ୍ରହ କରି ଦଳ ପାଇଁ ବୃହତ୍ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମାତ୍ର ୧ ରନ କରିଥିବା ବେଳେ ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ବଲରେ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଦମ୍‌ଦାର ବ୍ୟାଟିଂ କରି ରୋହିତ ୪୮ ବଲରୁ ୬ ଚୌକା ଓ ୩ ଛକା ସହ ୬୭ ରନର ଦ୍ରୁତ ଇନିଂସ ଖେଳିଥିଲେ। ପଞ୍ଚମ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ କିରନ ପୋଲାର୍ଡ ୨୨ଟି ବଲରୁ ଅପରାଜିତ ୩୩ ରନ କରି ଦଳର ସ୍କୋରକୁ ଦେଢଶହ ପାର କରାଇଥିଲେ। ହାର୍ଦ୍ଦିକ ୧୮ ବଲରୁ ୧ ଚୌକା, ୧ ଛକା ସହ ୨୩ ଓ କିରନ ପୋଲାର୍ଡ ୧୨ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିଥିଲେ।



ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଅବସରରେ ମୁମ୍ବାଇ ଇଣ୍ଡିଆନ୍ସର ଲସିଥ ମାଲିଙ୍ଗା।

**ସଂକ୍ଷିପ୍ତ ସ୍କୋର**

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୫/୪ (ରୋହିତ- ୬୭, ଲୁଇସ୍- ୩୨, ହାର୍ଦ୍ଦିକ- ୨୩*, ଡିକକ୍- ୧୫, ପୋଲାର୍ଡ- ୧୩*, ସାଣ୍ଟନର- ୨/୧୫, ଚହର- ୧/୪୬, ତାହିର- ୧/୩୭)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୭.୪ ଓଭରରେ ୧୦୯ ଅଲଆଉଟ (ବିଜୟ- ୩୮, ସାଣ୍ଟନର- ୨୨, ବ୍ରାଭୋ-୨୦, ମାଲିଙ୍ଗା- ୪/୩୭, କ୍ରୁନାଲ- ୨/୭, ବୁମରା- ୨/ ୧୦)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୧୪ | ୦.୫୩୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୦୫ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୪ | ୭ | ୮ | -୦.୬୮୩ |

## ଫାଇନାଲରେ ପ୍ରମୋଦ

**କଟକ ଅଫିସ, ୨୭।୪:** ଉଗାଣ୍ଡାର କାମ୍ପାଲା ସ୍ଥିତ ଲୁଗୋଗୋ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଉଗାଣ୍ଡା ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ରାଉଣ୍ଡ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶନିବାର ଖେଳାଯାଇଥିବା ସିଙ୍ଗଲ୍ସ ବିଭାଗର ସେମିଫାଇନାଲରେ ପ୍ରମୋଦ ଭାରତର ଅନ୍ୟତମ ପ୍ରତିଦ୍ୱନ୍ଦୀ ମନୋଜ ସରକାରଙ୍କୁ ୨୦-୨୨, ୨୧-୧୪, ୨୧-୧୭ ସେଟରେ ହରାଇଥିଲେ। ଫାଇନାଲରେ ଭାରତର ଖେଳାଳି ବିକ୍ରମ କୁମାରଙ୍କ ସହ ମୁକାବିଲା ହେବ। ସେହିପରି ଡବଲ୍ସ ସେମି ମୁକାବିଲାରେ ପ୍ରମୋଦ-ମନୋଜ ସରକାରଙ୍କ ଯୋଡ଼ି ତରୁଣ-ନିତେଶ କୁମାରଙ୍କ ଯୋଡ଼ିକୁ ୧୯-୨୧, ୨୧-୧୮, ୨୧-୧୫ ସେଟରେ ହରାଇଥିଲା। ଫ୍ରାନ୍ସର ଖେଳାଳିଙ୍କ ସହ ଡବଲ୍ସ ବିଭାଗର ଫାଇନାଲ ମୁକାବିଲା ହେବ।

## ରୋଚକ ମୋଡ଼ରେ ଆଇପିଏଲ

**ଗୌତମ ଗମ୍ଭୀର**

ଇଣ୍ଡିଆନ ପ୍ରିମିୟର ଲିଗ୍ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ଦୃଷ୍ଟିରେ ରଖି ମୁଁ ଏହା କହୁନାହିଁ, କାରଣ ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ପ୍ଲେ-ଅଫ୍ ଯୋଗ୍ୟତାର ନିକଟତର ହୋଇଛନ୍ତି। ୪ର୍ଥ ତଥା ଏକମାତ୍ର ସ୍ଥାନ ପାଇଁ ଅବଶିଷ୍ଟ ୫ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଛି। ଏଥର କୌଣସି ଦଳ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଖେଳିଛନ୍ତି ବୋଲି କହି ହେବନି। ଅଧିକାଂଶ ଭେନ୍ୟୁର ପ୍ଲେଇଂ କଣ୍ଡିଶନ ସମାନ ରହିଛି। ତେବେ ଚେପକ ଚେନ୍ନାଇର ଦୁର୍ଗ ରହିଥିବାବେଳେ ଇଡେନରେ କୋଲକାତା ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ଏକ ଲୋ ଏବଂ ସ୍ଲୋ ଟ୍ରାକ୍‌ରେ ଚେନ୍ନାଇର ସିଜନ ଆରମ୍ଭ ହୋଇଥିଲା। ମାତ୍ର ଟୁର୍ନାମେଣ୍ଟ ବଢ଼ିବା ସହ ଏଥିରେ ଉନ୍ନତି ପରିଲକ୍ଷିତ ହୋଇଛି। ଅଧିକାଂଶ ଦଳ ପ୍ରତିପକ୍ଷ ଦଳର ଶକ୍ତି ଆକଳନ କରିବାରେ ସକ୍ଷମ ହୋଇଥିବା ମୁଁ ଅନୁଭବ କରୁଛି। ଗେମ୍ ଚେଞ୍ଜ୍ ପାଇଁ ସର୍ବଦା ରସେଲ କିମ୍ବା ୱାର୍ନରଙ୍କ ପରି ଖେଳାଳି ଆବଶ୍ୟକ ହୋଇଥାନ୍ତି। ମାତ୍ର ସବୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ୭୦୦ କିମ୍ବା ତଦୁର୍ଦ୍ଧ୍ୱ ରନ ସଂଗ୍ରହ କରିବା ସମ୍ଭବ ନୁହେଁ।

ଏଥର ଦଳ ଗୁଡ଼ିକର ବୋଲିଂକୁ ନେଇ ଯୋଜନା ଫଳପ୍ରଦ ହୋଇଛି। ପଢ଼ିଆ ସଜ୍ଜା ମଧ୍ୟ ଚତୁରତାର ସହ କରାଯାଇଛି। ଏଥିରୁ ଜଣାପଡୁଛି ଯେ କମ୍ପ୍ୟୁଟର ବିଶ୍ଳେଷକ ଏବଂ କୋଚ୍‌ମାନେ ପଢ଼ିଆ ସଜ୍ଜା ପାଇଁ ଯୋଜନା ଲାଗି ଗୁଗୁଲ ମ୍ୟାପ ବ୍ୟବହାର କରୁଛନ୍ତି। ଏବେ ବ୍ୟାଟିଂ ଅଭ୍ୟାସ ପାଇଁ ବୋଲରଙ୍କ ଅପେକ୍ଷା ବୋଲିଂ ମେଶିନକୁ ବେଶି ବ୍ୟବହାର କରାଯାଉଛି। ମାତ୍ର ମୁଁ ଏହାକୁ ପସନ୍ଦ କରେନାହିଁ। ଏବେ ବିଦେଶୀ ଖେଳାଳିମାନେ ବିଶ୍ୱକପ ପ୍ରସ୍ତୁତି ପାଇଁ ଘରମୁହାଁ ହୋଇଛନ୍ତି। ଏଥିରେ ରାଜସ୍ଥାନ ରୟାଲ୍ସକୁ ଗୁରୁତର କ୍ଷତି ପହଞ୍ଚିଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟ ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତି ଅନୁଭବ କରିବ। ବିଶେଷ କରି ମୋଇନ ଅଲୀଙ୍କୁ ଦଳ ମିସ୍ କରିବ। ଲୋୟର ମିଡଲ ଅର୍ଡରରେ ଜଣେ ଦକ୍ଷ ବାମହାତୀ ବ୍ୟାଟ୍ସମ୍ୟାନ ଯେ କୌଣସି ଦଳକୁ ଫାଇଦାରେ ରଖିଥାଏ। ସନ୍‌ରାଇଜର୍ସ ହାଇଦ୍ରାବାଦ କ୍ଷେତ୍ରରେ ମଧ୍ୟ ତାହା ଘଟିଛି। ଏହି ଦଳ ୧୦ ମ୍ୟାଚରୁ ୧୦ ପଏଣ୍ଟ ପାଇଛି। ଏବେ ଜନି ବେୟାରଷ୍ଟୋ ଓ ଡେଭିଡ ୱାର୍ନରଙ୍କ ବିନା ମିଡଲ ଅର୍ଡରକୁ ନେଇ ଟିମ୍ କମ୍ବିନେଶନ ସଜାଡ଼ିବାକୁ ପଡ଼ିବ।

କୋଲକାତା ନାଇଟ ରାଇଡର୍ସ ରବିବାର ଇଡେନ ଗାର୍ଡେନରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଏଥିରେ ଘରୋଇ ଦଳ ନିଶ୍ଚିତ ଚାପରେ ରହିବ, କାରଣ ସମର୍ଥକମାନେ ଖେଳାଳିଙ୍କଠାରୁ ଅଧିକ କିଛି ନିଶ୍ଚିତ ଚାହିଁବେ। ଏହି ମ୍ୟାଚରେ କୋଲକାତା ବିଜୟୀ ହେବାପରି ଲାଗୁଛି। ଏହା ହେଲେ ଦଳର ଆଶା ଉଜ୍ଜୀବିତ ରହିପାରିବ। ଦୀନେଶ କାର୍ତ୍ତିକ ଦଳର ଅନ୍ୟ ସିନିୟର ସଦସ୍ୟଙ୍କଠାରୁ ସମର୍ଥନ ଆବଶ୍ୟକ କରୁଛନ୍ତି। ଜଣେ ଲିଡରଭାବେ ଯେ କେହି ଚାହିଁବ ଯେ ତାଙ୍କ ଯୋଜନାକୁ ଅନ୍ୟମାନେ ବୁଝନ୍ତୁ। ନାଇଟ ରାଇଡର୍ସ ଡ୍ରେସିଂରୁମ୍‌ରେ ଏପରି ହିଁ ହେବ ବୋଲି ମୁଁ ଆଶା କରୁଛି।

*(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)*




## ଅଭିଷେକଙ୍କୁ ଅଲିମ୍ପିକ ଯୋଗ୍ୟତା

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍**

**ବେଜିଂ, ୨୭।୪(ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତୀୟ ଶୁଟର ଅଭିଷେକ ବର୍ମା ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଛନ୍ତି। ଶୁଟିଂରେ ସେ ଭାରତ ପାଇଁ ପଞ୍ଚମ କୋଟା ପାଇଛନ୍ତି। ଶନିବାର ସେ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ହାସଲ କରିଛନ୍ତି। କ୍ୟାରିୟର ପ୍ରଥମ ବିଶ୍ୱକପ୍‌ରେ ଫାଇନାଲରେ ଅଂଶଗ୍ରହଣ କରି ସେ ମୋଟ ୨୪୨.୭ ପଏଣ୍ଟ ସ୍କୋର କରି ଏହି ସଫଳତା ପାଇଛନ୍ତି। ଏଥିସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଶୁଟରମାନେ ୫ଟି କୋଟା ପ୍ଲେସ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଅଭିଷେକ ୫୮୫ ପଏଣ୍ଟ ସ୍କୋର କରି ଚତୁର୍ଥ ସ୍ଥାନରେ ରହିବା ସହ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏକମାତ୍ର ଭାରତୀୟ ଭାବେ ସେ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟତମ ଭାରତୀୟ ଶାହଜାର ରିଜଭି ଓ ଅର୍ଜୁନ ସିଂ ଚିମା ୩୨ ଓ ୫୪ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୨୯ ବର୍ଷୀୟ ଅଭିଷେକ ପୂର୍ବରୁ ଏସିଆନ୍ ଗେମ୍ସରେ ଭାରତ ତରଫରୁ ପଦାର୍ପଣ କରି ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ସ୍ୱର୍ଣ୍ଣପଦକ ବିଜୟୀ ଅଭିଷେକ ବର୍ମା।

## ପୁରୁଷ ଦିନିକିଆରେ କ୍ଲେୟାର ପ୍ରଥମ ମହିଳା ଅମ୍ପାୟର

**ଦୁବାଇ, ୨୭।୪(ପି.ଟି.)**



ଅଷ୍ଟ୍ରେଲିଆର କ୍ଲେୟାର ପୋଲୋସାକ୍ ଇତିହାସ ସୃଷ୍ଟି କରିବାକୁ ଯାଉଛନ୍ତି। ପୁରୁଷ ଆନ୍ତର୍ଜାତିକ ଦିନିକିଆ ମ୍ୟାଚ୍‌ରେ କ୍ଲେୟାର ପ୍ରଥମ ମହିଳା ଅମ୍ପାୟର ଭାବେ ଦାୟିତ୍ୱ ନିର୍ବାହ କରି ଏକ ବିରଳ ସଫଳତା ହାସଲ କରିବେ। ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱ କ୍ରିକେଟ ଲିଗ୍ ଡିଭିଜନ ୨ରେ ଶନିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ କ୍ଲେୟାର ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ୩୧ ବର୍ଷୀୟ କ୍ଲେୟାର ପୂର୍ବରୁ ୧୫ଟି ମହିଳା ଦିନିକିଆରେ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଛନ୍ତି। ୨୦୧୬ରେ ଅଷ୍ଟ୍ରେଲିଆ – ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ସେ ପ୍ରଥମଥର ପାଇଁ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସେ ମଧ୍ୟ ୨୦୧୮ରେ ଖେଳାଯାଇଥିବା ମହିଳା ଟି୨୦ ବିଶ୍ୱକପ୍‌ର ଭାରତ- ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌ରେ ଅମ୍ପାୟର ନିଯୁକ୍ତ ହୋଇଥିଲେ। ସେହିପରି ୨୦୧୭ ମହିଳା ବିଶ୍ୱକପ୍‌ରେ ସେ ୪ଟି ମ୍ୟାଚ୍ ସଫଳତାର ସହ ପରିଚାଳନା କରିଥିଲେ। ମ୍ୟାଚ୍ ପରିଚାଳନାର କ୍ଲେୟାରଙ୍କର ଯଥେଷ୍ଟ ଦକ୍ଷତା ଓ ଅଭିଜ୍ଞତା ରହିଛି। ପୁଣି ୨୦୧୭ରେ ଅଷ୍ଟ୍ରେଲିଆରେ ସେ ପ୍ରଥମ ମହିଳା ଭାବେ ପୁରୁଷ ଘରୋଇ କ୍ରିକେଟର ଏକ ଲିଷ୍ଟ-ଏ ମ୍ୟାଚ୍‌ରେ ଅମ୍ପାୟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଏସିଆନ୍ ରେସ୍‌ଲିଂ: ଗୁରପ୍ରୀତ୍, ସୁନୀଲଙ୍କୁ ରୌପ୍ୟ

**ଜି' ଆନ୍ (ଚାଇନା), ୨୭।୪ (ପି.ଟି.):** ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତର ଗୁରପ୍ରୀତ୍ ସିଂ ଏବଂ ସୁନୀଲ କୁମାର ଗ୍ରୀକୋ-ରୋମାନରେ ସେମାନଙ୍କ କାଟେଗୋରିରେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୁରପ୍ରୀତ୍ ଶନିବାର ଅନୁଷ୍ଠିତ ୭୭ କେଜି ବିଭାଗ ଫାଇନାଲରେ କୋରିଆର ହିଅନ୍‌ଉ କିମ୍‌ଙ୍କଠାରୁ ୦-୮ରେ ପରାଜିତ ହୋଇଯାଇଛନ୍ତି। ଫାଇନାଲ ପ୍ରବେଶ ପଥରେ ଗୁରପ୍ରୀତ କିନ୍ତୁ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ କ୍ୱାର୍ଟରଫାଇନାଲରେ କାତାରର ବଖିତ୍ ଶରିଫ୍ କେ ବାଦରଙ୍କୁ ୧୦-୦ରେ ପରାସ୍ତ କରିଥିବାବେଳେ ସେମିଫାଇନାଲରେ କାଜାଖସ୍ତାନର ତାମରଲାନ ଶାଦୁକାୟେଭଙ୍କ ବିପକ୍ଷରେ ୬-୫ରେ ବିଜୟ ହାସଲ କରିଥିଲେ। ଅନ୍ୟପକ୍ଷରେ କାଜାଖସ୍ତାନର ଅଜମାତ କୁସ୍ତୁବାୟେଭଙ୍କୁ ପରାସ୍ତ କରି ୮୭ କେଜି ଶ୍ରେଣୀରେ ସୁନୀଲ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେ ଇରାନର ହୋସେନ ଅହମ୍ମଦ ନୋରିଙ୍କଠାରୁ ହାରିଯାଇଥିଲେ। ଭାରତର ଅନ୍ୟ ଜଣେ କୁସ୍ତିଯୋଦ୍ଧା ପ୍ରେମ୍ ୧୩୦କେଜି କାଟେଗୋରି କ୍ୱାର୍ଟରରେ ଉଜ୍‌ବେକିସ୍ତାନର ମୁମିନ୍‌ଜୋନ ଅବଦୁଲ୍ଲାଏଭଙ୍କଠାରୁ ପରାଜିତ ହୋଇଥିଲେ ମଧ୍ୟ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ଖେଳିଥିଲେ। ଅବଦୁଲ୍ଲାଏଭ ଫାଇନାଲରେ ପ୍ରବେଶ କରିଥିବାରୁ ପ୍ରେମ୍‌ଙ୍କୁ ପ୍ଲେ-ଅଫ୍ ସୁଯୋଗ ମିଳିଥିଲା। ମାତ୍ର ସେ କାଜାଖସ୍ତାନର ଦମିର କୁଜେମ୍‌ବାୟେଭଙ୍କଠାରୁ ହାରିଯାଇଥିଲେ।

## କୋହଲିଙ୍କୁ ଖାନ୍ନାଙ୍କ ଶୁଭକାମନା

**ନୂଆଦିଲ୍ଲୀ, ୨୭।୪ (ପି.ଟି.):** ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଆଉ କିଛି ଦିନ ପରେ ଆୟୋଜନ ହେବାକୁ ଯାଉଥିବା ଆଇସିସି ବିଶ୍ୱକପ୍ ପାଇଁ ଅଧିନାୟକ ବିରାଟ କୋହଲିଙ୍କୁ ଶୁଭକାମନା ଜଣାଇଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟିମ୍ ହୋଟେଲରେ କୋହଲିଙ୍କୁ ସାକ୍ଷାତ କରି ଖାନ୍ନା ବିଶ୍ୱକପ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଏପରିକି କୋହଲିଙ୍କ ନେତୃତ୍ୱରେ ଭାରତ ବିଶ୍ୱକପ୍ ଜିତିବ ବୋଲି ଖାନ୍ନା ଦୃଢତାର ସହିତ କହିଛନ୍ତି। ତେବେ ଦଳ ଚୟନ ସମ୍ପର୍କରେ ସେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଦିଲ୍ଲୀ ଉଇକେଟକିପର ରିଷଭ ପନ୍ତ ବିଶ୍ୱକପ୍ ଦଳରେ ସ୍ଥାନ ନ ପାଇବା ନେଇ କୌଣସି ମତ ଦେବାକୁ ସେ ମନା କରିଦେଇଥିଲେ।

## ପ୍ରସ୍ତୁତି ପାଇଁ ଟି୨୦ରୁ ଓହରିଲେ ଅମ୍‌ଲା

**ଜୋହାନ୍ସବର୍ଗ, ୨୭।୪:** ଆସନ୍ତା ମାସରେ ଇଂଲଣ୍ଡରେ ହେବାକୁ ଥିବା ଆଇସିସି ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଘରୋଇ ସିଏସ୍‌ଏ ଟି୨୦ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଶନିବାର ଏନେଇ ଅମ୍‌ଲା ଘୋଷଣା କରିଛନ୍ତି। 'ବିଶ୍ୱକପ୍ ପ୍ରସ୍ତୁତି ଲାଗି ସିଏସ୍‌ଏ ଟି୨୦ ଚ୍ୟାଲେଞ୍ଜରର ବଳକା ମ୍ୟାଚ୍‌ରେ କେପ୍ କୋବ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିପାରିବି ନାହିଁ। ଏହି ଟୁର୍ନାମେଣ୍ଟରେ ଗତ ୩ ସପ୍ତାହ ଧରି ମୋତେ ସାହାଯ୍ୟ ସହଯୋଗ କରିଥିବାରୁ କୋବ୍ରାସର କୋଚିଂ ଷ୍ଟାଫ୍ ଓ ଖେଳାଳିମାନଙ୍କୁ କୃତଜ୍ଞତା ଜଣାଉଛି। ବିଶ୍ୱକପ୍ ପୂର୍ବରୁ ବାକି ଥିବା ସମୟକୁ ବ୍ୟାଟିଂରେ ଧ୍ୟାନ ଦେବାକୁ ଚାହିଁବି' ବୋଲି ୩୬ ବର୍ଷୀୟ ଅମ୍‌ଲା କହିଛନ୍ତି। ଚଳିତ ସିଏସ୍‌ଏ ଟି୨୦ ଟୁର୍ନାମେଣ୍ଟରେ ଅମ୍‌ଲା ୮ ମ୍ୟାଚ୍ ଖେଳି ୧୧.୫୦ ଆଭରେଜରେ ମାତ୍ର ୯୨ ରନ କରିଛନ୍ତି। କୋବ୍ରାସ ଟିମ୍‌ରେ ଯାହା ସବୁଠାରୁ ଖରାପ ବ୍ୟାଟିଂ ପ୍ରଦର୍ଶନ ରହିଛି। ତେବେ ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଚୟନ କମିଟି ଏହି ଭେଟେରାନ ବ୍ୟାଟ୍ସମ୍ୟାନଙ୍କ ଉପରେ ଭରସା ରଖି ତାଙ୍କୁ ବିଶ୍ୱକପ୍ ଦଳରେ ଚୟନ କରିଛି।






## 'ଧୋନୀ, ଜାଡେଜା ଅସୁସ୍ଥ'

**ଚେନ୍ନାଇ, ୨୭।୪ (ପି.ଟି.):** ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅସୁସ୍ଥ ଅଛନ୍ତି ବୋଲି ଚେନ୍ନାଇ ସୁପର କିଙ୍ଗ୍ସ କୋଚ୍ ଷ୍ଟିଫେନ ଫ୍ଲେମିଂ କହିଛନ୍ତି। ଫଳରେ ବିଶ୍ୱକପ୍‌ରେ ଏମାନଙ୍କ ଫିଟ୍‌ନେସ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଦୁଇ ଖେଳାଳି ଶୁକ୍ରବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ । ଫଳରେ ଏହି ମ୍ୟାଚ୍‌ରେ ଚେନ୍ନାଇ ୪୬ ରନରେ ପରାସ୍ତ ହୋଇଥିଲା। ଉଭୟ ଖେଳାଳି ଭାଇରସ ଓ ବ୍ୟାକ୍ଟେରିଆ କାରଣରୁ ଅସୁସ୍ଥ ଅଛନ୍ତି ଓ ସୁସ୍ଥ ହେବା ପାଇଁ ସଂଘର୍ଷ ଜାରି ରଖିଛନ୍ତି ବୋଲି ଫ୍ଲେମିଂ କହିଛନ୍ତି। କେବଳ ଚେନ୍ନାଇ ନୁହେଁ ଏକାଧିକ ଦଳ ଏହି ସମସ୍ୟା ଦେଇ ଗତି କରୁଛନ୍ତି। ଆଗକୁ ୪ ଦିନର ବିଶ୍ରାମ ମିଳିବ। ଏହି ଅବସରରେ ଧୋନୀ ସୁସ୍ଥ ହୋଇଯାଇଥିବେ ବୋଲି ଫ୍ଲେମିଂ ଆଶା ପ୍ରକାଶ କରିଛନ୍ତି।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଏପ୍ରିଲ ୨୮/୨୦୧୯ Bhubaneswar, Sunday, April 28/ 2019







| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 174 | 184 |
| CTC | 112 | 174 | 184 |
| DKL | 111 | 172 | 182 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 112 | 174 | 184 |

NATIONAL EGG CO-ORDINATION COMMITTEE 27.04.2019 Vencobb CHICKEN
*Conditions Apply
Eggs Retail Price- 37/-Dozen
Issued in the Interest of Consumers




# ଆର୍ଚେରୀ ରିଫ୍ରେଶର ଟ୍ରେନିଂ ପ୍ରୋଗ୍ରାମ

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି):** ଏସଜେଏଫଆଇ ଏବଂ ଏନଏସଏଫ ଜାତୀୟ ପ୍ରତିଯୋଗିତାଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ବିଭିନ୍ନ ପ୍ରତିଯୋଗିତା ପାଇଁ ଟାର୍ଗେଟ ଗ୍ରୁପ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଏହାର ଏକ ଅଂଶବିଶେଷ ଭାବେ ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆର୍ଚେରୀର ଏକ ରିଫ୍ରେଶର ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ ହୋଇଛି। ପ୍ରତିଷ୍ଠିତ ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ତୀରନ୍ଦାଜ ସଞ୍ଜୀବ କୁମାର ସିଂ ଏହାକୁ ପରିଚାଳନା କରିବା ସହ ଓଡ଼ିଶା ପିଲାଙ୍କ ମଧ୍ୟରେ ଟ୍ରାଏଲ ନେଇଛନ୍ତି। ଚୟନ ଟ୍ରାଏଲ୍‌ରେ ହାଲ୍ ସୁନାବେଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଫୁଲବାଣୀ, ମାଲକାନଗିରି ଓ କିସ୍‌ର ପିଲାମାନେ ଅଂଶଗ୍ରହଣ କରିଥିଲେ। ଚୟନ ଟ୍ରାଏଲ୍‌ରେ ମନୋନୀତ ତୀରନ୍ଦାଜଙ୍କୁ ରବିବାର ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟରରେ ପରୀକ୍ଷା କରାଯିବ। ଏଥିରେ ତୀରନ୍ଦାଜ ପ୍ରତିଭାମାନେ ଆର୍ଚେରୀର ଉଭୟ ରିକର୍ଭ ଓ କମ୍ପାଉଣ୍ଡ ରାଉଣ୍ଡର ବିଜ୍ଞାନ ଭିତ୍ତିକ ଶୃଙ୍ଖଳା ସମ୍ପର୍କରେ ଜ୍ଞାନ ଆହରଣ କରିବେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ମନୋଜ ପାଢ଼ୀ ଉଦ୍‌ଘାଟନ କରିଥିଲେ।

# ବୁମ୍‌ରା, ସାମି, ଜାଡେଜା, ପୁନମଙ୍କ ନାମ ସୁପାରିସ୍

ନୂଆଦିଲ୍ଲୀ,୨୭।୪(ପି.ଟି.)

ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩ଜଣ ପୁରୁଷ ଓ ଜଣେ ମହିଳା କ୍ରିକେଟରଙ୍କ ନାମ ସୁପାରିସ୍ କରିଛି। ସେମାନେ ହେଲେ ଦ୍ରୁତ ବୋଲର ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା, ଅଲ- ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ମହିଳା ଖେଳାଳି ପୁନମ ଯାଦବ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି ନୂଆଦିଲ୍ଲୀରେ ଏକ ବୈଠକରେ ବସି ଏ ନେଇ ନିଷ୍ପତ୍ତି ନେଇଛି।

୨୫ ବର୍ଷୀୟ ଦ୍ରୁତ ବୋଲର ବୁମ୍‌ରା


ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା।

ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଇପିଏଲ ଖେଳୁଛନ୍ତି ଓ ୩ଟି ଯାକ ଫର୍ମାଟରେ ଭାରତ ପାଇଁ ଖେଳ ଜାରି ରଖିଛନ୍ତି। ସେହିପରି ସାମି

## ଅର୍ଜୁନ ପୁରସ୍କାର

ଭାରତୀୟ ଦ୍ରୁତ ବୋଲିଂ ବିଭାଗର ନିୟମିତ ସଦସ୍ୟ ଭାବେ ଭାରତ ପାଇଁ ପ୍ରତିନିଧିତ୍ୱ କରିଆସୁଛନ୍ତି। ଜାଡେଜା ମଧ୍ୟ ଉଭୟ ବ୍ୟାଟ ଓ ବଲ୍‌ରେ କମାଲ କରି ଭାରତକୁ ଏକାଧିକବାର ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ୩ କ୍ରିକେଟର ୧୫ ଜଣିଆ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ୨୭ ବର୍ଷୀୟା ମହିଳା ଲେଗ୍ ସ୍ପିନର ପୁନମ ଦମ୍‌ଦାର ପ୍ରଦର୍ଶନ କରି ୪୧ଟି ଦିନିକିଆରୁ ୬୩, ୫୪ଟି ଟି୨୦ ମ୍ୟାଚ୍‌ରୁ ୭୪ଟି ଉଇକେଟ ହାସଲ କରିଛନ୍ତି।

## ଏସୀୟ ଜୁନିୟର କରାଟେ

# ଓଡ଼ିଶାରୁ ୪ ପ୍ରତିଯୋଗୀ

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି):** ମାଲେସିଆର କୋଟା ବିନାବାଲୁଠାରେ ଶନିବାରଠାରୁ ୧୮ତମ ଏ.କେ.ଏଫ. କ୍ୟାଡେଟ ଜୁନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାରୁ ୪ ପ୍ରତିଯୋଗୀ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସମ୍ପ୍ରତି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନ୍ତର୍ଜାତୀୟ ଖେଳାଳି ପାୟଲ ବରାଳ ୨୧ ବର୍ଷରୁ କମ୍ ଫାଇଟ୍‌ରେ ଏବଂ ସରଣ୍ୟା ରାଏ, ତେଜସ୍ୱୀ ମହାପାତ୍ର ଓ ଆଦ୍ୟାଶା ସାମନ୍ତରାୟ ମହିଳା ଟିମ୍ କାଟାରେ ଭାଗ ନେଇଛନ୍ତି। ୪ ଜଣ ଯାକ ଖେଳାଳି କୋରାପୁଟ ବାସିନ୍ଦା। ଇତିମଧ୍ୟରେ ସେନ୍‌ସେଇ ରାଜୀବ ସିଂ ଏକେଏଫ କୋଚ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ପକ୍ଷରୁ ସମସ୍ତ ପ୍ରତିଯୋଗୀ ଓ କୋଚ୍ ରାଜୀବଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


କୋଚ୍ ରାଜୀବ ସିଂଙ୍କ ସହ ୪ କରାଟେକା।

# ଓପନ୍‌ରେ ସ୍ୱସ୍ତିକ, ବାଳିକାରେ ଐଶ୍ୱର୍ଯ୍ୟା ଅଗ୍ରଣୀ

**କଟକ ଅଫିସ, ୨୭।୪:** ମାଷ୍ଟର ଚେସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ଚାଲିଥିବା ରାଜ୍ୟ ୭ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚାମ୍ପିୟନଶିପରେ ଶନିବାର ସୁଦ୍ଧା ମୋଟ ୫ ରାଉଣ୍ଡ ଖେଳ ଶେଷ ହୋଇଛି। ଓପନ ବର୍ଗରେ ୫ ପଏଣ୍ଟ ହାସଲ କରି କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଏକକ ଅଗ୍ରଣୀ ରହିଛନ୍ତି। ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଖୋର୍ଦ୍ଧାର ଅଭିଜିତ ବିଶ୍ୱାଳ। ଆଦି ମନନ ନାୟକ, ଅର୍କ ମିଶ୍ର, ସତ୍ୟାଂଶ ଶିୟମ, ଆୟୁଷ୍ମାନ ସାମନ୍ତରାୟ, ତନୁଷ ମୁଥୁରାଜ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ବାଳିକା ବର୍ଗରେ ଐଶ୍ୱର୍ଯ୍ୟା ସାହୁ ୪.୫ ପଏଣ୍ଟ ହାସଲ କରି ଆଗୁଆ ରହିଛନ୍ତି। ଜ୍ୟୋତିକା ସାହୁ ସମାନ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଇଶାନୀ ଦାସ, ରିପିଲ ପଣ୍ଡା ୪ ପଏଣ୍ଟ ଲେଖାଏ ପାଇଥିବା ବେଳେ ରତିକା ଜେନା, ହର୍ଷିତ ସିଂ ୩.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର ଓ ଜ୍ୟୋତି ଶଙ୍କର ନନ୍ଦ ଖେଳପରିଚାଳନା କରୁଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କାଳବୈଶାଖୀର ପ୍ରଭାବ ଗଛ ପଡ଼ି ନଦୀବନ୍ଧ ରାସ୍ତା ଅବରୋଧ

**ରସୁଲପୁର,୨୭।୪(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳବୈଶାଖିର ପ୍ରଭାବ ଅନୁଭୂତ ହୋଇଥିଲା। ଫଳରେ ଏହି ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତର ମାନପୁର-ଶ୍ରୀବନ୍ତପୁର ନଦୀବନ୍ଧ ରାସ୍ତାରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ରାସ୍ତାକୁ ସଫା କରିବାରେ କୁଆଖିଆ ଥାନା ପୋଲିସ ବାହିନୀ ଓ ନିର୍ବାଚନ ସ୍ଥିତି ତଦାରଖ ଦାୟିତ୍ୱରେ ଥିବା ସ୍କ୍ୱାର୍ଡଙ୍କ ମିଳିତ ଉଦ୍ୟମରେ ରାସ୍ତାରୁ ଗଛ ସଫା କରାଯାଇଥିଲା। ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ କରାଯାଇଛି। ଶନିବାର ରାତି ସୁଦ୍ଧା ପୋଲିଂ ପାର୍ଟି ସବୁ ବୁଥ୍‌ରେ ପହଞ୍ଚିବେ। ପୋଲିଂ ପାର୍ଟି ବୁଥ୍‌କୁ ଯିବା ପାଇଁ ଉକ୍ତ ବନ୍ଧ ରାସ୍ତା ବ୍ୟବହାର କରାଯାଉଥିବା ବେଳେ ଗଛ ପଡ଼ି ଯିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା।

### ପ୍ରଚାରର ଶେଷ ଦିନରେ ଦମ୍ ଦେଖାଇଲେ ଗୌତମ
### ରୋଡ୍ ଶୋ'ରେ ସାମିଲ ହେଲେ ସମ୍ବିତ ପାତ୍ର

**ଯାଜପୁର ଟାଉନ,୨୭।୪(ଡ଼ିଏନଏ):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ପ୍ରଚାରର ଶେଷ ଦିନରେ ଭାଜପା ପ୍ରାର୍ଥୀ ଗୌତମ ରାୟ ଯାଜପୁର ସହରରେ ଏକ ବିରାଟ ରୋଡ଼ ଶୋ କରି ଦମ୍ ଦେଖାଇଛନ୍ତି। ଏହି ରୋଡ୍ ଶୋରେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଯୋଗଦେଇ ଭାଜପା ପାଇଁ ପ୍ରଚାର କରିଥିଲେ। ପାତ୍ର ଶନିବାର ପୂର୍ବାହ୍ନରେ ନାଥସାହି ପଞ୍ଚାୟତର ନୂଆପଡ଼ାରେ ହେଲିକ୍ୟାପ୍ଟରରେ ଓହ୍ଲାଇ ରୋଡ୍ ଶୋରେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଫଳତା ଓ କେନ୍ଦ୍ରସାରଙ୍କ ସଫଳତାକୁ ପାଥେୟ କରି ଲୋକେ ଭାଜପା ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ନିବେଦନ କରିଥିଲେ। ଏହି ରୋଡ୍ ଶୋ ନାଥସାହି ପଞ୍ଚାୟତରୁ ଆରମ୍ଭ ହୋଇ ଯାଜପୁରସହରର ଗାନ୍ଧିଛକ, ବଡ଼ବଜାର, ବଲ୍ଲଭିଘାଟ ଛକ, ଗରିଆପୁରଛକ, ଯୋଡିକୁଅଛକ ଦେଇ ବିରଜାମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭାଜପା ପ୍ରାର୍ଥୀ ଗୌତମ ରାୟ, ଲୋକସଭା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ, ଦୀପ୍ତିରେଖା ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ସୁରଜ ଲାଲ ସାମଲ, ସୁଦିପ୍ତ ପଣ୍ଡା, ମନ୍ମଥ ବରାଳ, ଜିତାମିତ୍ର ଦାସ, ସରୋଜ ବିଶ୍ୱାଳ, ମହେନ୍ଦ୍ର ପହି, ବିରସେନ ଖୁଣ୍ଟିଆ, କୈଳାସ ପହି, ସୌମ୍ୟ ଧଳ, ସତ୍ୟଜିତ ସ୍ୱାଇଁ, ରାମଚନ୍ଦ୍ର ସନ୍ଧିବିଗ୍ରହ, ବିଜନ ବେହେରା, ତାରିଣୀ ବେହେରା, ଅମର ରାଉତରା, ଆଶିଷ ନାୟକ, ସୁଶାନ୍ତ ଜେନା, ଗୋପ ସାହୁ, ଗୌରାଙ୍ଗ ଘଡ଼ାଇ, ବିରୁପାକ୍ଷ ତ୍ରିପାଠୀ, ଜିତ ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର, ପ୍ରଶେଷ ସୂତାର, ଅଜିତ ଦାସ, ସୁଢ଼ଳ ସାହୁ ସମେତ ହଜାର ହଜାର ସଂଖ୍ୟକ ଭାଜପା କର୍ମୀ ଓ ଶୁଭେଚ୍ଛୁ ସାମିଲ ହୋଇଥିଲେ।

## ଯାଜପୁର, କୋରେଇ ବିଧାନସଭା ଆସନ

# ପୌରାଞ୍ଚଳ ଭୋଟରଙ୍କ ଉପରେ ନଜର

**ଯାଜପୁର ଅଫିସ,୨୭।୪**


ବନ୍ଦିତା


ଅଶୋକ


ପ୍ରଣବ


ବିଶ୍ୱଜିତ


ଗୌତମ

ଯାଜପୁର ଜିଲାର କୋରେଇ ଓ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇ ପ୍ରମୁଖ ସହର ବ୍ୟାସନଗର ଓ ଯାଜପୁର ଟାଉନ ରହିଛି। ଏହି ଦୁଇ ସହରାଞ୍ଚଳର ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାର୍ଥୀ ଓ ଦଳଗୁଡ଼ିକ ବିଭିନ୍ନ ରଣନୀତି ଆପଣାଇଛନ୍ତି। ବ୍ୟାସନଗର ପୌରାଞ୍ଚଳରେ କଂଗ୍ରେସ ପ୍ରାର୍ଥୀ ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା ସହରବାସୀଙ୍କ ବିଶ୍ୱାସଭାଜନ ହୋଇ ପାରିଥିବାବେଳେ ବିଜେଡି ପ୍ରାର୍ଥୀ ଅଶୋକ ବଳ ଓ ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକ ସେତେଟା ସଫଳ ହୋଇପାରି ନ ଥିବା ପରିଲକ୍ଷିତ ହୋଇଛି। ସେହିପରି ଯାଜପୁର ପୌରାଞ୍ଚଳ ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ବିଧାୟକ ପ୍ରଣବପ୍ରକାଶ ଦାସ ଓ ଭାଜପା ପ୍ରାର୍ଥୀ ଗୌତମ ରାୟ ଉଦ୍ୟମ ଜାରି ରଖିଛନ୍ତି। ଦୁଇ ସହରରେ ସ୍ଥିତି ଅସ୍ପଷ୍ଟ ରହିଥିବାବେଳେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ କର୍ମଫଳ ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି।

ଗତ ୩ସାଧାରଣ ନିର୍ବାଚନର ଫଳାଫଳକୁ ଅବଲୋକନ କଲେ ଜିଲାର ଦୁଇ ସହରୀ ଭୋଟରଙ୍କ ମଧ୍ୟରେ ମତଦାନକୁ ନେଇ ଅରୁଚି ରହିଥିବା ଦେଖିବାକୁ ମିଳିଛି। ସହରାଞ୍ଚଳରେ ବସବାସ କରୁଥିବା ନାଗରିକମାନେ ଅଧିକ ଶିକ୍ଷିତ ଓ ସଚେତନ ବୋଲି ବିବେଚନା କରାଯାଇଥାଏ। ହେଲେ ଭୋଟ ଗ୍ରହଣରେ ମତଦାନ ହାର ସଚେତନତାର ଏହି ଦାବିକୁ ଭୁଲ ପ୍ରମାଣିତ କରି ଆସିଛି। ଆଶ୍ଚର୍ଯ୍ୟ ଯେ, ଆଦିବାସୀ ବହୁଳ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗତ

### ସ୍ଥିତି ଅସ୍ପଷ୍ଟ, କର୍ମଫଳ ହେବ ନିର୍ଣ୍ଣାୟକ

୩ବର୍ଷରେ ସର୍ବାଧିକ ମତଦାନ ହୋଇଆସିଛି । ତେବେ ଚଳିତ ନିର୍ବାଚନରେ ଶତପ୍ରତିଶତ ମତଦାନ ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସହରୀ ଭୋଟରଙ୍କୁ ମଧ୍ୟ ମତଦାନ କରିବାକୁ ଜିଲାପାଳ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛନ୍ତି। ତେବେ କୋରେଇ ଓ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏହାର ପ୍ରଭାବ ପଡ଼ିବ ନା ପୂର୍ବଭଳି ପୁନରାବୃତ୍ତି ହେବ ସେ ନେଇ ରାଜନୈତିକ ବିଷାରଦମାନେ ଆଶଙ୍କା ପ୍ରକଟ କରିଛନ୍ତି। ପ୍ରଶାସନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିରୁ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାଭାବେ ପରିଚିତ। ଏଠାରେ ଚଳିତବର୍ଷ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବିଜେଡିରୁ ନବାଗତ ଅଶୋକ ବଳ ବିଭିନ୍ନ ଶୋଭାଯାତ୍ରା, ରୋଡ ଶୋ, ସଭାସମିତି ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜନସମାଗମ ଆଶାନୁରୂପ ହୋଇପାରି ନାହିଁ। ଏଭଳିସ୍ଥିତିରେ ଭାଜପା ଓ କଂଗ୍ରେସ ମଧ୍ୟରେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ପ୍ରାର୍ଥୀ ବନ୍ଦିତା ୨୦୦୮ ରୁ ୨୦୧୩ ପର୍ଯ୍ୟନ୍ତ କଂଗ୍ରେସ ସମର୍ଥନରେ ପୌରାଧକ୍ଷା ହୋଇଥିଲେ। ସେତେବେଳେ ସହରର ଅନେକ ଉନ୍ନୟନ କାର୍ଯ୍ୟରେ ତାଙ୍କ ହାତ ରହିଛି। ଏହାସହ କର୍ମୀମାନଙ୍କ ସହାୟତାରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବୁଲି ବୁଲି ପ୍ରଚାର କାର୍ଯ୍ୟ ଚାଲୁ ରଖିଥିବାବେଳେ କେତେ ପରିମାଣରେ ଏହା ସହରାଞ୍ଚଳ ଭୋଟରଙ୍କୁ ପ୍ରଭାବିତ କରିବ ତାହା ଆଗାମୀ ଦିନରେ ଜଣାପଡିବ । ତେବେ ବ୍ୟାସନଗର ପୌରାଞ୍ଚଳ ମତଦାନ କୋରେଇ ନିର୍ବାଚନମଣ୍ଡଳୀର ହାରଜିତ ଉପରେ ନିର୍ଣ୍ଣାୟକ ହେବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଯାଜପୁର ସହରରେ ଗତ ୧ବର୍ଷ ହେଲା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ଏହାକୁ ଆଧାର କରି ବିଜେଡି ପ୍ରାର୍ଥୀ ପ୍ରଣବ ଭୋଟରଙ୍କୁ ହାତେଇବା ପାଇଁ ତତ୍ପର ହୋଇ ଉଠିଛନ୍ତି। ବିକାଶ ନାମରେ ଦୁର୍ନୀତି ଭାଜପା ପାଇଁ ଏଠାରେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏହାକୁ ପାଥେୟ କରି ଭାଜପା ପ୍ରାର୍ଥୀ ଗୌତମ ରାୟ ଯାଜପୁର ସହରର ଘରକୁ ଘର ବୁଲି ପ୍ରଚାର କରି ସହିତ ଯୁବ ଭୋଟରଙ୍କୁ ନିଜ କ୍ୟାମ୍ପକୁ ଆଣିବାରେ ସଫଳ ହୋଇ ପାରିଛନ୍ତି। ଏହାସହ ଗ୍ରାମାଞ୍ଚଳରେ ମଧ୍ୟ ଗୌତମଙ୍କ ଭଲ ନେଟୱାର୍କ ରହିଛି। ତେବେ ପ୍ରଚାର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ସତ୍ତ୍ୱେ ଏହି ଦୁଇ ସହରବାସୀଙ୍କ ମଧ୍ୟରେ ଚିତ୍ର ଅସ୍ପଷ୍ଟ ରହିଛି। ଭୋଟରମାନେ ନୀରବ, କୌଣସି ଇସ୍ୟୁ ନାହିଁ କି କାହାରି ହାୱା ନାହିଁ। ଚଳିତ ନିର୍ବାଚନରେ ଗତଥର ଭଳି ନବୀନ ହାୱା କାମ କରୁ ନ ଥିବାରୁ ଭୋଟର କାହାକୁ ସମର୍ଥନ କରିବେ ତାହା କିଛି ଜଣାପଡୁନାହିଁ। ମତଦାନ ପରେ ଚିତ୍ର ସ୍ପଷ୍ଟ ହୋଇଯାଇପାରେ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

# ନୀରବତା ଅବଲମ୍ବନ ଉପରେ ଗୁରୁତ୍ୱ

**ରସୁଲପୁର,୨୭।୪(ଡି.ଏନ୍.ଏ.)**

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ସରିଛି। ନିର୍ବାଚନ ପ୍ରଚାର ଆଉ ଡାକବାଜୀ ଯନ୍ତ୍ର, ଶୋଭାଯାତ୍ରା, ସଭାସମିତି ଜରିଆରେ ହୋଇପାରିବ ନାହିଁ। ମତଦାନ ପୂର୍ବରୁ ନିରବତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ନିରବତା ଭଙ୍ଗ ନ ହେବା ଉପରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଧ୍ୟାନ ଦେବେ। ଏହି ସମୟରେ ପ୍ରାର୍ଥୀ ଓ ତାଙ୍କର ସମର୍ଥକମାନେ ନିରବତା ଭେଦକରି ନିଜ ସପକ୍ଷରେ ଭୋଟ ଯୋଡ଼ିବା ପାଇଁ ଚେଷ୍ଟା ଚଳାଇଛନ୍ତି। ପ୍ରତ୍ୟେକ ଦଳର ନେତୃବର୍ଗ ଅନ୍ଧାରି ବିଜେକରି ଭାସମାନ ଓ ନିରବ ଭୋଟରଙ୍କୁ କବ୍‌ଜା କରିବା ପାଇଁ ନାନା ଉପାୟ ଅବଲମ୍ବନ କରିବାକୁ ଯୋଜନା କରିସାରିଛନ୍ତି। ସବୁଦଳ ଏହାକୁ ଶେଷ ସୁଯୋଗ ବୋଲି ମନେ କରୁଛନ୍ତି। ଏନେଇ ସବୁ ପ୍ରାର୍ଥୀଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିବା ଭଳି ମନେ ହେଉଛି।

ନିର୍ବାଚନ ମଇଦାନରେ ୧୫ଦିନ ଧରି ଚାଲିଥିବା ପ୍ରଚାର ଯୁଦ୍ଧ ସରିଛି। ଏଥର ନିର୍ବାଚନରେ ଆଦର୍ଶ ଆଚରଣ ବିଧିରେ କେତେକ ନୂଆ ଆଇନ ଶୃଙ୍ଖଳା ଯୋଡା ହୋଇଛି। ହେଲେ ଏସବୁ କଡ଼ାକଡ଼ି ପାଳନ ହେବାରେ କେତେକ ବ୍ୟତିକ୍ରମ ଦେଖାଦେଇଛି। ଶବ୍ଦ ନିୟନ୍ତ୍ରଣ ଆଇନକୁ ଫାଙ୍କି ବିଭିନ୍ନ ଦଳର ପ୍ରଚାର ଗାଡି ବୁଲିଛି। ବିନା ଅନୁମତିରେ ବିଭିନ୍ନ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା, ନିର୍ବାଚନୀ ସଭା ସମୟରେ ଆତସବାଜି ପ୍ରଦର୍ଶନ, ଗାଁ ଗଣ୍ଡାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦଳୀୟ ସମର୍ଥକମାନେ ଏକାଧିକ ବାଇକ୍ ଶୋଭାଯାତ୍ରା ଆୟୋଜନ କରିବା ଭଳି ଘଟଣା ଖୋଲାମେଲାରେ ଘଟିଛି। ଏ

### ସରିଲା ପ୍ରଚାର

ସବୁରେ ଅଙ୍କୁଶ ଲଗାଇବାରେ ନିର୍ବାଚନ ଅଧିକାରୀଗଣ ବିଫଳ ହୋଇଛନ୍ତି। ଏହାଛଡା ଚଳିତ ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ପ୍ରଚାର ଶୈଳୀରେ ବିଶେଷ ପରିବର୍ତ୍ତନ ଦେଖାଦେଇଛି। ଏଥର ପ୍ରାର୍ଥୀମାନେ ପ୍ରଚାରକୁ ଶୋଭାଯାତ୍ରା ଓ ସଭାସମିତରେ ସିମୀତ ରଖିଛନ୍ତି। ପୂର୍ବଥର ଭଳି ପ୍ରାର୍ଥୀମାନେ ଘରଘର ବୁଲି ପ୍ରଚାର କରିବା ପରମ୍ପରା ଦେଖିବାକୁ ମିଳି ନାହିଁ। ଏଭଳିସ୍ଥିତି ଯାଜପୁର ଜିଲା ରସୁଲପୁର ବ୍ଲକ ଅଧିନସ୍ଥ ବରୀ, କୋରେଇ, ଧର୍ମଶାଳା ନିର୍ବଚନମଣ୍ଡଳୀରେ ବିଶେଷ ଦେଖିବାକୁ ମିଳିଛି। ସବୁ ପ୍ରାର୍ଥୀ ଖୋଲା ଗାଡ଼ିରେ ଗାଁ ଦାଣ୍ଡରେ ଶୋଭାଯାତ୍ରାରେ ଭୋଟରଙ୍କୁ ହାତ ହଲେଇ ଚାଲି ଯାଇଛନ୍ତି। ଏଦିଗରେ ସାଧାରଣ ଭୋଟର ପ୍ରାର୍ଥୀଙ୍କୁ ଘର ଦୁଆରେ ନ ପାଇ ମନ ଉଣା କରିଛନ୍ତି। ପ୍ରାର୍ଥୀମାନଙ୍କ ଭୋଟ ପ୍ରଚାର ଶୈଳୀକୁ ଭୋଟରମାନେ ନାପସନ୍ଦ କରୁଥିବାର ଲକ୍ଷ୍ୟ କରାଯାଉଛି। ପ୍ରଚାର ସମୟରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ଆଚାର ବ୍ୟବହାର ବାଲାଟରେ ପ୍ରତିଫଳିତ ହୋଇପାରେ ବୋଲି ଆକଳନ କରାଯାଉଛି। ଏହାଛଡ଼ା ନିରବତା ସମୟରେ ବିଭିନ୍ନ ଦଳ ପକ୍ଷରୁ ଅସାଧୁ ଉପାୟ ଅବଲମ୍ବନ କରାଯିବାର ଢେର ସମ୍ଭାବନା ରହିଛି। ଭୋଟରଙ୍କୁ ନାନା ପ୍ରଲୋଭନ ଦେଖାଇ ପ୍ରଭାବିତ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଦିଗରେ ପୋଲିସ ବାହିନୀ ଓ ନିର୍ବାଚନ ପର୍ଯ୍ୟବେକ୍ଷକ, ଅଧିକାରୀ ସଜାଗ ରହିବାର ଆବଶ୍ୟକତା ରହିଛି। ପ୍ରଚାର ପ୍ରସାର ବେଳେ ଆଚରଣ ବିଧି ଉଲ୍ଲଂଘନ ଘଟଣାକୁ ଅଣଦେଖା କରିବା ଭଳି ଭୋଟଦାନର ନିରବତା ସମୟରେ ଅଧିକାରୀମାନେ ସମାନ ଆଚରଣ ଅବଲମ୍ବନ କଲେ ଗଣତନ୍ତ୍ର ମହାପର୍ବର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ। ଏସବୁ ସତ୍ତ୍ୱେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ନିର୍ବାଚନ ପରିଚାଳନାକୁ ଅବାଧ ନିରପେକ୍ଷ ଭାବରେ ପରିଚାଳନା କରିବା ଉପରେ ବିଶେଷ ଧ୍ୟାନ ଦେବା ଉପରେ ସାଧାରଣରେ ଦାବି ହେଉଛି।

# ଶେଷ ମୁହୂର୍ତ୍ତରେ ବି ଚାଲିଛି ମିଶ୍ରଣ ପର୍ବ

**ରସୁଲପୁର,୨୭।୪(ଡି.ଏନ୍.ଏ.)**

ଚଳିତ ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସର୍ବାଧିକ ଦଳ ଡିଆଁ ପର୍ବ ଦେଖିବାକୁ ମିଳିଛି। ଏମିତିକି ନିର୍ବାଚନ ଯେତିକି ପାଖେଇ ଆସୁଛି ସବୁ ଦଳରେ ମିଶାଣ ଫେଡାଣ ଜାରି ରହିଛି। ଶେଷ ମୁହୂର୍ତ୍ତରେ କର୍ମୀମାନେ ମନ ବଦଳାଇ ଦଳ ଡିଆଁ କରୁଛନ୍ତି। ଏହାକୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଲାଗି ରହିଛି। ଏଦିଗରେ ବିଜେଡି ସବୁ ବିରୋଧୀ ଦଳକୁ ପଛରେ ପକାଇଥିବା ଲକ୍ଷ୍ୟ କରାଯାଉଛି। ଶୁକ୍ରବାର କଂଗ୍ରେସ ନେତା ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଶନିବାର ରସୁଲପୁର ବ୍ଲକର ମୁଣ୍ଡ ବୋଲି କୁହାଯାଉଥିବା ରାହାମ୍ବା ପଞ୍ଚାୟତରୁ ବହୁ ଭାଜପା କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଏଠି ଦଳ ଏକାଧିକ ମିଶ୍ରଣ ପର୍ବ ଜରିଆରେ ସଂଗଠନକୁ ସୁଦୃଢ କରିପାରିଛି। ଅନ୍ୟପକ୍ଷରେ ପ୍ରମୁଖ ବିରୋଧୀ ଭାଜପା ଉପରୁ କର୍ମୀ ଓ ଭୋଟର ଅସ୍ଥା ହରାଇବା ଘଟଣା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ସମଗ୍ର ଦେଶରେ ମୋଦି ହାୱା ବହୁଛି । ଏଥିରୁ ବହୁ ପ୍ରାର୍ଥୀ ଫାଇଦା ଉଠାଉଛନ୍ତି । ମାତ୍ର ଧର୍ମଶାଳାରେ ମୋଦି ଲହରୀ ସେତେଟା ପ୍ରଭାବିତ କରିପାରୁ ନ ଥିବା ଦେଖିବାକୁ ମିଳୁଛି। ନିର୍ବାଚନକୁ ୨ଦିନ ବାକି ଥିବାବେଳେ ବହୁ କର୍ମୀ ଦଳ ଛାଡୁଛନ୍ତି। ଏହିକ୍ରମରେ ଶନିବାର ଅପରାହ୍ନରେ ନିର୍ବାଚନ ମଣ୍ଡଳୀର ସଭାପତି ଜଳଧର ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କପିଳ ରାଉତ, ନିରାକାର ରାଉତ, ରମେଶ ରାଉତ, ପ୍ରଭାକର ରାଉତ, ଗୋପାଳ ରାଉତ, ବିକ୍ରମ ରାଉତ, ତ୍ରିଲୋଚନ ରାଉତ, ଅରୁଣ ପଣ୍ଡା,

### ଧର୍ମଶାଳା ନିର୍ବାଚନମଣ୍ଡଳୀ

ନିରଞ୍ଜନ ରାଉତ, ମନୋଜ ରାଉତ, ଅଶୋକ ରାଉତ, ପ୍ରତାପ ପଣ୍ଡା, କାଳୁ ପଣ୍ଡା, ନିରଞ୍ଜନ ରାଉତ(ନଳି), କାଳନ୍ଦି ଦାସଙ୍କ ସମେତ ବହୁ ଛାମୁଆ କର୍ମୀ ଭାଜପା ଛାଡି ବିଜେଡିରେ ସାମିଲ ହୋଇଛନ୍ତି ବୋଲି ସୋସିଆଲ ମିଡିଆର ଅଧକ୍ଷ ସଂଗ୍ରାମ ଜେନା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ନବାଗତ ପ୍ରାର୍ଥିନୀ ସ୍ମୃତିରେଖା ପହିଙ୍କ ପାଇଁ ନିର୍ବାଚନମଣ୍ଡଳୀର ଭୌଗଳିକସ୍ଥିତି ସମସ୍ୟା ସୃଷ୍ଟି କରିଛି। ସବୁ ସ୍ଥାନରେ ପହଁଚି ଭୋଟରଙ୍କୁ ଭେଟି ପାରିବା ତାଙ୍କ ପାଇଁ ସମ୍ଭବପର ହେଉନାହିଁ। ଏଭଳିସ୍ଥିତିରେ ନିର୍ବାଚନ ଯେତେ ପାଖେଇ ଆସୁଛି ସବୁ ଦଳ ଜତିବା ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ...


ଯାଜପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କ ପାଇଁ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରଚାର କରୁଛନ୍ତି।


ବରୀ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଉମେଶ ଜେନାଙ୍କ ପାଇଁ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ ପ୍ରଚାର କରୁଛନ୍ତି।


କୋରେଇ ବିଧାନସଭା ପ୍ରାର୍ଥୀ ବିଶ୍ୱଜିତ ନାୟକ ଶୋଭାଯାତ୍ରାରେ ଯାଉଛନ୍ତି।


ବିଞ୍ଝାରପୁରରେ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲିକଙ୍କ ପ୍ରଚାର ପାଇଁ ବାହାରିଥିବା ବାଇକ ଶୋଭାଯାତ୍ରା।


ବଡ଼ଚଣା ବିଜେଡ଼ି ପ୍ରାର୍ଥୀ ଅମରପ୍ରସାଦ ଶତପଥୀ ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି।


ଯାଜପୁର ବିଧାୟକ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ପାଇଁ ମହିଳାମାନେ ପ୍ରଚାରରେ ସାମିଲ ହୋଇଛନ୍ତି।


ସୁକିନ୍ଦାରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମୀ।



## ସଂକ୍ଷେପରେ

### ନାବାଳକ ନିଖୋଜ

**କୋରେଇ,୨୭।୪(ସ୍ୱ.ପ୍ର.):** ପାଣିକୋଇଲି ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ର ନିଲେଶ କୁମାର ସିଂହ (ଗୁଡୁ) (୧୬) ଶୁକ୍ରବାର ସକାଳୁ ନିଖୋଜ ହୋଇଯାଇଛନ୍ତି। ସେ ପାଣିକୋଇଲି ଥାନା ଅନ୍ତର୍ଗତ ପଥପଦା ପଞ୍ଚାୟତର ଓରିନ୍ଦା ରୋଡରେ ଥିବା ବଡ଼ ବାପା ଦିଲୀପ ସିଂହଙ୍କ ଘରେ ରହି ପାଠ ପଢୁଥିଲେ। ପ୍ରତିଦିନ ପରି ଶୁକ୍ରବାର ଭୋରରୁ ଗୁଡୁ ମର୍ନିଂୱାର୍କରେ ଯାଇ ଆଉ ଘରକୁ ଫେରି ନ ଥିଲା। ବହୁ ଖୋଜାଖୋଜି ପରେ ଗୁଡୁକୁ ନ ପାଇବାରୁ ଶନିବାର ଦିଲୀପ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୧୭୦୪ ପୋଲିଂ କର୍ମଚାରୀ ନିୟୋଜିତ

**ଧର୍ମଶାଳା,୨୭।୪(ଡି.ଏନ.ଏ.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ୨୯ ତାରିଖ ଅର୍ଥାତ ସୋମବାର ହେବ। ଧର୍ମଶାଳା ନିର୍ବାଚନମଣ୍ଡଳୀର ୨୫୮ ବୁଥ୍ ପାଇଁ ୧୭୦୪ ପୋଲିଂ କର୍ମଚାରୀ ଓ ଶାନ୍ତିଶୃଙ୍ଖଳା ପାଇଁ ୨୮୪ ଆର୍ମି ପୋଲିସ, କନଷ୍ଟେବଳ, ହୋମଗାର୍ଡ ଓ ଗୃହରକ୍ଷୀ ନିୟୋଜିତ ହୋଇଥିବା ବିଡିଓ ସୂଚନା ଦେଇଛନ୍ତି। ୨୫୮ ବୁଥ୍ ମଧ୍ୟରୁ ଧର୍ମଶାଳା ଥାନା ଅଧୀନରେ ୧୨୦, ଜେନାପୁର ଥାନା ଅଧୀନରେ ୭୯, କୁଆଖିଆ ଥାନା ଅଧୀନରେ ୫୦, ବାଲିଚନ୍ଦ୍ରପୁର ଥାନା ଅଧୀନରେ ୮ ଓ ବଡ଼ଚଣା ଥାନା ଅଧୀନରେ ୧ ବୁଥ୍ ରହିଛି। ୫୪ ବୁଥ୍ ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି। ପ୍ରତେକ ବୁଥ୍ ପାଇଁ ୬ ଜଣ ପୋଲିଂ ପାର୍ଟି ସହ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ୨୬ ପୋଲିଂ ପାର୍ଟି ରିର୍ଜଭ ରହିବେ। ନିର୍ବାଚନରେ ୧ଲକ୍ଷ ୧୬ ହଜାର ୨୩୨ଜଣ ପୁରୁଷ, ୧ଲକ୍ଷ ୮ହଜାର ୨୬ଜଣ ମହିଳା ଓ ୫ଜଣ କିନ୍ନର ଭୋଟର ମୋଟ ୨ଲକ୍ଷ, ୨୪ହଜାର ୨୬୩ଜଣ ମତଦାତା ରହିଛନ୍ତି। ଜେନାପୁର ଥାନା ଅଧୀନ ୭୯ଟି ବୁଥ୍ ମଧ୍ୟରୁ ୧୮ଟି ଉତ୍ତେଜନାପ୍ରବଣ ବୋଲି ଥାନାଧିକାରୀ ସୁଶାନ୍ତ ଦାସଙ୍କଠାରୁ ପ୍ରକାଶ। ଶୁକ୍ରବାର ଠାରୁ ଏହି ଉତ୍ତେଜନାପ୍ରବଣ ବୁଥ୍‌ଗୁଡିକରେ ଫୁଟ ପାଟ୍ରୋଲିଂ ସହ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଉତ୍ତେଜନାପ୍ରବଣ ବୁଥ୍‌ଗୁଡିକରେ ୨ ଆର୍ମି ପୋଲିସ ନିୟୋଜିତ ହେବେ ଏବଂ ୬ ପୋଲିସ ଅଫିସର ସହ ଆର୍ମି ପୋଲିସ ମୋବାଇଲ ପାର୍ଟି ଭାବେ ନିୟୋଜିତ ହୋଇଛନ୍ତି। ଧର୍ମଶାଳା ଥାନା ଅଧୀନ ୧୨୦ ବୁଥ୍ ମଧ୍ୟରୁ ୩୦ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଛି। ୯ ଗୋଟି ଫ୍ଲାଇଂ ସ୍କାଡ୍ ବିଭିନ୍ନ ବୁଥ ଅଞ୍ଚଳ ପରିଦର୍ଶନ କରି ଆଇନଶୃଙ୍ଖଳା ରକ୍ଷା କରିବେ। ପ୍ରତ୍ୟେକ ଉତ୍ତେଜନାପ୍ରବଣ ବୁଥ୍ ପାଇଁ ଆର୍ମି ପୋଲିସ, କନଷ୍ଟେବଳ, ଜଣେ ଡିଏସପି ର୍‍ୟାଙ୍କର ନୋଡାଲ ଅଫିସର ବୁଥ୍ ତଦାରଖ କରିବେ। ଧର୍ମଶାଳା ବାଣୀପୀଠ ବୁଥ୍ ଆଦର୍ଶ ବୁଥ୍ ଭାବେ ଚିହ୍ନଟ ହୋଇଥିବା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ବିଜେଡି ପ୍ରାର୍ଥୀ ଅମରଙ୍କ ଭୋଟ ଭିକ୍ଷା

**ଚଣ୍ଡିଖୋଲ,୨୭।୪(ଡି.ଏନ.ଏ.):** ପ୍ରଚାରର ଶେଷ ଦିନ ଶନିବାର ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ଅମର ପ୍ରସାଦ ଶତପଥୀ ଗୋପାଳପୁର ଓ ମାଣ୍ଡୁକା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ପ୍ରତି ଗାଁକୁ ସମର୍ଥକଙ୍କ ଗହଣରେ ବାଇକ୍ ଶୋଭାଯାତ୍ରାରେ ଯାଇ ଭୋଟ ଦେବାକୁ ନିବେଦନ କରିଥିଲେ। ପ୍ରଥମେ ଗୋପାଳପୁର ପଞ୍ଚାୟତର କଳାଶ୍ରୀଠାରୁ ରୋଡ ଶୋ ଆରମ୍ଭ କରି ଗଜେନ୍ଦ୍ରପୁର, ଖଡ଼ଗପୁର, ଗୋପାଳପୁର, ଧାଉଡ଼ିଆପଦା, ଚାରିନଙ୍ଗଳ, ମାଣ୍ଡୁକା, ପଦ୍ମନାଭପୁର ଓ କୃଷ୍ଣଦାସପୁର ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ଶରତ କୁମାର ସାମଲ, ଜୋନ ସଭାପତି ସେକ୍ ମୋଇନ୍ ଅହମ୍ମଦ, ମହିଳା ମିଶନ ଶକ୍ତି ଫେଡେରେଶନର ସଭାନେତ୍ରୀ ପ୍ରମିଳା ଜେନା, ସମ୍ପାଦିକା ମାଧବୀ ବଶ୍ୱାଳ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

**ଧର୍ମଶାଳା,୨୭।୪(ଡି.ଏନ.ଏ.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ପ୍ରଚାର ଶେଷ ହୋଇଛି। ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାର ଶେଷ ପରେ କର୍ମୀଙ୍କ ଗହଣରେ ବୁଥ ଏଜେଣ୍ଟ୍ ନିଯୁକ୍ତି କରୁଥିଲାବେଳେ କିପରି ଭୋଟ ହାତେଇବେ, ସେନେଇ ଆଲୋଚନା ଚଳାଇଛନ୍ତି। ଶନିବାର ବିଭିନ୍ନ ଦଳର ପ୍ରାର୍ଥୀମାନେ ରୋଡ ଶୋ ମାଧମରେ ବିଭିନ୍ନ ପଞ୍ଚାୟତରେ ପହଞ୍ଚି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ପୋଲିଂ ପାର୍ଟି ଶନିବାର ବିଭିନ୍ନ ବୁଥକୁ ଆସୁଥିଲାବେଳେ ଏହି କାର୍ଯ୍ୟ ରାତି ୧୦ଟା ସୁଦ୍ଧା ଶେଷ ହେବ ବୋଲି ସୂଚନା ମିଳିଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ୧୦ ଜଣ ନାମାଙ୍କନ ଭରିଥିଲାବେଳେ ଅଖିଳ ଭାରତ ହିନ୍ଦୁ ମହାସଭାର ପ୍ରାର୍ଥୀ ଈଶ୍ୱର ଚନ୍ଦ୍ର ପ୍ରଧାନ ନିର୍ବାଚନରୁ ଓହରି ଯାଇଛନ୍ତି।

■ ଭୋଟ୍ ବାକ୍ସକୁ ନବନିର୍ମାଣ କୃଷକ ସଂଗଠନର ବିରୋଧ

# ୩ଶହରୁ ଉର୍ଦ୍ଧ୍ୱ ଚାଷୀ ଗିରଫ

**ଯାଜପୁର ଟାଉନ,୨୭।୪(ଡ଼ିଏନଏ)**

ଚାଷୀଙ୍କୁ ପ୍ରାଇସ୍, ପେନସନ୍ ଓ ପ୍ରେଷ୍ଟିଜ୍ ପ୍ରଦାନ ଦାବିରେ ନବନିର୍ମାଣ କୃଷକ ସଂଗଠନ ଦୀର୍ଘଦିନ ଧରି ଆନ୍ଦୋଳନ ଜାରି ରଖିଛି। 'ଚାଷୀଙ୍କୁ ଯଦି ପେନସନ୍ ନାହିଁ ତେବେ ଗାଁରେ ଭୋଟ୍‌ବାକ୍ସ ବସିବ କ'ଣ ପାଇଁ' ନାରା ଦେଇ ଯାଜପୁର ଜିଲାର କୋଣ ଅନୁକୋଣରୁ ନବନିର୍ମାଣ କୃଷକ ସଂଗଠନର ଶହଶହ ସଂଖ୍ୟକ ଚାଷୀ ଭୋଟ୍ ବାକ୍ସକୁ ଘେରାଓ କରିବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ୩ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଗିରଫ କରି ପରେ ଜାମିନରେ ଛାଡ଼ିଥିଲା।

ଶୁକ୍ରବାର ରାତିରୁ ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କୃଷକ ନେତାଙ୍କୁ ଗିରଫ କରାଯିବା ସହ ଶନିବାର ବ୍ରହ୍ମବରଦା, ବରୁହାଁ, କୁଆଖିଆ, ରାମବାଗ ପ୍ରଭୃତି ସ୍ଥାନରେ ପୋଲିସ ଚାଷୀଙ୍କୁ ଅଟକାଇଥିଲା। ଏହା ସତ୍ତ୍ୱେ ଶହ ଶହ ଚାଷୀ ଗୋଖନାଛକ ଅତିକ୍ରମ କରି ଭୋଟ୍ ବାକ୍ସକୁ ଘେରାଓ କରିବାକୁ ଅଗ୍ରସର ହେଉଥିବାବେଳେ ଯାଜପୁର ପୋଲିସ ଚାଷୀଙ୍କୁ ଅଟକାଇବା ଯୋଗୁ ଚାଷୀ ଓ ପୋଲିସ ମଧ୍ୟରେ ବଚସା, ଠେଲାପେଲା ହୋଇଥିଲା। କୃଷକମାନେ ଚାଷୀ ଏକତା ଜିନ୍ଦାବାଦ୍, ଚାଷୀଙ୍କୁ ଯଦି ଭତ୍ତା ନାହିଁ, ଚାଷୀଙ୍କୁ ଯଦି ରାଜଧାନୀ ମନା ତେବେ ଗାଁକୁ ଭୋଟ୍ ବାକ୍ସ ଯିବା ମନା ବୋଲି କହିବା ସହିତ ଭୋଟ୍ ବାକ୍ସକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କ ପେଟକୁ ଲାତ ମରାଯିବା ସହ ସେମାନଙ୍କ କଣ୍ଠରୁଦ୍ଧ କରାଯାଇ ସେମାନଙ୍କଠାରୁ ଭୋଟ୍ ନେବା ହାସ୍ୟାସ୍ପଦ ବିଷୟ ବୋଲି କହିଥିଲେ। ପୋଲିସ ରାଜ୍ୟ ସହସଂଯୋଜକ ନିମାଇ ରାୟ, ଜିଲା ସହ ସଂଯୋଜକ ଅଶୋକ ଶାନ୍ତି, ବସନ୍ତ ନାୟକ, ପ୍ରତାପ ନାୟକ, ମାଧବ ଶାନ୍ତି, ହେମନ୍ତ ଦୋରା, ଚୌଧୁରୀ ଜେନା, ଲକ୍ଷ୍ମୀଧର ସାହୁ, ସନାତନ ସାହୁ, ଦିନବନ୍ଧୁ ମଲ୍ଲିକ, ସଂଜୟ ଜେନାଙ୍କ ସମେତ ଶତାଧିକ ଚାଷୀଙ୍କୁ ଗିରଫ କରିଥିଲା।



ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

■ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

## ଅଭିଯୁକ୍ତ ସ୍ୱାମୀ କୋର୍ଟଚାଲାଣ

**ଛତିଆ,୨୭।୪(ଡି.ଏନ.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ମଉସା**

ସୋଲର ଗ୍ରାମର ପ୍ରଭାତ ଲେଙ୍କାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଶୁକ୍ରବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଛନ୍ତି। ହେଲେ ଗୀତାଞ୍ଜଳୀଙ୍କ ମଉସା ବଡମ୍ବା ଥାନା ଖଇରା ପଙ୍ଗା ଗ୍ରାମର ବିଦ୍ୟାଧର ସ୍ୱାଇଁ ତାଙ୍କ ଝିଆରିକୁ ହତ୍ୟା କରାଯାଇଥିବା ନେଇ ଶନିବାର ବୈରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଓ ଛତିଆ ବିଟ୍ ହାଉସ୍ ଅଧିକାରୀ ଜଗଦୀଶ କର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ଏଥିସହ ଏକ ମାମଲା (ନଂ. ୬୫/୧୯) ରୁଜୁ କରି ପ୍ରଭାତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଜଗଦୀଶ କର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସୋଲର ଗ୍ରାମର କାର୍ତ୍ତିକ ଲେଙ୍କାଙ୍କ ପୁଅ ପ୍ରଭାତ ଗତ ୧୩।୩।୨୦୧୯ରେ ବଡାମ୍ବା ଥାନା ଅନ୍ତର୍ଗତ ଶଶାଙ୍କ ଗ୍ରାମର ରବୀନ୍ଦ୍ର ଜେଠୀଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ପ୍ରଭାତ ଜଣେ ଡ୍ରାଇଭର ଭାବେ କାମ କରନ୍ତି। ଶୁକ୍ରବାର ରାତିରେ ସ୍ୱାମୀ ଓ ସ୍ତ୍ରୀ ଶୋଇଥିବାବେଳେ ହଠାତ୍ ଶନିବାର ସକାଳୁ ଗୀତାଞ୍ଜଳି ତାଜାରେ ଝୁଲିଥିବା ପ୍ରଭାତ ଦେଖିବାକୁ ପାଇଲେ। ଫଳରେ ଗୀତାଞ୍ଜଳୀ ଆତ୍ମହତ୍ୟା କରିଥିବା ପ୍ରଭାତଙ୍କ ଘର ଲୋକ କହିଛନ୍ତି।

**ସରିଲା ପ୍ରଚାର**

## ଚାଲିଛି ଭୋଜି, ଟଙ୍କା ବଣ୍ଟା

**ଯାଜପୁର ଟାଉନ,୨୭।୪(ଡ଼ିଏନଏ)**

**ସୋସିଆଲ ମିଡିଆରେ ୟୁବପିଢ଼ିଙ୍କ ଲଢ଼େଇ**

ଯାଜପୁର ନିର୍ବାଚନମଣ୍ଡଳୀ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଥିବାବେଳେ ଏବେ ବିଭିନ୍ନ ଦଳ ପକ୍ଷରୁ ଭୋଜିଭାତ ଓ ମଦ ବଣ୍ଟା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପା ଓ ବିଜେଡି ମଧ୍ୟରେ ଜୋରଦାର ଟକ୍କର ହେବାକୁ ଯାଉଛି। ଏ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ବିଭିନ୍ନ ନିର୍ବାଚନୀ ସଭା ଓ ରୋଡ ଶୋ ମାଧ୍ୟମରେ ଲଢ଼େଇ ହେଉଥିବାବେଳେ ୟୁବପିଢ଼ିଙ୍କ ମଧ୍ୟରେ ସୋସିଆଲ ମିଡିଆରେ ବାକ୍‌ଯୁଦ୍ଧ ଲାଗିଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ଦଳ ପାଇଁ ୟୁବପିଢ଼ି ଭିଡିଓ, ଫଟୋ ଆଦି ଅପଲୋଡ୍ କରି ବିରୋଧୀଙ୍କ ସହ ବାକ୍ ଯୁଦ୍ଧ ଜୋରଦାର କରୁଥିବା ଦେଖିବାକୁ ମିଳିଛି। ଯାଜପୁର ପୌରାଞ୍ଚଳର ପ୍ରତ୍ୟେକ ସାହିରେ ବିଭିନ୍ନ ଦଳ ପକ୍ଷରୁ ମଦ ଓ ମାଂସ ବଣ୍ଟା ଯାଉଛି। ନିର୍ବାଚନ ପାଇଁ ଫ୍ଲାଇଂସ୍କ୍ୱାର୍ଡ ସଜାଗ ଥିବା କୁହାଯାଉଥିଲେ ହେଁ ଗତ ୪ଦିନ ଧରି ଭୋଟରଙ୍କୁ ଟଙ୍କା ବଣ୍ଟାଯିବା, ବିଭିନ୍ନ ସ୍ଥାନରେ ଭୋଜିଭାତ କରାଯାଇ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଆସର ଜମୁଛି। ଏ କ୍ଷେତ୍ରରେ ଫ୍ଲାଇଁ ସ୍କ୍ୱାର୍ଡ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ପ୍ରାର୍ଥୀମାନେ ଦିନ ରାତି ଏକ କରି ଘର ଘର ବୁଲି ଭୋଟ୍‌ରଙ୍କୁ ପ୍ରଭାବିତ କରିଥିବାବେଳେ କର୍ମୀଙ୍କ ଦ୍ୱାରା ଟଙ୍କା ବଣ୍ଟାଯିବା ସହ ପୂର୍ବରୁ ରଖିଥିବା ମଦ ଖୁଲମ୍‌ଖୁଲା ବଣ୍ଟା ଚାଲିଛି। ରାଜନୈତିକ ଦଳ ୭ଦିନ ପୂର୍ବରୁ ପେଟି ପେଟି ମଦ କିଣି ନିଜ କର୍ମୀଙ୍କ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମଦ ବାଣ୍ଟୁଥିବା ଲକ୍ଷ୍ୟ କରାଯାଉଛି। ୟୁବପିଢ଼ି ନିଜ ଜ୍ଞାତି କୁଟୁମ୍ବ, ସମ୍ପର୍କୀୟଙ୍କୁ ନିୟମ କରାଇ ସେମାନଙ୍କ ସମର୍ଥିତ ଦଳରେ ଭୋଟ ଦେବାକୁ କହୁଥିବା ମଧ୍ୟ ପରିଲକ୍ଷିତ ହୋଇଛି।

■ ଅଭିଯୁକ୍ତଙ୍କ ଫେରାରକୁ ନେଇ ଥାନା ଘେରାଉ ଘଟଣା

## ଲାଠି ଚାଳନା କଲା ପୋଲିସ

**ବିଞ୍ଝାରପୁର,୨୭।୪(ଡି.ଏନ.ଏ.)**




ଭାଜପା ସମର୍ଥକଙ୍କ ଗିରଫକୁ ନେଇ ବିଞ୍ଝାରପୁର ଥାନାରେ ଉତ୍ତେଜନା

ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ବିଞ୍ଝାରପୁର ପୋଲିସ ଫତେପୁର ପଞ୍ଚାୟତ ବଂଶୀପୁର ଗ୍ରାମର ଅଭିଯୁକ୍ତ ଅକ୍ଷୟ ଜେନାଙ୍କୁ ଗିରଫ କରିଥିଲା। ପରେ ସେ ଥାନାରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଫେରାର ହେବାରେ ପୋଲିସର ହାତ ଥିବା ଦାବି କରି ବିଞ୍ଝାରପୁର ପଞ୍ଚାୟତର ଭାଜପା ସମର୍ଥକ ସଞ୍ଜୀବ ସାହୁ ଓ ତାଙ୍କ ସମର୍ଥକମାନେ ଗତ ୨୩ ତାରିଖରେ ଥାନା ଘେରାଉ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଆଇଆଇସିଙ୍କ ସମେତ ପୋଲିସ କର୍ମଚାରୀଙ୍କୁ ଅଟକ ରଖିବା ସହ ପୋଲିସକୁ ଗାଳିଗୁଲଜ ମଧ୍ୟ କରିଥିଲେ। ଏନେଇ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୮୮/୧୯) ରୁଜୁ କରାଯାଇ ଶନିବାର ସକାଳେ ସଞ୍ଜୀବଙ୍କୁ କୋର୍ଟଚାଲାଣ କରାଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସଞ୍ଜୀବଙ୍କ ଗିରଫକୁ ପ୍ରତିବାଦ କରି ଶନିବାର ବିଭିନ୍ନ ପଞ୍ଚାୟତର ଭାଜପା କର୍ମୀ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏପରିକି କେତେକ ମହିଳା ଥାନା ଗେଟ୍‌ରେ ଚଢ଼ି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଧାରଣା ହଟାଇବାକୁ ଯାଇ ପୋଲିସ ପ୍ରତିବାଦକାରୀଙ୍କ ଉପରେ ମୃଦୁ ଲାଠି ଚାଳନା କରିଛି। ଲାଠି ଚାଳନାରେ ଅନେକ ମହିଳା ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଥିବାରୁ ବିଞ୍ଝାରପୁର ବଜାରରେ ପୋଲିସ ଛାଉଣୀ କରାଯାଇଛି। ଫେରାର ଅଭିଯୁକ୍ତ ଅକ୍ଷୟଙ୍କୁ ପୋଲିସ ଗତ ୨୫ ତାରିଖରେ କେନ୍ଦ୍ରାପଡା ଜିଲା ପଣସ ଗଣ୍ଡ ନିକଟରୁ ଗିରଫ କରି ୨୬ରେ କୋର୍ଟଚାଲାଣ କରିଥିଲା।

## ଶେଷ ଦିନରେ ପ୍ରମିଳା, ଶର୍ମିଷ୍ଠାଙ୍କ ରୋଡ ଶୋ

**ବିଞ୍ଝାରପୁର,୨୭।୪(ଡି.ଏନ.ଏ.)**

ପ୍ରଚାରର ଶେଷ ଦିନରେ ବିଜେଡି ବିଧାୟିକା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଓ ଲୋକ ସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ରୋଡ ଶୋ କରିଛନ୍ତି। ହଜାର ହଜାର କର୍ମୀଙ୍କ ଗହଣରେ ପ୍ରମିଳା ଓ ଶର୍ମିଷ୍ଠା ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବାଙ୍ଗରା ପଞ୍ଚାୟତଠାରୁ ରୋଡ ଶୋ ଆରମ୍ଭ କରି ବରୁଣେଶ୍ୱର କ୍ଷେତ୍ର ଦେଇ ନନ୍ଦିପୁର ପର୍ଯ୍ୟନ୍ତ ଯାଇଥିଲେ। ଏକ ସାଧାରଣ ସଭାରେ ଯୋଗଦେଇ ପ୍ରମିଳା ଓ ଶର୍ମିଷ୍ଠା ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ବିଞ୍ଝାରପୁର ବ୍ଲକ ବରିଷ୍ଠ ବିଜେଡି ନେତା ନନ୍ଦ କିଶୋର ସାମଲ, କାମଦେବ ଧଳ, ସୁଖ ରଞ୍ଜନ ପରିଡା, ମୋଜାହିଦ୍ ଖାନ, ମମତା ପଲେଇ, ବାଛୋଳ ସରପଞ୍ଚ ତରୁଣ କୁମାର ସାହୁ, ମାନିନୀ ଖଣ୍ଡୁଆଳ, ଟିଣା ସରପଞ୍ଚ ରଞ୍ଜିତା ଦାସ, ଛାତ୍ର ବିଜେଡି ସଭାପତି ଜିତେନ୍ଦ୍ର ପ୍ରଧାନ, ଲେଲିନ ଦାସ, ବ୍ଲକ ଉପାଧ୍ୟକ୍ଷା କୁମୁଦୁନୀ ଦାସ, ଗୋପ ଦାସ, ସମରେନ୍ଦ୍ର ସାହୁ, ଧ୍ରୁବ ଚରଣ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ଛତିଆ,୨୭।୪(ହି.ଏନ୍.ଏ.):** ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଛତିଆ କଲେଜ୍ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ବରୁହାଁ ଥାନା ଅନ୍ତର୍ଗତ ବେରୁଦା ଗ୍ରାମର ଅଜୟ ସାହୁ। ବୈରୀ ଥାନା ଏସ୍‌ଆଇ ବିଶ୍ୱଜିତ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇଥଲେ। ଏକ ପରିବା ବୋଝେଇ ପିକ୍‌ଅପ୍ ଗାଡ଼ି (ନଂ. ଓଆର୍-୦୨ଏଭି-୮୩୩୬) ବରୁହାଁ ଥାନା ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଛତିଆ କଲେଜ ସମ୍ମୁଖରେ ପଛ ଚକା ଫାଟିଯିବାରୁ ଗାଡ଼ିରେ ବସିଥିବା ଅଜୟ ତେଇଁ ପଡ଼ିଥିଲେ।

# ନଗଡ଼ା: ଅଟକି ରହିଛି ବିକାଶର ଧାରା

ଶିଳ୍ପସମୃଦ୍ଧ ଯାଜପୁର ଜିଲାର ନଗଡାରେ ୨୦୧୬ରେ ଅପପୁଷ୍ଟି କାରଣରୁ ୨୨ ଶିଶୁଙ୍କ ଅକାଳମୃତ୍ୟୁ ଘଟଣା ସାରା ରାଜ୍ୟ ତଥା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସ୍ୱାଧୀନତାର ସାତ ଦଶନ୍ଧି ପରେ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପ୍ରଶାସନ କିପରି ବିଫଳ, ତାହାର ନଗ୍ନ ଉଦାହରଣ ପାଲଟିଥିଲା ନଗଡା। ପ୍ରଶାସନିକ ଅପାରଗତାକୁ ଲୁଚାଇବା ପାଇଁ ନଗଡାକୁ ଗଡିଥିଲା ସରକାରୀ ଗାଡି ଏବଂ ବାବୁଙ୍କ ପାଦ। କମ୍ ସମୟ ମଧ୍ୟରେ ସମସ୍ତ ସୁବିଧା ଯୋଗାଇ ଦିଆଯିବା ନେଇ ଦିଆଗଲା ପ୍ରତିଶ୍ରୁତି। ଗଣମାଧ୍ୟମର ନଜରରେ ରହିଥିବାରୁ ଆଖିଦୃଶିଆ କାର୍ଯ୍ୟ ମଧ୍ୟ ଦେଖିବାକୁ ମିଳିଲା। ଇତିମଧ୍ୟରେ ବୈତରଣୀ ନଦୀରେ କେତେ ପାଣି ବୋହି ଯାଇଛି। ହେଲେ ନଗଡାରେ ବିକାଶର ଧାରାରେ ଯେପରି ରୋକ ଲାଗିଯାଇଛି। ସାରା ରାଜ୍ୟରେ ଚାଲିଛି ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ନଗଡାବାସୀ ଏଥିରୁ ବଞ୍ଚିତ ହେବେ ବା କିପରି। ନିର୍ବାଚନ ଓ ବିକାଶର ଦୋଛକିରେ ଥିବା ନଗଡା ଗସ୍ତ କରିଥିଲା ଧରିତ୍ରୀ ଟିମ୍।

**-ରିପୋର୍ଟ: ଚିଦାନନ୍ଦ ଜେନା, ବିଶ୍ୱନାଥ ପାତ୍ର**

**ଭୁବନେଶ୍ୱର/ସୁକିନ୍ଦା,୨୭।୪(ଡି.ଏନ୍.ଏ.)**

ନଗଡାକୁ ଯିବା ପାଇଁ ପୂର୍ବ ଅପେକ୍ଷା ଏତେଟା କଷ୍ଟ ହୋଇ ନ ଥିଲା। ନାଲି ଗୋଡି ରାସ୍ତା ହୋଇଥିବାରୁ ଯେନତେନ ପ୍ରକାର ଗାଡି ନଗଡାବାସୀଙ୍କ ନିକଟକୁ ଯାଇପାରିଥିଲା। ଖରାଦିନ ହୋଇଥିବାରୁ ନାଲି ଗୋଡି ରାସ୍ତାରେ ଗାଡି ଗଡୁଥିଲା। ହେଲେ ବର୍ଷା ସମୟରେ ଏହି ରାସ୍ତାରେ ଯାନବାହାନ ଯିବା କାଠିକର ପାଠ ହେବ। ନଗଡାରେ ପହଞ୍ଚିବା ମାତ୍ର ରାସ୍ତା ନେଇ ପ୍ରଥମେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସ୍ଥାନୀୟ ବାସିନ୍ଦା ଗୁରୁ ପଧାନ କହିଥିଲେ ଯେ, ରାସ୍ତା ଯା'ଆସ କରି ହେଉଛି। ହେଲେ ବର୍ଷା ହେଲେ ଅସୁବିଧା ହେଉଛି। ପିଚୁ କରିବେ ବୋଲି ବାବୁମାନେ କହିଥିଲେ, ହେଲେ ଏ ଯାଏ ପିଚୁ କରି ନ ଥିବା ଗୁରୁ କହିଛନ୍ତି। ସେହିପରି ଯାଜପୁର ଖଣିଜ ଜିଲା ହୋଇଥିବାରୁ , ସ୍ୱତନ୍ତ୍ର ଭାବେ ଜିଲାରେ ଖଣିଜ ଉନ୍ନୟନ ପାଣ୍ଠି ରହିଛି। ଏହି ପାଣ୍ଠିର ବ୍ୟବହାର କେବଳ ଖଣି ପ୍ରଭାବିତ ଅଞ୍ଚଳରେ କରାଯିବାର ନିୟମ ରହିଛି। ତେଣୁ ସେହି ଅର୍ଥରେ ନଗଡାରେ ଏକାଧିକ ପାଇଖାନା ନିର୍ମାଣ ହୋଇଛି। ହେଲେ କୌଣସି ଲୋକ ପାଇଖାନା ବ୍ୟବହାର କରୁଥିବା ମନେ ହେଲା ନାହିଁ। ପାଇଖାନାଗୁଡିକ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଥିଲା। ସ୍ଥାନୀୟ ବାସିନ୍ଦା ଗୁରୁଙ୍କ ସମେତ ଅନ୍ୟ କେତେଜଣ ସେଇପାଇଖାନା ହେଲେ କ'ଣ ହେବ। ପାଣି ତ ଆସୁନି, ସେଥିପାଇଁ ଆମେ ବ୍ୟବହାର କରୁନାହିଁ। ସବୁ ପାଇଖାନା ସେମିତି ପଡିଛି।

ଧୀରେ ଧୀରେ ସୂର୍ଯ୍ୟ ମୁଣ୍ଡ ଉପରକୁ ଚଢୁଥାଏ। ନଗଡା ଭିତରକୁ ଗଲା ବେଳେ ଅଧିକାଂଶ ଘରେ ରୋଷେଇ ଚାଲିଥାଏ। ହେଲେ ଉଜ୍ୱଳା ଗ୍ୟାସ ନୁହେଁ, ପାରମ୍ପରିକ କାଠ ଚୁଲିରେ। ଗ୍ୟାସ ସମ୍ପର୍କରେ ପଚାରିବାରୁ ଜନୈକ ମହିଳା କହିଥିଲେ ଯେ, ବାବୁ ଆସିକି ନାଁ ଲେଖି ନେଇଛି, ଗ୍ୟାସ ଦେବ ବୋଲି ହେଲେ ଗ୍ୟାସ ଦେଇନାହାଁନ୍ତି। ସାହି ମଧ୍ୟରେ ପିଇବା ଓ ରାନ୍ଧିବା ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ହେଲେ ଅଙ୍ଗନୱାଡି ନିକଟରେ ଥିବା ପାଇପରେ ପାଣି ଆସୁ ନ ଥିବା ଧରିତ୍ରୀ ପକ୍ଷରୁ ଅନୁଭବ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ବସତି ମଧ୍ୟରେ ହେଉଥିବା ସ୍ଥାନର କିଛି ଦୂରରେ ଏକ ପାଣିଟାଙ୍କି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସରକାରୀ ଯୋଜନା ମିଳୁଥିବା ନେଇ ନଗଡାବାସୀ ଖମା ପ୍ରଧାନ ଏବଂ ଅନ୍ୟ କେତେକ ବ୍ୟକ୍ତି କହିଥିଲେ। କିଛି ମାସ ହେବ ଡାକ୍ତର ନିୟମିତ ଆସୁଥିବା ସ୍ଥାନୀୟ ଅଧିବାସୀ କହିଥିଲେ। ରୋଷେଇ ପାଇଁ ଗ୍ୟାସ ସୁବିଧା ନ ଥିବା ସ୍ଥାନରେ ମୋବାଇଲ, ରେଡିଓ, ଟିଭି କଥା କିଏ ପଚାରେ। ସରକାରୀ ସୁବିଧାରୁ ପକ୍କାଘର କରାଯିବା ସହ ସୌର ଆଲୋକ ସୁବିଧା କରାଯାଇଛି। ହେଲେ ସେଗୁଡିକ ସବୁ ସମୟରେ କାର୍ଯ୍ୟକ୍ଷମ ହେଉ ନାହିଁ ବୋଲି ଜଣାପଡିଛି। ସେହିଭଳି ପ୍ରତି ପରିବାରକୁ ସ୍ଥାୟୀ ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ଖୁଣ୍ଟ ପୋତା ଯାଇଛି। ଟ୍ରାନ୍ସଫର୍ମର ବସାଯାଇ ତାର ସଂଯୋଗୀକରଣ ସରିଛି। ଅନେକଙ୍କ ଘରେ ମିଟର ମଧ୍ୟ ବସିଛି। ହେଲେ ଲାଇନ ଦିଆଯାଇପାରିନି। ଗତ ନିର୍ବାଚନରେ ସବୁ ଘର ପକ୍କା ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ସରକାର ନଗଡାର ସବୁ ଘର ପକ୍କା କରି ନାହାନ୍ତି, ଏବେ ବି ସେହି ଅଞ୍ଚଳରେ ସଂଖ୍ୟାଧିକ କଚ୍ଚା ତଥା ମାଟିଘର ଦେଖିବାକୁ ମିଳିଛି।

ଏତେ ସବୁ ପରେ ମୁଖ୍ୟ ସ୍ରୋତ୍ରରେ ସେମାନଙ୍କୁ ସାମିଲ ନେଇ ଯେଉଁ ସଚେତନତା ଆବଶ୍ୟକ , ତାହା ଦେଖିବାକୁ ମିଳି ନାହିଁ। ଏବେ ବି ତଥାକଥିତ ସଭ୍ୟ ସମାଜରୁ କିଏ ନଗଡାବାସୀଙ୍କ ପାଖରେ ପହଞ୍ଚିଲେ, ସେମାନେ ମନ ଖୋଲି କଥା ହୋଇ ପାରୁନାହାନ୍ତି। କିଏ କ'ଣ ଶିଖାଇ ଦେଲା ଭଳି ଚୁପ୍ ହୋଇ ବସି ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ସ୍ଥାନୀୟ ମହିଳାମାନେ ଏସ୍‌ଏଚଜି ଗ୍ରୁପ କ'ଣ ଜାଣିନାହାନ୍ତି, ନିକଟ ଅତୀତରେ କିଛି ଲୋକଙ୍କୁ ଲେଡି ଶ୍ରମିକଭାବେ ନିୟୋଜିତ କରାଯାଇଥିଲେ ମଧ୍ୟ ଜୀବିକା ଏମାନଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ସେହିପରି ଶିକ୍ଷାକ୍ଷେତ୍ରରେ ମଧ୍ୟ ସେତେଟା ପରିବର୍ତ୍ତନ ହୋଇପାରି ନାହିଁ। ଆଜିବି ପାରମ୍ପରିକ ଚଳଣିରେ ନଗଡ଼ା ଜନଜାତି ଜୀବନ ବିତାଉଥିବା ଦେଖିବାକୁ ମିଳି ଥିଲା।

**ଭୋଟ ବୋଲି ଜଣା ଅଛି, ହେଲେ ଉତ୍ସାହ ନାହିଁ**

ଭୋଟ ଚର୍ଚ୍ଚାରୁ ନଗଡା ବାଦ୍ ଯିବ ବା କିପରି। ଅପହଞ୍ଚ ଇଲାକା ହୋଇ ଥିବାରୁ ପ୍ରଚାରର ଗହଳ ନ ଥିଲା। ହେଲେ ବିଜୁ ପକ୍କାଘର ଯୋଜନା ତିଆରି ହୋଇ ଥିବା ପ୍ରତି ଘରେ ଶାସକ ଦଳ ପ୍ରାର୍ଥୀଙ୍କ ପୋଷ୍ଟର ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଦଳର ପୋଷ୍ଟର କିମ୍ବା ବ୍ୟାନର ଉପସ୍ଥିତି ନ ଥିଲା। ଭୋଟ ଦେବାକୁ ନେଇ ଗୁଲୁରୀ ପ୍ରଧାନ କହିଛନ୍ତି, ପାଖରେ ଥିବା ସ୍କୁଲକୁ ଭୋଟ୍ ଦେବାକୁ ଯିବୁ। ବାବୁମାନେ କହିଛନ୍ତି ଗାଡି ପଠାଇବେ। ଗାଡି ଆସିଲେ ଭୋଟ ଦେବାକୁ ଯିବୁ, ଚାଲି ଚାଲି କିଏ ବା ଭୋଟ ଦେବାକୁ ଯିବ ବୋଲି ଗୁଲୁରୀ କହିଥିଲେ। ଆଉ ଏକ ଆଶ୍ଚର୍ଯ୍ୟର କଥା ରାଜ୍ୟ ତଥା ଦେଶ ରାଜନୀତିର ଶୀର୍ଷ ବ୍ୟକ୍ତିଙ୍କ ନାମ ନଗଡାବାସୀଙ୍କ ପାଇଁ କିଛି ମାନେ ରଖେନା। ଏମିତି କି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ କେହି ଜାଣନ୍ତି ନାହିଁ। ଧରିତ୍ରୀ ପକ୍ଷରୁ ପଚରା ଯାଇଥିବା ସମସ୍ତ ଲୋକଙ୍କ ମଧ୍ୟରୁ ମାତ୍ର ଜଣେ ନବୀନ ପଟ୍ଟନାୟକଙ୍କୁ ଜାଣିଥିବା କହିଥିଲେ। ହେଲେ ନବୀନ ଯେ ରାଜ୍ୟର ମୁଖ୍ୟମନ୍ତ୍ରୀ, ସେ କଥା ସ୍ପଷ୍ଟ ଭାବେ କହିପାରି ନ ଥିଲେ। ସ୍ଥାନୀୟ ଏମ୍‌ପିଙ୍କ ସମ୍ପର୍କରେ ମଧ୍ୟ ଉତ୍ତର ମିଳି ନ ଥିଲା। ବିଧାୟକଙ୍କୁ ଜଣେ କି ଦି ଜଣ ଚିହ୍ନିଥିବା ଜଣା ପଡିଥିଲା।

**ନିର୍ବାଚନ ଯୋଗୁ ବିକାଶ କାର୍ଯ୍ୟ ଧିମା: ବିଡିଓ**

ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଜିଲା ପ୍ରଶାସନ ପୂରା ବ୍ୟସ୍ତ। ତେଣୁ ସ୍ଥାନୀୟ ଅଞ୍ଚଳର ବିକାଶ ନେଇ ବିଡିଓ ବିଶ୍ୱଜିତ ଦାସଙ୍କ ମତାମତ ଲୋଡାଯାଇଥିଲା। ସେ କହିଛନ୍ତି ଯେ, ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ନଗଡ଼ାରେ କାମ ଧିମା ଚାଲିଛି। ନିର୍ବାଚନ ପରେ ବାକି ଥିବା ସମସ୍ତ କାମ ସମ୍ପୂର୍ଣ୍ଣ କରାଯିବ।





ଭାଇଠାରୁ ବଳି ତୁମର ଆଉ କେହି ଶ୍ରେଷ୍ଠ ବନ୍ଧୁ ନାହାନ୍ତି। କର୍କଶ ବ୍ୟବହାର ଦ୍ୱାରା ଭାଇକୁ ଶତ୍ରୁ କର ନାହିଁ।

- ଚାଣକ୍ୟ



## ଏଇ ସପ୍ତାହର କାର୍ଯ୍ୟକ୍ରମ

- ୨୮ ତାରିଖ (ରବିବାର)
  ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ- ଜେନୁଇନ୍ ଶିକ୍ଷାନୁଷ୍ଠାନ, ପୂର୍ତ୍ତ ବିଭାଗ ଲେନ୍, ନୟାଗଡ଼, ସମୟ- ଅପରାହ୍ନ ୪ଟା ୩୦
- ୩୦ ତାରିଖ (ମଙ୍ଗଳବାର)
  ଲଙ୍କାପୋଡ଼ି ଯାତ୍ରା, ସ୍ଥାନ-ମିନାଗାଡ଼ିଆ, କୋରଡ଼ା, ନୂଆଗାଁ, ସମୟ- ସନ୍ଧ୍ୟା ୭ଟା
- ୧ ତାରିଖ (ବୁଧବାର)
  ବିଶ୍ୱ ଶ୍ରମିକ ଦିବସ, ସ୍ଥାନ- ଇଟାମାଟି କଲ୍ୟାଣ ମଣ୍ଡପ, ସମୟ- ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ବୈଠକ
### ଭାରତୀୟ ଭାବେ ମତଦାନରେ ସାମିଲ ହୁଅ



**ପୁରୀ ଅଫିସ, ୨୭।୪:** ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଶନିବାର ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱ କରି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୯ତାରିଖରେ ଚତୁର୍ଥ ପର୍ଯ୍ୟାୟରେ କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀ ଲାଗି ମତଦାନ ହେବ। ଏଥିରେ ସଂଘର ସମସ୍ତ ସଦସ୍ୟ ମତଦାନ କରିବା ଲାଗି ସଂଘ ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ଦେବା ଲାଗି ଦାବି କରିଥିଲେ। ଅବସର ନେଇଥିବା ପୌର କର୍ମଚାରୀ, ଶିକ୍ଷକମାନଙ୍କ କ୍ଷେତ୍ରରେ ୭ମ ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରାଯାଇନାହିଁ। ଆନ୍ଧ୍ରପ୍ରଦେଶ ସରକାର ୮୦ ବର୍ଷ ପରିବର୍ତ୍ତେ ୭୫ ବର୍ଷରେ ୧୫ ପ୍ରତିଶତ ବର୍ଦ୍ଧିତ ପେନ୍‌ସନ୍ ଲାଗୁ କରିଛନ୍ତି। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଦାବି ହୋଇଥିଲା। ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନରେ ଦେଖାଦେଇଥିବା ହିଂସାକାଣ୍ଡକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଦେଶର ନାଗରିକ ଭାବେ ମତଦାନରେ ସମସ୍ତ ଭାରତୀୟ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଘର ନୂତନ ସଦସ୍ୟ ଭାବେ ଯୋଗଦାନ କରିଥିବା ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, କ୍ଷେତ୍ରମୋହନ ମିଶ୍ର, ରମେଶ ଚନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ପାଲ, ନଟବର ମିଶ୍ରଙ୍କୁ ଉପସ୍ଥିତ ସଦସ୍ୟମାନେ ସ୍ୱାଗତ କରିଥିଲେ। ଏହି ଆଲୋଚନାରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, କୈଳାସ ରାୟ, ଲକ୍ଷ୍ମୀଧର ମିଶ୍ର, ବ୍ରହ୍ମାନନ୍ଦ ଦାସ, କୃଷ୍ଣ ଚନ୍ଦ୍ର ମିଶ୍ର, ଡ. କାର୍ତ୍ତିକ ଚନ୍ଦ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଜୟ ମହାନ୍ତି, କୃଷ୍ଣମୋହନ ମହାନ୍ତି ଓ କୃଷ୍ଣ ଚନ୍ଦ୍ର ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ।

### ନୃତ୍ୟ ଦିବସରେ ସମ୍ମାନିତ ହେବେ ୨ ନୃତ୍ୟଶିଳ୍ପୀ

**ପୁରୀ ଅଫିସ, ୨୭।୪:** ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ, ଆନୁକୂଲ୍ୟରେ ଆସନ୍ତା ୨୯ତାରିଖରେ ବିଶ୍ୱ ନୃତ୍ୟ ଦିବସ ଅନୁଷ୍ଠିତ ହେବ। ଏହି ଅବସରରେ ସିଂହଦ୍ୱାରଠାରୁ ସକାଳ ୭ଟାରେ ପୌର ସଦନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିବ। ଏଥିରେ ଶ୍ରୀକ୍ଷେତ୍ରର ସମସ୍ତ କଳା ଅନୁଷ୍ଠାନ, ନୃତ୍ୟଶିଳ୍ପୀ, କଳାପ୍ରେମୀ ଯୋଗଦାନ କରିବେ। ଏହି ଶୋଭାଯାତ୍ରାରେ ସାହିଯାତ ମେଢ଼, ଘୁଡିକି, ଚଇତି ଘୋଡା ପ୍ରଭୃତି ସାମିଲ ହେବ। ପୂର୍ବାହ୍ନ୧୦ଟା ରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ୮ରୁ ୧୨ବର୍ଷ ବୟସର ନୃତ୍ୟଶିଳ୍ପୀ ମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଓଡ଼ିଶୀ, ଆଧୁନିକ, ଲୋକନୃତ୍ୟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସଭା, ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ ବୋଲି ଶନିବାର ଶରଧା ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ତଥା ନୃତ୍ୟଗୁରୁ ନାରାୟଣ ପାଣ୍ଡେ ଏହା କହିଛନ୍ତି। ବିଗତ ବର୍ଷ ନୃତ୍ୟ ଦିବସରେ ପ୍ରାଣ ହରାଇଥିବା କୁନି ନୃତ୍ୟଶିଳ୍ପୀ ଗାୟତ୍ରୀ ମହାପାତ୍ରଙ୍କ ସ୍ମୃତିରେ ସ୍ମାରକୀ କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯିବ। ଚଳିତ ବର୍ଷ ନୃତ୍ୟଶିଳ୍ପୀ ଗୀତାଞ୍ଜଳି ସିଂ ଓ ସୌରଭ ପଟ୍ଟନାୟକଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ବିଜୟଲକ୍ଷ୍ମୀ ଦାଶ, ସାଂସ୍କୃତିକ ସମ୍ପାଦକ ଇନ୍ଦ୍ରମଣି ପ୍ରଧାନ, ମୁଖପାତ୍ର ସଞ୍ଜୟ ଦାଶ, କୋଷାଧ୍ୟକ୍ଷ ଶୈଳେଶ କୁମାର ଦାଶ, ଅମିତ ଚାଟାର୍ଜୀ ଓ କୁମାର ଭୀମସେନ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଲିଛି ବେଆଇନ ମଦ ବ୍ୟବସାୟ

**ନୟାଗଡ଼ ଅଫିସ,୨୭।୪**

ନୟାଗଡ଼ ଜିଲାରେ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ପଞ୍ଜୀକୃତ କାଉଣ୍ଟରକୁ ବାଦ୍‌ଦେଲେ ପାନଦୋକାନ, ଢାବାରେ ମଦ ବିକ୍ରି ହେଉଥିବା ଦେଖାଯାଉଛି। ବାର୍ ସୁବିଧା ନ ଥିବାରୁ ନିଶା ସେବନ କରୁଥିବା ଲୋକମାନେ ଯିଏ ଯେଉଁଠି ପାରିଲା ଏହାକୁ ସେବନ କରୁଛନ୍ତି। ବିଭିନ୍ନ ଗଳିକନ୍ଦି ଏପରି କି ରାସ୍ତାପାର୍ଶ୍ୱରେ ପଡିଥିବା ମଦ ବୋତଲ, ପାଣି ପାଉଚ, ପ୍ଲାଷ୍ଟିକ୍ ଗ୍ଲାସ୍‌କୁ ଦେଖିଲେ ଏହା ସହଜରେ ଜଣାପଡିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅବକାରୀ ବିଭାଗ ଏସବୁ ଜାଣିଥିଲେ ସୁଦ୍ଧା ନୀରବଦ୍ରଷ୍ଟା ସାଜୁଛି। ଏହାକୁ ନେଇ ଜିଲାରେ ଦିନକୁ ଦିନ ଅଶାନ୍ତ ବାତାବରଣ ଦେଖିବାକୁ ମିଳୁଛି। ଲୋକମାନେ ନିଶା ସେବନ କରି ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ଘଟାଉଛନ୍ତି। ୪ଦିନ ତଳେ ନୟାଗଡ଼ ରେଳଷ୍ଟେଶନ ନିକଟରେ ଥିବା ଏକ ଢାବାରେ ମଦ୍ୟପାନକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ମାମଲା ଥାନାକୁ ଯିବା ପରେ ସେଠାରେ ଆପୋସ ସମାଧାନ ହୋଇଥିଲା। ଜିଲାରେ ଥିବା ବହୁ ମଦ ବ୍ୟବସାୟୀଙ୍କ ମଦ ଦୋକାନ ନ ଥିବାବେଳେ ବେଆଇନ ଭାବେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯାଉଛି। ଫଳରେ ପାନ ଦୋକାନଠାରୁ ଆରମ୍ଭ କରି ଢାବା ସବୁଠି ମଦର ଅବାଧ ବିକ୍ରି ଚାଲିଛି। ବିଭାଗ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ କେତେବେଳେ କେମିତି ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ବିଭାଗ ତା'ର ପାରିଲାପଣିଆ ଦେଖାଉଛି।

ପ୍ରକାଶ ଯେ, ଜିଲାରେ ୬୧ଟି ପଞ୍ଜୀକୃତ ମଦ କାଉଣ୍ଟର ରହିଛି। ଏଥିମଧ୍ୟରେ ଆଇଏମ୍‌ଏଫଏଲ୍ (ବିଦେଶୀ) ୨୬, ଓପି ଖୋଲା ୫, ବିଅର ପାର୍ଲର ୧୫ ଓ ଦେଶୀଭାଟି ୧୫ଟି ଅନ୍ତର୍ଭୁକ୍ତ। ଏସବୁ ମଦ ବ୍ୟବସାୟୀଙ୍କଠାରୁ ସରକାର ଟିକସ ଆଦାୟ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀମାନେ ମଦ ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଦୋକାନ ନ ଥାଇ ଅଧିକାଂଶ ବ୍ୟବସାୟୀ ଏମ୍‌ଜିକ୍ୟୁ (ମିନିମମ୍ ଗ୍ୟାରେଣ୍ଟି କୋଟା)ରେ ମଦ ଉଠାଉଛନ୍ତି, ଯାହା ବେଆଇନ। ନିୟମ ଅନୁସାରେ ଦୋକାନ ନ ଥିଲେ ଲାଇସେନ୍ସ ଦିଆଯିବା କଥା ନୁହେଁ। ମାତ୍ର ଅବକାରୀ ବିଭାଗ ଅଧିକାରୀ ଓ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାରୁ ଏପରି ବେଆଇନ କାର୍ଯ୍ୟ କରାଯାଉଥିବାରୁ ଏହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ନେଇ ନୟାଗଡ଼ ଜିଲା ଅବକାରୀ ଅଧୀକ୍ଷକ ହମିଦୁଲ୍ଲା ଖାଁଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେଇ ନ ଥିଲେ। ଏପରି କି କିଛି କହିବେନି ବୋଲି ରୋକଠୋକ୍ କହିଥିଲେ।



ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟ।

- ନୀରବଦ୍ରଷ୍ଟା ସାଜିଛି ବିଭାଗ
- ମଦ୍ୟପାନକୁ ନେଇ ଘଟୁଛି ଗଣ୍ଡଗୋଳ
- ଜିଲାରେ ୬୧ ପଞ୍ଜୀକୃତ କାଉଣ୍ଟର
- ପାନଦୋକାନ, ଢାବାରେ ବିକ୍ରି ହେଉଛି

## ସୋସିଆଲ ମିଡିଆ ଆଣ୍ଡ ସାଇବର କ୍ରାଇମ୍ ଉପରେ ଆଲୋଚନା

**ପୁରୀ ଅଫିସ, ୨୭।୪**

ସ୍ଥାନୀୟ ସ୍ୱସ୍ତିକ ମଣ୍ଡପରେ ଶନିବାର ସୋସିଆଲ ମିଡିଆ ଆଣ୍ଡ ସାଇବର କ୍ରାଇମ୍ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇନର ହୁଇଲ୍ କ୍ଲବ ଶ୍ରୀଜଗନ୍ନାଥଧାମ, ଇନର ହୁଇଲ୍ କ୍ଲବ ପୁରୀ ଏବଂ ଇନର ହୁଇଲ୍ କ୍ଲବ ଶ୍ରୀକ୍ଷେତ୍ରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏହାକୁ ଇନର ହୁଇଲ୍ ଜିଲା ୩୨୬ର ଅଧ୍ୟକ୍ଷା କ୍ରିଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ଶିଶୁ କଲ୍ୟାଣ ମଙ୍ଗଳ ବିଭାଗର ସଦସ୍ୟା ରାଜଲକ୍ଷ୍ମୀ ଦାସ, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି ଏବଂ ସାଇବର ସେଲ୍‌ର ଡିଏସ୍‌ପି ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୋସିଆଲ ମିଡିଆ ଆଣ୍ଡ ସାଇବର କ୍ରାଇମ୍ ସମ୍ପର୍କରେ କହିଥିଲେ। ଆଜିର ବିଜ୍ଞାନ ଯୁଗରେ ଫେସ୍‌ବୁକ, ହ୍ୱାଟ୍‌ସଆପ ଏବଂ ଟିକ୍‌ଟକ୍ କିଭଳି ଛୋଟ ଛୋଟ ଝିଅ ଏବଂ ମହିଳାଙ୍କ ଉପରେ ପ୍ରଭାବ ପକାଉଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ଇନର ହୁଇଲ୍ କ୍ଲବ ସଭାପତି ମଧୁସ୍ମିତା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବନ୍ଦନା ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଶୁ ଶାହା ଧନ୍ୟବାଦ ଦେଇଥିଲେ। ଇନର ହୁଇଲ୍ ଜିଲା ୩୨୬ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କ୍ଲବର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

### ■ ମିଲର ଓ ଚାଷୀଙ୍କ ସହ ପ୍ରଶାସନର ଆଲୋଚନା
# ମେ ୩୦ ସୁଦ୍ଧା ଅଖା ଟଙ୍କା ଫେରାଅ



ପ୍ରଶାସନିକ ଅଧିକାରୀଙ୍କ ସହ ଚାଷୀଙ୍କ ଆଲୋଚନା।

**ନୟାଗଡ଼ ଅଫିସ,୨୭।୪**

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ମିଲ୍ ମାଲିକ, ପ୍ରଶାସନ ଓ ନବନିର୍ମାଣ କୃଷକ ସଙ୍ଗଠନକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ମିଲରମାନେ ଚାଷୀଙ୍କଠାରୁ ମଣ୍ଡିରେ ୪ରୁ ୫ କିଲୋ କାଟିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ମିଲରମାନେ ଚାଷୀଙ୍କ ଅଖା ନେଇଯାଉଥିଲେ ମଧ୍ୟ ଟଙ୍କା ଦେଉନାହାନ୍ତି। ତେଣୁ ତୁରନ୍ତ ଏହି ଅର୍ଥ ପ୍ରଦାନ କରିବାକୁ ଚାଷୀମାନେ ଦାବି ରଖିଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝି ଆଲୋଚନାରେ ସାମିଲ ହୋଇଥିଲେ। ଚାଷୀମାନଙ୍କଠାରୁ ଅଭିଯୋଗ ଶୁଣିବା ପରେ ଅତିରିକ୍ତ ଜିଲାପାଳ ଦାଶ ମିଲରମାନଙ୍କୁ ଏ ବିଷୟରେ ପଚାରିଥିଲେ। ଆଗାମୀ ଦିନରେ ଯେପରି ମଣ୍ଡିରେ ଧାନ କଟା ନ ଯିବ ସେଥିପାଇଁ ମଣ୍ଡି ସମ୍ପାଦକମାନଙ୍କୁ କହିଥିଲେ। ଚାଷୀ, ଭାଗଚାଷୀମାନେ ଯେପରି ମଣ୍ଡିରେ ଧାନ ବିକ୍ରି କଲାବେଳେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ମଧ୍ୟ ସତର୍କ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା କହିଥିଲେ, ଚାଷୀମାନେ ଏଫଏକ୍ୟୁ ମାନର ଧାନ ଦେଉଥିଲେ ମଧ୍ୟ କୁଇଣ୍ଟାଲ ପିଛା ୪ରୁ ୫କିଲୋ କଟାଯାଉଥିବାରୁ ଏହାଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛନ୍ତି। ଧାନ କାଟିବା ସହିତ ଅଖା ଟଙ୍କା ନ ଦେବା ମିଲରମାନଙ୍କ ଚାଲ୍ ବୋଲି ଜିଲା ସହସଂଯୋଜକ ରଞ୍ଜିତ ଦଳବେହେରା, ସହ ସଂଯୋଜକ ମମତା ନାଥ ପ୍ରକାଶ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ମଣ୍ଡିରେ ନବନିର୍ମାଣ ସଙ୍ଗଠନର ଦୁଇଜଣ ଲେଖାଏ ସଦସ୍ୟ ଧାନ କିଣାବିକାର ତଦାରଖ କରିବା ପାଇଁ ସଂଗଠନ ପକ୍ଷରୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ମେ ୩୦ ତାରିଖ ସୁଦ୍ଧା ଚଳିତବର୍ଷ ବିକ୍ରି କରିଥିବା ଚାଷୀମାନଙ୍କୁ ମିଲରମାନେ ସେମାନଙ୍କ ଅଖା ଫେରାଇବା ପାଇଁ ଅତିରିକ୍ତ ଜିଲାପାଳ ଦାଶ ନିର୍ଦ୍ଦେଶ ଦେଇଥିଲେ। ଏହା ନ ହେଲେ ସେ ବାବଦକୁ ଅର୍ଥ ଦେବା ପାଇଁ ମିଲରମାନଙ୍କୁ କୁହାଯାଇଥଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ମିଲ୍‌ର ମାଲିକ ଓ ଚାଷୀ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ରୋଜଗାର ଆଶା ମଉଳିଲା
## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଗଣିଆ,୨୭।୪(ଡି.ଏନ.ଏ.)**

ଆଶା ଥିଲା ପାଠ ପଢ଼ି ରୋଜଗାର କରିବେ । ମା'ବାପା ଓ ପରିବାର ସଦସ୍ୟଙ୍କ ମୁହଁରେ ହସ ଫୁଟାଇବେ। ହେଲେ ପ୍ରକୃତିର ତାଣ୍ଡବ ଆଗରେ ସବୁ ଆଶା ମଉଳିଗଲା । ଜୀବନକୁ କିଛି ବୁଝିବା ଆଗରୁ ରୋଜଗାର ପାଇଁ ତାଲିମ ନେବା ସମୟରେ ବଜ୍ରପାତରେ ଚାଲିଗଲା ଜୀବନ। ମୃତ ଯୁବକ ଜଣଙ୍କ ହେଲେ ନୟାଗଡ ଜିଲା ଗଣିଆ ବ୍ଲକ ପତଣ୍ଡା ଗ୍ରାମର ବିଭୂତି ନାଏକ (୨୨)। ମିଳିଥିବା ସୂଚନା ଅନୁଯାୟୀ, ବିଭୂତି ରୋଜଗାରର ଆଶା ନେଇ ବ୍ଲକସ୍ତରୀୟ ଆତ୍ମନିଯୁକ୍ତି ମେଳାରେ ଆବେଦନ କରି ଓରମାସ ତରଫରୁ ହୋଟେଲ ମ୍ୟାନେଜ୍‌ମେଣ୍ଟ ତାଲିମ ନେବା ପାଇଁ କଟକ ଯାଇଥିଲେ। କଟକ ଟାଙ୍ଗିସ୍ଥିତ ଡ୍ରିମ୍‌ସ କଲେଜ ପରିସରରେ ରହି ସେ ତାଲିମ ନେଉଥିଲେ। ଗତ ଶୁକ୍ରବାର ଅପରାହ୍ନରେ କଲେଜ ପରିସର ପଡିଆକୁ ଖେଳିବାକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ବଡମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ନୟାଗଡ ଜିଲାପାଳ ଓ ଗଣିଆ ବିଡିଓଙ୍କ ଜରିଆରେ ପରିବାର ଲୋକେ ସୂଚନା ପାଇବା ପରେ କଟକ ମେଡିକାଲରେ ପରିବାର ଲୋକେ ପହଞ୍ଚିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ମୃତଦେହ ପତଣ୍ଡା ଗ୍ରାମକୁ ଅଣାଯାଇଥିଲା। ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷେ ବିଭୂତିଙ୍କ ପରିବାରକୁ କୌଣସି ସରକାରୀ ସହାୟତା ଦିଆଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ବିଭୂତି ନାଏକ।

### ■ ଅନିଶ୍ଚିତତା ମଧ୍ୟରେ ନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନଯାତ୍ରା
# ପୁନରୁଦ୍ଧାର ହୋଇପାରିଲାନି ଚନ୍ଦନ ପୁଷ୍କରିଣୀ

**ଖଣ୍ଡପଡା,୨୭।୪(ସ୍ୱ.ପ୍ର.)**

ଆସନ୍ତା ମେ ମାସ ୭ ତାରିଖ ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା ପାରମ୍ପରିକ ରୀତିରେ ଆରମ୍ଭ ହେବ । ତେବେ ପଦ୍ମବଣରେ ପରିପୂର୍ଣ୍ଣ ତଥା ପ୍ରଦୂଷିତ ପୁଷ୍କରିଣୀ ଜଳରେ ଠାକୁରଙ୍କୁ ଜଳକ୍ରୀଡା କରାଇବା ଉଚିତ ହେବନାହିଁ ବୋଲି ଗତ ବର୍ଷ ପାରମ୍ପରିକ ଚାପ ଖେଳକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ନୀଳମାଧବ ବିଦ୍ୟାପୀଠର ୧୯୬୯ ମାଟ୍ରିକ ବ୍ୟାଚର ୬ ଜଣ ପୁରାତନ ଛାତ୍ର ତଥା ୬ ବନ୍ଧୁ ଭାବରେ ପରିଚିତ ପବିତ୍ର ମୋହନ ମହାପାତ୍ର (ଅବସରପ୍ରାପ୍ତ ଚାର୍ଟାର୍ଡ ଆକାଉଣ୍ଟାଟ),କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ବିରଞ୍ଚି ନାରାୟଣ ସାହୁ (ଅବସରପ୍ରାପ୍ତ କୃଷି ଅଧିକାରୀ), ବିନୋଦ କୁମାର ଦାସ(ଅବସରପ୍ରାପ୍ତ ସହକାରୀ ପରିଚାଳକ, ରାଜ୍ୟ ସିଭିଲ ସପ୍ଲାଇ କର୍ପୋରେଶନ), ପ୍ରଫେସର ଧନେଶ୍ୱର ମହାରଣା(ଅବସରପ୍ରାପ୍ତ ଅଧ୍ୟକ୍ଷ) ଓ ଖଲେଶ୍ୱର ମହାରଣା( ଅବସରପ୍ରାପ୍ତ ସୁପରଭାଇଜର, ଦୂରସଞ୍ଚାର ନିଗମ) ପ୍ରମୁଖ ନିଜସ୍ୱ ପାଣ୍ଠିରେ ଉକ୍ତ ପୋଖରୀର ପୁନରୁଦ୍ଧାର ଆରମ୍ଭ କରିଛନ୍ତି। ଏଥିସହ ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂ ସୁବିଧା ଦେବାକୁ ନିଷ୍ପତ୍ତି ନେଇ ଗତ ଫେବୃୟାରୀ ମାସଠାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି । ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ପୋଖରୀର ପ୍ରଦୂଷିତ ପାଣିକୁ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ହେବ ମୋଟର ପମ୍ପ ସାହାଯ୍ୟରେ ନିଷ୍କାସନ କରିଛନ୍ତି । ସେମାନେ ସରକାରୀ ପ୍ରୋତ୍ସାହନକୁ ନଜର ନ ଦେଇ ନିଜସ୍ୱ ଅର୍ଥରେ କାର୍ଯ୍ୟଟିକୁ ଆରମ୍ଭ କରିଥିବା ବେଳେ ପୋଖରୀରୁ ଏ ଯାଏ ପଙ୍କ ଉଦ୍ଧାର କାର୍ଯ୍ୟ ହୋଇ ପାରି ନାହିଁ । ଫଳରେ କାର୍ଯ୍ୟ ସମ୍ପନ୍ନ ହୋଇ ନ ଥିବାରୁ ଚଳିତ ବର୍ଷ ମଧ୍ୟ ଠାକୁରଙ୍କ ଚନ୍ଦନ ଯାତ୍ରା ବନ୍ଦ ହେବା ସୁନିଶ୍ଚିତ ହୋଇଯାଇଛି।

ପ୍ରକାଶ ଯେ, ବୈଶାଖ ମାସରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ହୋଇଥାଏ। ଆସନ୍ତା ୭ ତାରିଖଠାରୁ ୨୧ ଦିନ ବ୍ୟାପୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ କଣ୍ଟିଲୋ ଯାତ୍ରାପଦା ବଜାର ନିକଟରେ ଥିବା ଚନ୍ଦନ ପୋଖରୀକୁ ଚାପ ଖେଳିବାକୁ ଆସିଥାନ୍ତି। ଏହି ମୁଖ୍ୟ ନୀତି ସମ୍ପନ୍ନ ପାଇଁ ଚନ୍ଦନ ପୋଖରୀରେ ଆବଶ୍ୟକ ପାଣି ନ ଥିବା ସହିତ ପୋଖରୀର ଜଳ ପ୍ରଦୂଷିତ ହୋଇଥିବାରୁ ଗତ ବର୍ଷ ଠାକୁରଙ୍କ ଚନ୍ଦନ ନୀତି ବା ଜଳକ୍ରୀଡା ନୀତିକୁ ବନ୍ଦ କରିଦିଆ ଯାଇଥିଲା । ପ୍ରଦୂଷିତ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଉକ୍ତ କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରିଥିଲା। ଅଞ୍ଚଳବାସୀଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଉକ୍ତ ୬ବନ୍ଧୁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପଙ୍କ ଉଦ୍ଧାର କାର୍ଯ୍ୟ ହୋଇନାହିଁ । ସେହିପରି ପୋଖରୀର ମଧ୍ୟ ଭାଗରେ ମଣିଖମ୍ଭ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ୬ବନ୍ଧୁଙ୍କ ପ୍ରତିନିଧି ସଚ୍ଚିଦାନନ୍ଦ ଦାଶ ସୂଚନା ଦେଇଥିବା ବେଳେ ଏ ସ୍ୱଳ୍ପ ସମୟ ମଧ୍ୟରେ ପୋଖରୀରେ ପାଣି ଭର୍ତ୍ତି କରିବା ଓ ପଙ୍କ ଉଦ୍ଧାର କରିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ଦେବୋତ୍ତର ମ୍ୟାନେଜର ହରିହର ଦାଶ କହିଛନ୍ତି ପୋଖରୀର ଏପରି ଅବସ୍ଥା ଯୋଗୁ ଚଳିତ ବର୍ଷ ଠାକୁରଙ୍କ ନୀତି ସମ୍ପନ୍ନ କରାଯିବା ସହ ଠାକୁରଙ୍କ ଚାପ ନୀତି ଓ ସାହି ଯାତ( ଚାଟେରୀ ଭୋଗ) ନୀତି କରା ନ ଯାଇ ଠାକୁରଙ୍କ ରାସସ୍ଥଳୀରେ ଦୈନନ୍ଦିନ ନୀତି ସମ୍ପନ୍ନ କରାଯିବାକୁ ସେବାସୀମାନଙ୍କ ସହ ଆଲୋଚନା କରାଯାଇଛି । ଠାକୁର ସାହି ସାହି ବୁଲି ପ୍ରତ୍ୟେକଙ୍କ ଦୁଆରେ ପରମ୍ପରା ଅନୁସାରେ ଚାଟେରୀ ଭୋଗ ଖାଉଥିବା ନୀତି ବନ୍ଦ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।



ପଦ୍ମ ଦଳରେ ପରିପୂର୍ଣ୍ଣ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ପୁଷ୍କରିଣୀ।

### ଆଉ ୧୧ ଦିନ ପରେ ଯାତ୍ରା





ଗୋଟିଏ ମାତ୍ର ପ୍ରକୃତ ମୁଦ୍ରା ଅଛି, ଯାହା ସାହାଯ୍ୟରେ ସବୁ ପ୍ରକାର ଦ୍ରବ୍ୟ କ୍ରୟ କରାଯାଇପାରେ। ସେ ହେଉଛି ଜ୍ଞାନ।

- ସକ୍ରେଟିସ୍



## ସଂକ୍ଷେପରେ

### କାଳୀ ମନ୍ଦିର ଚୋରି ଘଟଣା
### ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଖୋର୍ଦ୍ଧା ଅଫିସ,୨୭।୪:** ଖୋର୍ଦ୍ଧା ଟାଉନ ଥାନା ଗୁରୁଜଙ୍ଗର କାଳୀ ମନ୍ଦିରରୁ ଚୋରି ଇତିମଧ୍ୟରେ ୪ ମାସ ବିତି ଯାଇଛି। ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଏହାର ଟେର୍ ପାଇନାହିଁ। ଚୋରି କରିଥିବା ଅଭିଯୁକ୍ତମାନେ ୨୦୧୮ ଡିସେମ୍ବର ୧୮ ରାତିରେ ମନ୍ଦିରରେ କଳାକନା ବୁଲାଇ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର, ପିତଳ ବାସନ କୁସନ ଓ ଟଙ୍କା ଲୁଟି ନେଇଥିଲେ। ସେହିପରି ଦାନବାକ୍ସ ଭାଙ୍ଗି ଟଙ୍କା ମଧ ନେଇ ଯାଇଥିଲେ। ଅଭିଯୋଗ ପରେ ପୋଲିସ ଦଫା ୪୫୭, ୩୮୦ରେ ନଂ. ୪୮୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ମଧ ଏ ପର୍ଯ୍ୟନ୍ତ ସଫଳତା ପାଇନାହିଁ।

### ମଙ୍ଗୁଳି ଜେନାଙ୍କ ହତ୍ୟାର ୧୩ ଦିନ ବିତିଲା
### ତଦନ୍ତରେ କ୍ରାଇମବ୍ରାଞ୍ଚର ଶିଥିଳତା ନେଇ ଅସନ୍ତୋଷ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବଡପୋଖରିଆଠାରେ ହତ୍ୟାକାଣ୍ଡରେ ନିହତ ମଙ୍ଗୁଳି ଜେନାଙ୍କ ପାଇଁ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଦଳମତ ନିର୍ବିଶେଷରେ ବୁଦ୍ଧିଜୀବୀ, ଆଇନଜୀବୀ, ଅଧାପକ, ସମାଜସେବୀ ଓ ବହୁ ସଂଖ୍ୟାରେ ମହିଳା ଯୋଗଦେଇ ଅନ୍ୟାୟ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ମଙ୍ଗୁଳିଙ୍କ ନିଃସ୍ୱାର୍ଥପର ସମାଜସେବା ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ହତ୍ୟା ପାଇଁ ପୋଲିସ ପ୍ରଶାସନର ନିଷ୍କ୍ରିୟତାକୁ ଦାୟୀ କରାଯାଇଥିଲା । ହତ୍ୟା ଘଟଣାର ୧୩ ଦିନ ବିତିଯାଇଥିଲେ ମଧ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୭ ଦିନ ମଧରେ ହତ୍ୟାକାରୀଙ୍କୁ ଗିରଫ କରା ନ ଗଲେ ଆଇନଶୃଙ୍ଖଳା ହାତକୁ ନିଆଯିବ ବୋଲି ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜନଜାଗରଣ ମହାମେଣ୍ଟର ସଭାପତି ତଥା ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ବିପିନ କୁମାର ଜୟସିଂହ, କଂଗ୍ରେସର ସଞ୍ଜୟ ପଟ୍ଟନାୟକ, ବିଜେଡିର ବିଜୟ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ଆଚାର୍ଯ୍ୟ, ଭାଜପାର ପୃଥ୍ୱୀରାଜ ହରିଚନ୍ଦନ, ସୁବାସ ଜେନା, ଗଗନ ମଲ୍ଲ, ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟ, ସିପିଏମ୍‌ର ଗିରିଶ ମହାରଣା, ବିଧୂଭୂଷଣ ମହାରଣା, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ କୁମାର ବିଶ୍ୱାଳ, ଶିକ୍ଷକ ନେତା ସନ୍ତୋଷ ଚନ୍ଦ୍ର କର, ଆଇନଜୀବୀ ବିଜୟ କୁମାର ଜେନା, ଅଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ମଙ୍ଗୁଳିଙ୍କ ସ୍ମୃତିଚାରଣ କରିଥିଲେ । କ୍ରାଇମ ବ୍ରାଞ୍ଚର ତଦନ୍ତରେ ଶିଥିଳତା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମଙ୍ଗୁଳିଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ଥିର ହୋଇଥିଲା। ମହାମେଣ୍ଟର ଉପସଭାପତି ତାରାପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

■ ସାହିଯାତ ଉଦ୍‌ଯାପିତ

# ଅଯୋଧ୍ୟା ସିଂହାସନରେ ଅଭିଷିକ୍ତ ହେଲେ ଶ୍ରୀରାମ

**ପୁରୀ ଅଫିସ, ୨୭।୪**

ପିତୃସତ୍ୟ ପାଳି ୧୪ ବର୍ଷ ବନବାସରେ ଗଲେ ଶ୍ରୀରାମ। ଭ୍ରାତୃଭକ୍ତ ଭରତ ଅଯୋଧ୍ୟା ସିଂହାସନରେ ଶ୍ରୀରାମଙ୍କ ପାଦୁକା ସ୍ଥାପନ କରି ରାଜ୍ୟ ପରିଚାଳନା କଲେ। ୧୪ ବର୍ଷ ପୂରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ରାମଚନ୍ଦ୍ର ନ ଆସିବାରୁ ଭରତ ଅଗ୍ନିରେ ଝାସ ଦେବେ ବୋଲି ସ୍ଥିର କଲେ। ଏହି ସମୟରେ ହନୁମାନ ପହଞ୍ଚି ଭରତଙ୍କୁ ରୋକିଛନ୍ତି। ଏହାପରେ ଭରତ ସିଂହାସନରୁ ପାଦୁକା ନେଇ ଶ୍ରୀରାମଙ୍କ ପାଖକୁ ଯାଇଛନ୍ତି। ଶ୍ରୀରାମଙ୍କୁ ପାଦୁକା ଅର୍ପଣ କରି ରାଜ୍ୟଭାର ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି। ଏହାପରେ ଅଯୋଧ୍ୟା ସିଂହାସନରେ ଶ୍ରୀରାମଚନ୍ଦ୍ର ଅଭିଷିକ୍ତ ହୋଇଛନ୍ତି। ରାମ ନବମୀଠାରୁ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀରାମ ଲୀଳା ଏବଂ ଶ୍ରୀକ୍ଷେତ୍ରର ସାହିଯାତରେ ଶନିବାର ଏହି ରାମାଭିଷେକ ନୀତି ସମ୍ପନ୍ନ ହୋଇଛି ।



ଋଷି ବଶିଷ୍ଠଙ୍କ ସହ ଭରତ, ଶତ୍ରୁଘ୍ନ ଓ ହନୁମାନ ରାଜ୍ୟାଭିଷେକ ନୀତି ପାଇଁ ଯାଉଛନ୍ତି।

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଏବଂ ଦକ୍ଷିଣୀ ଘର ପୂଜା ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଚଳନ୍ତି ବିଗ୍ରହ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରୁ ଆଜ୍ଞାମାଳ ପାଇ ବିମାନରେ ନନ୍ଦିଗ୍ରାମକୁ ବିଜେ ହୋଇଥିଲେ। ମାର୍କେଟ ଛକ ନିକଟସ୍ଥ ଚୁଡାପଟିଠାରେ ଏକ ଚାଳିଘର ନିର୍ମାଣ ହୋଇଥିଲା। ତାହାକୁ ନନ୍ଦିଗ୍ରାମ କୁହାଯାଏ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଚାଲିଥିବା ବେଳେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ଦୁଇଜଣ ଭରତ ଏବଂ ଶତ୍ରୁଘ୍ନ ବେଶ ହୋଇ ଶ୍ରୀମନ୍ଦିରକୁ ଆସିଥିଲେ। ଶ୍ରୀମନ୍ଦିରର ଭଣ୍ଡାର ଘରୁ ଘଣ୍ଟ, ଛତା, କାହାଳି ସହିତ ପାଦୁକା ନେଇ ରାମାଭିଷେକ ନୀତି ନିମନ୍ତେ ନନ୍ଦିଗ୍ରାମକୁ ଯାଇଥିଲେ। ସେଠାରେ ଭରତ ରାମଚନ୍ଦ୍ରଙ୍କୁ କଠଉ ଫେରାଇ ଥିଲେ। ଏହାପରେ ଠାକୁର(ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ) ବିମାନରେ ବିଜେ ହୋଇ ଲକ୍ଷ୍ମୀମନ୍ଦିର ଜଗମୋହନକୁ ଯାଇଥିଲେ। ସେଠାରେ ପଡିଥିବା ଖଟ ଉପର ସିଂହାସନରେ ବିଜେ ହୋଇଥିଲେ। ସେଠାରେ ଠାକୁରଙ୍କ ମହାସ୍ନାନ ହୋଇ ମାଳ, ଫୁଲ ଲାଗି ବେଶ ବଢିଥିଲା। ଏହାପରେ ଅଭିଷେକ ଭୋଗ ହୋଇଥିଲା। ମହାସୁଆର ଛେକ ଘେନି ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପୂଜାପଣ୍ଡା ପଞ୍ଚପୋଚାରରେ ପୂଜା କରି ଭୋଗ ଲଗାଇଥିଲେ। ଏହାପରେ ଠାକୁରଙ୍କ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଠାକୁର ଦକ୍ଷିଣୀ ଘରକୁ ବିଜେ ହେବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡସିଂହାର ନୀତି ବଢି ପହୁଡ ହୋଇଥିଲା। ପ୍ରକାଶ ଥାଉ କି, ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁ ଦିନ ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ମହାପ୍ରଭୁଙ୍କ ତାର ଶୁଦ୍ଧି ଥାଏ ସେହିଦିନ ରାମାଭିଷେକ ନୀତି ସମ୍ପନ୍ନ ହୋଇଥାଏ। ଗୌଡବାଡ ସାହି ପକ୍ଷରୁ ସାହିଯାତ୍ରା କ୍ରମରେ ରାମାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଗୌଡବାଡ ସାହି ପକ୍ଷରୁ ଭରତ, ଶତ୍ରୁଘ୍ନ, ବଶିଷ୍ଠ ଏବଂ ହନୁମାନ ବାହାରି ନୀତିରେ ସାମିଲ ହୋଇଥିଲେ। ଏହାସହିତ ଶ୍ରୀକ୍ଷେତ୍ର ସାହିଯାତ ଉଦ୍‌ଯାପିତ ହୋଇଛି।

### ନାବାଳିକା ଉଦ୍ଧାର କରିବାରେ ପୋଲିସର ନିଷ୍କ୍ରିୟତା
### ଧାରଣା ଦେବେ ନାବାଳିକାଙ୍କ ପରିବାର ଲୋକେ

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୪(ଡି.ଏନ.ଏ.)**

ଟାଙ୍ଗୀ ଥାନା ବଡପାରୀ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଅପହରଣ ନେଇ ମାର୍ଚ୍ଚ ୧୭ ତାରିଖରେ ଥାନାରେ ମାମଲା ରୁଜୁ ହୋଇଥିଲା । ତେବେ ଏ ପର୍ଯ୍ୟନ୍ତ ଛାତ୍ରୀଙ୍କୁ ଉଦ୍ଧାର କରିବାରେ ପୋଲିସ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହେଲେ କୌଣସି ଅଘଟଣ ଘଟିବାର ଆଶଙ୍କା ଥିବାରୁ ତାଙ୍କ ପରିବାର ସଦସ୍ୟ ଥାନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ନାବାଳିକାଙ୍କ ଅପହରଣକାରୀ ବାଣପୁର ଥାନା ଅନ୍ତର୍ଗତ ସଲପଡିହ ଗ୍ରାମର ଜଣେ ବିବାହିତ ଯୁବକ ବୋଲି ପୋଲିସ ଜାଣିବାକୁ ପାଇଛି। ଯୁବକଙ୍କ ବାପା ରାଜ୍ୟ ବାହାରେ କାମ କରୁଛନ୍ତି। ନିର୍ବାଚନ କାମରେ ବ୍ୟସ୍ତ ଯୋଗୁ ତଦନ୍ତ ଆଗେଇ ପାରି ନ ଥିଲା ବୋଲି ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ତେବେ ପୁଅର ମାଆ ଓ ମାମୁଁଙ୍କୁ ଡକାଇ ପ୍ରକୃତ ଠିକଣା ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ । ଏଭଳି ସମ୍ବେଦନଶୀଳ ଘଟଣାରେ ପୋଲିସ ତରଫରୁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟ ଛପର ଉଡ଼ିଲା, ୧୦ରୁ ଉର୍ଦ୍ଧ୍ୱ ଆମ୍ବଗଛ ଉପୁଡ଼ିଲା



ବିଦ୍ୟାଳୟ ଶ୍ରେଣୀ ଗୃହର ଛପର ଉଡିଯାଇଛି ।



ବଡମୂଳ ରାସ୍ତାରେ ଆମ୍ବଗଛ ଉପୁଡିପଡିଛି।

**ଗଣିଆ,୨୭।୪(ଡି.ଏନ.ଏ.)**

**କାଳବୈଶାଖୀ ତାଣ୍ଡବ**

ଗତ କିଛିଦିନ ଧରି ଅପରାହ୍ନରେ ଗଣିଆ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଯୋଗୁ ଛାମୁଣ୍ଡିଆ ପଞ୍ଚାୟତରେ ଜୋରରେ ପବନ ବହିବା ସହ ଘଡଘଡି ହୋଇଥିଲା। ଏଥିଯୋଗୁ ଗଣିଆ-ବଡମୂଳ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୧୦ରୁ ଉର୍ଦ୍ଧ୍ୱ ପୁରୁଣା ଆମ୍ବଗଛ ଭାଙ୍ଗି ରାସ୍ତାରେ ପଡିଥିଲା। ଫଳରେ ଏହି ରାସ୍ତାରେ ୮ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ଗଣିଆ ଅଗ୍ନିଶମ ବିଭାଗ ତରଫରୁ ରାସ୍ତାରେ ପଡିଥିବା ଗଛଗୁଡିକୁ କାଟି ସଫା କରାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ଏହାର ପ୍ରଭାବରେ ଛାମୁଣ୍ଡିଆସ୍ଥିତ କୁଞ୍ଜବିହାରୀ ନୋଡାଲ ମଧ୍ୟଇଂରାଜୀ ବିଦ୍ୟାପୀଠର ୨ ବଖରା ଶ୍ରେଣୀଗୃହର ଆଜବେଷ୍ଟସ୍ ଓ ଟିଣ ଛପର ଉଡିଯାଇଛି। ଏଥିସହ ଛାମୁଣ୍ଡିଆ ପଞ୍ଚାୟତରେ ଅଧିକାଂଶ ଘରର ଚାଳଛପର ଉଡିଯାଇଛି । ଏହାର ପ୍ରଭାବରେ ଅଞ୍ଚଳର କଦଳୀ, ଅମୃତଭଣ୍ଡା ବଗିଚା ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି ।

# ସର୍ବଭାରତୀୟ ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ ଆଜିଠୁ

**ଜଟଣୀ,୨୭।୪(ଡି.ଏନ.ଏ)**

ସର୍ବଭାରତୀୟ ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ସ୍ପୋର୍ଟସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଜଟଣୀସ୍ଥିତ ରେଲୱେ ଷ୍ଟାଡିୟମରେ ମେ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ଣ୍ଣାମେଣ୍ଟରେ ସ୍ପୋର୍ଟସ୍ ହଷ୍ଟେଲ (କଟକ), ଆର୍‌ଡବ୍ଲୁଏଫ୍ ସ୍ପୋର୍ଟସ୍ ଆସୋସିଏଶନ (ବେଙ୍ଗାଲୁରୁ), ଇଷ୍ଟକୋଷ୍ଟ ରେଲୱେ (ଭୁବନେଶ୍ୱର), ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ (କଟକ), ସାଉଥ୍ ଇଷ୍ଟର୍ନ ରେଲୱେ ସ୍ପୋର୍ଟସ୍ ଆସୋସିଏଶନ୍ (କୋଲକାତା), ସେଲ୍ ଫୁଟବଲ ଏକାଡେମୀ (ପଶ୍ଚିମବଙ୍ଗ), ଫୁଟବଲ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ଏକାଡେମୀ, ଆଇସିଏଫ୍ ସ୍ପୋର୍ଟସ୍ ଆସୋସିଏଶନ୍ (ଚେନ୍ନାଇ), କାନୁର ଟେରିଅର୍ସ (କେରଳ), ଧାନବାଦ ଫୁଟବଲ ଏକାଡେମୀ, ସାଉଥ୍ ସେଣ୍ଟ୍ରାଲ ରେଲୱେ ସ୍ପୋର୍ଟସ୍ ଆସୋସିଏଶନ୍ (ସିକନ୍ଦରାବାଦ) ଭାଗ ନେବେ।

### ସରସ୍ୱତୀ ବିଦ୍ୟାମନ୍ଦିରର ସାମ୍ବତ୍ସରିକ ଉତ୍ସବ

**ନିରାକାରପୁର,୨୭।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ସାମ୍ବତ୍ସରିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବିଦ୍ୟାଳୟର ମୁଖପତ୍ର ଉପାୟନ ଉନ୍ମୋଚିତ ହୋଇଯାଇଛି । ଆୟୋଜିତ ସଭାରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନେ ମୋବାଇଲରେ ବିଶେଷ ଧ୍ୟାନ ନ ଦେଇ ପାଠପଢାରେ ଧ୍ୟାନଦେବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଆଦରମଣି ବରାଳ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଉର୍ମିଳା ଦେବୀ, ଶିଶୁ କଲ୍ୟାଣ ସମିତିର ସଭାପତି ନୀଳକଣ୍ଠ ତ୍ରିପାଠୀ, ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟା ନଳିନୀ ରଥ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର ଉପାୟନ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଅବ୍ୟବସ୍ଥାରେ ଦଧିବାମନଜୀଉ ମହାବିଦ୍ୟାଳୟ

# କ୍ରିୟାନୁଷ୍ଠାନ କମିଟିର ଧାରଣା ୩୦ରୁ

**ଓଡ଼ଗାଁ, ୨୭।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଖୋଲା ଯୁକ୍ତ ୩ ଦଧିବାମନଜୀଉ ମହାବିଦ୍ୟାଳୟରେ ଅବ୍ୟବସ୍ଥା ଲାଗିରହିଛି। ଏହାର ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ସହିତ ଶିକ୍ଷା କ୍ରିୟାନୁଷ୍ଠାନ କମିଟି ଆସନ୍ତା ୩୦ରୁ କଲେଜ ସାମ୍ନାରେ ଗଣଧାରଣା ସହିତ ଅନଶନ କରିବାକୁ ନିଷ୍ପତ୍ତି ନେଇଛି।

ସୂଚନା ଅନୁସାରେ ଏହି ଜିଲାର ବାହାଡ଼ାଖୋଲା ସମେତ ବେରୁଆଁବାରି, କାପ୍ତାପଲ୍ଲୀ, ସିଙ୍ଗାରପଲ୍ଲୀ, ହରିପୁର ଭଳି ଅନୁନ୍ନତ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମନ୍ତେ ଗ୍ରାମବାସୀଙ୍କ ଉଦ୍ୟମରେ ୧୯୯୨ରେ ଏହି କଲେଜ ସ୍ଥାପନ କରାଯାଇଥିଲା । ହେଲେ ପ୍ରଶାସନିକ ଉଦାସୀନତା ଓ ପରିଚାଳନାଗତ ତ୍ରୁଟି ଯୋଗୁ କଲେଜଟି ନାନା ସମସ୍ୟା ମଧରେ ଗତି କରୁଛି। ସ୍ଥାନୀୟ ବୁଦ୍ଧିଜୀବୀ ଏ ନେଇ ଚିନ୍ତା ପ୍ରକଟ କରିବା ସହିତ ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ହେଲେ ଏଯାବତ୍ ଏଥିରେ କୌଣସି ସୁଧାର ଆସିବା ପରିବର୍ତ୍ତେ ବିଭିନ୍ନ ଘଟଣାକୁ ନେଇ କଲେଜରେ ଏକ ରକମ ଅଚଳାବସ୍ଥା ଲାଗି ରହିଛି। ଏହାକୁ ନେଇ ୧୬ ନମ୍ବର ନୟାଗଡ଼ ଜିଲାପରିଷଦ ସଦସ୍ୟ ନସିର ଅହମ୍ମଦଙ୍କ ସମେତ ସମସ୍ତ ୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ଫେବୃୟାରୀ ୧୧ ତାରିଖରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାର ଏକକିତା ନକଲ ଜିଲାପାଳ, ଉପଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଥାନା ଅଧିକାରୀ ଓ ଜିଲା ଭିଜିଲାନ୍ସ ବିଭାଗକୁ ପ୍ରଦାନ କରିଥିଲେ। ହେଲେ ଏ ନେଇ ସରକାରୀ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ପୁନର୍ଶ୍ଚ ଅଞ୍ଚଳବାସୀ ଓ ଶିକ୍ଷା କ୍ରିୟାନୁଷ୍ଠାନ କମିଟି ତରଫରୁ ୩୦ ତାରିଖରୁ ଗଣଧାରଣା ଦିଆଯିବାକୁ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିବା ଗଣମାଧମକୁ ସୂଚନା ଦିଆଯାଇଛି।

### କେନାଲର ପୁନରୁଦ୍ଧାର କଲେ ଯୁବକମାନେ

**ଜଟଣୀ,୨୭।୪(ଡି.ଏନ.ଏ):** ଯାହା ପ୍ରଶାସନିକ ସ୍ତରରେ ହୋଇପାରିଲା ନାହିଁ ତାହା ଗାଁର ଯୁବକମାନେ କରି ଦେଖାଇଛନ୍ତି। ଯୁବକମାନେ ଜଟଣୀ କୁଦିଆରୀ ଗ୍ରାମ ଦେଇ ଯାଇଥିବା ସାନକେନାଲର ପୁନରୁଦ୍ଧାର କରିଛନ୍ତି। ସଫା ହେଉ ନ ଥିବାରୁ ଏହା ପୋତି ହୋଇପଡ଼ିଥିଲା। ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଯୁବକ ୬ ଦିନ ପର୍ଯ୍ୟନ୍ତ ଶ୍ରମଦାନ କରି ପୋତି ହୋଇ ପଡ଼ିଥିବା କେନାଲରୁ ମାଟି ସମେତ ଅଳିଆ ଆବର୍ଜନା ବାହାର କରିଥିଲେ।

# ସୁସ୍ଥ ଜୀବନଯାପନର ଶ୍ରେଷ୍ଠ ମାଧ୍ୟମ ଯୋଗ

**ଖଣ୍ଡପଡା,୨୭।୪(ସ୍ୱ.ପ୍ର.)**

ସୁସ୍ଥ ଜୀବନଯାପନର ଶ୍ରେଷ୍ଠ ମାଧ୍ୟମ ହେଉଛି ଯୋଗ । ଯୋଗ ମନୁଷ୍ୟକୁ ଚିନ୍ତା ମୁକ୍ତ ରଖିବା ସହ ଶାନ୍ତି ପ୍ରଦାନ କରିଥାଏ । ଏହା ମନୁଷ୍ୟଠାରେ ଶାରୀରିକ, ମାନସିକ, ଆଧାତ୍ମିକ ଓ ସାମାଜିକ ସନ୍ତୁଳନ କରିଥାଏ। ଯୋଗାଶନ ଦ୍ୱାରା ଶାରୀରିକ ଶୁଦ୍ଧି, ପ୍ରାଣାୟମ ଦ୍ୱାରା ମାନସିକ ଶୁଦ୍ଧି ଓ ଧ୍ୟାନ ଦ୍ୱାରା ଚିତ୍ତ ଶୁଦ୍ଧି ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶୁକ୍ରବାରଠାରୁ ସିଧାମୂଳା ଜଗନ୍ନାଥ ମନ୍ଦିର ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ୫ଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ନୟାଗଡ ଜିଲାର ଜନୈକ ଯୋଗ ଶିକ୍ଷକ ପ୍ରତାପ କୁମାର ରଣସିଂ ପ୍ରଶିକ୍ଷକ ଭାବେ ଉପସ୍ଥିତ ଶିବିରାର୍ଥୀମାନଙ୍କୁ ବିଭିନ୍ନ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ଆଜିର ସମାଜରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଭାବରେ ଜୀବନ ଅତିବାହିତ କରିବାକୁ ହେଲେ ପ୍ରତ୍ୟହ ଯୋଗ କରିବା ନିହାତି ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଶିକ୍ଷକ ଷଡଙ୍ଗୀ ଯୋଗର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ପଦ୍ମାସନ, ଶିର୍ଷାସନ, ସୂର୍ଯ୍ୟ ନମସ୍କାର, ମୟୂରାସନ, ମକରାସନ ସମେତ ଭସ୍ତ୍ରିକା, କପାଳଭାତି, ଉଜ୍ଜୟୀ, ଅନୁଲୋମ ବିଲୋମ, ଭ୍ରାମରୀ, ଉଦ୍‌ଗିତ୍(ଓଁକାର) ଓ ପ୍ରଣବ, ପ୍ରାଣାୟମ, ଧ୍ୟାନ ଆଦି ଯୋଗର ବିଭିନ୍ନ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଶେଷଦେବ ରାଉତ ସଂଯୋଜନା କରିଥିଲେ। ଶିବିରରେ ଶତାଧିକ ବ୍ୟକ୍ତି, ଛାତ୍ର ପ୍ରଶିକ୍ଷଣ ନେଇଥିଲେ।



ଯୋଗ ମୁଦ୍ରାରେ ମହିଳାପୁରୁଷ।

# ସମାଧାନ ହେଉନି ପାନୀୟ ଜଳ ସମସ୍ୟା

**ବୋଲଗଡ,୨୭।୪ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ପାନୀୟଜଳ ସମସ୍ୟା ସମାଧାନ ହୋଇପାରୁନି। ଏଠାରେ ବର୍ଷ ବର୍ଷ ଧରି ଫ୍ଲୋରାଇଡ୍ ସମସ୍ୟା ଲାଗିରହିଛି। ପୁଣି କେତେକ ସ୍ଥାନରେ ପ୍ରକଳ୍ପ ଥାଇ ବି ପାଇପ୍ ଫାଟିବା କାରଣରୁ ଜଳ ଯୋଗାଣ ବ୍ୟାହତ ହେଉଛି। ଗ୍ରୀଷ୍ମଦିନରେ ଏପରି ସମସ୍ୟା ଯୋଗୁ ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ସାଗରଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳରେ ଫ୍ଲୋରାଇଡ୍ ମାତ୍ରା ଅଧିକ। ତେଣୁ ଲୋକେ ବର୍ଷ ବର୍ଷ ଧରି ପାଣି ପାଇଁ ହଇରାଣ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପରୀକ୍ଷାମୂଳକ ଭାବେ ଜଗନ୍ନାଥପୁର ନିକଟସ୍ଥ ନଦୀରେ ଇନ୍‌ଟେକ ୱେଲ ଖନନ କରାଯାଇଛି। ଏଥିରୁ ମିଳୁଥିବା ଜଳ ଅପେକ୍ଷାକୃତ କମ୍ ଫ୍ଲୋରାଇଡ୍‌ଯୁକ୍ତ ବୋଲି ଜଣାପଡିଛି। ୨୦ଫୁଟ ବ୍ୟାସ ବିଶିଷ୍ଟ ଅଗଭୀର ଖୋଲାକୂଅର ଗଭୀରତା ହେଉଛି ୩୮ ଫୁଟ। ଏହା ଚାରିପାଖରେ କଂକ୍ରିଟ ନନ୍ଦ ବ୍ୟବସ୍ଥା ରହିଛି । ହେଲେ ଏହା ଉପରେ ଢାଙ୍କୁଣି ବ୍ୟବସ୍ଥା ନାହିଁ । ଫଳରେ ପବନରେ ଉଡୁଥିବା ବର୍ଜ୍ୟବସ୍ତୁ ପଡି ଜଳ ଦୂଷିତ ହେଉଛି। ଏହି ପ୍ରକଳ୍ପରୁ ଜଗନ୍ନାଥପୁର, ହଳଦୀପଡା, ସହଜପୁର ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ଦ୍ୱାରା ସାଗରଗୁଆଁ ପଞ୍ଚାୟତର ଗୋଡିଆଳି, ଜରିପଡା, ସାଗରଗୁଆଁ, ଗୋଡିପାଟଣା ଓ ସାଗରଗୁଁଆ ପାଟଣା ଗ୍ରାମର ଜନସାଧାରଣ ପାନୀୟ ଜଳ ପାଇପାରିବେ ବୋଲି ଆଶା ରଖିଥିଲେ। ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ମଧ ଉପରୋକ୍ତ ଗ୍ରାମଗୁଡିକୁ ଜଳ ଯୋଗାଣ ହୋଇପାରି ନାହିଁ। ସେହିପରି ବାଙ୍କୋଇଦେଶ ପଞ୍ଚାୟତର ଦୁର୍ଗାପୁର, କନ୍ତାଇଲୋ ଓ ହରେକୃଷ୍ଣପୁର ମୌଜାକୁ ବର୍ଷ ବର୍ଷ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ନିକଟସ୍ଥ ମାଣିପୁର ଗ୍ରାମଠାରେ ଥିବା ପ୍ରକଳ୍ପରୁ ଉକ୍ତ ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣ ହେବା କଥା। ମାତ୍ର ପାଇପ୍ ଫାଟିଯାଇଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ। ସମାନ କାରଣରୁ ବୋଲଗଡ ଗ୍ରାମର ବନ୍ଧସାହି ଓ ପଟ୍ଟନାୟକ ସାହିକୁ ଜଳ ଯୋଗାଣ ବନ୍ଦ ରହିଛି। ଏହାଛଡା ପ୍ରକଳ୍ପ ଥାଇ ବି ପଞ୍ଚୁକୋଟ, ଟାଙ୍ଗିସାହି, ଦଳେଇ ସାହି, ପିଚୁକୁଳି, ସାନପଦର ଆଦି ଗ୍ରାମର ଲୋକଙ୍କ ପାନୀୟଜଳ ଆବଶ୍ୟକତା ମେଣ୍ଟିପାରୁ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବୋଲଗଡ ବିଡିଓ ମଧୁସୂଦନ ବେହେରା କୁହନ୍ତି, ଅଗ୍ରାଧିକାର ଭିତ୍ତିରେ ବ୍ଲକର ପାନୀୟ ଜଳ ସମସ୍ୟା ସମାଧନ କରାଯିବାକୁ ପ୍ରଚେଷ୍ଟା କରାଯାଉଛି।



ଇନ୍‌ଟେକ୍ ୱେଲ ଖୋଲା ପଡ଼ିଛି।

**ବୋଲଗଡ଼ ବ୍ଲକ**

- ■ବର୍ଷ ବର୍ଷ ଧରି ଲାଗିରହିଛି ଫ୍ଲୋରାଇଡ୍ ଅସୁବିଧା
- ■ପ୍ରକଳ୍ପ ଥାଇ ବି ମିଳୁନି ପାଣି
- ■ଗ୍ରୀଷ୍ମଦିନେ ଜଳ ପାଇଁ ଲୋକେ ହଇରାଣ